

ବାଚସ୍ପତିଙ୍କ ବିରୋଧରେ ବଢ଼ୁଛି ସହମତି

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17





Vol. 33 | ISSUE 318 ଭାଗ ୩୩ | ସଂଖ୍ୟା ୩୧୮ Tuesday 10 February 2026 | Page 8 Rs. 5.00 ଭୁବନେଶ୍ୱର ମଙ୍ଗଳବାର ୧୦ ଫେବ୍ରୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଅଭିଯୋଗ ଶୁଣାଣି ଏବେ ପ୍ରଶାସନିକ ପ୍ରକ୍ରିୟା

# ଜଟିଳ ରୋଗାକ୍ରାନ୍ତଙ୍କୁ ଅନ୍ ଦି ସ୍ପଟ୍ ସହାୟତା

- ମୁଖ୍ୟମନ୍ତ୍ରୀଙ୍କ ୧୭ଶ ପାଳି ଅଭିଯୋଗ ଶୁଣାଣି
- ୯୪ ପ୍ରତିଶତ ଅଭିଯୋଗର ସମାଧାନ ହୋଇସାରିଛି

**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ଥାନୀୟ ୟୁନିଟ୍-୨ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜନସାଧାରଣଙ୍କ ଅଭିଯୋଗ ଶୁଣିଛନ୍ତି। ଆଜି ମୁଖ୍ୟମନ୍ତ୍ରୀଙ୍କ ୧୭ଶ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ୫ ଜଣ ବରିଷ୍ଠ ମନ୍ତ୍ରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଓ ସମସ୍ୟାମାନ ଶୁଣିଛନ୍ତି। ସର୍ବପ୍ରଥମେ ମୁଖ୍ୟମନ୍ତ୍ରୀ ପ୍ରଥମେ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚିବା ପରେ ଦିବ୍ୟାଙ୍ଗମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଓ ଅଭିଯୋଗ ଶୁଣି ତୁରନ୍ତ ସମାଧାନ ପାଇଁ ବିହିତ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରକୋଷ୍ଠରେ ମୋଟ ୩୨ ଜଣ ଦିବ୍ୟାଙ୍ଗ ଉପସ୍ଥିତ ଥିବା ବେଳେ ସେମାନଙ୍କ ମଧ୍ୟରୁ ଜଟିଳ ରୋଗରେ ପୀଡ଼ିତ ଥିବା ଭଦ୍ରକ ଜିଲ୍ଲାର ବ୍ରଜକିଶୋର ବନ୍ଧାଙ୍କୁ ୧ ଲକ୍ଷ ଟଙ୍କା ଓ ଯାଜପୁର ଜିଲ୍ଲାର କାର୍ତ୍ତିକ ସି.ଙ୍କୁ ମୁଖ୍ୟମନ୍ତ୍ରୀ ୧.୫୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ତୁରନ୍ତ ମଞ୍ଜୁର କରିଥିଲେ। ଏଥିସହିତ ଚିକିତ୍ସା ଆବଶ୍ୟକ କରୁଥିବା ଅନ୍ୟ ଅଭିଯୋଗକାରୀଙ୍କ ଦରଖାସ୍ତ ଉପରେ ପଦକ୍ଷେପ ଗ୍ରହଣ ପାଇଁ ସେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।



ସୁଦୂର ପାଟଣାଗଡ଼ରୁ ଆସିଥିବା ଉଭୟ କିଡନୀ ଓ ସ୍ନାୟୁଗତ ରୋଗରେ ପୀଡ଼ିତା ତିଳୋତ୍ତମା ପାଣ୍ଡେଙ୍କ ଯିବା ଆସିବା ଖର୍ଚ୍ଚ ସହ ଚିକିତ୍ସା ସୁବିଧା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ସମସ୍ତ ଦିବ୍ୟାଙ୍ଗ ଓ ଜଟିଳ ରୋଗରେ ପୀଡ଼ିତ ଅଭିଯୋଗକାରୀଙ୍କୁ ବ୍ୟକ୍ତିଗତ ଭାବେ ଭେଟି ସହୃଦୟତାର ସହ ମୁଖ୍ୟମନ୍ତ୍ରୀ ସେମାନଙ୍କର ସମସ୍ୟା ଓ ଅଭିଯୋଗ ଶୁଣି ଆଶୁ ସମାଧାନ ପାଇଁ ବିଭାଗକୁ ତାଗିଦ୍ କରିଥିଲେ। ଏହାପରେ ➾ପୃଷ୍ଠା-୬



## ୫ ବର୍ଷ ପରେ ପୁଲିସ ଅଫିସର୍ସ ସମ୍ମିଳନୀ

- ୧୨ରେ ଯୋଗଦେବେ ମୁଖ୍ୟମନ୍ତ୍ରୀ
- ଆଇନ ଶୃଙ୍ଖଳା ନେଇ ହେବ ମାନସମନ୍ଥନ

**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ୫ବର୍ଷ ପରେ ଆସନ୍ତା ୧୧ତାରିଖରେ ରାଜ୍ୟ ବରିଷ୍ଠ ପୁଲିସ ଅଫିସର୍ସ ସମ୍ମିଳନୀ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ୨୦୨୧ ଡିସେମ୍ବର ମାସରେ ଶେଷଥର ପାଇଁ ୬୩ତମ ବରିଷ୍ଠ ପୁଲିସ ଅଫିସର୍ସ ସମ୍ମିଳନୀ ହୋଇଥିଲା। ଆସନ୍ତା ୧୧ ତାରିଖରେ ୬୪ତମ ପୁଲିସ ଅଫିସର୍ସ ସମ୍ମିଳନୀ ହେବ ବୋଲି ତାରିଖ ଧାର୍ଯ୍ୟ ହୋଇଛି। ଏଥିରେ ଯୋଗଦେବା ପାଇଁ ସବୁ ଜିଲ୍ଲା ଏସପି, ରେଞ୍ଜ ଡିଆଇଜି ଓ ଆଇଜିଙ୍କ ସମେତ ଶୀର୍ଷ ସ୍ତରର ଅଫିସର ଯୋଗ ଦେବେ। ଶେଷ ଦିନ ଅର୍ଥାତ ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ଏହି ସମ୍ମିଳନୀ ଭୁବନେଶ୍ୱରସ୍ଥିତ ପୁଲିସ ଭବନର କନଭେନସନ୍ ହଲରେ ଅନୁଷ୍ଠିତ ହେବ। ପୁଲିସ ଡିଜି ୱାଇବି ଖୁରାନିଆ ୧୧ତାରିଖ ସକାଳ ୧୦ଟାରେ ଏହି ସମ୍ମିଳନୀକୁ ଉଦଘାଟନ କରିବା ସହ ପ୍ରାରମ୍ଭିକ ଅଭିଭାଷଣ ରଖିବେ। ପୂର୍ବାହ୍ନ ସାଢ଼େ ୧୦ଟାରୁ ଗୁଇନ୍ଦା ଡିଜି ଆରପି କୋଚେ ରାଜ୍ୟର ଆଭ୍ୟନ୍ତରୀଣ ସୁରକ୍ଷା ଓ ଭବିଷ୍ୟତର ଆହ୍ୱାନ ଉପରେ ପ୍ରାୟ ୪୫ମିନିଟ୍ ଧରି ତଥ୍ୟ ଉପସ୍ଥାପନ କରିବେ। ➾ପୃଷ୍ଠା-୬

# ପ୍ରପୋଜ ଡେ'ରେ ପ୍ରେମିକା ଖେଳିଲା ରକ୍ତର ହୋଲି

- ରାଜଧାନୀରେ ଯୁବକଙ୍କୁ ବୀଭତ୍ସ ହତ୍ୟା
- ତଣ୍ଟି କାଟିବା ପରେ ତ୍ରିକୋଣୀୟ ଲଭ ଷ୍ଟୋରୀର ଦି' ଏଣ୍ଡ
- ଫେରାର ବେଳେ ପୋଲ ତଳକୁ ଖସିପଡ଼ିଲା କାର୍



**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ରାଜଧାନୀରେ ସୋମବାର ବଡ଼ି ଭୋରରୁ ଘଟିଥିବା ମର୍ଡର ଚାଞ୍ଚଲ୍ୟ ଖେଳାଇଦେଇଛି। ପ୍ରେମିକା କେମିତି ପିଶାଚ ସାଜିପାରେ, ତା'ର ଜ୍ୱଳନ୍ତ ଉଦାହରଣ ମଧ୍ୟ ସାମ୍ନାକୁ ଆସିଛି। ମୃତକ ଜଣଙ୍କ ହେଉଛନ୍ତି ସତ୍ୟବ୍ରତ ପ୍ରଧାନ। ଘର ବ୍ରହ୍ମଗିରିର ହାସିନାପୁର। ପେସାରେ ଜଣେ ଡ୍ରାଇଭର। ଲିଜା ନାମ୍ନୀ ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା। କିନ୍ତୁ ଏକ ପାର୍ଲରରେ କାମ କରୁଥିବା ଲିଜା ସତ୍ୟବ୍ରତଙ୍କ ସହ ପ୍ରେମର ନାଟକ କରୁଥିବା ବେଳେ ପ୍ରକୃତରେ ଭଲ ପାଉଥିଲା ଦୀନେଶ ନାମକ ଆଉ ଜଣେ ଯୁବକକୁ। ଏନେଇ ବୋଧହୁଏ ସତ୍ୟବ୍ରତ ଆଭାସ ପାଇସାରିଥିଲେ। ତେଣୁ ଭାଲେଣ୍ଟାଇନ ସପ୍ତାହରେ ଏସବୁର ରଫାଦଫା ପାଇଁ ନିଳାଦ୍ରୀ ବିହାର ସେକ୍ଟର ୨ରେ ଲିଜା ରହୁଥିବା ଭଡ଼ା ଘରେ ପହଞ୍ଚିଥିଲେ ସତ୍ୟବ୍ରତ। ପୂର୍ବ ପ୍ରସ୍ତୁତି ମୁତାବକ ଭଡ଼ାଘରେ ଉପସ୍ଥିତ ଥିଲେ ଲିଜା, ଦୀନେଶ ଓ ୪ ସହଯୋଗୀ। ଉଭୟ ପକ୍ଷ ଭିତରେ କିଛି ସମୟର ଯୁକ୍ତିତର୍କ ପରେ ସତ୍ୟବ୍ରତଙ୍କ ତଣ୍ଟି କାଟିଦେଇଥିଲେ ଅଭିଯୁକ୍ତ। ରକ୍ତାକ୍ତ ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲ୍‌ରେ ଭର୍ତ୍ତି ପରେ ଆଜି ବଡ଼ି ଭୋର୍ ସମୟରେ ତାଙ୍କର ମୃତ୍ୟୁ ଘଟିଛି।

ମୃତ ସତ୍ୟବ୍ରତ ଟ୍ୟାକ୍ସି ଡ୍ରାଇଭର ଭାବେ କାମ କରୁଥିଲେ। ସତ୍ୟବ୍ରତ ଚଳାଉଥିବା ଗାଡ଼ିର ମାଲିକ ହତ୍ୟାକାଣ୍ଡ ସମ୍ପର୍କରେ ସୋମବାର ଭୋର୍‌ରୁ ଜାଣିବାକୁ ପାଇଥିଲେ। ଏହି କାଣ୍ଡରୁ ଗାଡ଼ିକୁ ମୁକୁଳାଇବା ସକାଶେ ଗାଡ଼ିର ଅତିରିକ୍ତ ଚାବି ସାହାଯ୍ୟରେ ଆଉ ଜଣେ ଡ୍ରାଇଭରକୁ ଧରି ସେ ପଳାଇଯାଉଥିଲେ। କିନ୍ତୁ ➾ପୃଷ୍ଠା-୬

### ମନ୍ତ୍ରୀଙ୍କ ପୂର୍ତ୍ତ ବିଭାଗ ଉନ୍ନୟନ ପ୍ରକଳ୍ପର ସମୀକ୍ଷା

# ୪ ଲେନ୍ ବିଶିଷ୍ଟ ହେବ ରାଜ୍ୟ ରାଜପଥ

- ➤ କଟକ ସହର ଆଉଟର୍ ରିଙ୍ଗ୍‌ରୋଡ୍ ନିର୍ମାଣ ଯୋଜନା
- ➤ ୬ ଥାକିଆ ହେବ କଟକ-ସମ୍ବଲପୁର ଏନ୍‌ଏଚ୍-୫୫



**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଓଡ଼ିଶାର ବିକାଶ ନେଇ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ କାର୍ଯ୍ୟକାରୀ କରିବାକୁ ହେଲେ କାର୍ଯ୍ୟର ଗତି ବଢ଼ାଇବାକୁ ପଡ଼ିବ। ଏଥି ସହିତ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ନେଇଥିବା ସଂକଳ୍ପକୁ କାର୍ଯ୍ୟକାରୀ କରିବାକୁ ହେଲେ ସବୁ ରାସ୍ତାଘାଟ ଓ ଭିତ୍ତିଭୂମି ପ୍ରକଳ୍ପକୁ ତ୍ୱରିତ ବେଗରେ ଆଗେଇ ନେବାକୁ ପଡ଼ିବ।

ଏଥି ଲାଗି ଆଧୁନିକ ସଫ୍ଟୱେର ଓ ଜ୍ଞାନକୌଶଳର ଉପଯୋଗ କରି ନିଜ ଦକ୍ଷତାର ପରିଚୟ ଦେବା ପାଇଁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଇଞ୍ଜିନିୟରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ରାଜ୍ୟର ସବୁ ରାଜପଥକୁ ୪ ଲେନ୍ ବିଶିଷ୍ଟ କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିବା ସହ ଏହାକୁ ଦୃଷ୍ଟିରେ ରଖି ସର୍ଭେ କାର୍ଯ୍ୟ ଆରମ୍ଭ କରି ସରକାରଙ୍କୁ ରିପୋର୍ଟ ଦେବା ସକାଶେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆଜି ଅନୁଷ୍ଠିତ ପୂର୍ତ୍ତ ବିଭାଗର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରି ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଯେ କେବଳ ବଡ଼ ବଡ଼ ସହରର ଉନ୍ନୟନ ଦ୍ୱାରା ରାଜ୍ୟର ସାମଗ୍ରିକ ବିକାଶ ହୋଇପାରିବ ନାହିଁ। ଏଥିପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତି ସହରକୁ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ିକରଣ କରିବାକୁ ପଡ଼ିବ। ବିଶେଷ ➾ପୃଷ୍ଠା-୬

### ସିସିଟିଭିରେ ପ୍ରଶ୍ନପତ୍ର ଲିକ୍ ଆଶଙ୍କା

# ତିନି ଘଣ୍ଟା ପୂର୍ବରୁ ହଲ ଛାଡିଲେ ମିଳିବନି ପ୍ରଶ୍ନପତ୍ର




**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ଯୁକ୍ତ ଦୁଇ ପରୀକ୍ଷାକୁ କପିମୁକ୍ତ କରିବା ପାଇଁ ପୂରା ପରୀକ୍ଷା ପ୍ରକ୍ରିୟା ସିସିଟିଭି ନଜରରେ ରହିବ। ଏହାଦ୍ୱାରା ପ୍ରଶ୍ନପତ୍ର ଲିକ୍‌ର ଆଶଙ୍କା ସୃଷ୍ଟି ହୋଇଛି। ଖୋଦ୍ ରାଜ୍ୟର ଏକ ପ୍ରତିଷ୍ଠିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଏପରି ଆଶଙ୍କା ପ୍ରକାଶ କରିଛନ୍ତି। ସେପଟେ ଆସନ୍ତା ୧୨ ତାରିଖ ଭାରତ ବନ୍ଦ ପାଇଁ ପ୍ରଶ୍ନପତ୍ର ସବୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା କଷ୍ଟକର ହେବ ବୋଲି କହିଛନ୍ତି ଯୁକ୍ତ ଦୁଇ ପରୀକ୍ଷା ନିୟନ୍ତ୍ରକ।

ଭାରତ ବନ୍ଦ ଯୋଗୁ ଯୁକ୍ତ ଦୁଇ ପରୀକ୍ଷା ପ୍ରଶ୍ନପତ୍ର ହବ୍‌ଗୁଡ଼ିକରେ ପହଞ୍ଚିବାରେ ସମସ୍ୟା ସୃଷ୍ଟି ହେବ। ଟ୍ରେଡ଼ ୟୁନିଅନ ଦେଇଥିବା ଭାରତ ବନ୍ଦ ଡାକରା ଯୋଗୁଁ ପ୍ରଶ୍ନପତ୍ର ୧୨ ତାରିଖରୁ ଯାଇପାରିବ ନାହିଁ। ଏଥିପାଇଁ ପ୍ରଶ୍ନପତ୍ର ପଠାଇବାରେ ଗୋଟିଏ ଦିନ ବିଳମ୍ବ ହେବ। ସେହିଭଳି ପରୀକ୍ଷାର୍ଥୀମାନେ ଯଦି ତିନି ଘଣ୍ଟା ପୂର୍ବରୁ ପରୀକ୍ଷା ହଲ୍ ଛାଡ଼ିବେ, ତେବେ ସେମାନେ ନିଜ ସହ ପ୍ରଶ୍ନପତ୍ର ବାହାରକୁ ନେଇପାରିବେ ନାହିଁ। ସେଥିରେ ରୋଲ ନମ୍ବର ଲେଖା ହୋଇଥିବ, ତେଣୁ ସେମାନଙ୍କୁ ପ୍ରଶ୍ନପତ୍ର ଡିପୋଜିଟ କରିବା ପାଇଁ ଯିବାକୁ ପଡ଼ିବ। ପରୀକ୍ଷା ସରିବା ପରେ ଏହା ନେଇହେବ। ଅନଲାଇନ ଖାତା ଦେଖା ହେଉଥିବାରୁ ବିଜ୍ଞାନ ଓ ବାଣିଜ୍ୟ ପିଲା କେବଳ ବ୍ଲାକ ବଲ ପଏଣ୍ଟ ପେନ୍ ବ୍ୟବହାର କରିବେ। କଳା ଓ ଧନ୍ଦାମୂଳକ ପିଲା ନୀଳ କି କଳା ➾ପୃଷ୍ଠା-୬

# ଧାନ ସଂଗ୍ରହରେ ରାଜ୍ୟ ସରକାରଙ୍କ ଚରମ ବିଫଳତା

- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧୀ ଦଳ ନେତା
- ଚାଲିଛି କଟନୀ-ଛଟନୀ; ମଣ୍ଡି ପାଲଟିଛି ନିର୍ଯାତନା କେନ୍ଦ୍ର
- ମିଲର-ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଚାଷୀ ହତାଶ



**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ରାଜ୍ୟର ବିଜେପି ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନରେ ବିଫଳତା ଯୋଗୁ ଚଳିତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଚାଷୀମାନଙ୍କ ପାଇଁ ଏକ ସଂଘର୍ଷମୟ ସ୍ଥିତି ସୃଷ୍ଟି କରିଛି। ୨୦୨୪ ନିର୍ବାଚନ ସମୟରେ ବିଜେପିର ତା'ର ନିର୍ବାଚନୀ ଇସ୍ତାହାରର ଦୁଇ ନମ୍ବର ପଏଣ୍ଟରେ ଧାନର ସର୍ବାଧିକ ସହାୟକ ମୂଲ୍ୟ ବୃଦ୍ଧି ଓ କଟନୀ-ଛଟନୀ ସମ୍ପୂର୍ଣ୍ଣ ବନ୍ଦ କରିବା ସମ୍ପର୍କରେ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ବାସ୍ତବ ସ୍ଥିତି ହେଉଛି ଯେ ରାଜ୍ୟରେ ଥିବା ମଣ୍ଡିଗୁଡ଼ିକ ଏବେ ନିର୍ଯାତନାର କେନ୍ଦ୍ର ପାଲଟିଯାଇଛି। ରାଜ୍ୟ ସରକାରଙ୍କ ଏପରି ଚରମ ବିଫଳତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ସମାଧାନ ଲାଗି ଦୃଷ୍ଟି ଆକର୍ଷଣ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

ବିରୋଧୀ ଦଳ ନେତା ଚିଠିରେ କଟ୍‌ନୀ ଛଟ୍‌ନୀ ନେଇ ଉଲ୍ଲେଖ କରିଛନ୍ତି। ଅନ୍ନଦାତାମାନଙ୍କଠାରୁ ବିନା କୌଣସି ଅସୁବିଧାରେ ଧାନ ସଂଗ୍ରହ କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିବା ବେଳେ ଆର୍ଦ୍ରତା ଓ ନିମ୍ନ ମାନର ଧାନ ଆଦି ବିଭିନ୍ନ ଆଳରେ କ୍ୱିଣ୍ଟାଲ ପିଛା ୫ରୁ ୭ କିଗ୍ରା ପର୍ଯ୍ୟନ୍ତ କଟନୀ-ଛଟନୀ କରାଯାଉଛି। ଅନେକ ଜିଲ୍ଲାରେ ଏଭଳି ଶୋଷଣ ଚାଷୀମାନଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି। ମିଲର ଓ ସ୍ଥାନୀୟ ଅଧିକାରୀମାନଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଚାଷୀମାନେ ସେମାନଙ୍କ କଠିନ ପରିଶ୍ରମର ମୂଲ୍ୟ ପାଉନାହାନ୍ତି। ସେହିପରି ସେ ଉଲ୍ଲେଖ କରିଛନ୍ତି ଇନପୁଟ ସବ୍‌ସିଡି ପ୍ରଦାନ ପାଇଁ ୧୫୦ କ୍ୱିଣ୍ଟାଲ ସିଲିଂ କରିବା ପ୍ରସଙ୍ଗ। ରାଜ୍ୟର ସବୁ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ଇନପୁଟ ସବ୍‌ସିଡି ୮୦୦ ଟଙ୍କା ଲେଖାଏଁ ଦେବା ପାଇଁ ବିଜେପି ସରକାର ଘୋଷଣା କରିଥିଲେ। କିନ୍ତୁ ଏହି ସବ୍‌ସିଡି ପାଇଁ ଚାଷୀ ପିଛା ସର୍ବାଧିକ ୧୫୦ କ୍ୱିଣ୍ଟାଲ ସିଲିଂ ଧାର୍ଯ୍ୟ କରିବା ପ୍ରତିଶ୍ରୁତି ଭଙ୍ଗର ନିଚ୍ଛକ ଉଦାହରଣ। ଏହି ସିଲିଙ୍ଗ ଅଧିକ ଉତ୍ପାଦନ କରୁଥିବା ଚାଷୀମାନଙ୍କ ପାଇଁ ଦଣ୍ଡ ସ୍ୱରୂପ ଓ ଏହା ବିଜେପି ସଂକଳ୍ପ ପତ୍ରର ବିରୋଧାଚରଣ କରୁଛି। ଚାଷୀଙ୍କୁ ସେମାନଙ୍କର ସମଗ୍ର ଉତ୍ପାଦନ ଉପରେ ୩୧୦୦ ➾ପୃଷ୍ଠା-୬

## ମହାପ୍ରସାଦକୁ ଅସମ୍ମାନ

## ଡାଇନିଂ ଟେବୁଲରେ ଚପଲ ପିନ୍ଧି ଖାଇଲେ



**ପୁରୀ,୯।୨(ସଂଚାର ବ୍ୟୁରୋ):** ଯେତେ ଯାହା କଲେ ବି ସୁଧୁରିବେନି, ବାରମ୍ବାର ଧର୍ମୀୟ ଭାବନାକୁ କରାଯାଉଛି କୁଠାରାଘାତ। ପୁଣି ଜଗନ୍ନାଥପ୍ରେମୀ ହତାଶ। ପୁଣି ମହାପ୍ରସାଦକୁ ଅପମାନ। ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ୍ ଭାଇରାଲ ଭିଡିଓ। ଶ୍ରୀକ୍ଷେତ୍ର ପୁରୀରେ ପୁଣି ଥରେ ମହାପ୍ରସାଦକୁ ଅସମ୍ମାନ କରାଯାଇଛି। ଡାଇନିଂ ଟେବୁଲ୍‌ରେ ଚପଲ ପିନ୍ଧି ମହାପ୍ରଭୁଙ୍କ ମହାପ୍ରସାଦ ସେବନର ଭିଡିଓ ହୋଇଛି ଭାଇରାଲ। ସୂଚନା ଥାଉକି, ପୁରୀର ଏକ ହୋଟେଲରେ ବଙ୍ଗୀୟ ଯାତ୍ରୀ ଡାଇନିଂ ଟେବୁଲରେ ବସି ମହାପ୍ରସାଦ ସେବନ କରୁଥିବା ଘଟଣାକୁ ନେଇ ଜଗନ୍ନାଥ ପ୍ରେମୀଙ୍କୁ ଘୋର ଆଘାତ ➾ପୃଷ୍ଠା-୬


SIKSHA 'O' ANUSANDHAN
SAAT-2026
Empowering students for a brighter future

M.TECH PROGRAMMES
- Structural Engineering
- Electric Vehicle Technology
- Machine Design and Robotics
- Embedded System and VLSI Design
- Computer Science and Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

A monthly stipend will be provided to M.Tech students for a maximum period of two academic years

To apply for admission through SAAT, Please visit: www.soa.ac.in


### ଲୋକଙ୍କ ମଧ୍ୟରେ ସୃଷ୍ଟି ନ ହେଉ ବିଶ୍ୱାସ ସଙ୍କଟ

# ୨୪ ବର୍ଷ ପରେ ରାଜ୍ୟରେ ରାଜନୈତିକ ସରକାର

- ରାଜ୍ୟସଭାରେ କ୍ରସ୍ ଭୋଟିଂ ହେଲେ ଘରକୁ ବାନ୍ଧି ରଖିବା କଷ୍ଟକର
- ବିଜେଡି ବିରୋଧରେ ଥିବା ଜନମତକୁ ସମ୍ମାନ ଦେଲେନି ପରାମର୍ଶଦାତା



**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ୨୪ ବର୍ଷ ପରେ ଏକ ରାଜନୈତିକ ସରକାର କାମ କରୁଥିବା ଅନୁଭବ ହେଉଛି। ପୂର୍ବରୁ ସରକାରରେ ରାଜନେତା ନୁହେଁ, ବରଂ ଅଫିସରମାନେ ରାଜ୍ କରୁଥିଲେ। ଏବେ କିନ୍ତୁ ସେ ସ୍ଥିତି ନାହିଁ। ତେବେ ବିଜେଡିରେ ଯେପରି ବିଶ୍ୱାସ ସଙ୍କଟ ସୃଷ୍ଟି ହୋଇଥିଲା, ବର୍ତ୍ତମାନର ସରକାରରେ ସେ ଦିଗରେ ଏବେଠୁ ସଚେତନ ହେବାର ଆବଶ୍ୟକତା ରହିଛି। ଆଜି 'ସଂଚାର' ପ୍ରତିନିଧିଙ୍କ ସହ ଆଲୋଚନା ସମୟରେ ଏହା କହିଛନ୍ତି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ରାଜନେତା ଅମର ପ୍ରସାଦ ଶତପଥୀ।

ଗତ ସାଧାରଣ ନିର୍ବାଚନ ସମୟରେ ତାଙ୍କୁ ଦଳୀୟ ଟିକେଟ ଦିଆନଯିବାଠାରୁ ନୂଆ ଆଞ୍ଚଳିକ ଦଳ, ବିଜେଡିର ଭବିଷ୍ୟତ ଏପରିକି ରାଜସଭା ଗଣିତ ନେଇ ମଧ୍ୟ ସେ ନିଜର ଆକଳନ ସହ ମତାମତ ରଖିଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସବୁ ସରକାରୀ ସର୍ଭେ ତାଙ୍କ ସପକ୍ଷରେ ଥିଲା। କିନ୍ତୁ ଏକ ଘରୋଇ ସର୍ଭେ ଆଧାରରେ ତାଙ୍କୁ ଦଳୀୟ ଟିକେଟରୁ ବଞ୍ଚିତ କରାଯାଇଥିଲା। ତାଙ୍କ ସ୍ଥାନରେ ଯାହାଙ୍କୁ ବିଜେଡି ଟିକେଟ ଦେଲା, ତା'ର ଫଳସ୍ୱରୂପ ଦଳ ବଡ଼ଚଣା ସହ ଆଖପାଖର ସବୁ ନିର୍ବାଚନମଣ୍ଡଳୀରେ ପରାଜୟ ବରଣ କଲା। କେବଳ ଯାଜପୁର, ଢେଙ୍କାନାଳ କି କଟକରେ ନୁହେଁ, ସାରା ରାଜ୍ୟରେ ଭୋଟର ନବୀନଙ୍କୁ ପ୍ରତ୍ୟାଖ୍ୟାନ କଲେ ବୋଲି ଶ୍ରୀ ଶତପଥୀ କହିଛନ୍ତି।

ନିର୍ବାଚନ ପୂର୍ବରୁ ବିଜେଡି ସରକାର ବିରୋଧରେ ଜନମତ ସୃଷ୍ଟି ହୋଇସାରିଥିଲା। କିନ୍ତୁ ନବୀନ ପଟ୍ଟନାୟକଙ୍କ ରାଜନୈତିକ ପରାମର୍ଶଦାତାମାନେ କ୍ଷମତା ଓ ପଦପଦବୀ ଅହଂକାରରେ ଏତେମାତ୍ରାରେ ଅନ୍ଧ ହୋଇଯାଇଥିଲେ ଯେ ➾ପୃଷ୍ଠା-୬

ବର୍ଷକର ସଂଘର୍ଷରେ ପଡ଼ିଲା ପୂର୍ଣ୍ଣଚ୍ଛେଦ

# ଜଗବନ୍ଧୁଙ୍କୁ ମିଳିଲା ଭିନ୍ନକ୍ଷମ ପ୍ରମାଣପତ୍ର



ସଂଚାର ପ୍ରଭାବ

**ମହାକାଳପଡ଼ା,୯।୨(ସଂଚାର ବ୍ୟୁରୋ):** ଦୀର୍ଘ ଏକବର୍ଷ ସଙ୍ଘର୍ଷର ଅନ୍ତ ଘଟିଛି। ଜଣେ ସମ୍ପୂର୍ଣ୍ଣ ମାନସିକ ବିକାରଗ୍ରସ୍ତ ଅର୍ଥାତ୍ ହାତ ଗୋଡ଼ ବନ୍ଧାହୋଇ ପଡ଼ି ରହୁଥିବା ଜଣେ ୭୧ ବର୍ଷୀୟ ବୃଦ୍ଧ ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ରହିଥିଲେ। ଏନେଇ ଦୈନିକ ଖବରକାଗଜ ସଂଚାର ରେ ନିରନ୍ତର ଖବର ପ୍ରକାଶ ପରେ ବୃଦ୍ଧ ଜଣଙ୍କ ତାଙ୍କର ହକ୍ ପାଇ ପାରିଛନ୍ତି। ପ୍ରଥମେ ଆଧାର କାର୍ଡ ଓ ଏବେ ତାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ମିଳି ପାରିଛି।

ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ବନ୍ଦପଡା (ଗୁହାଳକଣି) ଗ୍ରାମର ଜଗବନ୍ଧୁ ପଲାଇ (୭୧) ଜଣେ ମାନସିକ ବିକାରଗ୍ରସ୍ତ ବୃଦ୍ଧ ବ୍ୟକ୍ତି। ଦୀର୍ଘବର୍ଷ ଧରି ଜଗବନ୍ଧୁ ମାନସିକ ବିକାରଗ୍ରସ୍ତ ହୋଇ ଘରେ ପଡ଼ି ରହିଥିଲେ। ଆଧାର କାର୍ଡ ନଥିବାରୁ ରାସନ୍ କାର୍ଡରେ ନାଆଁ ଥାଇ ମଧ ରାସନ୍ ଚାଉଳ ମିଳୁ ନଥିଲା। ଆଧାର ପାଇଁ ଭିନ୍ନକ୍ଷମ ପ୍ରମାଣପତ୍ର ଆବେଦନ ପାଇଁ ମଧ ସକ୍ଷମ ହୋଇ ପାରୁ ନଥିଲେ। ପରିବାର ଲୋକେ ବହୁତ କାକୁଆ ରାଜନେତା ଓ କୁଜି ନେତାଙ୍କ ଆଗରେ ଗୁହାରି କରିଥିଲେ ମଧ ତାଙ୍କ କଥାକୁ କେହି କର୍ଣ୍ଣପାତ କରିନଥିଲେ।

ଏ ଘଟଣା ସେହି ଗ୍ରାମର ଜଣେ ସଚେତନ ନାଗରିକ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଜରିଆରେ ଲୋକଲୋଚନକୁ ଆଣିବା ପରେ ପ୍ରଥମେ ୧୨ ଡିସେମ୍ବର ୨୦୨୪ ରେ "ଆଧାର ନାହିଁ ବୋଲି ମିଳୁନି ରାସନ୍ ଚାଉଳ, ମାନସିକ ବିକାରଗ୍ରସ୍ତ ବୋଲି କାର୍ଯ୍ୟାଳୟ ଯାଇ ହେଉନି" ଶୀର୍ଷକ ଖବର ଦୈନିକ ଖବରକାଗଜ 'ସଂଚାର'ରେ ପ୍ରକାଶ ପାଇଥିଲା ଏହାପରେ ଅର୍ଥାତ୍ ୦୯ ଜାନୁଆରୀ ୨୦୨୫ ରେ ଆଧାର ଟିମ୍ ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଆଧାର କାର୍ଡ ପଞ୍ଜିକରଣ କରାଇଥିଲେ। ତାଙ୍କୁ ଆଧାର କାର୍ଡ ମିଳିବା ପରେ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସହଯୋଗରେ ସେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ହେଲେ ତାଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଇବାରେ ବିଳମ୍ବ କରୁଥିଲା ପ୍ରଶାସନ।

ହେଲେ ଜଗବନ୍ଧୁଙ୍କ ସମସ୍ୟା ସମାଧାନ ନହେବାରୁ ୫ ଜାନୁଆରୀ ୨୦୨୬ ରେ "ଜଗବନ୍ଧୁଙ୍କୁ ଠକିଦେଲା କି ପ୍ରଶାସନ?" ଶୀର୍ଷକ ଖବର 'ସଂଚାର'ରେ ପ୍ରକାଶ ପାଇଥିଲା। ଏହାପରେ ଆରମ୍ଭ ହୋଇଥିଲା ହଟଚମଟ। ଜଗବନ୍ଧୁଙ୍କ ପାଇଁ ସୁପ୍ତ ଅବସ୍ଥାରେ ଥିବା ପ୍ରଶାସନ ଖବର ପ୍ରକାଶ ପରେ ହଠାତ୍ ପ୍ରତିକ୍ରିୟା ପ୍ରକାଶ କରିଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ତାଙ୍କୁ ପରୀକ୍ଷା କରି ଜଗବନ୍ଧୁଙ୍କୁ ୮୭% ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। 'ସଂଚାର'ର ନିରନ୍ତର ପ୍ରୟାସ, ମହାକାଳପଡ଼ା ୟୁଥ୍ ଗ୍ରୁପ୍‌ର ଉଦ୍ୟମ ଓ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ନିରଞ୍ଜନ କରଙ୍କ ସହଯୋଗ ପାଇଁ ଜଗବନ୍ଧୁଙ୍କ ଦୀର୍ଘବର୍ଷ ଅପେକ୍ଷାର ଅନ୍ତ ହୋଇଛି। ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପରେ ତାଙ୍କୁ ଏବେ ୩୫୦୦ ଟଙ୍କା ଭତ୍ତା ମିଳିବାକୁ ବାଟ ଫିଟିଛି।

## ନିକ୍ଷୟ ମିତ୍ର ଦ୍ୱାରା ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନ



**ମହାକାଳପଡ଼ା,୯।୨(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ପରିପ୍ରେକ୍ଷୀରେ "ନିକ୍ଷୟ ପୋଷଣ ଯୋଜନା" ଅଧୀନରେ ନିକ୍ଷୟ ମିତ୍ର ଦ୍ୱାରା ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଆଜି ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ମହାକାଳପଡାଠାରେ ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆନ୍ ଫାରମର୍ସ ଫର୍ଟିଲାଇଜର କୋଅପରେଟିଭ୍ ଲିମିଟେଡ୍(ଇଫକୋ), ପାରାଦ୍ୱୀପ ୟୁନିଟ୍, ଜଗତସିଂହପୁର ସୌଜନ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟାର, ମହାକାଳପଡା ପଞ୍ଚାୟତ ସମିତି ଅଧକ୍ଷା ମିରାରାଣୀ ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମନୋରଞ୍ଜନ କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚିକିତ୍ସାଧୀନ ୪୦ ଜଣ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ ପ୍ରଦାନ କରିଥିଲେ। ଗୋଷ୍ଠୀ ଯକ୍ଷ୍ମା ପର୍ଯ୍ୟବେକ୍ଷିକା ପ୍ରିୟମ୍ବଦା ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିପିଏମ ପ୍ୟାରିମୋହନ ନନ୍ଦ, ସନ୍ତୋଷ କୁମାର ରାଉତ ଓ ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀମାନଙ୍କ ସହ ବିଭିନ୍ନ ପଞ୍ଚାୟତର ଅନେକ ଆଶାକର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ପାନଜର୍ଦ୍ଦା ଗୋଦାମ ଉପରେ ସ୍ୱତନ୍ତ୍ର ଟିମ୍‌ର ଚଢ଼ାଉ



**ସାଲେପୁର,୯।୨(ସଂଚାର ବ୍ୟୁରୋ):** ସାଲେପୁର ପୁଲିସ ସହଯୋଗରେ ଆଜି କଟକ ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ, ଅବକାରୀ ବିଭାଗ, ଡ୍ରଗ୍‌ସ ବିଭାଗ ପକ୍ଷରୁ ମିଳିତ ଭାବେ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ପକ୍ଷରୁ ସାଲେପୁର ଅଞ୍ଚଳରେ ଥିବା ପାନମସଲା ମହଜୁଦ ରଖୁଥିବା ଗୋଦାମ ଓ ଦୋକାନ ଉପରେ ଚଢ଼ଉ କରାଯାଇଛି। ଏହି ସ୍ୱତନ୍ତ୍ର ସ୍କ୍ୱାର୍ଡ ପକ୍ଷରୁ ସାଲେପୁରର ବିଭିନ୍ନ ସ୍ଥାନରେ ଥିବା ପାନମସଲା ଗୋଦାମ, ଛୋଟ ଛୋଟ ପାନ ଦୋକାନ ଉପରେ ଚଢ଼ଉ କରାଯାଇ ସେମାନେ ରଖୁଥିବା ପାନମସଲା ଓ ବିଭିନ୍ନ କିସମର ଜର୍ଦ୍ଦାର ନମୁନାକୁ ସଂଗ୍ରହ କରି ପରୀକ୍ଷା ନିମନ୍ତେ ଲ୍ୟାବ୍‌କୁ ପଠାଇବା ସହ ପାନମସଲା ବିଶେଷ କରି ନିକୋଟିନ୍ ଯୁକ୍ତ ପାନ ଜର୍ଦ୍ଦା ବିକ୍ରୟ ନକରିବାପାଇଁ ସଚେତନ କରାଇଥିଲେ। ଯଦି କୌଣସି ବ୍ୟବସାୟୀ ନିକୋଟିନ୍ ମିଶା ପାନଜର୍ଦ୍ଦା ବିକ୍ରି କରନ୍ତି, ସେମାନଙ୍କ ଉପରେ ଆଗାମୀ ଦିନରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଚେତନ କରାଯାଇଛି। ଆଜି ମିଳିତ ଭାବେ ଏହି ସ୍କ୍ୱାର୍ଡ ସାଲେପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉକରାଯାଇଥିବାରୁ ଏହି ମସଲା ବିକ୍ରୟ କରୁଥିବା ବ୍ୟବସାୟୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଆଜିର ଏହି ଚଢ଼ଉରେ ସାଲେପୁର ଆଇ.ଆଇ.ସି. ମହେଶ୍ୱର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## କୋଚିଂ ସେଣ୍ଟରରୁ ଛାତ୍ରର ମୃତଦେହ ଉଦ୍ଧାର



**ସାଲେପୁର,୯।୨(ସଂଚାର ବ୍ୟୁରୋ):** ଏକ ଘରୋଇ ଆବାସିକ କୋଚିଂ ସେଣ୍ଟରରେ ଜଣେ ଛାତ୍ରର ମୃତଦେହ ଉଦ୍ଧାର ହୋଇଥିବା ଜଣାଯାଇଛି। ଏହି ଘଟଣାକୁ ନେଇ ମୃତ ଛାତ୍ରର ପରିବାର ଲୋକେ ସିଧାସଳଖ ଘରୋଇ କୋଚିଂ ସେଣ୍ଟରର କର୍ମକର୍ତ୍ତାମାନେ ତାଙ୍କ ପୁଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ଅଭିଯୋଗ କରିଛନ୍ତି। ସାଲେପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ସାଲେପୁର ଶିଶୁମନ୍ଦିର ରୋଡ୍‌ରେ ଥିବା ବି.ଏନ୍.ବି. ଘରୋଇ କୋଚିଂ ସେଣ୍ଟରରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଣ୍ଡିଲୋ ଗ୍ରାମର ଓମ୍‌ପ୍ରକାଶ ସେଠୀ କୋଚିଂ ନେଉଥିବାବେଳେ ଆଜି କୋଚିଂ ସେଣ୍ଟରର ଏକ ଗୃହ ମଧ୍ୟରୁ ତାହାର ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ସେଠାରେ ତାକୁ ମୃତ ଘୋଷଣା କରିଥିଲେ। କୋଚିଂ ସେଣ୍ଟରରେ ଅର୍ଥ ପୈଠକୁ କେନ୍ଦ୍ର କରି ବିବାଦ ହୋଇଥିବାରୁ ଏଥିପାଇଁ କୋଚିଂ ସେଣ୍ଟରରେ ତାଙ୍କ ପୁଅକୁ ହତ୍ୟା କରାଯାଇଥିବାର ତାଙ୍କ ପିତା ଚନ୍ଦ୍ରମଣି ସେଠୀ ଅଭିଯୋଗ କରିଛନ୍ତି।

## ଜିଲ୍ଲାସ୍ତରରେ ମାଇଁ ଏନସିସି ଆଲୁମିନି ଆସୋସିଏସନ ସମ୍ବର୍ଦ୍ଧିତ




**କେନ୍ଦ୍ରାପଡ଼ା,୯।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ଥିବା ଅଗଣିତ ଅନୁଷ୍ଠାନ ମାନଙ୍କ ମଧ୍ୟରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ମାଇଁ ଏନ୍.ସି.ସି ଆଲୁମିନି ଆସୋସିଏସନ ଜିଲ୍ଲାର ପ୍ରଥମ ଅନୁଷ୍ଠାନ ଯାହା କେବଳ ଜିଲ୍ଲା ନୁହେଁ ପୂରା ରାଜ୍ୟରେ ସୁନାମ ଅର୍ଜନ କରିଛି ତା'ର ସୁକର୍ମ ଯୋଗୁ । ଏଥିପାଇଁ ଜିଲ୍ଲା ସ୍ତରୀୟ ମହୋତ୍ସବରେ ଆସୋସିଏସନକୁ ସମ୍ବର୍ଦ୍ଧିତ କରାଯାଇଛି ।

ମାଇଁ ଏନ.ସି.ସି. ଆଲୁମିନି ଆସୋସିଏସନ ପରିବେଶ ସୁରକ୍ଷା, ଅସହାୟଙ୍କୁ ସହାୟତା, ସମାଜ ଚେତନା ପ୍ରଦାନକାରୀ କାର୍ଯ୍ୟକ୍ରମ, ଶିକ୍ଷାକ୍ଷେତ୍ରରେ ସହଯୋଗ, କଳାପ୍ରତିଭା ସମ୍ମାନ, ସ୍ୱାସ୍ଥ୍ୟ ଜଡିତ କାର୍ଯ୍ୟକ୍ରମ ଆଦି ଆୟୋଜନ କରି ସମସ୍ତଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏହି ଆସୋସିଏସନ୍ ୨୦୧୭ମସିହା ଅପ୍ରେଲ ମାସ ୮ତାରିଖରେ ସ୍ଥାପିତ ହୋଇ ୨୦୧୯/୨୦ରେ ଜିଲ୍ଲାପାଳଙ୍କ ଦ୍ୱାରା ପଞ୍ଜିକୃତ ହୋଇଥିଲା । ମାଇଁ ଏନସିସି ଆଲୁମିନି ଆସୋସିଏସନ୍ ପ୍ରଥମଥର ଏକ ଐତିହାସିକ ମୁହୂର୍ତ୍ତ ସୃଷ୍ଟି କରିଛି । ଆସୋସିଏସନ୍ ଜିଲ୍ଲାସ୍ତରୀୟ ପ୍ୟାରେଡ୍‌ରେ ଅଂଶଗ୍ରହଣ କରି ୨୦୨୫ ଅଗଷ୍ଟ ୧୫ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ୨୦୨୬ ମସିହା ସାଧାରଣତନ୍ତ୍ର ଦିବସ ପ୍ୟାରେଡ୍‌ରେ ମଧ ପ୍ରଥମ ସ୍ଥାନ ଅଧିକାର କରିଛି ଏହି ଅନୁଷ୍ଠାନ । ଏତଦ୍‌ବ୍ୟତୀତ ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ କେନ୍ଦ୍ରାପଡା ଜିଲ୍ଲା ମହୋତ୍ସବ ବା ପଲ୍ଲିଶ୍ରୀ ମେଳାରେ "ଥିଲେ ଦିଅନ୍ତୁ, ନଥିଲେ ନିଅନ୍ତୁ"ଷ୍ଟଲରେ ଲୋକମାନଙ୍କ ଅଭାବକୁ ଦୃଷ୍ଟିରେ ରଖି ସହଯୋଗର ହାତ ବଢାଇଛି ଏହି ଅନୁଷ୍ଠାନ।

ପ୍ରତିବର୍ଷ ଅଗଷ୍ଟ ୧ରୁ୧୫ ମଧରେ "ହର ଘର ଏକ ପୌଧା" କାର୍ଯ୍ୟକ୍ରମ କରି ସାରାଦେଶରେ ବହୁଳମାତ୍ରାରେ ବୃକ୍ଷରୋପଣ କରିବାରେ ସକ୍ଷମ ହୋଇଛି ସଙ୍ଘ । ତତ୍‌ସହିତ ସୈନ୍ୟମାନଙ୍କ ପାଇଁ "ଏକ୍ ଦୀପକ୍ ବୀର୍ ଜବାନ କେ ନାମ"କାର୍ଯ୍ୟକ୍ରମ କରାଯାଉଛି । ବାତ୍ୟା, ବନ୍ୟା, ଘରପୋଡି ଭଳି ପ୍ରାକୃତିକ ବିପଦ ସମୟରେ ମଧ ଦୁଃଖୀ ଓ ପୀଡିତା ମାନଙ୍କୁ ସହାୟତା ପ୍ରଦାନ କରାଯାଉଛି ।

ଏହାସହ ଗୋରୁଗାଈମାନଙ୍କୁ ଖାଦ୍ୟ ଓ ଗରୀବ ଶିଶୁମାନଙ୍କୁ ପୁସ୍ତକ ପ୍ରଦାନ କରାଯାଇଥାଏ । ଶିକ୍ଷା କ୍ଷେତ୍ରରେ ପ୍ରତିବର୍ଷ ଦଶମ, ଦ୍ୱାଦଶ ଓ ସ୍ନାତକ(+୩)ରେ ଟପରମାନଙ୍କୁ ସମ୍ମାନିତ କରାଯାଏ ଓ ଆର୍ଥିକ ରାଶି ମଧ ପ୍ରଦାନ କରି ପ୍ରୋତ୍ସାହିତ କରାଯାଇଥାଏ। ସ୍ୱାସ୍ଥ୍ୟ ନିମନ୍ତେ ପ୍ରତିବର୍ଷ ରକ୍ତଦାନ ଶିବିର ଓ ୨୦୨୫ରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିରର ଆୟୋଜନ କରାଯାଇଥିଲା । ଏହି ସଂଘରେ ୨୫୩ ଜଣ ସଦସ୍ୟ ସଦସ୍ୟା ଯୋଗଦେଇ ସହଯୋଗର ହାତ ଆଗକୁ ବଢାଇଛନ୍ତି । ନିଜର ବ୍ୟକ୍ତିଗତ କାର୍ଯ୍ୟରତ ସମୟ ମଧରୁ କିଛି ସମୟ ସମାଜର ହିତ ନିମନ୍ତେ ଅତିବାହିତ କରିବାକୁ ଆସୋସିଏସନର ସଦସ୍ୟମାନେ ପ୍ରଚେଷ୍ଟା ଜାରି ରଖିଛନ୍ତି ।

## ଶ୍ରୀ ଶ୍ରୀ ସିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ



**ଗରଦପୁର,୯।୨(ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଭାଟପଡ଼ାସ୍ଥିତ ଶ୍ରୀ ଶ୍ରୀ ସିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ଉତ୍ସବରେ ନୀତିକଥା ,ତତ୍କାଳୀନ ସାମାଜିକ ଆନ୍ଦୋଳନ ଓ ଅନ୍ୟାୟ ଉପରେ ସତ୍ୟର ସର୍ବଦା ବିଜୟ ଉପରେ ମୁଖ୍ୟ ଅତିଥି ଅର୍ଚ୍ଚନା ନାୟକ ବିସ୍ତୃତ ଭାବେ ଆଲୋଚନା କରିଥିଲେ ।ଓ ଏସ ଏଲ୍ ଟେକ୍ନିକାଲ ହେଡ୍ ଶ୍ରୀ ସୌଭାଗ୍ୟ ସେନାପତି,ଦେବେନ୍ଦ୍ର ନାଥ ପଣ୍ଡା,ସଂଗ୍ରାମ ଦାସ,ଅନାଦି ଚରଣ ସାହୁ,ବିପିନ ଦାସ,ସୁରେଶ ପାଣି,ପ୍ରଭାତ ପରିଡା,ଅଭୟ ମହାରାଜ,ନିମାଇଁ ବେହେରା, ଟ୍ରଷ୍ଟର ସଭାପତି ଧୀରେନ୍ ମହାରାଜଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଥିଲା ।

## ନିଶ୍ଚିନ୍ତକୋଇଲି ବ୍ଲକରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ପ୍ରହସନରେ ପରିଣତ




**ନିଶ୍ଚିନ୍ତକୋଇଲି,୯।୨(ସଂଚାର ବ୍ୟୁରୋ):** ଆଜି ନିଶ୍ଚିନ୍ତକୋଇଲି ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣୀ ହେବା ପାଇଁ କଟକ ଜିଲ୍ଲାପାଳଙ୍କ ପକ୍ଷରୁ ବ୍ଲକ ପ୍ରଶାସନକୁ ଚିଠି ହୋଇଥିଲା। କିନ୍ତୁ ବ୍ଲକ ପ୍ରଶାସନ ପକ୍ଷରୁ ଏ ବିଷୟରେ ଜନସାଧାରଣଙ୍କ ଅବଗତି ପାଇଁ ପ୍ରଚାର ପ୍ରସାର କରାଯାଇନଥିଲା। ଯାହାଫଳରେ ବହୁ ହିତାଧିକାରୀ ଲୋକ ପ୍ରତିନିଧିଙ୍କ ଠାରୁ ଖବର ପାଇ ଆସିଲା ବେଳକୁ ଜନଶୁଣାଣୀ ସରି ଯାଇଥିଲା। ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନର ବାରମ୍ବାର ଏଭଳି ମନମୁଖୀ କାର୍ଯ୍ୟକୁ ନେଇ ସରକାରଙ୍କ ପ୍ରତି ଜନସାଧାରଣଙ୍କ ଆସ୍ଥା ତୁଟିବାକୁ ଲାଗିଲାଣି। ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ବାରମ୍ବାର ଜନସାଧାରଣଙ୍କର ଅଭିଯୋଗକୁ ଶୁଣିବା ପାଇଁ ଗୁରୁତ୍ୱ ଦେଇ ଆସୁଥିଲେ ମଧ ତାହାକୁ ଆଜି ନିଶ୍ଚିନ୍ତକୋଇଲି ବ୍ଲକ ଅଧିକାରୀ ସବୁ ଜାଣି ନଜାଣିଲା ପରି ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ କଥାକୁ ଫୁ କରିଦେଇଛନ୍ତି। ଯାହାଫଳରେ ବହୁ ଅଭିଯୋଗକାରୀ ଏହି ଜନଶୁଣାଣୀ ସମ୍ପର୍କରେ ଅବଗତ ନଥିବା ପ୍ରକାଶ କରିଛନ୍ତି। କେବଳ କିଛି ଲୋକପ୍ରତିନିଧି ମାନଙ୍କ ଦ୍ୱାରା ଖବର ପାଇ ୪୧ଟି ପଞ୍ଚାୟତରୁ ମାତ୍ର ୮୮ଜଣ ଅଭିଯୋଗକାରୀ ଆସିଥିବା ଜଣାଯାଇଛି। ଏଥିରେ ବିଭିନ୍ନ ପଞ୍ଚାୟତରୁ କେତୋଟି ଲୋକପ୍ରତିନିଧିଙ୍କୁ ଛାଡ଼ିଦେଲେ ବହୁ ପ୍ରଶାସନିକ ଅଧିକାରୀଙ୍କ ଦେଖା ମିଳିନଥିଲା। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଉପସ୍ଥିତ ହୋଇ ବ୍ଲକ ପ୍ରଶାସନକୁ ଏତେ କମ୍ ସଂଖ୍ୟକ ଲୋକ ଦେଖି ବିରକ୍ତି ଭାବ ପ୍ରକାଶ କରିଥିଲେ।

## ସବଡିଭିଜନ ହସ୍ପିଟାଲ କ୍ୱାର୍ଟର ପାଇଁ ଶିଳାନ୍ୟାସ



**ପଟ୍ଟାମୁଣ୍ଡାଇ,୯।୨(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଡା ଠାରେ ପ୍ରାୟ ୫୮କୋଟି ଟଙ୍କା ବ୍ୟୟ ରେ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ଗୃହ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହି ହସ୍ପିଟାଲରେ ନିଯୁକ୍ତି ପାଇବାକୁ ଥିବା ଡାକ୍ତର ଓ କର୍ମଚାରୀଙ୍କ କ୍ୱାଟର ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଛି । ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରାୟ ୧୨କୋଟି ଟଙ୍କା ବ୍ୟୟ ଅଟ୍ଟକଳରେ ୩୦ଟି ହସ୍ପିଟାଲ ଷ୍ଟାଫ କ୍ୱାଟର ନିର୍ମାଣ ପାଇଁ ଶୁଭ ଶିଳାନ୍ୟାସ କରି ଏହି ସବଡିଭିଜନ ହସ୍ପିଟାଲ ପଟ୍ଟାମୁଣ୍ଡାଇ ଆଳି ରାଜନଗର ଓ ରାଜକନିକା ଅଂଚଳବାସୀଙ୍କୁ ଉତ୍ତମ ଓ ଗୁଣାତ୍ମକ ସେବା ଯୋଗାଇ ପାରିବ ବୋଲି ଆଶା ପ୍ରକାଶ କରିଛନ୍ତି । ଏହି ଶିଳାନ୍ୟାସ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ଜିଲ୍ଲା ବିଜେଡି ଉପସଭାପତି ଶ୍ରୀକାନ୍ତ ରାଉତ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ନଗର ଯୁବବିଜେଡି ସଭାପତି ଅଶୋକ ଧଳ କାଉନସିଲର ସର୍ବଶ୍ରୀ ପ୍ରଶାନ୍ତ ବାରିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ଥାନୀୟ ଲୋକପ୍ରତିନିଧି ଯୋଗ ଦେଇଥିଲେ ।

## ବିଶାଳ ହିନ୍ଦୁ ସମାବେଶରେ କମ୍ପିଲା ବିଲିକଣା

**ଆଳି,୯।୨(ସଂଚାର ବ୍ୟୁରୋ):** ଆଳି ବ୍ଲକ ବିଲିକଣା କାଳୀ ପଡିଆ ଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସପ୍ତସୁଚି କାର୍ଯ୍ୟକ୍ରମ ମଧ୍ୟରୁ ପତ୍ରପୁର ସିଙ୍ଗିରି ମଣ୍ଡଳର ଛଅ ଗୋଟି ପଂଚାୟତକୁ ନେଇ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଭବ୍ୟ କାର୍ଯ୍ୟକ୍ରମ ରେ ହନୁମାନ ଚାଳିଶା ପଠନ ସମୂହ ଦୀପଦାନ, ହରିନାମ ସଂକୀର୍ତ୍ତନ, ଗୋପାଳ ଓଗାଳ ର ଲଉଡ଼ି ଖେଳ ସହିତ ସରସ୍ୱତୀ ଶିଶୁମନ୍ଦିରର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ




ବେଶ ସରସ ସୁନ୍ଦର ହୋଇପାରିଥିଲା। ସଂଯୋଜକ ଗୋଲେଖ ବିହାରୀ ଭୂୟାଁଙ୍କ ସଂଯୋଜନାରେ ସ୍ୱାମୀ କ୍ରିଷ୍ଣନନ୍ଦ ଗିରି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ହିନ୍ଦୁ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରିୟବ୍ରତ ପରିଡା ଯୋଗ ଦେଇ ସମାଜରେ ଘଟୁଥିବା ଘଟଣାବଳୀ ତାର ସମାଧାନ ନିମନ୍ତେ ଦିଗଦର୍ଶନ ଦେଇଥିଲେ।

### ଭୁଇଁପୁର ପ୍ରିମିୟର ଲିଗ୍ ଉଦ୍‌ଯାପିତ

## ଆରାଧନା କୋଚରକୁ ହରାଇ ଦେବସ୍ମିତା ଲାୟନ୍ ଚାମ୍ପିଅନ୍



**ଆଳି,୯।୨(ସଂଚାର ବ୍ୟୁରୋ):** ଆଳି ବ୍ଲକ୍ ଭୁଇଁପୁର ଖେଳ ପଡିଆରେ ଚାଲିଥିବା ବିପିଏଲ୍‌ର ଦ୍ୱାଦଶ ତମ ସଂସ୍କରଣ ରବିବାର ଦିନ ଉଦଯାପିତ ହୋଇଯାଇଛି। ଉଦଯାପନି ଦିବସରେ ଆରାଧନା କୋଚର ସହିତ ଦେବସ୍ମିତା ଲାୟନ୍ ଟିମ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏହି ଖେଳରେ ପ୍ରତି ବର୍ଷ ୬ଟି ଟିମ୍ ଭାଗ ନେଉଥିବା ବେଳେ ଚଳିତ ବର୍ଷ ୭ଟି ଟିମ ଖେଳୁ ଥିବା ବେଳେ ନୂତନ ଭାବେ ଦେବସ୍ମିତା ଲାୟନ୍ ଟିମ ଯୋଗ ଦେଇ ପ୍ରଥମ ବିଜୟ ଲାଭ କରିଥିବାରୁ ଚର୍ଚ୍ଚାରେ ରହିଥିଲା । ପ୍ରଥମେ ଦେବସ୍ମିତା ଲାୟନ୍ ବ୍ୟାଟିଂ କରି ୧୦ ଓଭରରେ ୧୬୧ରନ କରିଥିବା ବେଳେ ଆରାଧନା କୋଚର ୧୨୬ ରନ କରି ମ୍ୟାଚ ହାରି ଯାଇଥିଲେ। ମ୍ୟାନ୍‌ଅଫଦି ମ୍ୟାଚ ଅମିୟ ଦାସ ,ମ୍ୟାନ ଅଫଦି ସିରିଜି ସ୍ନେହାସିଶି ସାମଲଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ ।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧକ୍ଷ ମନରଞ୍ଜନ ସାମଲ,ଭୁଇଁପୁର ପଞ୍ଚାୟତର ସରପଞ୍ଚ ରେଷ୍ମା ରାଣୀ ମଲିକ ,ସମିତି ସଭ୍ୟା ମିନତୀ ସାମଲ ଯୁଆଣିଆ ସରପଞ୍ଚ ସୁବ୍ରତ ନାୟକ ଓ ସଂଶିଧା ସରପଞ୍ଚ ଦୀପକ ଭୂୟାଁ, କଳସପୁର ସରପଞ୍ଚ ସୁଧୀର ମଲିକ ପ୍ରମୁଖ ଯୋଗ ଦେଇ ଚମ୍ପିୟାନ ଟିମ ଓ ରନର୍ସଅପ ଟିମକୁ ଟ୍ରଫି ପ୍ରଦାନ କରିଥିଲେ ।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ମହାକାଳପଡ଼ା,୯।୨(ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ପଞ୍ଚାୟତ ସମିତି ସଭା ଗୃହରେ ସୋମବାର ଜିଲ୍ଲାପାଳ ଏବଂ ଆରକ୍ଷୀ

**ମୋଟ୍ ୧୦୭ ଅଭିଯୋଗରୁ ୮୮ଟି ବ୍ୟକ୍ତିଗତ ଓ ୧୯ଟି ସାମୂହିକ**



ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୦୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥିମଧ୍ୟରୁ ୮୮ଟି ବ୍ୟକ୍ତିଗତ ଅଭିଯୋଗ ଓ ୧୯ଟି ସାମୂହିକ ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ୬ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା।

ମୁଖ୍ୟତଃ ଆବାସ ଯୋଜନା, ରାସନ୍ କାର୍ଡ, ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କୀତ ବ୍ୟକ୍ତିଗତ ଅଭିଯୋଗ ମାନ ରହିଥିଲା। ବିଗତ ୨୦୨୧ ମସିହାରେ ପାଟୁଲିପଙ୍କ ପଞ୍ଚାୟତରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଥିବା ଠିକାଦାରଙ୍କୁ ଏଯାଏଁ ତାଙ୍କର ପ୍ରାପ୍ୟ ମିଳିନଥିବା ନେଇ ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ନାୟକ ଅଭିଯୋଗ କରିଥିଲେ।

ସାମୂହିକ ଅଭିଯୋଗ ମଧ୍ୟରେ ୫୩ ନଂ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ହେଉଥିବା ବେଳେ ଯାତାୟତରେ ସୁବ୍ୟବସ୍ଥା ପାଇଁ ନୀଳାଞ୍ଚଳ ଛକଠାରେ ଏକ ଅଣ୍ଡରପାସ ନିର୍ମାଣ ପାଇଁ ଗଡରୋମିତ ପଞ୍ଚାୟତ ବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ପୁନର୍ବାର ଦାବି କରାଯାଇଥିଲା। ।

### ଅଖିଳ ଭାରତ ବୃହତ୍ ବନ୍ଦର କବାଡି ପ୍ରତିଯୋଗିତା ଉଦ୍‌ଯାପିତ

## ଜବାହରଲାଲ ନେହରୁ ବନ୍ଦର ଚାମ୍ପିଅନ




**ପାରାଦୀପ,୯।୨ (ସଂଚାର ବ୍ୟୁରୋ):** ପାରାଦୀପ ବନ୍ଦର ଓ ଅଖିଳ ଭାରତ ବୃହତ୍ ବନ୍ଦର ଖେଳ ପ୍ରାଧିକରଣର ମିଳିତ ଆନୁକୁଲ୍ୟରେ ପାରାଦୀପର ବିଜୁ କନ୍ଭେନସନ୍ ସେଣ୍ଟର୍ ଠାରେ ଆୟୋଜିତ ୪୧ତମ ଅଖିଳ ଭାରତ ବୃହତ୍ ବନ୍ଦର କବାଡି ପ୍ରତିଯୋଗିତାର ସେମିଫାଇନାଲ ପର୍ଯ୍ୟାୟରେ ଜବାହର ଲାଲ ନେହେରୁ ବନ୍ଦର ପାରାଦୀପ ବନ୍ଦରକୁ ଓ ଚେନ୍ନାଇ ବନ୍ଦର ମୁମ୍ବାଇ ବନ୍ଦରକୁ ପରାସ୍ତ କରି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ଫାଇନାଲ ମ୍ୟାଚରେ ଜବାହର ଲାଲ ନେହେରୁ ବନ୍ଦର ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରି ଚେନ୍ନାଇ ବନ୍ଦରକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପାରାଦୀପ ବନ୍ଦର ଓ ଚେନ୍ନାଇ ବନ୍ଦର ସଂଯୁକ୍ତ ତୃତୀୟ ସ୍ଥାନ ପାଇଛନ୍ତି। ଉଦ୍‌ଯାପାନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ବନ୍ଦର ଅଧ୍ୟକ୍ଷ ପି ଏଲ ହରନାଧ ବିଜୟୀ ଓ ରନର୍ସ ଦଳକୁ ଟ୍ରଫି ପ୍ରଦାନ କରିବା ସଙ୍ଗେ ସଙ୍ଗେ ଖେଳାଳିମାନଙ୍କୁ ସମ୍ମାନିତ କରିଥିଲେ। ବନ୍ଦର ଉପାଧ୍ୟକ୍ଷ ଟି ବେଣୁ ଗୋପାଳ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସଂସଦର ସଭାପତି ହିମାଂଶୁ ରାଉତଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ସ୍ୱାଗତ କରିଥିବା ବେଳେ ସମ୍ପାଦକ ଧ୍ରୁନ ତରାଇ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଗୋପ ଅମରେଶ୍ୱର ପୀଠରେ ହିନ୍ଦୁ ସମ୍ମିଳନୀ

**କେନ୍ଦ୍ରାପଡା,୯।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଗୋପ ଗ୍ରାମର ଶ୍ରୀ ଅମରେଶ୍ୱର ମହାଦେବଙ୍କ ପୀଠରେ ବିଶାଳ ହିନ୍ଦୁ ସମ୍ମିଳନୀ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମା ସାନମଙ୍ଗଳା ବସତି ଓ ଅଭୟା ବସତି ଅଂଚଳର ଜନ ସାଧାରଣଙ୍କୁ ନେଇ ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ନିତ୍ୟାନନ୍ଦ ସୁଆରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀ ରେ ଭକ୍ତି ବେଦାନ୍ତ ସନ୍ୟାସୀ ମହାରାଜ ମୁଖ୍ୟ ଅତିଥି, ପତଞ୍ଜଳୀ ଯୋଗ ଆଶ୍ରମର ବିଭୁ ପ୍ରସାଦ ତ୍ରିପାଠୀ ଓ ଜିଲ୍ଲା ସଂପର୍କ ପ୍ରମୁଖ ସରୋଜକାନ୍ତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଗିରିଶ କୁମାର କର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଜିର ସମାଜରେ ପରିବେଶ ଜନିତ ସଙ୍କଟ, ପାରିବାରିକ ସମସ୍ୟା ଓ ଜଳ ସଙ୍କଟର ସମାଧାନ ପାଇଁ ପରିବାର ସ୍ତରରୁ ଉଦ୍ୟମ କରିବାକୁ ଅତିଥି ମାନେ ବକ୍ତବ୍ୟ ରଖିଥିଲେ । ସମୀ କୁମାର ସ୍ୱାଇଁ, ଜୟଶ୍ରୀ ପ୍ରିୟଦର୍ଶିନୀ, ପ୍ରିୟଦର୍ଶିନୀ ସାହୁ, ଶୁଭଲକ୍ଷ୍ମୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିବା ବେଳେ ଉମାଶଙ୍କର ପତି ବେଦ ପାଠ ଅର୍ପଣ କରିଥିଲେ ।

## ନିସ୍ତାର ପାଇବବେନି ବାଲି ଚୋରା ଚାଲାଣକାରୀ

**ନିଲାମ ହେଉନି ଖାଦାନ, ରାଜସ୍ୱ ହରାଉଛନ୍ତି ସରକାର**




**କେନ୍ଦ୍ରାପଡ଼ା,୯।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ଚୋରା ବାଲି ଚାଲାଣ ବଢ଼ି ଚାଲିଛି। ଅନେକ ବାଲି ଖାଦାନ ନିଲାମ ହେଉନାହିଁ। ଯାହା ଫଳରେ ସରକାର ରାଜସ୍ୱ ହରାଉଛନ୍ତି। ବାଲି ଚୋରା ଚାଲାଣକାରୀ ସରକାରୀ କାର୍ଯ୍ୟାଳୟର ତଳିଆ କର୍ମଚାରୀଙ୍କ ଜରିଆରେ ବେପାର ଚଳାଇଛନ୍ତି। ମାସିକିଆ ବଟି ଦେଇ ବେଧଡ଼କ ବାଲି ଚୋରା ଚାଲାଣ କରି ଲୁଟ୍ କରି ଚାଲିଛନ୍ତି । କିନ୍ତୁ ଏବେ ଜିଲ୍ଲା ପ୍ରଶାସନ ବାଲି ଚୋରା ଚାଲାଣକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଗତ ୧୫ ଦିନ ମଧ୍ୟରେ ଜିଲ୍ଲା ପ୍ରଶାସନ, ବିଭିନ୍ନ ତହସିଲର କର୍ମଚାରୀ, ଥାନା କର୍ମଚାରୀ, ଖଣି ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିତ ଭାବେ ଚଢଉ କରାଯାଇଥିଲା। ଏଥିରେ ୧୧ଟି ବାଲି ବୋଝେଇ ଗାଡି ଜବତ କରାଯାଇଛି। ସେହିପରି ମାର୍ଶଘାଇ ବ୍ଲକର ରତନପୁର ନଦୀ ପଠାରେ ବାଲି ଚୋରା ଚାଲାଣରେ ବ୍ୟବହୃତ ସକସନ ମେସିନ୍, ପ୍ରୋକଲିନ ମେସିନ ଜବତ ହୋଇଛି। ଏଠାରେ ଗଚ୍ଛିତ ରଖାଯାଇଥିବା ବାଲିକୁ ମଧ ଜବତ କରାଯାଇଛି। ଏହି ଜବତ ବାଲିକୁ ନିଲାମ କରାଯାଇ ସେହି ଅର୍ଥକୁ ସରକାରୀ ଖାତାରେ ରଖାଯିବ ବୋଲି ଉପଜିଲ୍ଲାପାଳ ଅରୁଣ ନାୟକ ତାଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ।

ଶ୍ରୀ ନାୟକ କହିଛନ୍ତି ବାଲି ମାଫିଆମାନେ ଏବେଠାରୁ ସତର୍କ ହୋଇ ଯାଆନ୍ତୁ । ନ ହେଲେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନକୁ ଅଧିକ କଡ଼ାକଡ଼ି କରାଯିବ।

# ସମୁଦ୍ରରେ ଗାଧୋଇବା ବେଳେ ୫ ଉଦ୍ଧାର



**ପୁରୀ,୯।୨(ସଂଚାର ବ୍ୟୁରୋ):** ଆଜି ପୁରୀ ସମୁଦ୍ରରେ ବୁଡ଼ିଯାଉଥିବା ସମୟରେ ଲାଇଫଗାର୍ଡମାନେ ୫ ଜଣଙ୍କୁ ଉଦ୍ଧାର କରିଛନ୍ତି। ଏହି ପର୍ଯ୍ୟଟକମାନେ ଛତିଶଗଡ଼ ଓ ମହାରାଷ୍ଟ୍ରର ହୋଇଥିବା ବେଳେ ସେମାନେ ଆଜି ସକାଳେ ବେଳାଭୂମିର ୧୦ ନମ୍ବର ସେକ୍ଟରରେ ଗାଧୋଉଥିବା ସମୟରେ ସମୁଦ୍ରର ଉଚ୍ଚ ଲହଡ଼ି ସହ ମାଡ଼ ହୋଇ ବୁଡ଼ି ଯାଇଥିଲେ। ସେମାନଙ୍କୁ ଲାଇଫଗାର୍ଡମାନେ ବଞ୍ଚାଇବା ଫଳରେ ଏହି ପର୍ଯ୍ୟଟକମାନେ ବଡ଼ ଧରଣର ଅଘଟଣରୁ ମୁକୁଳିଯାଇଛନ୍ତି।

# ଷ୍ଟାର୍ଟ ବେଳେ ଜଳିଗଲା ବାଇକ, ବର୍ତ୍ତିଗଲେ ଚାଳକ



**ବାସୁଦେବପୁର,୯।୨(ସଂଚାର ବ୍ୟୁରୋ):** ଷ୍ଟାର୍ଟ କରିବା ସମୟରେ ହୁତୁ ହୁତୁ ହୋଇ ଜଳିଗଲା ବାଇକ। ଭଦ୍ରକ ଜିଲ୍ଲା ବାସୁଦେବପୁର ଅନନ୍ତପୁର ରାସ୍ତାର ଭୈରବପୁର ଛକ ନିକଟରେ ଘଟିଛି ଘଟଣା। ପୌରପାଳିକାସ୍ଥିତ ରାଧାନାଥପୁର ଆଡିଆ ଗାଁର ରଂଜିତ ମାଇତ ତାଙ୍କ ବାପାଙ୍କ ସହିତ ପଲସର ବାଇକ ଯୋଗେ ବାସୁଦେବପୁର ଆସୁଥିଲେ। ଅଧା ରାସ୍ତାରେ ପେଟ୍ରୋଲ ସରିଯିବାରୁ ତେଲ ପକାଇବା ପାଇଁ ଭୈରବପୁର ଛକ ନିକଟକୁ ଆସିଥିଲେ। ତେଲ ପକାଇବା ପରେ ବାଇକକୁ ଷ୍ଟାର୍ଟ କରୁଥିବା ବେଳେ ହଠାତ ବାଇକରେ ନିଆଁ ଲାଗି ଯାଇଥିଲା। ଚାହୁଁ ଚାହୁଁ ରାସ୍ତା ମଝିରେ ଜଳିଯାଇଥିଲା ବାଇକ। ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ବାଇକ ଚାଳକ ରଞ୍ଜିତ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ବାଇକଟି ପୋଡ଼ି ପାଉଁଶ ହୋଇଯାଇଥିଲା।

## ଜାଗର ଯାତ୍ରା ନେଇ ସମୀକ୍ଷା ବୈଠକ

# ଶୃଙ୍ଖଳିତ ନୀତିକାନ୍ତି ଓ ଦର୍ଶନ ଉପରେ ଗୁରୁତ୍ୱ

- ପାର୍କିଂ, ଜଳଯୋଗାଣ, ପରିମଳ ବ୍ୟବସ୍ଥା ନେଇ ଆଲୋଚନା
- ଭିଡ଼ ଓ ଟ୍ରାଫିକ୍ ପରିଚାଳନା ପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ



**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ଲିଙ୍ଗରାଜ ମହାପ୍ରଭୁଙ୍କ ଶୃଙ୍ଖଳିତ ରୀତିନୀତି ସମ୍ପନ୍ନ ସହ ଜାଗର ଯାତ୍ରାକୁ ସଫଳ କରିବା ନେଇ ବିଭିନ୍ନ ବିଭାଗ, ନିଯୋଗ ଓ ସେବାୟତ ପ୍ରତିନିଧିଙ୍କୁ ନେଇ ଏକ ସମୀକ୍ଷା ବୈଠକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଆଜି ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ଜାଗର ଯାତ୍ରାରେ ସେବାୟତସମୂହ, ନିଯୋଗ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, ମହାନଗର ନିଗମ, ଅଗ୍ନିଶମ ସେବା, ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମୟ ଅନୁସାରେ ନୀତିକାନ୍ତି ସମ୍ପନ୍ନ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନଠାରୁ ଆରମ୍ଭ କରି ମହାଦୀପ ଉଠିବା ପର୍ଯ୍ୟନ୍ତ ସବୁକୁ ସୁଚାରୁ ରୂପେ ସମ୍ପନ୍ନ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେବା ସହ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଜାଗର ଅବସରରେ ନକଲି ପାସ୍‌ଧାରୀ ସେବାୟତ ଓ ଅନ୍ୟ ଲୋକମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ ସେ ନିର୍ଦ୍ଦେଶ ଦେଇଥିଲେ।

ଲିଙ୍ଗରାଜ ମହାପ୍ରଭୁ ଜାଗର ଯାତ୍ରାକୁ କେବଳ ରାଜ୍ୟ କିମ୍ବା ଦେଶ ନୁହେଁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ରହୁଥିବା ଶିବଭକ୍ତମାନେ ଚାହିଁ ରହିଥାନ୍ତି। ତେଣୁ ଏହାକୁ ସଫଳ କରିବା ନେଇ ବିଭିନ୍ନ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ଜାଗର ସମୟରେ ମନ୍ଦିର ପରିସର ସଫେଇ ବ୍ୟବସ୍ଥା, ଆଲୋକୀକରଣ, ବାରିକେଡିଂ, ପାର୍କିଂ, ପରିମଳ, ପାନୀୟ ଜଳ ବ୍ୟବସ୍ଥା, ଭକ୍ତଙ୍କ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ଛାୟାକରଣ ଓ ପବନ ଚଳାଚଳ ବ୍ୟବସ୍ଥା, ଅଗ୍ନି ନିରାପତ୍ତା, ଭିଡ଼ ଓ ଟ୍ରାଫିକ୍ ପରିଚାଳନା, ମନ୍ଦିର ତଥା ଆଖପାଖ ଅଞ୍ଚଳର ସାଜସଜ୍ଜା, କଣ୍ଟ୍ରୋଲ ରୁମ୍, ସିସିଟିଭି ବ୍ୟବସ୍ଥା ଏବଂ ଗଣମାଧ୍ୟମ ଜରିଆରେ ସୁଚାରୁ ରୂପେ ଏହାର ପ୍ରସାରଣ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା।

ବୈଠକରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା, ଦ୍ୱୈତ ନଗରୀ ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ରମେଶ କୁମାର ଜେନା, ଆଇନ ବିଭାଗ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର, ଅବକାରୀ ବିଭାଗ ଅତିରିକ୍ତ ଶାସନ

## ଅଶ୍ଳୀଳ ଇଙ୍ଗିତ କରୁଥିଲେ ହୋମଗାର୍ଡ

# ମିଳିମିଶି ଉତ୍ତମମଧ୍ୟମ ଦେଲେ ମହିଳା

ଭିଡିଓ ଭାଇରାଲ



**ଚଣ୍ଡିଖୋଲ, ୯।୨ (ସଂଚାର ବ୍ୟୁରୋ) :** ମହିଳାଙ୍କୁ ବାରମ୍ବାର ହଇରାଣ କରୁଥିଲେ। ଶୌଚ ହେବାକୁ ଯାଉଥିବା ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରୁଥିଲେ। ବାରମ୍ବାର ଏପରି ନିର୍ଯାତନା ସହୁଥିବା ମହିଳାମାନେ ଶେଷରେ ମିଳିତ ଭାବେ ସମ୍ପୃକ୍ତ ହୋମଗାର୍ଡଙ୍କୁ ଘୋଷାଡ଼ି ନେଇ ଆକ୍ରମଣ କରିଥିଲେ। ନିସ୍ଠୁକ ମାଡ଼ ମାରିବା ସହ ଶାର୍ଟ ଚିରିଦେଇଥିଲେ। ହୋମଗାର୍ଡ ଆଲୋକ ପଣ୍ଡାଙ୍କୁ ମୁଖ୍ୟାଳୟକୁ ଡାକରା ହୋଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି।

ସୂଚନାନୁସାରେ, ବଡ଼ଚଣା ଥାନା ତଥା ଧାନମଣ୍ଡଳ ଫାଣ୍ଡି ଅଧୀନସ୍ଥ ଧାନମଣ୍ଡଳ ପୁରୁଣା ପୋଷ୍ଟ ଅଫିସ ନିକଟରେ ଥିବା ରାଖଡ଼ ସାହିରେ ଆଜି ଜଣେ ହୋମଗାର୍ଡଙ୍କୁ କିଛି ମହିଳା ମାଡ଼ ମାରୁଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହି ଘଟଣାକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ବେଳେ ଏସପି ଯଶ ପ୍ରତାପ ଶ୍ରୀମାଲ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଚଣ୍ଡିଖୋଲ ନିକଟସ୍ଥ ଶାନ୍ତିପୁର ଗ୍ରାମର ଆଲୋକ ପଣ୍ଡା ହୋମଗାର୍ଡ ଭାବେ ଧାନମଣ୍ଡଳ ଫାଣ୍ଡିରେ କାର୍ଯ୍ୟରତ। ସେ ପ୍ରତ୍ୟହ ସକାଳେ ଶୌଚ ହେବାକୁ ଆସୁଥିବା ମହିଳାମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ନାନା ପ୍ରକାରେ ହଇରାଣ ହରକତ କରୁଥିଲେ।ତେବେ ଗତକାଲି ଜନୈକ ମହିଳାଙ୍କୁ ଆଲୋକ ଅଶ୍ଳୀଳ ଇଙ୍ଗିତ କରୁଥିବା ବେଳେ ମହିଳା ଜଣଙ୍କ ପାଟି କରିବାରୁ ସେଠାରେ ବହୁ ମହିଳା ଏକତ୍ରିତ ହୋଇ ଆଲୋକଙ୍କୁ କାବୁ କରିବା ସହ ପ୍ରବଳ ମାଡ଼ ମାରିଥିଲେ। ଏହି ଖବର ଜ ଣା ପ ଡ଼ି ବା ପ ରେ ତାଙ୍କୁ ପାଣିକୋଇଲିସ୍ଥିତ ପୁଲିସ ମୁଖ୍ୟାଳୟକୁ ଏସ୍‌ପି ଡାକିଥିବା ସୂଚନା ମିଳିଛି। ମହିଳାମାନେ ହୋମଗାର୍ଡଙ୍କୁ କାର୍ଯ୍ୟରୁ ବହିଷ୍କାର କରାନଗଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ମହାନ୍ତି କହିଛନ୍ତି ଯେ ଘଟଣାକୁ ନେଇ କୌଣସି ଅଭିଯୋଗ ହୋଇନାହିଁ। ଆମେ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ସୂଚନା ଦେଇଛୁ। ବଡ଼ଚଣା ଥାନାଧିକାରୀ ସୁରେନ୍ଦ୍ର ଜେନା କହିଛନ୍ତି ଯେ ମହିଳାମାନେ ହୋମଗାର୍ଡଙ୍କ ସମ୍ପର୍କରେ କୌଣସି ଅଭିଯୋଗ କରିନାହାନ୍ତି। ଏନେଇ ଅଭିଯୋଗ ହେଲେ ତଦନ୍ତ କରାଯିବ।

# କୋଚି ୱାଟର ମେଟ୍ରୋ ବୁଲି ଦେଖିଲେ ଗଣମାଧ୍ୟମ ପ୍ରତିନିଧି



**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ନେତୃତ୍ୱରେ କେରଳ ଗସ୍ତରେ ଥିବା ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ଦଳ ଆଜି କୋଚି ୱାଟର ମେଟ୍ରୋ ପରିଦର୍ଶନ କରିଛନ୍ତି। କୋଚି ମେଟ୍ରୋ ରେଳ ଲିମିଟେଡ୍ (କେଏମଆରଏଲ) ଅଧୀନରେ ଏହି ମେଟ୍ରୋ ପରିବେଶ ଅନୁକୂଳ ସହରୀ ଜଳ ପରିବହନ ସେବା ପାଲଟିଛି। ଗସ୍ତ ସମୟରେ ପ୍ରତିନିଧି ଦଳ କୋଚି ଜଳ ମେଟ୍ରୋର ଯୋଜନା, କାର୍ଯ୍ୟକାରିତା ଓ କାର୍ଯ୍ୟକ୍ଷମ ଢାଞ୍ଚା ବିଷୟରେ କେଏମଆରଏଲର ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରି ପ୍ରତ୍ୟକ୍ଷ ଅଭିଜ୍ଞତା ହାସଲ କରିଥିଲେ। ପ୍ରତିନିଧି ଦଳକୁ କେଏମଆରଏଲର ମୁଖ୍ୟ ମହାପ୍ରବନ୍ଧକ (ଜଳ ପରିବହନ) ଏବଂ କୋଚି ୱାଟର ମେଟ୍ରୋର ମୁଖ୍ୟ ଶ୍ରୀ ଶାଜି ପି. ଜନାର୍ଦ୍ଦନନ, କେଏମଆରଏଲର ନିର୍ଦ୍ଦେଶକ (ପ୍ରକଳ୍ପ) ଡକ୍ଟର ଏମ.ପି. ରାମନାଭାସ ଏବଂ କେଏମଆରଏଲର ମୁଖ୍ୟ ଲୋକସମ୍ପର୍କ ଏବଂ ସାମାଜିକ ଗଣମାଧ୍ୟମ ଅଧିକାରୀ କେ.କେ. ଜୟକୁମାର ସୂଚନା ଦେଇଥିଲେ। ଅଧିକାରୀମାନେ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୨୦୨୩ରେ ଉଦଘାଟନ ପରଠାରୁ କୋଚି ଜଳ ମେଟ୍ରୋ ୬୦ ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ସେବା ଯୋଗାଇଛି। ଏଥିରେ ଦୈନିକ ହାରାହାରି ୬ ହଜାରରୁ ଅଧିକ ଯାତ୍ରୀ ଯାତ୍ରା କରୁଛନ୍ତି। ଏହି ପ୍ରକଳ୍ପ ପରିବେଶ-ଅନୁକୂଳ ଓ ସମାବେଶୀ ପରିବହନ ସୁବିଧା ରୂପେ କାର୍ଯ୍ୟ କରୁଛି। ବୈଦ୍ୟୁତିକ ନୌକା ଏବଂ ଆଧୁନିକ ଟର୍ମିନାଲ ଯୋଗୁଁ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ ପାଇଥାଏ। ଏହା ମଧ ଦ୍ୱୀପାଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ଉନ୍ନତ ପରିବହନ ସେବା ଯୋଗାଇ ଦିଏ। ପ୍ରତିନିଧି ଦଳରେ ପିଆଇବି ଭୁବନେଶ୍ୱରର ଉପନିର୍ଦ୍ଦେଶକ ମନୋଜ ଜାଲି, ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତି ପ୍ରସାଦ, ପିଆଇବି କୋଚିର ଯୋଗାଯୋଗ ଅଧିକାରୀ ଶମିଳା କେୱାଇ ସାମିଲ ଥିଲେ।

# ବିଜେପି ସରକାର ପ୍ରତି ଲୋକଙ୍କ ବିଶ୍ୱାସ ବଢ଼ିଛି: ମନମୋହନ

## ବିଜେଡିର ବଡ଼ ମିଶ୍ରଣ ପର୍ବ: ମିଶିଲେ ଶତାଧିକ କର୍ମୀ



**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ବିଜେପି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ହୋଇଥିବା ବେଳେ ଏବେ ଦେଶର ୨୧ ରାଜ୍ୟରେ ଦଳ ନେତୃତ୍ୱାଧୀନ ଏନ୍‌ଡିଏ କ୍ଷମତାରେ ରହିଛି। ସାଂସଦ ଓ ବିଧାୟକଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରତିନିଧି ପର୍ଯ୍ୟନ୍ତ ସବୁଠି ବିଜେପି ଏକତରଫା ଆଦୃତି ଲାଭ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି। ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରି ଗତ ୧୮ ମାସ ମଧ୍ୟରେ ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇପାରିଛି ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି। ଆଜି ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଜଗତ୍‌ସିଂହପୁର ଜିଲ୍ଲା ବିରିଡି ବ୍ଲକ ଅଧ୍ୟକ୍ଷା ମମତା ପାତ୍ର ଓ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରାଇଙ୍କ ସମେତ ଶତାଧିକ ବିଜେଡି ନେତା ଓ କର୍ମୀ ବିଜେପିରେ ମିଶିଛନ୍ତି। ଏହି ଏହି ମିଶ୍ରଣ ଦ୍ୱାରା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ସମେତ ଜଗତ୍‌ସିଂହପୁର ଜିଲ୍ଲା ଓ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଏବଂ ପୁରୀ ଜିଲ୍ଲାରେ ଦଳୀୟ ସଂଗଠନ ଅଧିକ ସୁଦୃଢ଼ ହୋଇପାରିଛି ବୋଲି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଶ୍ରୀ ସାମଲ ଉପରୋକ୍ତ ମତାମତ ଦେଇଛନ୍ତି।

ଆଜି ବିଜେପିରେ ମିଶିଥିବା ପ୍ରମୁଖ ନେତାଙ୍କ ମଧ୍ୟରେ ପୁରୀ ଜିଲ୍ଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ବିଜୟ ତରାଇ, ବିଭୁତି ତରାଇ, ଉଲ୍ଲାସ ଚନ୍ଦ୍ର ତରାଇ, ଭାସ୍କର ତରାଇ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଦେବୀ ପ୍ରସାଦ ତ୍ରିପାଠୀ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରକାଶ କୁମାର ଦାସ, ପୂର୍ବତନ ଅଧ୍ୟକ୍ଷ ପଦ୍ମନାଭ ଭୋଇ ପ୍ରମୁଖ। ଶ୍ରୀ ସାମଲ ସମସ୍ତଙ୍କୁ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ମିଶ୍ରଣ ପର୍ବରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି, ବିଷ୍ଣୁ ଦାସ, ରାଜ୍ୟ ସମ୍ପାଦକ ସରୋଜ କର, ପୁରୀ ଜିଲ୍ଲା ସଭାପତି ଡ. ଦେବେନ୍ଦ୍ରନାଥ ତରାଇ, ଜଗତ୍‌ସିଂହପୁର ଜିଲ୍ଲା ପ୍ରଭାରୀ ସୁବାସ ଜେନା, ତିର୍ତ୍ତୋଲ ବିଧାନସଭା ପ୍ରାର୍ଥୀ ରାଜକିଶୋର ବେହେରା, ବାଲିକୁଦା-ଏସରମା ପ୍ରାର୍ଥୀ ସତ୍ୟସାରଥି ମହାନ୍ତି ଉପସ୍ଥିତ ଥିଲେ।

## ସୁର ରାଉତରାୟଙ୍କ ୟୁ-ଟର୍ଣ୍ଣ

# ପୁଣି ନିର୍ବାଚନ ଲଢ଼ିବେ!



**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ପୁଣି ନିର୍ବାଚନ ଲଢ଼ିବେ କହିଲେ କଂଗ୍ରେସର ବରିଷ୍ଠ ନେତା ସୁର ରାଉତରାୟ। ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଆମ ପାଖରେ ଶକ୍ତି, ସଂଗଠନ ଏବଂ ପଇସା ଅଛି। ଲୋକଙ୍କ ସହ ମିଶୁଛୁ। ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଛି। ପୁଣିଥରେ ଏଥର ଜଟଣୀରେ କଂଗ୍ରେସ ଆସିବା ନେଇ ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ମୁଁ ଛାଡି ଦେଇଥିଲି ବୋଲି ୨୦୨୪ ନିର୍ବାଚନରେ କଂଗ୍ରେସ ଜଟଣୀରେ ହାରିଥିଲା। ଏଣିକି ଜଟଣୀରେ କଂଗ୍ରେସ ଆସିବ। ଏଥର ଲୋକ ଚାହିଁଲେ ପୁଣି ନିର୍ବାଚନ ଲଢିବି, ଆଉ ଥରେ ଜଟଣୀରେ କଂଗ୍ରେସ ଆସିବ ବୋଲି ସେ କହିଛନ୍ତି। ଲୋକେ ଚାହିଁଲେ କଂଗ୍ରେସ ଟିକେଟରୁ ଲଢ଼ିବି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୪ ନିର୍ବାଚନ ପୂର୍ବରୁ ସୁର ରାଉତରାୟ ଆଉ ନିର୍ବାଚନ ଲଢ଼ିବେନି ବୋଲି ଘୋଷଣା କରିଥିଲେ। ୮୦ ବର୍ଷ ବୟସରେ ଆଉ ନିର୍ବାଚନ ଲଢ଼ିବା ସମ୍ଭବ ନୁହେଁ। ମୋତେ ପିସିସି ସଭାପତି ଅନୁରୋଧ କରିଥିଲେ ମାତ୍ର ମୁଁ ଆଉ ନିର୍ବାଚନ ଲଢ଼ିବି ନାହିଁ। ମୋର ଦୁଇ ପୁଅ କଂଗ୍ରେସରୁ ହିଁ ନିର୍ବାଚନ ଲଢ଼ିବେ ବୋଲି ସେ କହିଥିଲେ।

## ଧାନ ସଂଗ୍ରହ ପ୍ରସଙ୍ଗରେ ବର୍ଷିଲା ବିଜେଡି

# ପ୍ରତାରଣାରେ ପରିଣତ ହୋଇଛି ସରକାରଙ୍କ ପ୍ରତିଶ୍ରୁତି



**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ରାଜ୍ୟରେ ଧାନକିଣାକୁ ନେଇ ସୃଷ୍ଟି ହୋଇଥିବା ଅଭାବନୀୟ ପରିସ୍ଥିତି ନେଇ ଆଜି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେଡି। ଏହି ପ୍ରସଙ୍ଗରେ ଦଳ ସଭାପତି ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେବାକୁ କହିଥିବା ବେଳେ ଶଙ୍ଖ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ବରିଷ୍ଠ ସାଧାରଣ ସମ୍ପାଦକ ରୋହିତ ପୂଜାରୀ, ଭୃଗୁ ବକ୍ସିପାତ୍ର ବିଜେପି ସରକାର ଚାଷୀମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ପରିବର୍ତ୍ତେ ଏହା ପ୍ରତାରଣାରେ ପରିଣତ ହୋଇଛି ବୋଲି ଅଭିଯାଗ କରିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ଯୋଗୁଁ ଧାନ ସଂଗ୍ରହ କାର୍ଯ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି। ସମୁଦାୟ ୭୩ ଲକ୍ଷ ମେଟ୍ରିକ ଟନ ଖରିଫ୍ ଧାନକିଣା ପାଇଁ ଲକ୍ଷ ଧାର୍ଯ୍ୟ ହୋଇଥିବା ବେଳେ ବର୍ତ୍ତମାନ ୪୧.୯୬ ଲକ୍ଷ ମେଟ୍ରିକ ଟନ ଅର୍ଥାତ ମାତ୍ର ୫୭% ଧାନ ସଂଗ୍ରହ ହୋଇପାରିଛି। ତେଣୁ ରାଜ୍ୟର ଚାଷୀମାନେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇଛନ୍ତି।

ସେହିପରି ଶ୍ରୀ ପୂଜାରୀ କହିଛନ୍ତି ଯେ ପ୍ରତାରଣା ବିଜେପିର ପୁରୁଣା ଅଭ୍ୟାସ। ପ୍ରଧାନମନ୍ତ୍ରୀ ଚାଷୀମାନଙ୍କ ବିକାଶ ପାଇଁ ସ୍ୱାମୀନାଥନ କମିଟି ସୁପାରିସ୍ ଲାଗୁ କରିନଥିବା ବେଳେ ଏବେ ମୋହନ ସରକାର ସମାନ ଧାରାରେ କାର୍ଯ୍ୟ କରୁଛି। ରାଜ୍ୟରେ ଚାଷୀମାନେ ଭୋଗୁଥିବା ସମସ୍ୟାର ସମାଧାନ ପାଇଁ ଶ୍ରୀ ପଟ୍ଟନାୟକ ଦେଇଥିବା ପରାମର୍ଶକୁ ତୁରନ୍ତ ଲାଗୁ କରିବା ସକାଶେ ସେ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଦଳ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହାଛଡ଼ା ଶ୍ରୀ ବକ୍ସିପାତ୍ର ବିଜେପି ମନ୍ତ୍ରୀ ଓ ନେତାମାନେ ଚାଷୀ ଆନ୍ଦୋଳନକୁ ବିରୋଧୀଙ୍କ ଚାଲ୍ ନିଜ ମୁଣ୍ଡରୁ ଦୋଷ ଛଡ଼ାଇପାରିବେ ନାହିଁ ବୋଲି କହିଛନ୍ତି।

# ବେଦାନ୍ତ ପକ୍ଷରୁ କର୍କଟ ସଚେତନତା ଅଭିଯାନ



**ଲାଞ୍ଜିଗଡ଼,୯।୨(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ୍ ଆଲୁମିନିୟମ୍ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ଲାଞ୍ଜିଗଡ଼ ଆଲୁମିନା ବିଶୋଧନ କେନ୍ଦ୍ର ନିକଟସ୍ଥ ଅଞ୍ଚଳରେ ଏକ ବିସ୍ତୃତ ଦୁଇଦିନିଆ କର୍କଟ ସଚେତନତା ଅଭିଯାନ ଆୟୋଜିତ ହୋଇଛି। ଏହି ପଦକ୍ଷେପ ଗ୍ରାମୀଣ ଓଡ଼ିଶା ଓ ଛତିଶଗଡ଼ରେ ରୋଗୀ ଅନୁକୂଳ କର୍କଟ ସେବା ପ୍ରତି କମ୍ପାନି ନିଜର ଦୀର୍ଘସ୍ଥାୟୀ ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହି ଉଦ୍ୟମରେ ୫୦୦ରୁ ଅଧିକ ଲୋକମାନଙ୍କ ମଧ୍ୟରେ ପ୍ରଥମ ଧାଡ଼ିର ଆରୋଗ୍ୟ କର୍ମୀ ଓ ଛାତ୍ରଛାତ୍ରୀ ରହିଥିଲେ ସେମାନେ କର୍କଟ ପ୍ରତିରୋଧ, ପ୍ରାରମ୍ଭିକ ସନ୍ଧାନ ଓ ସୁଲଭ ଚିକିତ୍ସା ପଦ୍ଧତି ବିଷୟରେ ଜ୍ଞାନ ହାସଲ କରିଛନ୍ତି।

ଏହି ଅଭିଯାନର ଅଂଶ ଭାବେ କାଙ୍କେରୀରେ ଏକ ସମ୍ପ୍ରଦାୟ କେନ୍ଦ୍ରିତ ଆଉଟରିଚ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯେଉଁଠି ଅଧିବାସୀମାନେ ଚିକିତ୍ସକଙ୍କ ସହ ଆଲୋଚନା କରି କର୍କଟ ସନ୍ଧାନ, ଚିକିତ୍ସା ଓ ଆରୋଗ୍ୟ ଲାଭ ବିଷୟରେ ଅଧିକ ଜାଣିବାର ସୁଯୋଗ ପାଇଥିଲେ। ଚିକିତ୍ସା ବିଶେଷଜ୍ଞତାକୁ ଜନସାଧାରଣ ସହ ଯୋଡ଼ି ଏହି କାର୍ଯ୍ୟକ୍ରମ ଅଞ୍ଚଳର କେତେକ ଦୁର୍ଗମ ଅଞ୍ଚଳକୁ ଜୀବନରକ୍ଷାକାରୀ ସଚେତନତା ପହଞ୍ଚାଇଛି। ଏହି ଉଦ୍ୟମରେ ଚିକିତ୍ସା ବିଶେଷଜ୍ଞଙ୍କ ନେତୃତ୍ୱରେ ଆଗଧାଡ଼ିର ସ୍ୱାସ୍ଥ୍ୟକର୍ମୀ, ଛାତ୍ରଛାତ୍ରୀ ଓ ସମ୍ପ୍ରଦାୟ ସଦସ୍ୟଙ୍କ ପାଇଁ ନିର୍ଦ୍ଦିଷ୍ଟ ଅଧିବେଶନ ମଧ ଅନ୍ତର୍ଭୁକ୍ତ ଥିଲା। ଲାଞ୍ଜିଗଡ଼ ବ୍ଲକ୍ କାର୍ଯ୍ୟାଳୟରେ ଉଦଘାଟିତ ହୋଇଥିବା ଏହି କାର୍ଯ୍ୟକ୍ରମ ଆଙ୍ଗନବାଡି କର୍ମୀ (ଏଡବ୍ଲ୍ୟୁଡବ୍ଲ୍ୟୁ) ଓ ଆଶାକର୍ମୀଙ୍କ ପାଇଁ ସଚେତନତା ଅଧିବେଶନ ସହ ଆରମ୍ଭ ହୋଇଥିଲା।

# କ୍ଷମତା ନିର୍ମାଣ ଓ ନେତୃତ୍ୱ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ (ଏସ୍‌ଏସ୍‌ଇପିଡି), ବ୍ଲାଇଣ୍ଡ ପିପଲ୍ସ ଆସୋସିଏସନ୍ (ବିପିଏ), ରେଭେନ୍ସା ଭିନ୍ନକ୍ଷମ ଛାତ୍ର ସଂଘ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ମିଳିତ ଭାବେ 'ଦୃଷ୍ଟିହୀନ ଓ ଅଳ୍ପଦୃଷ୍ଟିସମ୍ପନ୍ନ ବ୍ୟକ୍ତିମାନଙ୍କ ପାଇଁ କ୍ଷମତା ନିର୍ମାଣ ଓ ନେତୃତ୍ୱ' ଶୀର୍ଷକ ଏକ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାନୀୟ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଦୃଷ୍ଟିବାଧିତ ବ୍ୟକ୍ତିମାନଙ୍କୁ ଜ୍ଞାନ, ଦକ୍ଷତା ଓ ନେତୃତ୍ୱ ବିକାଶ ମାଧ୍ୟମରେ ସଶକ୍ତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ବିପିଏ ପକ୍ଷରୁ ବିଶିଷ୍ଟ ବ୍ୟକ୍ତିମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ଡ. ଭୂଷଣ ପୁନାନୀ ଦିବ୍ୟାଙ୍ଗଜନ ଅଧିକାର ଆଇନ-୨୦୧୬ ଉପରେ ଆଲୋଚନା କରି ଦିବ୍ୟାଙ୍ଗଜନଙ୍କ ଆଇନଗତ ଅଧିକାର ଓ ସୁବିଧା ସମ୍ପର୍କରେ ସଚେତନତା କରାଇ ଥିଲେ। କାର୍ଯ୍ୟକ୍ରମରେ ଡ. ଭାରତ କୁମାର ଯୋଶୀ, ଡ. ଧର୍ମେନ୍ଦ୍ର ଜେନା ବିଶ୍ୱବିଦ୍ୟାଳୟର କୁଳପତି ଡ. ଚଣ୍ଡୀ ଚରଣ ରଥ, ବିଭାଗୀୟ ଉପସଚିବ ସନ୍ୟାସୀ ବେହେରା, ସିଡବ୍ଲ୍ୟୁଡିଏସ୍‌ର ଅଧ୍ୟକ୍ଷ ମେଜର୍ ଡ. କଳ୍ପନା ଦାସ ଉପସ୍ଥିତ ଥିଲେ।

# ଏନ୍‌ପିଏସ୍‌ର ରାଜ୍ୟବ୍ୟାପୀ ସେବା ସପ୍ତାହ



**ଭୁବନେଶ୍ୱର,୯।୨ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଅର୍ଥ ବିଭାଗ ଅଧୀନସ୍ଥ କୋଷାଗାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କୋଷାଗାର ନଂ-୧ ପକ୍ଷରୁ ରାଷ୍ଟ୍ରୀୟ ପେନସନ୍ ଯୋଜନା (ଏନପିଏସ୍)ର ରାଜ୍ୟବ୍ୟାପୀ ସେବା ସପ୍ତାହ ପାଳନ ଆରମ୍ଭ ହୋଇଛି। ଏନପିଏସ୍‌ରେ ଅନ୍ତର୍ଭୁକ୍ତ ରାଜ୍ୟ ସରକାରଙ୍କ ସମସ୍ତ କର୍ମଚାରୀ ଏବଂ ସଂଲଗ୍ନ ଉଠାଣ ଓ ବିତରଣ ଅଧିକାରୀ (ଡିଡିଓ)ଙ୍କ ନିମନ୍ତେ ଏହି ସେବା ସପ୍ତାହ ପାଳନ ଅବସରରେ ରାଜ୍ୟରେ ଥିବା ସମସ୍ତ କୋଷାଗାରମାନଙ୍କରେ ହେଲ୍ପ ଡେସ୍କ୍ ଖୋଲାଯାଇଛି। ସୂଚନାନୁଯାୟୀ, ଆଜିଠାରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଏନ୍‌ପିଏସ୍‌ର ରାଜ୍ୟବ୍ୟାପୀ ସେବା ସପ୍ତାହ ପାଳନ କରାଯିବ।

# ବିଜେପି ସରକାର ପ୍ରତିଶ୍ରୁତି ପାଳନ କରିବାକୁ ଅକ୍ଷମ: କଂଗ୍ରେସ




**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ରାଜ୍ୟର ବିଜେପି ସରକାର ବିଭିନ୍ନ ଯୋଜନା ଓ ନିୟମ ଘୋଷଣା କରି ଜନତାଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛି ଏବଂ ଏହି ସରକାର ରାଜ୍ୟବାସୀଙ୍କୁ ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିବାରେ ଅକ୍ଷମ ବୋଲି ଅଭିଯୋଗ କରିଛି କଂଗ୍ରେସ। ଆଜି କଂଗ୍ରେସ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସିର ବରିଷ୍ଠ ମୁଖପାତ୍ର ସୋନାଲି ସାହୁ ମୋହନ ସରକାରଙ୍କୁ ଏକ ଭୟଗ୍ରସ୍ତ ୟୁ-ଟର୍ଣ୍ଣର ସରକାର ବୋଲି କହିଛନ୍ତି। ସେ କହିଛନ୍ତି ଯେ ଗତ ୧୯ ମାସରେ ବିଜେପି ସରକାର ଅନେକ ପ୍ରତିଶ୍ରୁତି ପୂରଣ କରିଛି ବୋଲି ଡିଣ୍ଡିମ ପିଟୁଛି। କିନ୍ତୁ ବାସ୍ତବତା ଏହାଠାରୁ ସମ୍ପୂର୍ଣ୍ଣ ଭିନ୍ନ। କାରଣ ସରକାର ରତ୍ନଭଣ୍ଡାରର ଗଣତିମଣତି ପ୍ରସଙ୍ଗରେ ଏବେ ବି ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ତା'ଛଡ଼ା ନିଜେ ନେଉଥିବା ନିଷ୍ପତ୍ତିରେ ଅଟଳ ରହିନପାରି ପରବର୍ତ୍ତୀ ସମୟରେ ୟୁ-ଟର୍ଣ୍ଣ ନେଉଛନ୍ତି। କଲେଜମାନଙ୍କରେ ଛାତ୍ର ସଂଘ ନିର୍ବାଚନ କରିବାରେ ବି ଅସମର୍ଥ ହୋଇଛନ୍ତି। ବରଂ ୧୯ ମାସରେ ୧୯ ପରୀକ୍ଷା ବାତିଲ୍ କରି ବିଜେପି ସରକାର ଅଲୋଡ଼ା ରେକର୍ଡ କରିଛନ୍ତି। ଆହୁରି ୩୦୦ ୟୁନିଟ ବିଜୁଳି ମାଗଣା ପ୍ରତିଶ୍ରୁତି ଏବେ ବି ପୂରଣହୋଇ ନାହିଁ। ବରଂ ସ୍ମାର୍ଟ ମିଟର ନାଁରେ ଟାଟା ପାୱାର୍ ନିଜ ମନମାନୀ କରିଚାଲିଛି। ସରକାର ଉକ୍ତ ଲୁଟେରା କମ୍ପାନୀ ପାଇଁ ୭୫୦ କୋଟି ଟଙ୍କାର ବ୍ୟବସ୍ଥା ବି କରିଛନ୍ତି। ଆଗୁଆ ପଞ୍ଚାୟତ ନିର୍ବାଚନ କରିବା ପାଇଁ ସଚିବ ମନା କଲେ। ତାକୁ ସରକାର ଗ୍ରହଣ କରିଥିବାରୁ ବାସ୍ତବରେ ରାଜ୍ୟରେ କିଏ ଶାସନ କରୁଛି, ତା' ବୁଝାପଡୁନାହିଁ। ସରକାର ମାଳ ମାଳ ଯୋଜନା ଘୋଷଣା କରୁଥିଲେ ହେଁ କିଛି ଦିନ ପରେ ୟୁଟର୍ଣ୍ଣ ମାରୁଛନ୍ତି। ତେଣୁ ବିଜେପି ସରକାର ରାଜ୍ୟ ଶାସନ ଚଳାଇବାରେ ଅସମର୍ଥ ବୋଲି ଘୋଷଣା କରିବାକୁ ଶ୍ରୀମତୀ ସାହୁ ଦାବି କରିଛନ୍ତି। ସେହିପରି ସାମ୍ବାଦିକ ସମ୍ମିଳନୀ ଉପସ୍ଥିତ ଅନ୍ୟତମ ମୁଖପାତ୍ର ଡ. ମନୀଷା ଦାସ ପଟ୍ଟନାୟକ ବର୍ତ୍ତମାନର ବିଜେପି ସରକାରକୁ 'ରିଲ୍ସ ସରକାର' ବୋଲି କହିଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ


SANCHAR
ସଂଚାର




# ୪୮ ପାର୍ କରିବ ତାତି

ଭାରତର ଗ୍ରୀଷ୍ମଋତୁ ସବୁବେଳେ ଗରମ ହୋଇଥାଏ, କିନ୍ତୁ ଏହି ବର୍ଷ ପରିସ୍ଥିତି ଅଧିକ ଭୟାବହ ହେବାକୁ ଯାଉଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପୂର୍ବାନୁମାନ କରିଛି ଯେ ଏପ୍ରିଲରୁ ଜୁନ ମାସ ପର୍ଯ୍ୟନ୍ତ ଅଧିକାଂଶ ଅଞ୍ଚଳରେ ତାପମାତ୍ରା ସାଧାରଣତଃ ଅପେକ୍ଷାକୃତ ଅଧିକ ରହିବ। ବିଶେଷକରି ଉତ୍ତର-ପଶ୍ଚିମ, ମଧ୍ୟ ଓ ପୂର୍ବ ଭାରତରେ ହିଟ୍‌ୱେଭ୍ (ତାପ ଲହରୀ) ଦିନର ସଂଖ୍ୟା ସ୍ୱାଭାବିକଠାରୁ ଅଧିକ ହେବ। କେତେକ ଅଞ୍ଚଳରେ ୭-୮ଟି ଅଧିକ ହିଟ୍‌ୱେଭ୍ ଦିନ ଦେଖାଯିବାର ଆଶଙ୍କା ରହିଛି। ଏହା କେବଳ ଏକ ପାଣିପାଗ ଘଟଣା ନୁହେଁ, ବରଂ ଜଳବାୟୁ ପରିବର୍ତ୍ତନର ଏକ ସ୍ପଷ୍ଟ ସଂକେତ।

ଗତ କିଛି ବର୍ଷ ଧରି ଭାରତରେ ଗ୍ରୀଷ୍ମଋତୁର ତୀବ୍ରତା ବଢ଼ିବାରେ ଲାଗିଛି। ୨୦୨୫ରେ ଫେବୃଆରୀ ମାସ ଶେଷ ୧୨୫ ବର୍ଷ ମଧ୍ୟରେ ସବୁଠାରୁ ଗରମ ଓ ଶୁଖିଲା ଥିଲା। ରାତିର ତାପମାତ୍ରା ମଧ୍ୟ ସାଧାରଣଠାରୁ ୩-୫ ଡିଗ୍ରୀ ଅଧିକ ରହିଥିଲା। ଏପ୍ରିଲ ମାସରେ ହିଁ ଦିଲ୍ଲୀରେ ୪୦ ଡିଗ୍ରୀରୁ ଅଧିକ ତାପମାତ୍ରା ରେକର୍ଡ ହୋଇସାରିଛି, ଯାହା ସାଧାରଣତଃ ମଧ-ମେ'ରେ ହୁଏ। ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର ଆଦି ରାଜ୍ୟରେ ତାପମାତ୍ରା ୪୫ ଡିଗ୍ରୀ ପାର୍ କରିବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ୪୮ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚିବାର ଆଶଙ୍କା କରାଯାଉଛି, ଯାହା ମାନବ ଶରୀର ପାଇଁ ବିପଦଜନକ।




ଏହି ଅତ୍ୟଧିକ ଗରମର ପ୍ରଭାବ ବହୁମୁଖୀ। ସର୍ବପ୍ରଥମେ ସ୍ୱାସ୍ଥ୍ୟ ଉପରେ ବିପଦ। ହିଟ୍‌ଷ୍ଟ୍ରୋକ୍, ଡିହାଇଡ୍ରେସନ୍, ହୃଦ୍‌ରୋଗ ଓ ଶ୍ୱାସକଷ୍ଟ ଭଳି ସମସ୍ୟା ବଢ଼ିବ। ବୟସ୍କ, ଶିଶୁ ଓ ଶ୍ରମିକ ଶ୍ରେଣୀ ସବୁଠାରୁ ଅଧିକ ପ୍ରଭାବିତ ହେବେ। ଗ୍ରାମାଞ୍ଚଳରେ ଯେଉଁମାନେ ଖୋଲା ଆକାଶ ତଳେ କାମ କରନ୍ତି, ସେମାନଙ୍କ ପାଇଁ ଏହା ଜୀବନ ବିପଦ। ଦ୍ୱିତୀୟତଃ ଜଳ ସଙ୍କଟ। ନଦୀ, କୁଅ ଓ ଜଳାଶୟର ଜଳସ୍ତର ହ୍ରାସ ପାଇବ, ଯାହା ପାନୀୟ ଜଳ ଓ ଚାଷକୁ ପ୍ରଭାବିତ କରିବ। ବିଦ୍ୟୁତ୍ ଚାହିଦା ବଢ଼ିବାରୁ ବିଜୁଳି କଟ୍ ହେବାର ଆଶଙ୍କା ରହିଛି। କୃଷି ଉପରେ ପ୍ରଭାବ ପଡ଼ିବ – ଫସଲ ନଷ୍ଟ, ପଶୁମାନଙ୍କର ମୃତ୍ୟୁ ବଢ଼ିବ। ଅର୍ଥନୀତିରେ ମଧ୍ୟ କ୍ଷତି ହେବ, କାରଣ ଶ୍ରମ ଉତ୍ପାଦନଶୀଳତା ହ୍ରାସ ପାଇବ।

ଜଳବାୟୁ ପରିବର୍ତ୍ତନ ଏହାର ମୂଳ କାରଣ। ମନୁଷ୍ୟ କାରିତ ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମ ଯୋଗୁଁ ବିଶ୍ୱବ୍ୟାପୀ ତାପମାତ୍ରା ବଢ଼ୁଛି। ଭାରତରେ ହିଟ୍‌ୱେଭ୍ ଅଧିକ ଘଟଣାବହୁଳ, ଦୀର୍ଘକାଳୀନ ଓ ତୀବ୍ର ହେଉଛି। ଆଇପିସିସି ରିପୋର୍ଟ ଅନୁଯାୟୀ ଭବିଷ୍ୟତରେ ଏହା ଆହୁରି ଖରାପ ହେବ। ଏହା ଏକ ସତର୍କବାଣୀ – ଆମେ ଯଦି କାର୍ବନ ନିର୍ଗମ କମାଇବାକୁ ପଦକ୍ଷେପ ନ ନେବୁ, ତେବେ ଏହି ଗରମ ନୂଆ ସ୍ୱାଭାବିକ ହୋଇଯିବ। ଏହି ପରିସ୍ଥିତିରେ ଆମର କର୍ତ୍ତବ୍ୟ କ'ଣ? ସରକାରଙ୍କୁ ହିଟ ଆକ୍ସନ ପ୍ଲାନ କଡ଼ାକଡ଼ି କରିବାକୁ ପଡ଼ିବ – ସ୍କୁଲ୍, କାର୍ଯ୍ୟାଳୟରେ ଛୁଟି, ଶ୍ରମିକଙ୍କ ପାଇଁ ସୁରକ୍ଷା, ଜଳ ସଂରକ୍ଷଣ। ବ୍ୟକ୍ତିଗତ ସ୍ତରରେ ପାଣି ଅଧିକ ପିଇବା, ରୌଦ୍ରେ ନ ଯିବା, ହାଲୁକା ବସ୍ତ୍ର ପିନ୍ଧିବା, ଗଛ ଲଗାଇବା ଆଦି କରିବା ଦରକାର। ସମ୍ପ୍ରଦାୟ ଭାବେ ଛାୟା ସ୍ଥାନ ତିଆରି, ପାଣି ବଣ୍ଟନ କେନ୍ଦ୍ର ଖୋଲିବା ଜରୁରୀ।

ଏହି ଗରମ କେବଳ ଋତୁର ଅଂଶ ନୁହେଁ, ଏହା ଆମର ଭବିଷ୍ୟତର ଚିତ୍ର। ଯଦି ଆମେ ଏବେ ନ ଜାଗ୍ରତ ହେଲୁ, ତେବେ ଆଗାମୀ ଗ୍ରୀଷ୍ମଋତୁଗୁଡ଼ିକ ଆହୁରି ଅସହ୍ୟ ହେବ। ଆସନ୍ତୁ ସଚେତନ ହେଉ, ସଂରକ୍ଷଣ କରିବାରେ ଅଗ୍ରଣୀ ହେଉ ଏବଂ ପରିବେଶ ସମ୍ମତ ଜୀବନଶୈଳୀ ଗ୍ରହଣ କରିବାକୁ ପ୍ରତିଜ୍ଞା କରିବା। କାରଣ ଗରମରୁ ରକ୍ଷା ପାଇବା ଆମର ଅଧିକାର ତଥା ଦାୟିତ୍ୱ ଉଭୟ।

# ବିବାହ: ସଂସ୍କାରରୁ ପ୍ରଦର୍ଶନ

**ହୃଷୀକେଶ ପାଣିଗ୍ରାହୀ**



ବିବାହ କେବଳ ଏକ ସାମାଜିକ ପ୍ରଥା ନୁହେଁ, ବରଂ ଏହା ଦୁଇଟି ମନ ଏବଂ ଦୁଇଟି ପରିବାରର ପବିତ୍ର ମିଳନ। ହିନ୍ଦୁ ଦର୍ଶନ ଅନୁଯାୟୀ, ବିବାହ ହେଉଛି ୧୬ ସଂସ୍କାର ମଧ୍ୟରୁ ଏକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର। ଏହା ବ୍ରହ୍ମଚର୍ଯ୍ୟ ଆଶ୍ରମରୁ ଗୃହସ୍ଥ ଆଶ୍ରମକୁ ପ୍ରବେଶ କରିବାର ଏକ ଦ୍ୱାର। ଶାସ୍ତ୍ରୀୟ ମାନ୍ୟତା ଅନୁଯାୟୀ ବିବାହ ପରେ ହିଁ ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ହୁଏ ଏବଂ ଦେବର୍ଷି ତଥା ପିତୃଋଣରୁ ମୁକ୍ତି ପାଇଁ ଯୋଗ୍ୟ ବିବେଚିତ ହୁଏ। ବିବାହରେ ଅଗ୍ନି ଏବଂ ଦଶ ଦିଗପାଳଙ୍କୁ ସାକ୍ଷୀ ରଖି ସାତୋଟି ଶପଥ (ସପ୍ତପଦୀ) ନେବା କେବଳ ଏକ ପ୍ରଥା ନୁହେଁ ବରଂ, ଏହି ମନ୍ତ୍ରଗୁଡ଼ିକରେ ସମାଜର ସନ୍ତୁଳନ, ପରିବାର ପ୍ରତି ଦାୟିତ୍ୱ ଏବଂ ପରସ୍ପର ପ୍ରତି ସମ୍ମାନ ପ୍ରଦାନ କରିବା ମୁଖ୍ୟ ଉଦ୍ଦେଶ୍ୟ। ସମୟ ବଦଳିବା ସହ ବିବାହର ରୂପରେଖ ମଧ୍ୟ ବଦଳି ଯାଇଛି। ଚାଲନ୍ତୁ ସମୟ ଯାତ୍ରାରେ ଆଉ ଥରେ ଅନୁଭବ କରିବାକୁ ଚେଷ୍ଟା କରିବା ଅତୀତର ସେହି ବିବାହ ଉତ୍ସବକୁ।

ଅଧଶତାବ୍ଦୀ ପୂର୍ବରୁ ବିବାହ ଥିଲା ସମ୍ପର୍କର ଏକ ଜୀବନ୍ତ ଉତ୍ସବ। ସେତେବେଳେ ପ୍ରଥମେ ଚିଠି ମାଧ୍ୟମରେ ନିମନ୍ତ୍ରଣ ଯାଉଥିଲା ଏବଂ ସମ୍ପର୍କୀୟମାନେ ବିବାହର ସପ୍ତାହେ ପୂର୍ବରୁ ଆସି ଘରେ ପହଞ୍ଚୁଥିଲେ। ଗାଁ ଦାଣ୍ଡରେ ଶୁଭୁଥିଲା ଶଙ୍ଖର ପବିତ୍ର ନାଦ ଏବଂ ମାହୁରିର ସୁମଧୁର ସ୍ୱର। କନ୍ୟା ଘରକୁ ବରଯାତ୍ରୀ ଯିବା ପାଇଁ ପାଲିଙ୍କି ବା ବଳଦ ଗାଡ଼ିର ବ୍ୟବହାର ହେଉଥିଲା। ରାସ୍ତାରେ ବରଯାତ୍ରୀ ଦଳ ଯିବା ବେଳେ ଲୋକେ ଶ୍ରଦ୍ଧାରେ ଚାହିଁ ରହୁଥିଲେ। ଲାଇଟ୍‌ର ଚକଚକ୍ୟ ନଥିଲା, ବରଂ ଲଣ୍ଠନ ଓ ମଶାଲର ସ୍ନିଗ୍ଧ ଆଲୋକରେ ବେଦୀ ସଜାଯାଉଥିଲା।

ସେତେବେଳେ ବିବାହର ପ୍ରତିଟି କାର୍ଯ୍ୟରେ ଯନ୍ତ୍ର ଅପେକ୍ଷା ହୃଦୟର ସ୍ପର୍ଶ ଅଧିକ ଥିଲା। କାନ୍ଥରେ ପିଠଉର ଝୋଟି, ଦୁଆର ମୁହଁରେ ସଜା ହୋଇଥିବା କଦଳୀ ଗଛ ଏବଂ ଆମ୍ବ ପତ୍ରର ମାଳ କୌଣସି ଦାମୀ ଡେକୋରେସନ୍‌ଠାରୁ ଅଧିକ ଜୀବନ୍ତ ଲାଗୁଥିଲା। ଗାଁର ମହିଳାମାନଙ୍କ ହୁଳହୁଳି ଓ ପାରମ୍ପରିକ ବିବାହ ଗୀତରେ କୃତ୍ରିମତା ନଥିଲା, ଥିଲା କେବଳ ନିଛକ ଅନୁଭୂତି। ପୁରୁଖା ଲୋକଙ୍କ ଶୃଙ୍ଖଳା ଭିତରେ ବିବାହ ବେଦୀ ଋଷି ଆଶ୍ରମ ପରି ପବିତ୍ର ମନେ ହେଉଥିଲା। ଖାଦ୍ୟ କହିଲେ ଅରୁଆ ଭାତ, ଡାଲମା ଓ ଖଟା, ମାତ୍ର ସେଥିରେ ଥିଲା ପରଷିବାର ଆତ୍ମୀୟତା। ଗରିବ-ଧନୀ ସମସ୍ତେ ଗୋଟିଏ ପଙ୍କ୍ତିରେ ବସି ଭୋଜନ କରୁଥିଲେ। ପାଲିଙ୍କିରେ ବସି କନ୍ୟାର ବିଦାୟ ବେଳେ ଗାଁ ଦାଣ୍ଡର ପ୍ରତିଟି ଆଖି ଲୁହରେ ଓଦା ହୋଇଯାଇଥିଲା, ଯାହା ପ୍ରମାଣ କରୁଥିଲା ଯେ ସମ୍ପର୍କର ମୂଲ୍ୟ ଟଙ୍କା ଅପେକ୍ଷା କେତେ ଅଧିକ।

ଆଜିର ବିବାହ ଏକ ସାମାଜିକ ସଂସ୍କାର ପରିବର୍ତ୍ତେ "ଅର୍ଥ ଓ ଅହଙ୍କାରର ଶକ୍ତି ପ୍ରଦର୍ଶନ" ପାଲଟିଛି। ଆଧୁନିକତାର ଆଳରେ ଆମେ ନିଜ ସଂସ୍କୃତିକୁ ଜଳାଞ୍ଜଳି ଦେଉଛୁ। ବରଯାତ୍ରୀରେ ବାଜୁଥିବା ବିକଟାଳ ଡିଜେ ଶବ୍ଦ କେବଳ ଶବ୍ଦ ପ୍ରଦୂଷଣ କରୁନାହିଁ, ବରଂ ଘରେ ଥିବା ବୃଦ୍ଧ ଓ ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଆତସବାଜି ବାୟୁ ପ୍ରଦୂଷଣ କରିବା ସହ ରାସ୍ତାକୁ ଅପରିଷ୍କାର କରୁଛି। ମଦ୍ୟପାନ କରି ଅସଭ୍ୟ ନୃତ୍ୟ ଏବଂ ଦ୍ୱିଅର୍ଥବୋଧକ ଗୀତ ବିବାହର ପବିତ୍ରତାକୁ ନଷ୍ଟ କରୁଛି। ବରଯାତ୍ରୀଙ୍କ ଗାଡ଼ି ଯୋଗୁଁ ଟ୍ରାଫିକ୍ ଜାମ ହେଉଛି, ଯାହା ଫଳରେ ଗୁରୁତର ରୋଗୀଙ୍କୁ ନେଇ ଯାଉଥିବା ଆମ୍ବୁଲାନ୍ସ ମଧ୍ୟ ଫସି ରହୁଛି। ନିର୍ବନ୍ଧ ଏବେ 'WEDDING ଆଉ PRE-WEDDING VIDEO SHOOTING' ରେ ସୀମିତ ହୋଇ ରହିଯାଇଛି। ଭୋଜିରେ ୫୦ ପ୍ରକାରର ଖାଦ୍ୟ କରି ଅର୍ଥ ଓ ଖାଦ୍ୟଶସ୍ୟର ବ୍ୟାପକ ଅପଚୟ କରାଯାଉଛି। ବିବାହରେ ଚୋରି ବିଦ୍ୟୁତ୍‌ରେ ଆଲୋକସଜ୍ଜା କରିବା ଆଜିର ଏକ କୁତ୍ସିତ ଅଭ୍ୟାସରେ ପରିଣତ ହୋଇଛି।

ପରିବର୍ତ୍ତନ ସଂସାରର ନିୟମ, କିନ୍ତୁ ପରିବର୍ତ୍ତନ ଯଦି ବିନାଶକାରୀ ହୁଏ, ତେବେ ତାହା ଗ୍ରହଣୀୟ ନୁହେଁ। ବିବାହରେ ଆଧୁନିକତା ରହୁ, କିନ୍ତୁ ତାହା ଯେପରି ଅନ୍ୟକୁ କଷ୍ଟ ନଦିଏ। ବିବାହର ପବିତ୍ରତା ଏବଂ ସାମାଜିକ ମୂଲ୍ୟବୋଧକୁ ଫେରାଇ ଆଣିବା ଆଜିର ଯୁବପିଢ଼ିର ଦାୟିତ୍ୱ। ସମାଜର ହିତ ପାଇଁ ଆମକୁ ଅତିଶୟ ପ୍ରଦର୍ଶନ ମନୋବୃତ୍ତି ତ୍ୟାଗ କରିବାକୁ ପଡ଼ିବ।


**ସହକାରୀ ପ୍ରାଧ୍ୟାପକ**
**ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର**
**ମୋବାଇଲ୍: ୮୨୪୯୫୮୬୨୦୭**




# ସନାତନ ଧର୍ମରେ ମାସ, ପକ୍ଷ ଓ ତିଥିର ଗୁରୁତ୍ୱ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ଭାରତୀୟ ସଂସ୍କୃତିର ବିଶାଳ ଏବଂ ସ୍ପନ୍ଦନଶୀଳ ଇତିହାସରେ, ତିଥିଗୁଡ଼ିକ ଏକ ଅନନ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ। ଚନ୍ଦ୍ର ଦିବସ କୁହାଯାଉଥିବା ତିଥିଗୁଡ଼ିକ ହିନ୍ଦୁ କ୍ୟାଲେଣ୍ଡରର ମୂଳଦୁଆ ଏବଂ ଧାର୍ମିକ ପ୍ରଥା ଏବଂ ପରମ୍ପରା ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତିଥିର ଧାରଣା ପୃଥିବୀ, ଚନ୍ଦ୍ର ଏବଂ ସୂର୍ଯ୍ୟଙ୍କ ମଧ୍ୟରେ ଜଟିଳ ସମ୍ପର୍କରୁ ଉତ୍ପନ୍ନ ହୋଇଛି। ପ୍ରତ୍ୟେକ ଚନ୍ଦ୍ର ଦିନ, ପ୍ରାୟ 24 ଘଣ୍ଟା ଧରି, ଚନ୍ଦ୍ରର ବୃଦ୍ଧି କିମ୍ବା ହ୍ରାସ ଚକ୍ରର ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟାୟକୁ ପ୍ରତିନିଧିତ୍ୱ କରେ। ହିନ୍ଦୁମାନେ ଏକ ଚନ୍ଦ୍ର ପକ୍ଷରେ 15 ତିଥି ପାଳନ କରନ୍ତି, ଯାହା ମଧ୍ୟରୁ ପ୍ରତ୍ୟେକର ନିଜସ୍ୱ ଅନନ୍ୟ ବୈଶିଷ୍ଟ୍ୟ ଏବଂ ଆଧ୍ୟାତ୍ମିକ ଗୁରୁତ୍ୱ ଅଛି। ତିଥି ବିଭିନ୍ନ ଧାର୍ମିକ ରୀତିନୀତି ଏବଂ ଉତ୍ସବ ପାଇଁ ଏକ ମାର୍ଗଦର୍ଶିକା ଭାବରେ କାର୍ଯ୍ୟ କରେ। ଭକ୍ତମାନେ ପ୍ରତ୍ୟେକ ତିଥି ସହିତ ଜଡ଼ିତ ନିର୍ଦ୍ଦିଷ୍ଟ ରୀତିନୀତି ଏବଂ ଉତ୍ସବ ପାଳନ କରନ୍ତି। ଉଦାହରଣ ସ୍ୱରୂପ, କିଛି ତିଥିକୁ ପୂଜା, ତୀର୍ଥଯାତ୍ରା କିମ୍ବା ନୂତନ କାର୍ଯ୍ୟ ଆରମ୍ଭ କରିବା ପାଇଁ ବିଶେଷ ଭାବରେ ଶୁଭ ବୋଲି ବିବେଚନା କରାଯାଏ। ବିପରୀତରେ, କିଛି ତାରିଖକୁ ଏପରି କାର୍ଯ୍ୟକଳାପ ପାଇଁ କମ୍ ଅନୁକୂଳ ବୋଲି ବିବେଚନା କରାଯାଇପାରେ। ହିନ୍ଦୁ କ୍ୟାଲେଣ୍ଡର ଯାହାକୁ ପଞ୍ଜାଙ୍ଗ ମଧ୍ୟ କୁହାଯାଏ, ଯାହା ଭାରତରେ ଶତାବ୍ଦୀ ଧରି ବ୍ୟବହୃତ ଏକ ଲୁନିସୋଲାର କ୍ୟାଲେଣ୍ଡର। ଏହା ସୌର ଏବଂ ଚନ୍ଦ୍ରଚକ୍ର ଉପରେ ଆଧାରିତ ଧାର୍ମିକ ରୀତିନୀତି, ପର୍ବପର୍ବାଣୀ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଘଟଣା ପାଇଁ ଶୁଭ ଦିନ ନିର୍ଣ୍ଣୟ କରେ। ହିନ୍ଦୁ କ୍ୟାଲେଣ୍ଡରର ଦୁଇଟି ମୁଖ୍ୟ ଅଂଶ ଅଛି: ସୌର ବର୍ଷ ଏବଂ ଚନ୍ଦ୍ର ବର୍ଷ। ସୌର ବର୍ଷ ହେଉଛି ସୂର୍ଯ୍ୟ ଚାରିପାଖରେ ପୃଥିବୀର ପରିକ୍ରମା, ଯାହାକୁ ୧୨ ମାସରେ ବିଭକ୍ତ କରାଯାଇଛି । ଚନ୍ଦ୍ର ବର୍ଷ ହେଉଛି ପୃଥିବୀ ଚାରିପାଖରେ ଚନ୍ଦ୍ରର ପରିକ୍ରମା, ଯାହାକୁ ୧୨ ମାସରେ ମଧ୍ୟ ବିଭକ୍ତ କରାଯାଇଛି। ହିନ୍ଦୁ କ୍ୟାଲେଣ୍ଡର ଏକ ଜଟିଳ ପ୍ରଣାଳୀ, କିନ୍ତୁ ଏହା ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ। ଏହା ଧାର୍ମିକ ରୀତିନୀତି, ପର୍ବପର୍ବାଣୀ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଘଟଣା ପାଇଁ ଶୁଭ ଦିନ ନିର୍ଣ୍ଣୟ କରେ। ଏହା ଦୀପାବଳି, ହୋଲି ଏବଂ ନବରାତ୍ରି ଭଳି ହିନ୍ଦୁ ପର୍ବପର୍ବାଣୀ ପାଇଁ ବର୍ଷର ସମୟ ମଧ୍ୟ ନିର୍ଣ୍ଣୟ କରେ।

ହିନ୍ଦୁ ଶାସ୍ତ୍ର ଅନୁସାରେ ଏକ ମାସ ତାରିଖ କୁ ଦୁଇ ପକ୍ଷ ରେ ବିଭକ୍ତ କରାଯାଇଛି। ଶୁକ୍ଳ ପକ୍ଷ ଏବଂ କୃଷ୍ଣ ପକ୍ଷ। ଶୁକ୍ଳ ପକ୍ଷ ଚନ୍ଦ୍ର ପର୍ଯ୍ୟାୟ ଅନୁସାରେ। ଶୁକ୍ଳ ପକ୍ଷ ସମୟରେ, ଚନ୍ଦ୍ର ଅମାବାସ୍ୟାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଅଗ୍ରସର ହୁଏ। ଏହି ପର୍ଯ୍ୟାୟକୁ ସାଧାରଣତଃ ବିଭିନ୍ନ କାର୍ଯ୍ୟ ପାଇଁ ଶୁଭ ବୋଲି ବିବେଚନା କରାଯାଏ। ଏହି ପର୍ଯ୍ୟାୟର ପ୍ରମୁଖ ତାରିଖ ଗୁଡ଼ିକ ଆରମ୍ଭ କରାଯାଏ , ଯଥା - ପ୍ରତିପଦ: ପ୍ରଥମ ଚନ୍ଦ୍ର ଦିବସ, ପ୍ରାୟତଃ ନୂତନ ଆରମ୍ଭ ଏବଂ ନୂତନ ଆରମ୍ଭ ସହିତ ଜଡ଼ିତ। ଦ୍ୱିତୀୟା : ଦ୍ୱିତୀୟ ଚନ୍ଦ୍ର ଦିବସ ନୂତନ ଉଦ୍ୟମ ଆରମ୍ଭ କରିବା ପାଇଁ ଅନୁକୂଳ। ତୃତୀୟା : ତୃତୀୟ ଚନ୍ଦ୍ର ଦିବସ, ପ୍ରାୟତଃ ଧନ ଏବଂ ସମୃଦ୍ଧି ସହିତ ଜଡ଼ିତ। ଚତୁର୍ଥୀ: ଭଗବାନ ଗଣେଶଙ୍କ ସହିତ ଜଡ଼ିତ ଚତୁର୍ଥ ଚନ୍ଦ୍ର ଦିବସ, ବାଧା ଦୂର କରିବା ପାଇଁ ଜଣାଶୁଣା। ପଞ୍ଚମୀ: ପଞ୍ଚମ ଚନ୍ଦ୍ର ଦିବସ, ସର୍ପ ଦେବତାଙ୍କ ସହିତ ଜଡ଼ିତ ଏବଂ ପ୍ରାୟତଃ ସର୍ପ ପୂଜା ପାଇଁ ପାଳିତ ହୁଏ। ଷଷ୍ଠୀ: ଷଷ୍ଠ ଚନ୍ଦ୍ର ଦିବସ, ଯୁଦ୍ଧର ଦେବତା ଭଗବାନ କାର୍ତ୍ତିକେୟଙ୍କ ସହିତ ଜଡ଼ିତ। ସପ୍ତମୀ: ସପ୍ତମ ଚନ୍ଦ୍ର ଦିବସ, ସୂର୍ଯ୍ୟ ଦେବତାଙ୍କ ସହିତ ଜଡ଼ିତ। ଅଷ୍ଟମୀ: ଅଷ୍ଟମ ଚନ୍ଦ୍ର ଦିବସ, ପ୍ରାୟତଃ ଭଗବାନ କୃଷ୍ଣଙ୍କ ପାଇଁ ଉତ୍ସର୍ଗୀକୃତ। ନବମୀ: ନବମ ଚନ୍ଦ୍ର ଦିବସ, ଦିବ୍ୟ ନାରୀ ଶକ୍ତି, ଦେବୀଙ୍କ ସହିତ ଜଡ଼ିତ। ଦଶମୀ: ଦଶମ ଚନ୍ଦ୍ର ଦିବସ, ପ୍ରାୟତଃ ଦୁର୍ଗା ପୂଜା ପାଇଁ ପାଳିତ ହୁଏ, ଦେବୀ ଦୁର୍ଗାଙ୍କୁ ସମ୍ମାନ ଜଣାଇବା ପାଇଁ ଏକ ପ୍ରମୁଖ ଉତ୍ସବ। ଏକାଦଶୀ: ଏକାଦଶୀ ଚନ୍ଦ୍ର ଦିନ ଅନେକ ହିନ୍ଦୁଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉପବାସ ଦିନ। ଦ୍ୱାଦଶୀ: ଦ୍ୱାଦଶୀ ଚନ୍ଦ୍ର ଦିନ, ପ୍ରାୟତଃ ବିଷ୍ଣୁ ଏବଂ ଲକ୍ଷ୍ମୀଙ୍କ ସହିତ ଜଡ଼ିତ। ତ୍ରୟୋଦଶୀ: ତ୍ରୟୋଦଶୀ ଚନ୍ଦ୍ର ଦିନ, ଭଗବାନ ଶିବଙ୍କ ସହିତ ଜଡ଼ିତ। ଚତୁର୍ଦ୍ଦଶୀ: ଚତୁର୍ଦ୍ଦଶୀ ଚନ୍ଦ୍ର ଦିନ, ପ୍ରାୟତଃ ପ୍ରମୁଖ ପର୍ବପର୍ବାଣୀ ପାଇଁ ପ୍ରସ୍ତୁତିର ଦିନ ଭାବରେ ପାଳନ କରାଯାଏ। ପୂର୍ଣ୍ଣିମା: ପଞ୍ଚଦଶ ଚନ୍ଦ୍ର ଦିନ, କିମ୍ବା ପୂର୍ଣ୍ଣିମା, ବିଭିନ୍ନ ରୀତିନୀତି ଏବଂ ପ୍ରାର୍ଥନା ପାଇଁ ଅତ୍ୟନ୍ତ ଶୁଭ ଏହାପରେ କୃଷ୍ଣ



ପକ୍ଷ :କ୍ଷୟ ଚନ୍ଦ୍ର ପର୍ଯ୍ୟାୟ ଅନୁସାରେ। କୃଷ୍ଣ ପକ୍ଷ ସମୟରେ, ଚନ୍ଦ୍ରର ଆକାର ପୂର୍ଣ୍ଣିମାରୁ ଅମାବାସ୍ୟା ପର୍ଯ୍ୟନ୍ତ ହ୍ରାସ ପାଏ। ଯଦିଓ ଏହି ପର୍ଯ୍ୟାୟକୁ ସାଧାରଣତଃ କମ୍ ଶୁଭ ବୋଲି ବିବେଚନା କରାଯାଏ, କିଛି ତାରିଖ ଗୁରୁତ୍ୱପୂର୍ଣ୍ଣ। ପ୍ରତିପଦ: ହ୍ରାସ ପର୍ଯ୍ୟାୟର ପ୍ରଥମ ଚନ୍ଦ୍ର ଦିବସ। ଦ୍ୱିତୀୟା : ହ୍ରାସ ପର୍ଯ୍ୟାୟର ଦ୍ୱିତୀୟ ଚନ୍ଦ୍ର ଦିବସ। ତୃତୀୟା: ହ୍ରାସ ପର୍ଯ୍ୟାୟର ତୃତୀୟ ଚନ୍ଦ୍ର ଦିବସ। ଚତୁର୍ଥୀ: ହ୍ରାସ ପର୍ଯ୍ୟାୟର ଚତୁର୍ଥ ଦିନ, ପ୍ରାୟତଃ ଭଗବାନ ଗଣେଶଙ୍କ ସହିତ ଜଡ଼ିତ। ପଞ୍ଚମୀ: ହ୍ରାସ ପର୍ଯ୍ୟାୟର ପଞ୍ଚମ ଚନ୍ଦ୍ର ଦିବସ। ଷଷ୍ଠୀ: ହ୍ରାସ ପର୍ଯ୍ୟାୟର ଷଷ୍ଠ ଚନ୍ଦ୍ର ଦିବସ। ସପ୍ତମୀ: ହ୍ରାସ ପର୍ଯ୍ୟାୟର ସପ୍ତମ ଚନ୍ଦ୍ର ଦିବସ। ଅଷ୍ଟମୀ: ହ୍ରାସ ପର୍ଯ୍ୟାୟର ଅଷ୍ଟମ ଚନ୍ଦ୍ର ଦିବସ। ନବମୀ: ହ୍ରାସ ପର୍ଯ୍ୟାୟର ନବମ ଚନ୍ଦ୍ର ଦିବସ। ଦଶମୀ: ହ୍ରାସ ପର୍ଯ୍ୟାୟର ଦଶମ ଚନ୍ଦ୍ର ଦିବସ। ଏକାଦଶୀ: କ୍ଷୟ ଚନ୍ଦ୍ର ପର୍ଯ୍ୟାୟର ଏକାଦଶ ଦିନ, ପ୍ରାୟତଃ ଏକ ଗୁରୁତ୍ୱପୂର୍ଣ୍ଣ ଉପବାସ ଦିବସ ଭାବରେ ପାଳନ କରାଯାଏ। ଦ୍ୱାଦଶୀ: କ୍ଷୟ ଚନ୍ଦ୍ର ପର୍ଯ୍ୟାୟର ଦ୍ୱାଦଶ ଚନ୍ଦ୍ର ଦିବସ। ତ୍ରୟୋଦଶୀ: କ୍ଷୟ ଚନ୍ଦ୍ର ପର୍ଯ୍ୟାୟର ତ୍ରୟୋଦଶ ଚନ୍ଦ୍ର ଦିବସ। ଚତୁର୍ଦ୍ଦଶୀ: କ୍ଷୟ ଚନ୍ଦ୍ର ପର୍ଯ୍ୟାୟର ଚତୁର୍ଦ୍ଦଶ ଦିନ, ପ୍ରାୟତଃ ଭଗବାନ ଶିବଙ୍କ ସହିତ ଜଡ଼ିତ ଏବଂ ଏହି ଦିନ ମାଘ ମାସରେ ମହାଶିବରାତ୍ରି ଭାବରେ ପାଳନ କରାଯାଏ। ଅମାବାସ୍ୟା: ପଞ୍ଚଦଶ ଚନ୍ଦ୍ର ଦିବସ, ଅମାବାସ୍ୟା, ନୂତନ ଆରମ୍ଭ ପାଇଁ କମ୍ ଶୁଭ ବୋଲି ବିବେଚନା କରାଯାଏ।

ବିଭିନ୍ନ ତିଥିର ଗୁରୁତ୍ୱ ଏବଂ ସେମାନଙ୍କ ସହିତ ଜଡ଼ିତ ଗ୍ରହ ପ୍ରଭାବକୁ ବୁଝି, ବ୍ୟକ୍ତିମାନେ ସେମାନଙ୍କର କାର୍ଯ୍ୟକୁ ମହାଜାଗତିକ ତାଳ ସହିତ ସଜାଡ଼ି ପାରିବେ ଏବଂ ସେମାନଙ୍କ ପ୍ରୟାସର ସକାରାତ୍ମକ ଫଳାଫଳ ବୃଦ୍ଧି କରିପାରିବେ। ଏକ ଆଧୁନିକ ଜୀବନଶୈଳୀରେ ତିଥିଗୁଡ଼ିକୁ ସାମିଲ କରିଲେ ବହୁ କଥା ଜାଣିବାକୁ ମିଳେ। ତିଥି ଏବଂ ଏହାର ଗୁରୁତ୍ୱକୁ ଚିହ୍ନନ୍ତୁ: -ପ୍ରଚଳିତ ତିଥି ବିଷୟରେ ଜାଣିବା ପାଇଁ ପ୍ରତିଦିନ ସମୟ ନିଅନ୍ତୁ। ତିଥିର ବୈଶିଷ୍ଟ୍ୟ ଏବଂ ଏହା ସହିତ ଜଡ଼ିତ ରୀତିନୀତିଗୁଡ଼ିକୁ ବୁଝିବା ଦିନ ପ୍ରତି ଆପଣଙ୍କ ଦୃଷ୍ଟିକୋଣକୁ ମାର୍ଗଦର୍ଶନ କରିବାରେ ସାହାଯ୍ୟ କରିପାରିବ। ଆଧୁନିକ ବ୍ୟାଖ୍ୟା: ତିଥି ପାଳନର ମୂଳ ନୀତିଗୁଡ଼ିକ ହେଉଛି କୃତଜ୍ଞତା ପ୍ରକାଶ କରିବା, ସଚେତନ ହେବା ଏବଂ ଆତ୍ମ-ପ୍ରତିଫଳନ। ଏହି ଅଭ୍ୟାସଗୁଡ଼ିକୁ ଆପଣଙ୍କ ପାଇଁ ପ୍ରାସଙ୍ଗିକ ଦୈନନ୍ଦିନ କାର୍ଯ୍ୟକଳାପରେ ଅନ୍ତର୍ଭୁକ୍ତ କରିବାର ଉପାୟ ଖୋଜନ୍ତୁ। ଉଦାହରଣ ସ୍ୱରୂପ, ପ୍ରତିଫଳିତ ତିଥି ସମୟରେ ଜର୍ଣ୍ଣାଲିଂ କରିବା କିମ୍ବା ଶୁଭ ତିଥି ସମୟରେ କୃତଜ୍ଞତା ଜ୍ଞାପନ ସହିତ ଦିନ ଆରମ୍ଭ କରିବା ହେଉଛି କିଛି ଅଭ୍ୟାସ ଯାହା ଆପଣ ବିଚାର କରିପାରିବେ। ଏହି ଅଭ୍ୟାସଗୁଡ଼ିକୁ ଅନ୍ତର୍ଭୁକ୍ତ କରି, ଆପଣ ତିଥିର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସହିତ ସଂଯୋଗ କରିପାରିବେ ଏବଂ ଆପଣଙ୍କ ଦୈନନ୍ଦିନ ଜୀବନକୁ ଉଦ୍ଦେଶ୍ୟ ଏବଂ ଗଭୀର ଅର୍ଥର ଭାବନା ସହିତ ପ୍ରଭାବିତ କରିପାରିବେ।


**ଅରଙ୍ଗାବାଦ ବରୀ ଯାଜପୁର, ମୋବାଇଲ: ୮୨୪୯୫୦୨୭୭୬**


# କାବ୍ୟ ନାୟିକା କୁନ୍ତଳା କୁମାରୀ

**ଉମାଶଙ୍କର ପ୍ରସାଦ**



ଉତ୍କଳର ପ୍ରତିଭାଶାଳିନୀ ରମଣୀମାନଙ୍କ ମଧ୍ୟରେ ସ୍ୱର୍ଗତା କୁନ୍ତଳାକୁମାରୀ ଯେ ସର୍ବଶ୍ରେଷ୍ଠ ଏ ଉକ୍ତିରେ ଆଦୌ ଅତିରଞ୍ଜନ ନାହିଁ। ଜୀବନର ଅନେକ ସୁଖଦୁଃଖର ଶିଡ଼ି ଅତିକ୍ରମ କରି ସେ ନାରୀମାନଙ୍କ ମଧ୍ୟରେ ଆଧୁନିକ ସାରସ୍ୱତ ଗଗନର ପ୍ରଭାତୀ ତାରା ରୂପେ ଉଇଁ କୁନ୍ତଳା କୁମାରୀ ନିଜକୁ କେବଳ ବିଭୁଭକ୍ତିର ଚତୁଃସୀମାରେ ଆବଦ୍ଧ ରଖି ନଥିଲେ। ତାଙ୍କ ଲେଖନୀର ଗଳିତ ଧାତବ ସ୍ରୋତ ପରି ଦେଶପ୍ରେମ ବ୍ୟଞ୍ଜକ ଜ୍ୱାଳାମୟୀ ବାଣୀ ନିର୍ଗତ କରି ସେ ନିଜର ବିଭୁଭକ୍ତି ଓ ଦେଶଭକ୍ତିର ପରାକାଷ୍ଠା ପ୍ରଦର୍ଶିତ କରିଥିଲେ। ବିଭୁଭକ୍ତି ଓ ଦେଶଭକ୍ତି କୁନ୍ତଳା କୁମାରୀ କବିତାର ପ୍ରାଣ ଥିଲା। ତାଙ୍କ ଜୀବନ ଥିଲା ଭକ୍ତିଯୋଗ ଓ କର୍ମଯୋଗର ଅପୂର୍ବ ସମ୍ମେଳନ। ବଳିତା ପରି ନିଜେ ଜଳି ଜଳି ଅନ୍ୟକୁ ସେ ଆଲୋକିତ କରିଥିଲେ। ପିଲାଦିନ ଏକ ଅଣଓଡ଼ିଆ ଅଞ୍ଚଳରେ କଟିଥିଲେ ମଧ୍ୟ ଓଡ଼ିଆ ଭାଷା ପ୍ରତି ଅଶେଷ ଅନୁରାଗବଶତଃ ଘରୋଇ ଭାବେ ଓଡ଼ିଆଭାଷା ଶିକ୍ଷା କରିଥିଲେ। ସେହି ମହିୟସୀ ବାଗ୍ମୀ କୁନ୍ତଳା ୧୯୦୦ ମସିହା ଫେବୃୟାରୀ ୮ ତାରିଖରେ ଏକ ଶୁଭ ସନ୍ଧିକ୍ଷଣରେ ଅନନ୍ୟାଧିଶକ୍ତି ସମ୍ପନ୍ନା ଗୁଣନେଇ ଜନ୍ମ ହୋଇଥିଲେ ବିଚ୍ଛିନ୍ନାଞ୍ଚଳ ଉତ୍କଳର ସ୍ୱତନ୍ତ୍ର ଗଡ଼ଜାତ ବସ୍ତର ରାଜ୍ୟର ଏକ ଖ୍ରିଷ୍ଟିୟାନ୍ ପରିବାରରେ। ପିତା ଦାନିଏଲ୍ ଥିଲେ ବର୍ମାରେ ଡାକ୍ତର। ମାତା ଥିଲେ ମଣିକା ସାବତ୍। ନିଜ ପାରିବାରିକ ଦୁର୍ଘଟଣା ଯୋଗୁଁ କୁନ୍ତଳା ତାଙ୍କ ଭଉଣୀଙ୍କ ସହ ଖୋର୍ଦ୍ଧା ଚାଲିଆସି ତାଙ୍କ ଜେଜେମା ଓ ଜେଜେବାପାଙ୍କ ସହ ଖୋର୍ଦ୍ଧାରେ ରହୁଥିଲେ। ସତୀର୍ଥ ଖୋର୍ଦ୍ଧାମାଟିର ଆକର୍ଷଣ ତାଙ୍କୁ ଅଶେଷ ଆନନ୍ଦ ପ୍ରଦାନ କରିଥିଲା। ବିଶେଷତଃ ଖୋର୍ଦ୍ଧାର ନାରୀମାନଙ୍କ ସହ ତାଙ୍କ ପ୍ରତି ଥିବା ଅକପଟ ସ୍ନେହ ଓ ସହାନୁଭୂତି ତାଙ୍କୁ ବିମୋହିତ କରିଥିଲା। ସେ ସମ୍ପର୍କରେ ନିଜର ଅଭିମତ ଦେଇ ସେ କହିଥିଲେ "ସ୍ୱର୍ଗର ଦେବୀ ଜଦି କେହି କଳ୍ପନା କରିଥାଏ, ତାହା ମୁଁ ସେଇଠି (ଖୋର୍ଦ୍ଧାରେ) ଦେଖିଛି। "ପରେ ଅନୁରାଗ ଅତିଶଯ୍ୟ ଯୋଗୁଁ ଖୋର୍ଦ୍ଧର ଇତିହାସ ବିଜଡ଼ିତ ପ୍ରସିଦ୍ଧ ବରୁଣେଇ ପାହାଡ଼ ତଳେ ଏକ ନାରୀ ଶିକ୍ଷାମନ୍ଦିର ପ୍ରତିଷ୍ଠା କରିବା ପାଇଁ ଅଭିଳାଷ ପୋଷଣ କରିଥିଲେ ମଧ୍ୟ ଅନେକ ପ୍ରତିବନ୍ଧକ ଯୋଗୁଁ ତାହା ସମ୍ଭବ ହୋଇପାରିନଥିଲା। କଟକ ମେଡିକାଲ ସ୍କୁଲର ପ୍ରତିଯୋଗିତା ପରୀକ୍ଷାରେ ସମସ୍ତଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରି ୧୯୧୭ ମସିହାରେ ସେ ଡାକ୍ତରୀ ପଢ଼ାରେ ନାମ ଲେଖାଇଲେ। ଜଣେ ଝିଅ ହିସାବରେ ସେ ପ୍ରଥମ କରି ପ୍ରବେଶିକା ପରିକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ୧୯୨୧ ମସିହାରେ ବିହାର ଓ ଓଡ଼ିଶା ସରକାରଙ୍କ ଦ୍ୱାରା ମେଡିକାଲ ବୋର୍ଡ଼ ପରୀକ୍ଷାରେ ସବୁ ବିଷୟରେ ପ୍ରଥମ ହୋଇ ସର୍ବୋଚ୍ଚ ନମ୍ବର ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେ ୧୬ଟି ସ୍ୱର୍ଣ୍ଣ ଓ ରୌପ୍ୟପଦକ ପୁରସ୍କାର ପାଇଥିଲେ। କେନ୍ଦ୍ରାପଡ଼ା ନିବାସୀ ଦିଲ୍ଲୀର ଡାକ୍ତରୀ ବନ୍ଧୁ କୃଷ୍ଣ ପ୍ରସାଦ ବ୍ରହ୍ମଚାରୀଙ୍କ ସହିତ ୧୯୨୮ ମସିହା ଅଗଷ୍ଟ ୮ ତାରିଖ ଶ୍ରାବଣମାସ କୃଷ୍ଣ ସପ୍ତମୀରେ ବୈଦିକ ଆଶ୍ରମରେ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା।



ତାଙ୍କୁ ଜୀବନରେ କବି ହେବାର ପ୍ରେରଣା ଯୋଗାଇ ଦେଇଥିଲା ରେଭେନ୍ସା ବାଳିକା ବିଦ୍ୟାଳୟରୁ ବିଦାୟକାଳୀନ ସ୍ୱରଚିତ କବିତା। ତାଙ୍କର ସେହି କବିତାଟି ଶିକ୍ଷୟିତ୍ରୀ, ଶିକ୍ଷାୟତନର ଛାତ୍ରୀ ଓ କର୍ମଚାରୀମାନଙ୍କ ମହଲରୁ ବହୁ ପ୍ରଶଂସା ଆଣି ଦେଇଥିଲା। ତାଙ୍କ ଦ୍ୱାରା ରଚିତ କବିତା ଗୁଡ଼ିକ ମଧ୍ୟରୁ ପ୍ରଥମ କବିତା "ତାରା ପ୍ରତି" ବିଶ୍ୱନାଥ କରଙ୍କ ସମ୍ପାଦନରେ ପ୍ରକାଶ ପାଉଥିବା ଉତ୍କଳ ସାହିତ୍ୟ ପତ୍ରିକାର ୧୯୦୨ ମସିହାରେ ପ୍ରକାଶ ପାଇଥିଲା। "ଶେଫାଳି ପ୍ରତି, କମଳ ପ୍ରତି ଓ ପୂଜା" ନାମକ ତିନିଗୋଟି କବିତା ତାଙ୍କର ପ୍ରତିଭା ଓ ରଚନାତ୍ମକ ନିର୍ଭୁଲତା ସହ ସୌନ୍ଦର୍ଯ୍ୟ ପୂର୍ଣ୍ଣ ସାବଲୀଳ ଭାବଚତୁରୀକୁ ଉପସ୍ଥାପନ କରିବାରେ ଏକ ସଫଳ କୃତୀ। ଗଙ୍ଗା ମନ୍ଦିର ଘରବାଡ଼ିପଟର କ୍ଷୁଦ୍ର ଗଙ୍ଗଶିଉଳୀ ଫୁଲକୁ ନେଇ ପରମାର୍ଥିକ ବିନା ଧାରାରେ ଆତ୍ମ ବିବାହର କବିଙ୍କ ଲେଖନୀରୁ ଆତ୍ମ ପ୍ରକାଶ କରିଥିଲା କବିତା 'ଶେଫାଳି ପ୍ରତି'। ତାଙ୍କ ବେଦନାସିକ୍ତ ମାର୍ମିକ ପଂକ୍ତି ହେଲା - "ମାଟିରେ ମିଶୁବୁ ତୁହି
ମାଟିରେ ମିଶିବି ମୁହିଁ
ତଥାପି ମୋ ଆତ୍ମା ଫୁଲ
ନଯିବରେ ମଉଳି
ତେଣୁ ଆଶାବହି ଦିନକାଟେ
ଆରେ ଗଙ୍ଗଶିଉଳି।"

ସାରସ୍ୱତ ସାଧନାର ଆଦ୍ୟ ବିକାଶକାଳ ୧୯୨୧ ରୁ ୧୯୨୮ ମସିହା ମଧ୍ୟରେ "ଅଞ୍ଜଳି, ଅର୍ଚ୍ଚନା, ଉତ୍‌ଚ୍ଛ୍ୱାସ, ସ୍ଫୁଲିଙ୍ଗ" ଆଦି କବିତା ପୁସ୍ତକ ସହ ଭ୍ରାନ୍ତି, ନତୁଣ୍ଡି, ପରଶମଣି, କାଳୀବୋହୂ ଇତ୍ୟାଦି ଉପନ୍ୟାସମାନ ରଚନା କରି ସେ ଉଭୟ କାବ୍ୟ ଓ କଥାସାହିତ୍ୟରେ ବିପୁଳ ପ୍ରତିଷ୍ଠା ଅର୍ଜନ କରିଥିଲେ। ନିଜର କାମନା କବିତାରେ ଏକ ଭାବରାଜିର ମନୋଜ୍ଞ ବିଳାସରେ କବି ପରମେଶ୍ୱରଙ୍କ କରୁଣା ଭିକ୍ଷା କରି ଗାଇଛନ୍ତି -
"ଦୁଃଖ ମୋର ବନ୍ଧୁ, ଦୁଃଖ ମୋର ସଖା
ଦୁଃଖ ମୋ ହୃଦୟେ ବସି
ଅର୍ଚ୍ଚନା ମନ୍ଦିରେ ହୃତବେଦୀ ପରେ
ଦୁଃଖ ମୋର ଫୁଲରାଶୀ।।

ମାତ୍ର ୩୮ ବର୍ଷ ବୟସରେ ଦେଶଖ୍ୟାତିର ସର୍ବୋଚ୍ଚ ସ୍ଥାନରେ ପହଁଚି ଦେଶ ଓ ଦଶର ନେତୃତ୍ୱ ନେଇ ବହୁମୁଖୀ କାର୍ଯ୍ୟକ୍ରମ ଦକ୍ଷତାର ସହ ସମ୍ପାଦନ କରୁଥିବା ବେଳେ କାଳର ଶିକାର ହୋଇଥିଲେ। ୧୯୩୮ ମସିହାରେ ତାଙ୍କର ପଞ୍ଚଭୂତ ଶରୀର ପଞ୍ଚତତ୍ୱରେ ବିଲୀନ ହୋଇଥିଲା। ଜୀବନ ଥିଲା ସାହିତ୍ୟ, ଜଣେ ଓଡ଼ିଆଣୀ ଭାବେ ଗର୍ବ କରୁଥିବା ବିପ୍ଳବିନୀ କୁନ୍ତଳାଙ୍କ ଭିତରେ ଓଡ଼ିଆତ୍ୱର ମୌଳିକତା ବୁଡ଼ି ରହିଥିଲା। ଏଭଳି ଏକ ବିସ୍ମୟ ପ୍ରତିଭା ଉତ୍କଳମାତାର କୋଳମଣ୍ଡନ କରି ନିର୍ବିକାର ଭାବରେ ଯେଉଁ ଅପୂର୍ବ ଅବଦାନ ରଖିଯାଇଛନ୍ତି, ତାହା ଜାତି ଇତିହାସରେ କାଳ କାଳ ପାଇଁ ଲିପିବଦ୍ଧ ହୋଇ ରହିଛି, ରହିଥିବ। ଆଜି ଜନ୍ମ ଜୟନ୍ତୀରେ ସେହି ମହିୟସୀ ମହିଳା ତଥା କବି ଏବଂ ସାହିତ୍ୟର ସାରସ୍ୱତ ସାଧିକାଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।


**ସମ୍ପାଦକ, "ମାର୍ଗଦର୍ଶୀ"**
**ଭଗତଲେନ୍, ମେନ୍ ରୋଡ଼, ଖୋର୍ଦ୍ଧା**
**ମୋବାଇଲ୍:୮୮୯୫୫୪୭୪୯୦**

## ଲୋକସଭା ବାଚସ୍ପତିଙ୍କ ବିରୋଧରେ ବଢୁଛି ସହମତି

# ଅନାସ୍ଥା ପାଇଁ ପ୍ରସ୍ତୁତ ହେଉଛନ୍ତି ବିରୋଧୀ

ନୂଆଦିଲ୍ଲୀ,୯।୨: ସଂସଦର ବଜେଟ ଅଧିବେଶନରେ ଶାସକ ଦଳ ଓ ବିରୋଧୀ ଦଳ ମଧ୍ୟରେ ଚାଲିଥିବା ବିବାଦ ଏବେ ଏକ ବଡ଼ ମୁହାଁମୁହିଁ ସ୍ଥିତିକୁ ଆସିଛି। ବିରୋଧୀ ଦଳଗୁଡ଼ିକ ଏକଜୁଟ ହୋଇ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯୋଜନା କରୁଛନ୍ତି। ସୂତ୍ର ଅନୁସାରେ, ବିରୋଧୀ ଦଳଗୁଡ଼ିକ ଅସନ୍ତୋଷ ପ୍ରକାଶ କହିଛନ୍ତି, ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ଗୃହରେ କହିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦିଆଯାଉନାହିଁ।

ଏହି ପ୍ରସ୍ତାବ ଉପରେ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଏନେଇ ସହମତି ହୋଇଛି। ସଦସ୍ୟମାନଙ୍କ ସ୍ୱାକ୍ଷରକୁ ଅପେକ୍ଷା କରାଯାଇଛି। ଯଦିଓ କୌଣସି ଦଳ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ଏହା ସାର୍ବଜନୀନ ଭାବରେ ଘୋଷଣା କରିନାହାନ୍ତି। ତଥାପି ଗୃହ ମଧ୍ୟରେ ବିରୋଧୀ ସାଂସଦମାନଙ୍କ ଆକ୍ରମଣାତ୍ମକ ମନୋଭାବ ସ୍ପଷ୍ଟ ଭାବରେ ଏହା ସୂଚାଇ ଦେଉଛି ବୋଲି କିଛି ରାଜନୈତିକ ସମୀକ୍ଷକ ମତ ପୋଷଣ କରିଛନ୍ତି।

ସୋମବାର ବଜେଟ ଅଧିବେଶନର ନବମ ଦିନ ଗୃହରେ ପ୍ରବଳ ହଟ୍ଟଗୋଳ ସହ ଆରମ୍ଭ ହୋଇଥିଲା। ବାଚସ୍ପତି ଓମ୍



ବିର୍ଲା ପ୍ରଥମେ ଭାରତୀୟ ଦଳକୁ ୧୯ ବର୍ଷରୁ କମ କ୍ରିକେଟ ବିଶ୍ୱକପ୍ ଜିତିବା ପାଇଁ ଅଭିନନ୍ଦନ ଜଣାଇଥିଲେ, ଯାହାକୁ ସମସ୍ତ ସଦସ୍ୟଙ୍କ ଦ୍ୱାରା ପ୍ରଶଂସା କରାଯାଇଥିଲା। ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ କଂଗ୍ରେସ ସଦସ୍ୟମାନେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ କହିବାକୁ ଦେବା ନେଇ ଦାବି କରିବା ଆରମ୍ଭ କରିଥିଲେ। ହଟ୍ଟଗୋଳ ଏତେ ବୃଦ୍ଧି ପାଇଥିଲା ଯେ ଗୃହ ଆରମ୍ଭ ହେବାର ମାତ୍ର ପାଞ୍ଚ ମିନିଟ ପରେ, ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିବାକୁ ପଡିଥିଲା। ବିରୋଧୀ ଦଳ ଅଭିଯୋଗ କରିଛନ୍ତି, ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କହିବାରୁ ବାରଣ କରାଯାଉଛି। ଅପରପକ୍ଷରେ ଶାସକ ଦଳ ଦାବି କରୁଛି, ବିରୋଧୀ ଦଳ ଯୋଜନାବଦ୍ଧ ଭାବରେ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି।

ହଟ୍ଟଗୋଳ ମଧ୍ୟରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ବିରୋଧୀ ସାଂସଦମାନଙ୍କୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ। ସେ ସ୍ପଷ୍ଟ କରିଥିଲେ ଯେ, ପ୍ରଶ୍ନକାଳ ସମୟରେ କେବଳ ପ୍ରଶ୍ନ ପଚରାଯାଏ ଓ ଅନ୍ୟ କୌଣସି ପ୍ରସଙ୍ଗକୁ ଅନୁମତି ଦିଆଯାଏ ନାହିଁ। ସେ ଆବେଦନ କରିଥିଲେ, ପ୍ରଶ୍ନକାଳ ସାଂସଦମାନଙ୍କର ନିଜସ୍ୱ ସମୟ ଓ ଏହାକୁ ବାଧାପ୍ରାପ୍ତ କରାଯିବା ଉଚିତ ନୁହେଁ। ବିର୍ଲା ପ୍ରତିଶ୍ରୁତି ଦେଇଛନ୍ତି, ବିରୋଧୀ ଦଳ ନେତା ଓ ଅନ୍ୟ ସମସ୍ତ ସଦସ୍ୟଙ୍କୁ ନିର୍ଦ୍ଧାରିତ ସମୟ ଅନୁଯାୟୀ ବଜେଟ ଆଲୋଚନା କିମ୍ବା ଶୂନ୍ୟ କାଳରେ ସେମାନଙ୍କର ମତାମତ ପ୍ରକାଶ କରିବା ପାଇଁ ପୂର୍ଣ୍ଣ ସୁଯୋଗ ଦିଆଯିବ।

# ଦିଲ୍ଲୀରେ ୯ ସ୍କୁଲକୁ ବୋମା ଧମକ

## ସ୍କୁଲ ପରିସରରେ ସର୍ଚ୍ଚ ଅପରେସନ ଜାରି

ନୂଆଦିଲ୍ଲୀ,୯।୨: ରାଜଧାନୀ ଦିଲ୍ଲୀରେ ଆତଙ୍କ ଖେଳିଯାଇଛି। ସୋମବାର ସକାଳେ ସହରର ବିଭିନ୍ନ ଅଞ୍ଚଳର ୯ଟି ସ୍କୁଲକୁ ବୋମାରେ ଉଡ଼ାଇଦେବାକୁ ଧମକ ମିଳିଛି। ଏହି ଧମକପୂର୍ଣ୍ଣ କଲ୍ ସକାଳ ସାଢ଼େ ୮ରୁ ପୂର୍ବାହ୍ନ ୯ଟା ମଧ୍ୟରେ ଆସିଥିଲା। ଫଳରେ ସ୍କୁଲ ପ୍ରଶାସନ ଓ ସୁରକ୍ଷା ଏଜେନ୍ସିଗୁଡ଼ିକ ସଜାଗ ହୋଇଯାଇଥିଲେ। ଧମକ ପାଇବା ପରେ, ସମ୍ପୃକ୍ତ ସ୍କୁଲଗୁଡ଼ିକ ଦିଲ୍ଲୀ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ, ଅଗ୍ନିଶମ ବାହିନୀ ଓ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସ୍କୁଲ ପରିସରରେ ତଲାସୀ ଆରମ୍ଭ କରିଥିଲେ।




ଧମକକୁ ଗମ୍ଭୀରତାର ସହ ନେଇ ଅନେକ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀଗୃହରୁ ବାହାର କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ସଙ୍ଗେ ସଙ୍ଗେ କିଛି ସ୍କୁଲରେ ଛୁଟି ଘୋଷଣା କରିଥିଲେ। ଏନେଇ ଅଭିଭାବକମାନଙ୍କୁ ମଧ୍ୟ ତୁରନ୍ତ ସୂଚନା ଦିଆଯାଇଥିଲା। ପ୍ରାଥମିକ ତଦନ୍ତରୁ ଏପର୍ଯ୍ୟନ୍ତ କୌଣସି ସ୍କୁଲ ପରିସରରେ ସନ୍ଦିଗ୍ଧ ବସ୍ତୁ କିମ୍ବା ବିସ୍ଫୋରକ ଜିନିଷ ମିଳିନାହିଁ। ତଥାପି, ପୋଲିସ ଏହି ଫୋନକୁ ହାଲୁକା ଭାବରେ ନେଉନାହିଁ। ଏହାକୁ ଏକ ମିଥ୍ୟା ଖବର ବୋଲି ଧରିବା ସହ ଓ ପ୍ରତ୍ୟେକ ଦିଗକୁ ତଦନ୍ତ କରୁଛି।

ଦିଲ୍ଲୀ ପୋଲିସର ସୂଚନା ଅନୁଯାୟୀ, ଧମକପୂର୍ଣ୍ଣ କଲର ଉତ୍ସ ଓ କଲ କରିଥିବା ବ୍ୟକ୍ତିଙ୍କ ସ୍ଥାନ ଖୋଜିବା ପାଇଁ ପ୍ରୟାସ ଜାରି ରହିଛି। ସାଇବର ୟୁନିଟ୍ ତଥା ବୈଷୟିକ ଦଳ ମଧ୍ୟ ତଦନ୍ତରେ ସାମିଲ ହୋଇଛନ୍ତି। ପୂର୍ବରୁ ମଧ୍ୟ ଦିଲ୍ଲୀ ଓ ଅନ୍ୟାନ୍ୟ ପ୍ରମୁଖ ସହରଗୁଡ଼ିକରେ ସ୍କୁଲ ତଥା ସରକାରୀ କୋଠାକୁ ବୋମାରେ ଉଡ଼ାଇଦେବା ନେଇ ମିଥ୍ୟା ଧମକ ମିଳିଛି। ଏହାର ଉଦ୍ଦେଶ୍ୟ ଆତଙ୍କ ପ୍ରସାର କରିବା। ଦିଲ୍ଲୀ ପୁଲିସ ସମସ୍ତ ପ୍ରଭାବିତ ସ୍କୁଲର ପରିସ୍ଥିତି ନିୟନ୍ତ୍ରଣରେ ଥିବା ଦର୍ଶାଇ ଗୁଜବକୁ ଅଣଦେଖା କରିବାକୁ ଅଭିଭାବକ ଓ ଜନସାଧାରଣଙ୍କୁ ନିବେଦନ କରିଛି।

## ୮ ଯୁବତୀଙ୍କ ଉପରେ ମାଡ଼ିଗଲା କାର ୪ ମୃତ

**ରାୟବରେଲି,୯।୨:** ଉତ୍ତରପ୍ରଦେଶ ରାୟବରେଲିରେ ମର୍ମନ୍ତୁଦ ସଡକ ଦୁର୍ଘଟଣା। ଗଙ୍ଗା ଏକ୍ସପ୍ରେସୱେରେ ଏକ ସ୍ପିଡ କାର୍ ୮ ଜଣଙ୍କୁ ଧକ୍କା ଦେଇଥିଲା। ଯେଉଁଥିରେ ଚାରି ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟମାନଙ୍କ ସ୍ଥିତି ଖରାପ ରହିଛି । ସେମାନଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି । ଏମାନେ ସମସ୍ତେ ପ୍ରସାଦ ନେଇ ଘରକୁ ଚାଲି ଚାଲି ଯାଉଥିବା ବେଳେ ଦୁର୍ଘଟଣା ହୋଇଥିଲା। ସୂଚନାନୁଯାୟୀ, ଯୁବତୀମାନେ ଏକ୍ସପ୍ରେସୱେ ପାର ହେଉଥିବା ସମୟରେ ଏକ ଦ୍ରୁତଗାମୀ କାର ସେମାନଙ୍କୁ ପଛରୁ ଧକ୍କା ଦେଇଥିଲା । ଦୁଇ ଝିଅଙ୍କର ଘଟଣାସ୍ଥଳେ ମୃତ୍ୟୁ ହୋଇଥିବା ବେଳେ ଆହତମାନଙ୍କୁ ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା । ଯେଉଁଠାରେ ଅନ୍ୟ ଦୁଇ ଝିଅ ପରେ ମୃତ୍ୟୁବରଣ କରିଥିଲେ । ପୋଲିସ ଅନୁଯାୟୀ, ଦୁର୍ଘଟଣାରେ ୪ ଜଣ ଆହତ ହୋଇଥିଲେ ଏବଂ ସେମାନଙ୍କୁ ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର କାର ଛାଡି ଘଟଣାସ୍ଥଳରୁ ପଳାଇଯାଇଛି। ତାଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଜାରି ରହିଛି । ଘଟଣା ସମ୍ପର୍କରେ ସୂଚନା ପାଇବା ପରେ, ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ପୋଲିସ ଅଧୀକ୍ଷକ ଜିଲ୍ଲା ହସ୍ପିଟାଲରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ପୋଲିସ ଅଧୀକ୍ଷକ କହିଛନ୍ତି ଯେ, ନିର୍ମାଣାଧୀନ ଗଙ୍ଗା ଏକ୍ସପ୍ରେସୱେରେ ଏକ ଦ୍ରୁତଗାମୀ କାର ଯୋଗୁଁ ଏହି ଦୁର୍ଘଟଣା ଘଟିଛି । ଡ୍ରାଇଭରଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଚାଲିଛି ।

## ହସ୍ପିଟାଲରେ ଭର୍ତ୍ତିହେଲେ ଶରଦ ପାୱାର



ମୁମ୍ବାଇ,୯।୨: ଏନସିପି ମୁଖ୍ୟ ଶରଦ ପାୱାରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିଯାଇଛି। ତାଙ୍କୁ ଚିକିତ୍ସା ପାଇଁ ପୁଣେର ରୁବି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଜିତ ପାୱାରଙ୍କ ମୃତ୍ୟୁ ପରେ, ଶରଦ ପାୱାର କିଛି ଦିନ ଧରି ମୁମ୍ବାଇ, ପୁଣେ ଏବଂ ବାରାମତି ଗସ୍ତ କରୁଥିଲେ। ଦଳୀୟ କର୍ମୀମାନେ ମଧ୍ୟ ତାଙ୍କୁ ନିରନ୍ତର ଦେଖା କରୁଥିଲେ। ଏହି ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଗଲା। କାଶ ଯୋଗୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଅନୁଯାୟୀ, ଶରଦ ପାୱାରଙ୍କ ସହିତ ତାଙ୍କ ଝିଅ ତଥା ଏନସିପି ଏମ୍‌ପି ସୁପ୍ରିୟା ସୁଲେ ଏବଂ ଜ୍ୱାଇଁ ସଦାନନ୍ଦ ସୁଲେ ହସ୍ପିଟାଲରେ ଅଛନ୍ତି। ବର୍ତ୍ତମାନ, ପାୱାର ଡାକ୍ତରଙ୍କ ତତ୍ତ୍ୱାବଧାନରେ ଅଛନ୍ତି ଏବଂ ତାଙ୍କର ଚିକିତ୍ସା ଜାରି ରହିଛି।

## ଗୁରୁବାର ଭାରତ ବନ୍ଦ

### କ'ଣ ଖୋଲା, କ'ଣ ବନ୍ଦ

**ନୂଆଦିଲ୍ଲୀ,୯।୨:** କେନ୍ଦ୍ରୀୟ ଟ୍ରେଡ ୟୁନିଅନ ଦ୍ୱାରା କୃଷକ ସଂଗଠନଗୁଡ଼ିକର ଦୃଢ଼ ସମର୍ଥନ ସହିତ ଦେଶବ୍ୟାପୀ ଧର୍ମଘଟ ଡାକରା ଦିଆଯାଇଛି। ଫେବୃଆରୀ ୧୨ ତାରିଖ ଅର୍ଥାତ୍ ଗୁରୁବାର ଭାରତରେ ବ୍ୟାପକ ବାଧା ଉପୁଜିବାର ସମ୍ଭାବନା ରହିଛି। ଏହି ଧର୍ମଘଟ ବିଭିନ୍ନ ରାଜ୍ୟରେ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିବ ବୋଲି ଆଶା କରାଯାଉଛି, ଯାହା ବ୍ୟାଙ୍କିଂ ସେବା, ପରିବହନ ଏବଂ ସାଧାରଣ ବ୍ୟବସାୟିକ କାର୍ଯ୍ୟକଳାପକୁ ପ୍ରଭାବିତ କରିବ, ବିଶେଷକରି ସରକାରୀ କ୍ଷେତ୍ର ପ୍ରତିଷ୍ଠାନରେ। ଭାରତୀୟ ବାଣିଜ୍ୟ ସଂଘ କେନ୍ଦ୍ର (ସିଟୁ), ଅଲ ଇଣ୍ଡିଆ ଟ୍ରେଡ ୟୁନିଅନ କଂଗ୍ରେସ (ଏଆଇଟିୟୁସି), ଇଣ୍ଡିଆନ ନ୍ୟାଶନାଲ ଟ୍ରେଡ ୟୁନିଅନ କଂଗ୍ରେସ (ଆଇଏନ୍‌ଟିୟୁସି), ହିନ୍ଦ ମଜଦୁର ସଭା (ଏଚ୍‌ଏମ୍‌ଏସ୍), ଅଲ ଇଣ୍ଡିଆ କେନ୍ଦ୍ରୀୟ ବାଣିଜ୍ୟ ସଂଘ, ଏଲ୍‌ପିଏଫ୍ ଏବଂ ୟୁଟିୟୁସି ସମେତ ଦେଶବ୍ୟାପୀ ପ୍ରମୁଖ ବାଣିଜ୍ୟ ସଂଘଗୁଡ଼ିକ ଏହି ଧର୍ମଘଟକୁ ଡାକରା ଦେଇଛନ୍ତି। ଏହାକୁ ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ସମେତ କିଛି କୃଷକ ସଂଗଠନ ମଧ୍ୟ ସମର୍ଥନ କରିଛନ୍ତି। ଏହି ଧର୍ମଘଟର ମୁଖ୍ୟ କାରଣ ହେଉଛି ଗତ ନଭେମ୍ବରରେ ସରକାର ଦ୍ୱାରା ପ୍ରଚଳିତ ଚାରୋଟି ନୂତନ ଶ୍ରମ ସଂହିତା। ଏହି ଶ୍ରମ ସଂହିତା ୨୯ଟି ପ୍ରଚଳିତ ଶ୍ରମ ଆଇନକୁ ବଦଳାଇଥାଏ। 'ଶ୍ରମିକ ବର୍ଗଙ୍କ ଉପରେ ବଢୁଥିବା ଆକ୍ରମଣ' ବିରୋଧରେ ମଧ୍ୟ ଏହି ଧର୍ମଘଟ କରାଯାଉଛି।



### ଏସ୍‌ଆଇଆର୍ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ସ୍ପଷ୍ଟୋକ୍ତି

# କୌଣସି ବାଧାକୁ ବରଦାସ୍ତ କରାଯିବନି

ନୂଆଦିଲ୍ଲୀ,୯।୨: ରାଜ୍ୟରେ ଚାଲୁଥିବା ଭୋଟର୍ ତାଲିକାର ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର)ରେ କାହାକୁ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି କରିବାକୁ ଅନୁମତି ଦିଆଯିବ ନାହିଁ। ଏସ୍‌ଆଇଆର୍ ପ୍ରସଙ୍ଗରେ ସୁପ୍ରିମକୋର୍ଟ ସୋମବାର ଏହା ସ୍ପଷ୍ଟ କରିଛନ୍ତି। କିଛି ଅରାଜକତାବାଦୀ ଉପାଦାନ ପକ୍ଷରୁ ନିର୍ବାଚନ ଆୟୋଗର ନୋଟିସ୍ ଜଳାଇବା ଅଭିଯୋଗରେ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗର ଡିଜିପିଙ୍କୁ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ଏହାଛଡ଼ା ସୁପ୍ରିମକୋର୍ଟ ଉପଦ୍ରବୀଙ୍କ ବିରୋଧରେ କୌଣସି ମାମଲା ରୁଜୁ କରାଯାଇନାହିଁ ବୋଲି ନିର୍ବାଚନ କମିଶନଙ୍କ ଯୁକ୍ତିକୁ ମଧ୍ୟ ବିଚାରକୁ ନେଇଛନ୍ତି। ମାମଲାର ବିଚାର ସମୟରେ ସଲିସିଟର ଜେନେରାଲ ତୁଷାର ମେହଟ୍ଟା ସୁପ୍ରିମକୋର୍ଟରେ ଯୁକ୍ତି ବାଢ଼ିଛନ୍ତି ଯେ ସବୁ ରାଜ୍ୟକୁ ଏସ୍‌ଆଇଆର୍ ପ୍ରସଙ୍ଗରେ ଦେଶର ସମ୍ବିଧାନ ସବୁ ରାଜ୍ୟ ଉପରେ ଲାଗୁ ହୋଇଥାଏ ବୋଲି ଏକ ସନ୍ଦେଶ ଯିବା ଦରକାର। ସେହିପରି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଭୋଟର ତାଲିକା ସଂଶୋଧନ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ସର୍ବଦା ଭୋଟର ତାଲିକା ଅଧିକାରୀଙ୍କ ପକ୍ଷରୁ ନିଆଯିବ।



ଏହି ଅବସରରେ ସୁପ୍ରିମକୋର୍ଟ ପଶ୍ଚିମବଙ୍ଗର ଏସଆଇଆର ସହ ଜଡ଼ିତ ଅନେକ ମାମଲାର ଶୁଣାଣି କରୁଛନ୍ତି। ଏଥିରେ ମମତା ବାନାର୍ଜୀଙ୍କ ଏକ ପିଟିସନ ମଧ୍ୟ ସାମିଲ୍ ଥିଲା। ଏଥିରେ ସେ ଅନ୍ୟ ପ୍ରସଙ୍ଗ ସହ ଲଜିକାଲ ଡିସ୍କ୍ରେପେନ୍ସି ତାଲିକାରେ ଭୋଟରଙ୍କୁ ଯେଉଁପରି କାଟିଗୋରିରେ ବଣ୍ଟାଯାଇଛି, ଏହାକୁ ଚ୍ୟାଲେଞ୍ଜ ଦିଆଯାଇଥିଲା। ନିର୍ବାଚନୀ ରୋଲ୍‌ର ଏସଆଇଆରକୁ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିର୍ବାଚନ ଆୟୋଗ ସହ ଦୀର୍ଘ ମୁକାବିଲା ଗତ ସପ୍ତାହରେ ଆହୁରି ବଢିଯାଇଥିଲା ଯେତେବେଳେ ସେ ନିଜେ ସୁପ୍ରିମକୋର୍ଟରେ ହାଜର ହୋଇ ଗଣତନ୍ତ୍ରର ସୁରକ୍ଷା ପାଇଁ ସୁପ୍ରିମ୍‌କୋର୍ଟ ହସ୍ତକ୍ଷେପ କରିବାକୁ ଅପିଲ କରିଥିଲେ। ଏସଆଇଆର ପ୍ରକ୍ରିୟାର ବୈଧତା ଉପରେ ପ୍ରଶ୍ନ କରି ଶ୍ରୀମତୀ ବାନାର୍ଜୀ ତାଙ୍କ ଆବେଦନରେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ଉପରେ ରାଜନୀତିକ ପକ୍ଷପାତିତା ରଖି କାମ କରୁଥିବା ମଧ୍ୟ ଅଭିଯୋଗ କରିଛନ୍ତି।

# ଆରଏସ୍‌ଏସ କାର୍ଯ୍ୟକ୍ରମରେ ବଲିଉଡ୍ ଷ୍ଟାର





ମୁମ୍ବାଇ,୯।୨: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର ୧୦୦ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗ ଦେଇଥିଲେ ବଲିଉଡର ବହୁ ପ୍ରଯୋଜକ ଓ ଅଭିନେତା ଅଭିନେତ୍ରୀ। ମୁମ୍ବାଇର ଏକ ଅଡିଟରିୟମରେ ଏହି ସମାରୋହ ଆୟୋଜିତ ହେଇଥିଲା। ଦୁଇ ଦିନ ଧରି ଚାଲିଥିବା ଏହି ଶତାବ୍ଦୀ ସାମରୋହ ବଲିଉଡ ତାରକାଙ୍କ ପାଇଁ ଚର୍ଚ୍ଚାର ବିଷୟ ପାଲଟିଛି। କାର୍ଯ୍ୟକ୍ରମର ପ୍ରଥମ ଦିନରେ ବଲିଉଡ ସୁପରଷ୍ଟାର ସଲମାନ ଖାନ ଓ ରଣବୀର କପୁର ଅଂଶଗ୍ରହଣ କରିଥିଲେ। ସେହିପରି ଦ୍ୱିତୀୟ ଦିନରେ ଭିକି କୌଶଲ ଓ ଅନନ୍ୟା ପାଣ୍ଡେଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା।

କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଭିକି କୌଶଲ ଏକ ପାରମ୍ପରିକ ଅନ୍ଦାଜରେ ନଜର ଆସିଥିଲେ। କୁର୍ତ୍ତା ସହ ପାଇଜାମା ପିନ୍ଧି ଭିକି ନିଜର ଆଗକୁ ଆସୁଥିବା ଫିଲ୍ମ 'ଲଭ ଆଣ୍ଡ ୱାର୍'ର ଲୁକରେ ବେଶ୍ ଆକର୍ଷଣୀୟ ଦେଖାଯାଉଥିଲେ। ଅନନ୍ୟା ମଧ୍ୟ ଏଥ୍‌ନିକ ଲୁକରେ ଖୁବ ସୁନ୍ଦର ଅନ୍ଦାଜରେ କାର୍ଯ୍ୟକ୍ରମରେ ପହଞ୍ଚିଥିଲେ। ସେଠାରେ ଫିଲ୍ମମେକର କରଣ ଜୋହର ଏବଂ ମଧୁର ଭଣ୍ଡାରକରଙ୍କ ସହ କାର୍ଯ୍ୟକ୍ରମ ଉପଭୋଗ କରୁଥିବାର ଦେଖାଯାଇଥିଲା। ଏହି ଅବସରରେ ଶିଲ୍ପା ଶେଟ୍ଟୀ, ଅକ୍ଷୟ କୁମାର, ଫିଲ୍ମ ନିର୍ମାତା ସୁଭାଷ ଘାଇଙ୍କ ସହ ରବିନା ଟଣ୍ଡନ ଓ ଜ୍ୟାକି ଶ୍ରଫଙ୍କ ଭଳି ଅନେକ ତାରକା ସାମିଲ ହେଇଥିଲେ।

ପାକିସ୍ତାନ ଛାଡ଼ି ଭାରତରେ ନାଗରିକତା ଗ୍ରହଣ କରିଥିବା ଗାୟକ ଅଦନାମ ଶାମୀ ତାଙ୍କର ଏକ ଫଟୋ ମୋହନ ଭାଗବତ ଆରଏସଏସ ପ୍ରମୁଖଙ୍କ ଶେୟାର କରିଛନ୍ତି। ଏହି ଫଟୋ ତାଙ୍କର ଏକ ସାକ୍ଷାତକାରର ଯେଉଁ ଫଟୋରେ ତାଙ୍କ ସହ ଶିଲ୍ପା ଶେଟ୍ଟୀ, ରୁପାଲି ଗାଙ୍ଗୁଲି ଏବଂ ରମେଶ ତୌରାନୀ ମଧ୍ୟ ଦେଖାଯାଇଛନ୍ତି। ତାଙ୍କ ପୋଷ୍ଟରେ, ଗାୟକ ଶାମୀ ଲେଖିଛନ୍ତି, "ଆରଏସଏସର ପ୍ରସିଦ୍ଧ ସଂଘ ଚାଳକ ମୋହନ ଭାଗବତଙ୍କ ସହ ଏକ ସୁନ୍ଦର ଅପରାହ୍ନ ବିତାଇଲି। ତାଙ୍କ କଥା ଶୁଣି ଖୁସି ଲାଗିଲା ଏବଂ ସେ ଅନେକ ଭୁଲ ଧାରଣା ଏବଂ ମିଥ୍ୟାକୁ ବହୁତ ଭଲ ଭାବରେ ବୁଝାଇଥିଲେ ଏବଂ ଦୂର କରିଥିଲେ।' କରଣ ଜୋହର ମଧ୍ୟ ଆରଏସଏସର ଏହି ଅବସରରେ ଯୋଗଦେଲେ ଏବଂ ମୋହନ ଭାଗବତ ଜ୍ଞାନଭରା ବାଣୀ ଶୁଣି ପ୍ରେରିତ ହୋଇଥିବା କହିଛନ୍ତି। ଏଥିସହ ସେ ଆରଏସଏସର ୧୦୦ ବର୍ଷ ପୂର୍ତ୍ତି ଅବସରରେ ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି।

### ଅବସରପ୍ରାପ୍ତ ବ୍ୟାଙ୍କ୍ ଡିଜିଏମ୍ ସାଇବର୍ ଠକେଇର ଶିକାର

# ଆକାଉଣ୍ଟ୍‌ରୁ ଗାଏବ ହୋଇଗଲା ୧.୧୦ କୋଟି

**ନୂଆଦିଲ୍ଲୀ,୯।୨:** ଏଣିକି ଅଧିକାଂଶ ଅପରାଧୀ ମାନେ ଫିଜିକାଲ୍ ଅପେକ୍ଷା ଡିଜିଟାଲ୍ ଠକେଇ ଉପରେ ଗୁରୁତ୍ୱ ଦେଉଛନ୍ତି। କାରଣ ଏଥିରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଶିକାର କରିବା ସହଜସାଧ ହେଉଛି। ଏପରିକି ବ୍ୟାଙ୍କ୍‌ରେ ଦୀର୍ଘ ବର୍ଷ ଧରି ଶୀର୍ଷ ପଦବୀରେ ଚାକିରି କରି ଅବସର ନେଇଥିବା ଜଣେ ଡିଜିଏମ୍ ବି ଏପରି ଠକଙ୍କ ଶିକାରରୁ ନିଜକୁ ରକ୍ଷା କରିପାରିନାହାନ୍ତି। ଠକେଇର ଶିକାର ହୋଇଥିବା ଉତ୍ତର ପ୍ରଦେଶ ଆଲିଗଡ଼ ଅଞ୍ଚଳର ବ୍ୟକ୍ତି ଜଣଙ୍କ ହେଲେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଅବସରପ୍ରାପ୍ତ ଡେପୁଟି ଜେନେରାଲ୍ ମ୍ୟାନେଜର ଦିନେଶ ଶର୍ମା। ତାଙ୍କଠାରୁ ସାଇବର୍ ଠକମାନେ ପ୍ରାୟ ୧.୧୦ କୋଟି ଟଙ୍କା ଠକିନେଇଛନ୍ତି। ଶ୍ରୀ ଶର୍ମା ଗତବର୍ଷ ନଭେମ୍ବର ୨ ତାରିଖରେ ତାଙ୍କୁ ଏକ ଲୋଭନୀୟ ମେସେଜ୍ ଆସିଥିଲା, ଯେଉଁଥିରେ ୩୦ରୁ ୪୦ ପ୍ରତିଶତ ଲାଭ ମିଳିବାର ସୂଚନା ରହିଥିଲା। ପ୍ରଥମେ ଶ୍ରୀ ଶର୍ମା ଏହାକୁ ସାଇବର ଠକେଇ ବୋଲି ସନ୍ଦେହ କରିଥିଲେ। ଏହାପରେ ଠକମାନେ ଶ୍ରୀ ଶର୍ମାଙ୍କୁ ଏକ ହ୍ୱାଟସ୍‌ଆପ୍ ଗ୍ରୁପ୍ ସହ ଯୋଡ଼ି ଦେଇଥିଲେ, ଯେଉଁଠାରେ କିଛି ଲୋକ ନିଜ ଲାଭାଂଶର ସ୍କ୍ରିନ୍‌ଶଟ୍ ଶେୟାର କରୁଥିଲେ ଯାହା ଧୀରେ ଧୀରେ ଶ୍ରୀ ଶର୍ମା ବିଶ୍ୱାସ କରିବା ଆରମ୍ଭ କରିଥିଲେ। ଠକ ଗ୍ରୁପ୍ ପ୍ରଥମେ ଛୋଟ ନିବେଶ ପାଇଁ ଚାପ ପକାଇଥିଲେ। ଶ୍ରୀ ଶର୍ମା ସେମାନଙ୍କ କଥାରେ ନିବେଶ ପରେ ନିବେଶ କରିଚାଲିଲେ। ଶେଷରେ ରାତାରାତି କୋଟିପତି ହେବା ଆଶାରେ ଜୀବନର ସବୁ ସଞ୍ଚୟ ଲଗାଇ ଦେଇଥିଲେ। କିନ୍ତୁ ଠକମାନେ ତାଙ୍କୁ ଆହୁରି ୩ କୋଟି ଲଗାଇବାକୁ କହିଥିଲେ। ଏନେଇ ଶ୍ରୀ ଶର୍ମା ଘର ଲୋକଙ୍କୁ କହିବା ପରେ ସେ ସାଇବର୍ ଠକେଇର ଶିକାର ହୋଇଥିବା ଜଣାପଡ଼ିଥିଲା।

## ପାକିସ୍ତାନର ମୁହଁ ଫୁଟାଣି

# ଭାରତ ବିରୋଧରେ ଜର୍ଦ୍ଦାରୀଙ୍କ ବିଷୋଦ୍‌ଗାର

ଇସଲାମାବାଦ,୯।୨: ପାକିସ୍ତାନର ବିଭିନ୍ନ ସ୍ଥାନରେ ଆକ୍ରମଣ ରୋକିବାରେ ଶାହବାଜ ସରିଫ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ପ୍ରମାଣିତ ହୋଇଛି। ତେବେ ଏହି ବିଫଳତା ପାଇଁ ବର୍ତ୍ତମାନ ପାକିସ୍ତାନ ଭାରତକୁ ଦାୟୀ କରିବା ଆରମ୍ଭ କରିଛି। ପ୍ରଥମେ ପାକିସ୍ତାନୀ ସେନା ଓ ଏବେ ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜର୍ଦ୍ଦାରୀ ଭାରତ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ଏଥିସହ ଭାରତ ବିରୋଧରେ ଅତ୍ୟନ୍ତ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ନିଜେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ପାକିସ୍ତାନୀ ରାଷ୍ଟ୍ରପତି ଭାରତକୁ ବିଶ୍ୱ ଶାନ୍ତି ପାଇଁ ବିପଦ ବୋଲି କହିଛନ୍ତି।



ପାକିସ୍ତାନୀ ଚ୍ୟାନେଲ 'ସାମା ଟିଭି'ର ଏକ ରିପୋର୍ଟ ଅନୁଯାୟୀ, ଆତଙ୍କବାଦ ସହ ପାକିସ୍ତାନର ଇତିହାସ ସମଗ୍ର ବିଶ୍ୱ ଦେଖିଛି, ତଥାପି ପାକିସ୍ତାନ ନିଜର ପୁରୁଣା ପ୍ରକୃତିକୁ ଛାଡ଼ିପାରୁନି। ଏହି ଦେଶ ଯେତେବେଳେ ନିଜର ବିଫଳତାକୁ ଲୁଚାଇପାରୁନାହିଁ, ସେତେବେଳେ ଭାରତ ଉପରେ ଦୋଷ ଲଦିବା ଆରମ୍ଭ କରେ। ଏଥର ମଧ୍ୟ ପାକିସ୍ତାନ ସରକାର ସମାନ ଢଙ୍ଗ ଆପଣାଇଥିବା ଦେଖାଯାଉଛି। ପ୍ରଥମେ ବେଲୁଚିସ୍ତାନରେ ବଲୁଚ୍ ଲିବରେସନ୍ ଆର୍ମିର ଆକ୍ରମଣ ଓ ଗତ ଶୁକ୍ରବାର ଇସଲାମାବାଦର ଏକ ସିଆ ମସଜିଦରେ ଆତ୍ମଘାତୀ ଆକ୍ରମଣ ପାକିସ୍ତାନ ସରକାରଙ୍କୁ ଗଭୀର ଭାବରେ ବିଚଳିତ କରିଛି।

ଶ୍ରୀ ଜର୍ଦ୍ଦାରୀ ମଧ୍ୟ ତାଲିବାନକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନର ତାଲିବାନ ଶାସନ ୯/୧୧ ଆକ୍ରମଣ ପୂର୍ବର ସ୍ଥିତି ଅପେକ୍ଷା ଆହୁରି ବିପଜ୍ଜନକ ହୋଇଯାଇଛି। ପାକିସ୍ତାନରେ ହୋଇଥିବା ଆକ୍ରମଣ ବିରୋଧରେ ଏକତା ପ୍ରକାଶ କରିବା ପାଇଁ ଅନ୍ତର୍ଜାତୀୟ ସମୁଦାୟକୁ ଧନ୍ୟବାଦ ଜଣାଇ ଆସିଫ ଅଲ୍ଲୀ ଜର୍ଦ୍ଦାରୀ କହିଛନ୍ତି ଯେ ଆତଙ୍କବାଦ ବିରୋଧରେ ଲଢ଼ିବା କେବଳ କୌଣସି ଗୋଟିଏ ଦେଶର ଦାୟିତ୍ୱ ନୁହେଁ, ବରଂ ଏକ ବିଶ୍ୱ ସାମୂହିକ କର୍ତ୍ତବ୍ୟ। ଏହି ସମୟରେ ପାକିସ୍ତାନୀ ଓ ଆତଙ୍କବାଦ ପୀଡ଼ିତ ପରିବାର ପ୍ରତି ବିଶ୍ୱ ନେତା, ସରକାର ଓ ଅନ୍ତର୍ଜାତୀୟ ସଂଗଠନ ପକ୍ଷରୁ ପ୍ରକାଶ ପାଇଥିବା ସହାନୁଭୂତି ଓ ସମର୍ଥନ ପାଇଁ ଜର୍ଦ୍ଦାରୀ କୃତଜ୍ଞତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏହି ବାର୍ତ୍ତାଗୁଡ଼ିକ ଆତଙ୍କବାଦ ବିରୁଦ୍ଧରେ ତାଙ୍କର ଲଢ଼େଇକୁ ପ୍ରତିଫଳିତ କରେ। ସେହିପରି ଶ୍ରୀ ଜର୍ଦ୍ଦାରୀ ସୀମାପାର ଆତଙ୍କବାଦକୁ ଆଶ୍ରୟ ଦେବା ବିଷୟରେ ମଧ୍ୟ ମନ୍ତବ୍ୟ ଦେଇଥିଲେ। ଯଦିଓ ଏହି କାର୍ଯ୍ୟକଳାପ ପଛରେ ସର୍ବଦା ପାକିସ୍ତାନର ହାତ ରହିଛି, ତଥାପି ହାଫିଜ୍ ସଈଦ ଓ ମାସୁଦ ଆଜ୍ହାର ଭଳି ଭୟଙ୍କର ଆତଙ୍କବାଦୀ ଏହାର ମାଟିରେ ମୁକ୍ତ ଭାବରେ ବିଚରଣ କରୁଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପାକିସ୍ତାନର ଅଭିଜ୍ଞତା ଦର୍ଶାଏ ଯେ ଯେତେବେଳେ ସୀମାପାର ଆତଙ୍କବାଦକୁ ଆଶ୍ରୟ, ସମର୍ଥନ ଏବଂ ସ୍ୱାଧୀନତା ଦିଆଯାଏ, ସେତେବେଳେ ବିଶ୍ୱର ନିରୀହ ନାଗରିକମାନେ ଏହାର ପରିଣାମ ଭୋଗ କରନ୍ତି। ଆକ୍ରମଣ ରୋକିବାରେ ପାକିସ୍ତାନର ବିଫଳତା ଉପରେ ହତାଶା ପ୍ରକାଶ କରି ଆସିଫ ଅଲ୍ଲୀ ଜର୍ଦ୍ଦାରୀ କହିଛନ୍ତି, କିଛି ପଡ଼ୋଶୀ ଦେଶ ଆତଙ୍କବାଦୀ ତତ୍ତ୍ୱମାନଙ୍କୁ ସେମାନଙ୍କ ମାଟିରୁ ପାକିସ୍ତାନ ବିରୋଧରେ ଷଡ଼ଯନ୍ତ୍ର କରିବାକୁ ଅନୁମତି ଦେଇଛନ୍ତି। ଅନେକ ଦେଶ ସେମାନଙ୍କୁ ଆର୍ଥିକ, ବୈଷୟିକ ଏବଂ ସାମରିକ ସହାୟତା ପ୍ରଦାନ କରିଆସୁଛନ୍ତି ବୋଲି ଶ୍ରୀ ଜର୍ଦ୍ଦାରୀ କହିଛନ୍ତି।

### ଆଇନ କଲେଜରେ ଅପରାଧ

# ଛାତ୍ରଙ୍କ ଗୁଳିମାଡ଼ରେ ଛାତ୍ରୀ ମୃତ

ଅମୃତସର,୯।୨(ସଂଚାର ବ୍ୟୁରୋ): ଆଇନ କଲେଜରେ ଅପରାଧ। ପଞ୍ଜାବ ତରନତାରନ ଜିଲ୍ଲାର ଉସମା ଆଇନ କଲେଜରେ ଗୁଳିକାଣ୍ଡ ଘଟିଛି। କ୍ଲାସରୁମ୍ ଭିତରେ ସହପାଠୀ ଛାତ୍ରୀଙ୍କୁ ଜଣେ ଛାତ୍ର ଗୁଳି କରିଛି। ଫଳରେ ଉକ୍ତ ଛାତ୍ରୀ ଜଣଙ୍କ ପ୍ରାଣ ହରାଇଛନ୍ତି। ଗୁଳିମାଡ଼। ସହପାଠୀ ଛାତ୍ରର ଗୁଳିମାଡ଼ରେ ଜଣେ ଛାତ୍ରୀ ମୃତ୍ୟୁବରଣ କରିଛନ୍ତି। ଗୁଳିମାଡ଼ ପରେ ଅଭିଯୁକ୍ତ ଛାତ୍ରୀ ଜଣଙ୍କ ନିଜକୁ ଗୁଳି କରି ଆତ୍ମହତ୍ୟା କରିବା ସକାଶେ ଉଦ୍ୟମ କରିଥିଲେ। ତେବେ ସେ ଗୁରୁତର ଅବସ୍ଥାରେ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଗୁଳି କରିଥିବା ଛାତ୍ରଙ୍କ ନାଁ ପ୍ରିନ୍ସ ରାଜ ହୋଇଥିବା ବେଳେ ମୃତ ଛାତ୍ରୀଙ୍କ ନାମ ସନ୍ଦୀପ କୌର। ଏହି ମାମଲାରେ ପୁଲିସ୍ କ୍ଲାସରୁମ ଭିତରେ ଥିବା ସିସିଟିଭି କ୍ୟାମେରାକୁ ଜବତ କରିଛି। ଉକ୍ତ କ୍ୟାମେରାରେ ସମଗ୍ର ଘଟଣାର ରେକର୍ଡିଂ ରହିଛି। ଅଭିଯୁକ୍ତ ପ୍ରିନ୍ସ ରାଜ ସହପାଠିନୀ କୌର ଓ ଅନ୍ୟ ଜଣେ ଛାତ୍ରୀଙ୍କ ସହ କଥାବାର୍ତ୍ତା ହୋଇ ଚାଲି ଚାଲି ଆସିବା ପରେ କ୍ଲାସରୁମ ଭିତରେ ନିଜ ନିଜର ସିଟରେ ବସିଥିଲେ। ତେବେ କିଛି ସମୟ ପରେ ହଠାତ ପ୍ରିନ୍ସ ନିଜ ସିଟ୍‌ରୁ ଉଠି ଯାଇ କୌରଙ୍କୁ ଗୁଳି କରିଥିଲେ। ପଏଣ୍ଟ ବ୍ଲାଙ୍କ୍‌ରୁ ଗୁଳି କରାଯିବା ଫଳରେ ଛାତ୍ରୀ ଜଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁବରରଣ କରିଥିଲେ। ଅନ୍ୟପକ୍ଷରେ ପ୍ରିନ୍ସଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି। କ୍ଲାସ୍‌ରୁମ ଭିତରେ ଏପରି ଏକ ଅଭାବନୀୟ ଘଟଣା ଘଟିବା ପରେ ସେଠାରେ ଥିବା ଅନ୍ୟ ଛାତ୍ରଛାତ୍ରୀମାନେ ଦୌଡ଼ି ପଳାଉଥିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ତେବେ ପ୍ରିନ୍ସ କାହିଁକି ଏଭଳି କାଣ୍ଡ ଭିଆଇଲେ, ସେନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କୌଣସି ଗିରଫଦାରୀ ହୋଇନଥିବା ଜଣାପଡ଼ିଛି।

# ଇଟାଲୀକୁ ୭୩ ରନ୍‌ରେ ହରାଇଲା ସ୍କଟଲାଣ୍ଡ




**କୋଲକାତା,୯।୨:** ଟି୨୦ ବିଶ୍ୱକପ୍‌ରେ ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ସ୍କଟଲାଣ୍ଡ ୭୩ ରନର ବ୍ୟବଧାନରେ ଇଟାଲୀକୁ ପରାସ୍ତ କରିଛି। ଏହି ବିଜୟ ସହ ସ୍କଟଲାଣ୍ଡ ଟି୨୦ ବିଶ୍ୱକପ୍ ଲାଗି ୟୁରୋପ କ୍ୱାଲିଫାୟରରେ ଇଟାଲୀଠାରୁ ମିଳିଥିବା ପରାଜୟର ପ୍ରତିଶୋଧ ନେଇଛି। ସ୍କଟଲାଣ୍ଡର ବିଶାଳ ୨୦୮ ରନ୍‌ର ଟାର୍ଗେଟର ଜବାବରେ ଇଟାଲୀ ୧୬.୪ ଓଭରରେ ୧୩୪ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଇଟାଲୀ ଦଳର ଅଧିନାୟକ ୪୨ ବର୍ଷୀୟ ଓ୍ୱେନ ମାଡସେନ ଫିଲ୍ଡିଂ ବେଳେ ଆହତ ହୋଇଛନ୍ତି।

ବ୍ୟାଟିଂ କରିଥିବା ସ୍କଟଲାଣ୍ଡକୁ ଜର୍ଜ ମୁନସେ ୫୪ ବଲରେ ୮୪ (୧୩ ଚୌକା ଓ ୨ ଛକା) ଓ ମାଇକେଲ ଜୋନ୍ସ ୩୦ ବଲରେ ୩୭ (୧ ଚୌକା ଓ ୨ ଛକା) ରନ କରି ଦୃଢ଼ ମୂଳଦୁଆ ପ୍ରଦାନ କରିଥିଲେ। ପରେ ବ୍ରେଣ୍ଡନ ମ୍ୟାକମୁଲେନ ୧୮ ବଲରେ ଅପରାଜିତ ୪୧ (୪ ଛକା) ଓ ମାଇକେଲ ଲିସ୍କ ୫ ବଲରେ ୨୨ (୨ ଲେଖାଏ ଚୌକା ଓ ଛକା) ରନର ଅବଦାନ ଯୋଗୁ ସ୍କଟଲାଣ୍ଡ ୨୦ ଓଭରରେ ୪ ଉଇକେଟ ହରାଇ ୨୦୭ ରନ କରିଥିଲା। ଏହା ଚଳିତ ଟି୨୦ ବିଶ୍ୱକପ୍‌ର ସର୍ବାଧିକ ଦଳଗତ ସ୍କୋର। ଜବାବରେ ଇଟାଲୀ ଆରମ୍ଭରୁ ବ୍ୟାଟିଂ ବିର୍ପଯ୍ୟୟର ସମ୍ମୁଖୀନ ହୋଇ ୧୬.୪ ଓଭରରେ ୧୩୪ ରନରେ ଅଲଆଉଟ୍ ହୋଇଥିଲା। କେବଳ ଦୁଇ ଭାଇ ହ୍ୟାରୀ ଓ ବେନ ମାନେଣ୍ଟିଙ୍କୁ ଛାଡ଼ି ଦେଲେ ଅନ୍ୟ କେହି କ୍ରିଜ୍‌ରେ ତିଷ୍ଠି ପାରି ନ ଥିଲେ। ହ୍ୟାରୀ ୨୫ ବଲରେ ୩୭ (୧ ଚୌକା ଓ ୩ ଛକା) ଓ ବେନ ୩୧ ବଲରେ ୫୨ (୫ ଚୌକା ଓ ୧ ଛକା) ରନ କରିବା ସହ ଚତୁର୍ଥ ଉଇକେଟରେ ୭୩ ରନ ଯୋଡ଼ିଥିଲେ। ସ୍କଟଲାଣ୍ଡ ପାଇଁ ୪ ଉଇକେଟ ନେଇଥିବା ଲିସ୍କଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଇଟାଲୀ ୟୁରୋପ କ୍ୱାଲିଫାୟରରେ ସ୍କଟଲାଣ୍ଡକୁ ହରାଇ ଟି୨୦ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଥିଲା। ଅନ୍ୟପକ୍ଷରେ ଘଟଣାକ୍ରମେ ବାଂଲାଦେଶ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିବା ପରେ ସ୍କଟଲାଣ୍ଡକୁ ଖେଳିବାକୁ ସୁଯୋଗ ମିଳିଥିଲା।

### ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦ୍‌ଯାପିତ

## ସୋମେନ ଷ୍ଟ୍ରଙ୍ଗ୍‌ମ୍ୟାନ୍ ଓ ପ୍ରତିଷ୍ଠା ଷ୍ଟ୍ରଙ୍ଗ୍ ୱିମ୍ୟାନ୍



**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ଗତ ତିନି ଦିନ ଧରି ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଚାଲିଥିବା ୩୨ତମ ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଆଜି ଉଦଯାପିତ ହୋଇଛି। ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ ଓ ବିଜୟ କୁମାର ମିଶ୍ର ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ୨୦୨୬ ନିମନ୍ତେ ଖୋର୍ଦ୍ଧାର ସୋମେନ ସେନାପତି ସର୍ବମୋଟ ୬୨୨.୫ କେଜି ଉତ୍ତୋଳନ କରି ଷ୍ଟ୍ରଙ୍ଗ ମ୍ୟାନ ଆଖ୍ୟା ଅର୍ଜନ କରିଥିବା ବେଳେ ସୁନ୍ଦରଗଡ଼ର ପ୍ରତିଷ୍ଠା ସିଂ ୪୨୨.୫ କେଜି ଉତ୍ତୋଳନ କରି ଷ୍ଟ୍ରଙ୍ଗ ୱିମ୍ୟାନ ଆଖ୍ୟା ଅର୍ଜନ କରିଛନ୍ତି। ପ୍ରତିଯୋଗିତାରେ ଖୋର୍ଦ୍ଧା ଦଳଗତ ୧୯ଟି ସ୍ୱର୍ଣ୍ଣ, ୧୪ଟି ରୌପ୍ୟ ଓ ୮ଟି କାଂସ୍ୟ ପଦକ ପାଇ ଦଳଗତ ଚାମ୍ପିଅନ୍ ହୋଇଥିବା ବେଳେ କଟକ ୮ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୭ଟି କାଂସ୍ୟ ପଦକ ପାଇ ପ୍ରଥମ ରନର୍ସଅପ ଏବଂ ସୁନ୍ଦରଗଡ ୭ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ପଦକ ପାଇ ଦ୍ୱିତୀୟ ରନର୍ସଅପ ହୋଇଛନ୍ତି।

### ୭୪ତମ ରାଜ୍ୟ ପୁଲିସ୍ ଆଥଲେଟିକ୍ସ ଚାମ୍ପିଅନସିପ୍

## ଦ୍ୱିତୀୟ ଦିନରେ ବିଘ୍ନରାଜଙ୍କ ସମେତ ୧୦ ଜଣଙ୍କୁ ସ୍ୱର୍ଣ୍ଣ



**କଟକ,୯।୨(ସଂଚାର ବ୍ୟୁରୋ):** ସ୍ଥାନୀୟ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ଗ୍ରାଉଣ୍ଡଠାରେ ଚାଲିଥିବା ୭୪ତମ ରାଜ୍ୟ ପୁଲିସ ଆଥଲେଟିକ୍ସ ଚାମ୍ପିଅନ୍‌ସିପର ଦ୍ୱିତୀୟ ଦିନରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଛି। ରାଜ୍ୟର ବିଭିନ୍ନ ପୁଲିସ ଜିଲ୍ଲା, ବାଟାଲିୟନ୍ ଓ ୟୁନିଟ୍‌ର ଖେଳାଳିମାନେ ଉଚ୍ଚ ମାନର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଛନ୍ତି। ଦ୍ୱିତୀୟ ଦିନରେ ପୁରୁଷ ଓ ମହିଳା ବର୍ଗରେ ବିଭିନ୍ନ ପ୍ରକାର ଟ୍ରାକ୍ ଓ ଫିଲ୍ଡ ଇଭେଣ୍ଟ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବ୍ୟକ୍ତିଗତ ବର୍ଗରେ ବିଘ୍ନରାଜ ମିରିଡିଆଙ୍କ ସମେତ ମୋଟ ୧୦ ଜଣ ପ୍ରତିଯୋଗୀ ସ୍ୱର୍ଣ୍ଣ ପଦକ ଜିତିବାରେ ସଫଳ ହୋଇଛନ୍ତି।

ଏଥିରେ ପୁରୁଷ ବିଭାଗରେ ୨୦୦ ମିଟର ଦୌଡ଼ରେ ମିରିଡିଆ ସ୍ୱର୍ଣ୍ଣ ଜିତିଥିବା ବେଳେ ୫୦୦୦ ମିଟର ଦୌଡ଼ରେ ଅଶୋକ ଦଣ୍ଡସେନା, ୧୧୦ ମିଟର ବାଧାଦୌଡ଼ରେ ଅଂଶୁମାନ ରାୟଗୁରୁ, ଟ୍ରିପଲ ଜମ୍ପରେ ତରଣିସେନ ମହନ୍ତ, ଡିସକସରେ କେ. ବାବୁଜି ସ୍ୱର୍ଣ୍ଣପଦକ ଜିତିଛନ୍ତି। ସେହିପରି ମହିଳା ବର୍ଗରେ ୨୦୦ ମିଟର ଦୌଡ଼ରେ ସୁଖୀ ବାସକେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ୫୦୦୦ ମିଟର ଦୌଡ଼ରେ ସୁସ୍ମିତା ଟିଗା, ୧୦୦ ମିଟର ବାଧାଦୌଡ଼ରେ ସବିତା ଟପୋ, ଲଙ୍ଗ ଜମ୍ପରେ ସୁଚିସ୍ମିତା ପ୍ରଧାନ, ଜାଭେଲିନ୍‌ରେ ରଞ୍ଜିତା ଖେସ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ତା'ଛଡ଼ା ୪ ଗୁଣା ୧୦୦ ମିଟର ରିଲେ ପୁରୁଷରେ ବ୍ରହ୍ମପୁର ଓ ୪ ଗୁଣା ୧୦୦ ମିଟର ରିଲେ ମହିଳାରେ ସୁନ୍ଦରଗଡ଼ ସ୍ୱର୍ଣ୍ଣ ହାସଲ କରିଛି। ଏହାଛଡ଼ା ଡେକାଥଲନ ପୁରୁଷରେ କୋରାପୁଟ ସ୍ୱର୍ଣ୍ଣ ହାତେଇଛି।

ଏହି ଅବସରରେ ଆଇଜି (କାର୍ମିକ) ପ୍ରବୀଣ କୁମାର, କମାଣ୍ଡାଣ୍ଟ ସୂର୍ଯ୍ୟ ନାରାୟଣ ମଲ୍ଲିକ, କମାଣ୍ଡାଣ୍ଟ ଅଶୋକ କୁମାର ମହାନ୍ତିଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ଉପସ୍ଥିତ ରହି କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିବା ସହ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

## ଏସୀୟ ଶୁଟିଂ ଚାମ୍ପିଅନସିପ୍‌ରେ ମାନ୍ୟତାଙ୍କୁ ରୌପ୍ୟ



ଖୋର୍ଦ୍ଧା ଦଳଗତ ବିଜେତା

**ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ):** ଓଡ଼ିଶାର ପ୍ରତିଭାଶାଳୀ ଶୁଟର୍ ମାନ୍ୟତା ସିଂ ଏସୀୟ ଶୁଟିଂ ଚାମ୍ପିଅନସିପ୍-୨୦୨୬ରେ ରୌପ୍ୟ ପଦକ ଜିତିଛନ୍ତି। ନୂଆଦିଲ୍ଲୀର ଡା. କର୍ଣ୍ଣି ସିଂହ ଶୁଟିଂ ରେଞ୍ଜରେ ଆୟୋଜିତ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ୧୦ ମିଟର ଏୟାର୍ ରାଇଫଲ୍ କନିଷ୍ଠ ମହିଳା ବର୍ଗରେ ମାନ୍ୟତା ଦ୍ୱିତୀୟ ସ୍ଥାନ ଅଧିକାର କରି ପଦକ ପାଇଛନ୍ତି। ପ୍ରତିଯୋଗିତାରେ ମାନ୍ୟତା ଏକମାତ୍ର ଓଡ଼ିଆ ପ୍ରତିଯୋଗୀ ଭାବେ ଭାରତର ପ୍ରତିନିଧିତ୍ୱ କରିଥିଲେ। ମାନ୍ୟତା ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମ୍‌ସ୍ଥିତ ଓଡ଼ିଶା ଆଦିତ୍ୟ ବିର୍ଲା–ଗଗନ୍ ନାରଙ୍ଗ ଶୁଟିଂ ହାଇପରଫର୍ମାନ୍ସ ସେଣ୍ଟରରେ ଓଟିଏପି ଅଧୀନରେ ଗତ ୨୦୨୦ରୁ ପ୍ରଶିକ୍ଷଣ ନେଇଆସୁଛନ୍ତି। ଏପରି ଏକ ସଫଳତା ପାଇଁ ମାନ୍ୟତାଙ୍କୁ ଓଡ଼ିଶା ରାଇଫଲ୍ ଆସୋସିଏସନ୍‌ର ସମ୍ପାଦକ ଡା. ହରିପ୍ରସାଦ ପଟ୍ଟନାୟକ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଶୁଟିଂ ଏଚ୍‌ପିସି ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି।

## ଆର୍‌ଟିଆଇରେ ମିଳୁନି ସିଏମ୍‌ସି ଏକ୍ସପୋଜର ଭିଜିଟ୍ ତଥ୍ୟ

● ପ୍ରଥମ ଅପିଲ କଲେ ସୂଚନାଧିକାର କର୍ମୀ

**କଟକ, ୯।୨ (ସଂଚାର ବ୍ୟୁରୋ):** କଟକ ମହାନଗର ନିଗମରେ ଜନସାଧାରଣଙ୍କ ଟିକସ ଅର୍ଥକୁ ନାନାପ୍ରକାର ଯୋଜନା, ପ୍ରକଳ୍ପ, ପରିଦର୍ଶନ ଓ ଜ୍ଞାନ ଆହରଣ ନାମରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ଯୋଗୁଁ ସୂଚନା ଅଧିକାର ଆଇନରେ ତଥ୍ୟ ମିଳୁନଥିବା ବାରମ୍ବାର ଅଭିଯୋଗ ସତ୍ତ୍ୱେ ନୂତନ କମିଶନର ଏଦିଗରେ ନୀରବତା ଅବଲମ୍ବନ କରୁଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ବିଭିନ୍ନ ପ୍ରକଳ୍ପରେ ତଥ୍ୟ ସଂଗ୍ରହ ଓ ଜ୍ଞାନ ଆହରଣ ପାଇଁ ଗତ ୨୦୨୫ ଜୁନ ମାସରେ ସିଏମସିର କର୍ପୋରେଟର , ଅଧିକାରୀ ୨ଟି ପର୍ଯ୍ୟାୟରେ ମୁମ୍ବାଇ, ଇନ୍ଦୋର ପରିଦର୍ଶନ କରିବା ପାଇଁ ଏକ୍ସପୋଜର ଭିଜିଟ୍ ଯାଇଥିଲେ। କେତେକ କର୍ପୋରେଟର ଜନସାଧାରଣଙ୍କ ଟିକସ ଅର୍ଥ ଅପବ୍ୟୟ ହେଉଥିବା ନେଇ ଏକ୍ସପୋଜର ଭିଜିଟ୍ କୁ ବିରୋଧ କରି ଯାଇନଥିଲେ। ଏହି ଭିଜିଟରେ କେତେକ କର୍ପୋରେଟର, ବିଭାଗୀୟ ଅଧିକାରୀ ନିଜର ପରିବାରବର୍ଗଙ୍କୁ ନେଇ ଭ୍ରମଣ କରୁଥିବା ସୋସିଆଲ ମିଡିଆରେ ଫଟୋ ଭାଇରାଲ୍ ହେବା ସହ ଜନସାଧାରଣଙ୍କ ଟିକସ ଅର୍ଥ ଅପବ୍ୟବହାର କରାଯାଇଥିବା ଚର୍ଚ୍ଚା ହୋଇଥିଲା। ଯେଉଁ ଉଦ୍ଦେଶ୍ୟ ରଖି ଏହି ଏକ୍ସପୋଜର ଭିଜିଟ୍ ଯାଇଥିଲେ ତାହା ପ୍ରକୃତରେ କଟକ ମହାନଗର ନିଗମ ସହରରେ ନୂତନ ଜ୍ଞାନକୌଶଳରେ ଡ୍ରେନ୍‌ରୁ କିପରି ବର୍ଷାଜଳ ନିଷ୍କାସନ କରିହେବ, ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତରେ ସୁଧାର ଆଣିବା ପାଇଁ କେତେଦୂର କାର୍ଯ୍ୟକାରୀ ହୋଇଛି, ଯେଉଁ ଅଧିକାରୀ ଯାଇଥିଲେ ପ୍ରକୃତରେ କେତେ ଉନ୍ନତ ମାନର ଜ୍ଞାନକୌଶଳ ଶିକ୍ଷାଲାଭ କରି କାର୍ଯ୍ୟରେ ବ୍ୟବହାର କରୁଛନ୍ତି ଓ ଜନସାଧାରଣଙ୍କ ଟିକସ ଅର୍ଥରେ ବ୍ୟୟ ହୋଇଥିବା ସମସ୍ତ ଖର୍ଚ୍ଚ, ବିନିଯୋଗ ପ୍ରମାଣପତ୍ର ସଂପର୍କିତ ତଥ୍ୟ କଟକ ମହାନଗର ନିଗମ ଜନସୂଚନା ଅଧିକାରୀଙ୍କୁ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ଗତ ଜାନୁୟାରୀ ୧ତାରିଖରେ ଆରଟିଆଇରେ ମାଗିଥିଲେ। ଏହି ତଥ୍ୟ ନମିଳିବାରୁ ଫେବୃୟାରୀ ମାସ ୭ ତାରିଖରେ ପ୍ରଥମ ଅପିଲ କରିଛନ୍ତି। ଜନସାଧାରଣଙ୍କ ଟିକସ ଅର୍ଥକୁ ଅପବ୍ୟବହାର କରିବା ସହ ଏକ୍ସପୋଜର ଭିଜିଟର ମୂଳଲକ୍ଷ୍ୟ ଯାହାଥିଲା ତାହା ପ୍ରକୃତରେ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବାରୁ ସୂଚନା ଅଧିକାର ଆଇନରେ ତଥ୍ୟ ଦେବାକୁ ଜନସୂଚନା ଅଧିକାରୀ ପଛଘୁଞ୍ଚା ହେଉଥିବା ଅଭିଯୋଗ କରିଛନ୍ତି ଜିତେନ୍ଦ୍ର। ତଥ୍ୟ ଦେବାରେ ବିଳମ୍ବ ଓ ସୂଚନା ଅଧିକାର ଆଇନକୁ ଏକପ୍ରକାର ଅବହେଳା କରୁଥିବା ସିଏମସି ଜନସୂଚନା ଅଧିକାରୀଙ୍କ ବିରୁଦ୍ଧରେ ରାଜ୍ୟ ସୂଚନା କମିଶନଙ୍କୁ ଜିତେନ୍ଦ୍ର ଅଭିଯୋଗ କରିବେ ବୋଲି ଜଣାଇଛନ୍ତି।

## କୋଲକାତାରେ ରବି ରାୟଙ୍କ ଜନ୍ମ ଶତବାର୍ଷିକୀ



**କୋଲକାତା,୯।୨(ସଂଚାର ବ୍ୟୁରୋ):** ବିଶିଷ୍ଟ ସମାଜବାଦୀ ଚିନ୍ତା ନାୟକ, ସ୍ୱଚ୍ଛ ରାଜନୀତିର ପ୍ରବକ୍ତା ଲୋକସଭାର ପୂର୍ବତନ ବାଚସ୍ପତି ସ୍ୱର୍ଗତଃ ରବି ରାୟଙ୍କ ଜନ୍ମ ଶତବାର୍ଷିକୀ କୋଲକାତାର ଐତିହ୍ୟ ବାହି ଭାରତସଭା ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିକାଶ ଯୁବ ପରିଷଦ ଓ ଓଡ଼ିଶା ପଶ୍ଚିମବଙ୍ଗ ମୈତ୍ରୀ ଯୁବ ପରିଷଦର ମିଳିତ ଉଦ୍ୟମରେ ପରିଷଦ ଉପଦେଷ୍ଟା ଦେବୀ ପ୍ରସାଦ ପୃଷ୍ଟିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସମାଜବାଦୀ ନେତା କିରଣମୟ ନନ୍ଦ, ଚିକିତ୍ସକ ସଂଘ ସଭାପତି ଡାକ୍ତର ସୁବର୍ଣ୍ଣ ଗୋସ୍ୱାମୀ, ଚାଟାର୍ଡ ଆକାଉଣ୍ଟାଣ୍ଟ ସନାତନ ବଣିକ, ମହାବୋଧି ସୋସାଇଟିର ବୌଦ୍ଧ ଭିକ୍ଷୁ, ଓଡ଼ିଆ ସଂଗଠନର କର୍ତ୍ତା ଗଜେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି କିରଣମୟ ନନ୍ଦ ରବି ରାୟଙ୍କୁ ସମ୍ବିଧାନ ଓ ଗଣତନ୍ତ୍ର ରକ୍ଷା ଆନ୍ଦୋଳନର ଅବିସ୍ମରଣୀୟ ନେତା ଭାବେ ଅଭିହିତ କରିଥଲେ। ଏଦିନ ଯେତେବେଳେ କର୍ପୋରେଟ ଅର୍ଥ ରାଜନୀତିକୁ ଓ ରାଜନୀତିକ ଦଳମାନଙ୍କୁ କବଳିତ କରିବାକୁ ଚକ୍ରାନ୍ତ କରୁଛି ସେତେବେଳେ ନବେ ଦଶକରେ ରବି ରାୟ ତା'ର ବିରୁଦ୍ଧାରେ ଜନମତ ସୃଷ୍ଟି ପାଇଁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅଭିଯୋଗ...

ପ୍ରକୋଷ୍ଠ ଭିତରେ ପଞ୍ଜୀକୃତ ଅନ୍ୟ ସମସ୍ତ ଅଭିଯୋଗକାରୀଙ୍କ ଅଭିଯୋଗ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶୁଣିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧମରେ ଗତ ୧୬ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ମୋଟ ୧୪,୦୫୪ଟି ଅଭିଯୋଗ ମଧ୍ୟରୁ ୧୩,୧୬୯ଟି ଅର୍ଥାତ୍ ୯୪ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି। ଅବଶିଷ୍ଟ ଅଭିଯୋଗଗୁଡ଼ିକ ମଧ ସମାଧାନ ପ୍ରକ୍ରିୟା ମଧ୍ୟରେ ରହିଛି।

ଏହି ଅବସରରେ ଗଣମାଧମ ପ୍ରତିନିଧିଙ୍କୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆମ ସରକାରଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ଚଳିତ ନୂଆ ବର୍ଷରେ ପ୍ରଶାସନକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଦିଆଯାଇଥିବା ୧୫ ଦଫା ନିର୍ଦ୍ଦେଶାବଳୀ ମଧ୍ୟରେ ଅଭିଯୋଗ ଶୁଣାଣି ପ୍ରକ୍ରିୟା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ସଚିବାଳୟଠାରୁ ଆରମ୍ଭ କରି ବ୍ଲକ, ତହସିଲ ପର୍ଯ୍ୟନ୍ତ ସମସ୍ତ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣି ତା'ର ସମାଧାନ ଦିଗରେ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସ୍ତରରେ ନିୟମିତ ଅଭିଯୋଗ ଶୁଣାଣି ହେଉଥିବାରୁ ଜିଲ୍ଲା ସ୍ତରରେ ମଧ ଏହାର ସୁଫଳ ପରିଲକ୍ଷିତ ହେଉଛି। ଏବେ ଜିଲ୍ଲାପାଳ ଓ ଏସପିମାନେ ନିୟମିତ ଭାବେ ଅଭିଯୋଗ ଶୁଣାଣି କରୁଛନ୍ତି। ତେଣୁ ଏବେ ଅଭିଯୋଗ ଶୁଣାଣି ବ୍ୟବସ୍ଥା ସାରା ରାଜ୍ୟରେ ଏକ ନିୟମିତ ପ୍ରଶାସନିକ ପ୍ରକ୍ରିୟାରେ ପରିଣତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହ ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତିରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

ଆହୁରି ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ଏବଂ ଅନ୍ୟ ବିଭାଗଗୁଡ଼ିକର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ।

## ପ୍ରପୋଜ...

କାର୍ଟି ଶିଶୁଭବନ ଛକରେ ପୋଲ ଅତିକ୍ରମ କରୁଥିବା ସମୟରେ ଅଚାନକ ତଳକୁ ଖସପଡ଼ିଥିଲା। ଏଥିରେ ୨ ଜଣ ଆହତ ମଧ ହୋଇଛନ୍ତି। ଏ ସମ୍ପର୍କରେ କ୍ୟାପିଟାଲ ଥାନା ପୁଲିସ ଜାଣିବା ପରେ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିର ଡ୍ରାଇଭରକୁ ଅଟକ ରଖିଥିବା ବେଳେ ଗାଡ଼ି ମାଲିକଙ୍କୁ ହତ୍ୟାକାଣ୍ଡର ପ୍ରତ୍ୟକ୍ଷଦର୍ଶୀ ଭାବେ ଗ୍ରହଣ କରିଛି ଚନ୍ଦ୍ରଶେଖରପୁର ଥାନା ପୁଲିସ। ସେପଟେ ରାତି ସାଢ଼େ ୪ଟାରେ ମର୍ଡର ମିଷ୍ଟ୍ରିର ମାଷ୍ଟରମାଇଣ୍ଡ ଲିଜା ଇନ୍‌ଷ୍ଟାଗ୍ରାମରେ ନିଜ ଷ୍ଟାଟସ ଅପଡେଟ କରିଛି। ପରିବାର ଲୋକଙ୍କୁ ମଧ ଫୋନ ଯୋଗେ ବିଭ୍ରାନ୍ତ କରୁଥିବା ସମୟର ରେକର୍ଡିଂ ମଧ ପୁଲିସର ଟେକ୍ନିକାଲ ଟିମ ହାତରେ ଲାଗିଛି।

ଘର ମାଲିକଙ୍କ କହିବା ମୁତାବକ, ଅଭିଯୁକ୍ତ ଦୀନେଶ ଓ ଲିଜା ସ୍ୱାମୀ-ସ୍ତ୍ରୀର ପରିଚୟ ଦେଇ ଦୀର୍ଘ ୮ ମାସ ହେଲା ଘର ଭଡ଼ା ନେଇ ରହୁଥିଲେ। ହେଲେ ଘର ଭିତରେ ଏଭଳି କାଣ୍ଡ ଚାଲୁଥିବା ନେଇ ସେ ଆଦୌ ଜାଣିନଥିଲେ। ପ୍ରେମ ପାଇଁ ବାଜିରେ ଲାଗୁଛି ଜୀବନ। ଗଡୁଛି ଗୋଟିଏ ପରେ ଗୋଟିଏ ମୁଣ୍ଡ। ତେଣୁ ଏ ପୂରା ଘଟଣାରେ ଆଉ କିଏ କିଏ ସମ୍ପୃକ୍ତ ଅଛନ୍ତି, ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି ସ୍ପେଶାଲ ଟିମ। ଗାଡ଼ି ମାଲିକଙ୍କୁ ଥାନାକୁ ଡାକି ପଚରାଉଚରା କରୁଛି ପୁଲିସ। ତାଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ତଦନ୍ତକୁ ବ୍ୟାପକ କରାଯିବ ବୋଲି ପୁଲିସ୍ କହିଛି।

## ୪ ଲେନ୍...

କରି, ଭୁବନେଶ୍ୱର ସହର ପରିବର୍ଦ୍ଧିତ ଯୋଜନା ପରି କଟକ ସହର ଆଉଟର ରିଙ୍ଗ୍‌ରୋଡ୍ ନିର୍ମାଣ କରିବା ନେଇ ଯୋଜନା ପ୍ରସ୍ତୁତ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏଥି ସହିତ ପଶ୍ଚିମ ଓଡ଼ିଶାରୁ ପୂର୍ବ ଓଡ଼ିଶାକୁ ଯୋଗାଯୋଗ ସୁଦୃଢ଼ିକରଣ ପାଇଁ କଟକ-ସମ୍ବଲପୁର ଜାତୀୟ ରାଜପଥ-୫୫ କୁ ୬ ଲେନ୍ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା।

ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହାଙ୍କ ଉପସ୍ଥିତିରେ ହୋଇଥିବା ଏହି ବୈଠକରେ ଜୟଦେବ ବିହାର-ନନ୍ଦନକାନନ ରୋଡ୍ ଓ ଲେଫ୍ଟ ପାରାଲାଲ ରୋଡ୍, ପଥରଗାଡ଼ିଆ-ଦାରୁଠେଙ୍ଗ ରାସ୍ତା, ପ୍ରସ୍ତାବିତ କେଲୁଚରଣ-ଫୁଲନଖରା ରୋଡ୍, ପଳାଶୁଣିଠାରୁ ଗ୍ୟାରେଜ୍ ଛକ, ଆଚାର୍ଯ୍ୟ ବିହାର-କଳିଙ୍ଗ ହସ୍ପିଟାଲ୍ ରୋଡ୍, କାଇମାଟିଆ ଛକରୁ ଗୋଠପାଟଣା ରାସ୍ତା, ଗୋହିରିଆରୁ ଛତାବର ଭାୟା-ମଦନପୁର, ଏମ୍ସ ରାସ୍ତା ଆଦିର ନିର୍ମାଣ, ପ୍ରଶସ୍ତିକରଣ ଓ ଆବଶ୍ୟକ ସ୍ଥଳେ ଜମି ଅଧିଗ୍ରହଣ ଉପରେ ବି ଆଲୋଚନା ହୋଇଥିଲା।

ସେହିପରି ପ୍ରମୁଖ ଜାତୀୟ ରାଜପଥ ଯଥା କୋଣାର୍କ-ପୁରୀ-ସାତପଡ଼ା ରାସ୍ତାର ପ୍ରଶସ୍ତିକରଣ, ପିପିଲି-କୋଣାର୍କ ରାସ୍ତାର ନୂଆ ଆଲାଇନ୍‌ମେଣ୍ଟ, କଟକ-କନ୍ଦରପୁର ଏବଂ କନ୍ଦରପୁର-ବାଲିକୁଦା, ଜୟପୁର ବାଇପାସ୍ ଓ ବଲାଙ୍ଗିର ବାଇପାସ୍ ରାସ୍ତା ନିର୍ମାଣ ନେଇ ମଧ ଆଲୋଚନା ହୋଇଥିଲା। ବୈଠକରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଇଆଇସି (ରୋଡ୍) ଇଂ ଧାନଚାନ୍ଦ ନାୟକ, ଜାତୀୟ ରାଜପଥ ପ୍ରାଧିକରଣ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ ମୁଖ୍ୟଯନ୍ତ୍ରୀ ଉପସ୍ଥିତ ଥିଲେ।

## ତିନି...

ପେନ ବ୍ୟବହାର କରିପାରିବେ। ଏଆଇ କ୍ୟାମେରା ଦ୍ୱାରା କଡ଼ାକଡ଼ି ମନିଟରିଂ କରାଯିବ। ବଡି ସ୍କାନିଂ ଜରିଆରେ ଡ୍ରେସ୍, ଜୋତା ଓ ଜିଓମେଟ୍ରିକ୍ ବକ୍ସ ଚେକିଂ ହେବ। ପୁଅ ଓ ଝିଅଙ୍କ ପାଇଁ ଅଲଗା ଅଲଗା ଏଣ୍ଟ୍ରି ପଏଣ୍ଟ ରହିବ। ଏସବୁ ଠିକ ଭାବେ ପାଳନ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିବା ଯୁକ୍ତ ଦୁଇ ପରୀକ୍ଷା ନିୟନ୍ତ୍ରକ କହିଛନ୍ତି।

ସେପଟେ ଯୁକ୍ତ ଦୁଇ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍‌ର ଆଶଙ୍କା କଲେ ବିଜେବି ଜୁନିଅର କଲେଜ ଅଧକ୍ଷ ଡକ୍ଟର ରଞ୍ଜନ ବଳ। ସେ କହିଛନ୍ତି ଯେ ସିସିଟିଭିରେ ଜଗିବାକୁ କୁହାଯାଇଛି, ହେଲେ କେହି ଚିନ୍ତା କରୁନାହାନ୍ତି ଯେ ସିସିଟିଭି ତ ପ୍ରଶ୍ନ ବି କ୍ୟାପଚର କରିଦେବ। ସେପଟେ ମନିଟରିଂ ରୁମ୍‌ରେ କେହି ତାକୁ ଦେଖି ବାହାରେ କାହିଁକି ପ୍ରଘଟ କରିପାରିବେନି ବୋଲି ସେ ପ୍ରଶ୍ନ କରିଛନ୍ତି। ସଫ୍ଟୱେରରେ ସବୁ ହୋଇପାରିବ ବୋଲି ସେ କହିଛନ୍ତି। ତେବେ ଯୁକ୍ତ ଦୁଇ ପରୀକ୍ଷା ନିୟନ୍ତ୍ରକ କହିଛନ୍ତି ଯେ ତା' ଉପରେ କଡ଼ା ନଜର ରଖାଯିବ।

## ଧାନ...

ଟଙ୍କା ଇନପୁଟ ସବସିଡି ଦେବା ପାଇଁ ଘୋଷଣାରୁ ସରକାର କାହିଁକି ପଛଘୁଞ୍ଚା ଦେଉଛନ୍ତି? ନିକଟରେ କେନ୍ଦ୍ର ସରକାର ଧାନର ସଂଗ୍ରହ ମୂଲ୍ୟରେ ୬୯ ଟଙ୍କା ବୃଦ୍ଧି କରିଛନ୍ତି। ଓଡ଼ିଶାର ଚାଷୀଙ୍କୁ ଏହି ବର୍ଦ୍ଧିତ ୬୯ ଟଙ୍କା ନ ଦେବା ଏକ ପ୍ରତାରଣା ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଦ୍ୱିତୀୟରେ ନବୀନ ମଣ୍ଡିଗୁଡ଼ିକର ଅବ୍ୟବସ୍ଥା ପ୍ରସଙ୍ଗ ଉଠାଇଛନ୍ତି।

ଧାନ ମଣ୍ଡିମାନଙ୍କରେ ସଂଗ୍ରହ ପ୍ରକ୍ରିୟା ଆଶ୍ଚର୍ଯ୍ୟଜନକ ଭାବେ ମନ୍ଥର ଗତିରେ ଚାଲିଛି। ତେଣୁ ଧାନକୁ କାକର ଓ ଚୋରିରୁ ରକ୍ଷା କରିବା ପାଇଁ ଚାଷୀମାନଙ୍କୁ ରାତି ସାରା ଜଗି ରହିବାକୁ ପଡୁଛି। ମଣ୍ଡିଗୁଡ଼ିକରେ ସର୍ବନିମ୍ନ ସୁବିଧାର ଅଭାବ, ଟୋକନ ବ୍ୟବସ୍ଥାରେ ବିଫଳତା ଓ ପ୍ରାପ୍ୟ ପ୍ରଦାନରେ ଅହେତୁକ ବିଳମ୍ବ ଆଦି ସମସ୍ୟା ଚାଷୀମାନଙ୍କୁ ଆନ୍ଦୋଳନାତ୍ମକ ମାର୍ଗ ବାଛିବାକୁ ବାଧ କରୁଛି। ବିଜେପି ନିର୍ବାଚନୀ ଇସ୍ତାହାରର ଦୁଇ ନମ୍ବର ପଏଣ୍ଟରେ ୪୮ ଘଣ୍ଟା ମଧ୍ୟରେ ଡିବିଟି ଜରିଆରେ ପ୍ରାପ୍ୟ ଦେବା ପାଇଁ କୁହାଯାଇଥିଲା। କିନ୍ତୁ ଅଧିକାଂଶ କ୍ଷେତ୍ରରେ ଚାଷୀମାନଙ୍କୁ ସେମାନଙ୍କର ହକ୍ ପାଇବାକୁ ଏକ ସପ୍ତାହରୁ ଅଧିକ ସମୟ ଲାଗୁଛି। ଏହା ବିଜେପିର ନିର୍ବାଚନ ପ୍ରତିଶ୍ରୁତି ପାଳନରେ ବିଫଳତା ନୁହେଁ କି ବୋଲି ନବୀନ ପ୍ରଶ୍ନ କରିଛନ୍ତି। ଅଭାବୀ ବିକ୍ରିକୁ ନେଇ ସେ ଚତୁର୍ଥ ପଏଣ୍ଟରେ ସେ ଅଭାବୀ ବିକ୍ରି ପ୍ରସଙ୍ଗ ଉଠାଇ ଚାଷୀମାନେ କିପରି ଅସାଧୁ ବ୍ୟବସାୟୀ ଓ ମିଲରମାନଙ୍କ ଶୋଷଣର ଶିକାର ହେଉଛନ୍ତି ବୋଲି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଚାଷୀକୁ ତା'ର ଋଣ ପରିଶୋଧ କରିବା ପାଇଁ ବାଧ ହୋଇ ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ବହୁତ କମ୍ ଦରରେ ଧାନ ବିକିବାକୁ ପଡୁଛି। ଓଡ଼ିଶାର ଚାଷୀ କାହାର ଦୟା ଚାହାନ୍ତି ନାହିଁ। ସେମାନେ ବିଜେପିର ନିର୍ବାଚନ ପ୍ରତିଶ୍ରୁତି ମୁତାବକ ସେମାନଙ୍କ ହକ୍ ଚାହାଁନ୍ତି ବୋଲି ନବୀନ ଦାବି କରିଛନ୍ତି।

ମଣ୍ଡି ସମସ୍ୟାର ସମାଧାନ ଲାଗି ନବୀନ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ପ୍ରଥମେ କଟନୀ ଛଟନୀ ବନ୍ଦ କରିବା ପାଇଁ ତୁରନ୍ତ ମଣ୍ଡିଗୁଡ଼ିକରେ ସ୍ପେଶାଲ ସ୍କ୍ୱାଡ ନିୟୋଜିତ କରାଯାଉ ଓ ଦୋଷୀ ମିଲ୍ ମାଲିକ ଓ ସରକାରୀ ଅଫିସରଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଦ୍ୱିତୀୟରେ ଇନପୁଟ୍ ସବ୍‌ସିଡି ପ୍ରଦାନ ପାଇଁ ରଖାଯାଇଥିବା ଚାଷୀ ପିଛା ସର୍ବାଧିକ ୧୫୦ କ୍ୱିଣ୍ଟାଲ ସିଲିଙ୍ଗ ସର୍ତ୍ତ ତୁରନ୍ତ ପ୍ରତ୍ୟାହାର କରାଯାଉ ଓ ରେଜିଷ୍ଟ୍ରିଭୁକ୍ତ ସବୁ ଚାଷୀଙ୍କଠାରୁ ସବୁ ଧାନ କିଣାଯାଉ। ତୃତୀୟରେ ବିଜେପିର ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ସବୁ ଚାଷୀଙ୍କୁ ଧାନ ସଂଗ୍ରହର ୪୮ ଘଣ୍ଟା ମଧ୍ୟରେ ଡିବିଟି ଜରିଆରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଉ। ଚତୁର୍ଥରେ ୭୨ ଘଣ୍ଟା ମଧ୍ୟରେ ମଣ୍ଡି ଗୁଡ଼ିକରେ ଖୋଲାରେ ପଡ଼ିଥିବା ସବୁ ଧାନଗୁଡ଼ିକୁ ଶତ ପ୍ରତିଶତ ଉଠାଯିବାକୁ ନବୀନ ଦାବି କରିଛନ୍ତି।

## ୨୪ ବର୍ଷ...

ସେମାନେ କୌଣସି ଜନମତକୁ ସମ୍ମାନ ଦେବାକୁ ରାଜି ନ ଥିଲେ। ଆଉ ବର୍ତ୍ତମାନ ବିଜେଡି ଯେଉଁ ସ୍ଥିତିରେ ପହଞ୍ଚିଛି ସେଥିରୁ ଆଉ ଦଳ ପୁଣି ପୁନର୍ଗଠିତ ହେବାର ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି। ସେହିଭଳି ବିଜେଡି ସଭାପତି ବିଜେପି ପାଖରେ ଆତ୍ମସମର୍ପଣ କରିଦେଇଛନ୍ତି, ଯାହା ଆସନ୍ତା ରାଜ୍ୟସଭା ନିର୍ବାଚନରେ ମଧ ପ୍ରତିଫଳିତ ହେବା ଏକପ୍ରକାର ନିଶ୍ଚିତ। ବିଜେପି ୩ଟି ଓ ବିଜେଡି ଗୋଟିଏ ଆସନ ନେବ। ଆଉ ଯଦି ବିଜେଡିରେ କ୍ରସ ଭୋଟିଂ ହୁଏ, ତା'ହେଲେ ଘରକୁ ବାନ୍ଧି ରଖିବା କଷ୍ଟକର ହୋଇଯିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ରାଜ୍ୟରେ ଆଉ ଏକ ଆଞ୍ଚଳିକ ଦଳ ଗଠନ ନେଇ ହେଉଥିବା ଚର୍ଚ୍ଚା କେବଳ ଗଣମାଧମରେ ସୀମିତ। ଆଉ ଏକ ଆଞ୍ଚଳିକ ଦଳ ଗଠନର ସମୟ ଆସିନି। କିନ୍ତୁ ଯଦି ଦଳର ଆଭିମୁଖ୍ୟ, ଚିନ୍ତାଧାରା, ନେତାଙ୍କ ମଧ୍ୟରେ ବୁଝାମଣା ଠିକ ରୁହେ, ତା'ହେଲେ ସେ ମଧ ସେଥିରେ ନିଜକୁ ସାମିଲ କରିପାରନ୍ତି। ସେ ବାରମ୍ବାର ଦିଲ୍ଲୀ ଗସ୍ତ କରୁଛନ୍ତି ଓ ବିଜେଡି ଏବଂ ଅନ୍ୟ ଦଳରେ ଥିବା ନିଜ ବନ୍ଧୁଙ୍କୁ ସାକ୍ଷାତ କରୁଛନ୍ତି। ଜଣେ ରାଜନେତା ଭାବେ ସେ ଏବେ ବି ଲୋକଙ୍କ ସମ୍ପର୍କରେ ଅଛନ୍ତି ଓ ବିଭିନ୍ନ ଅଣରାଜନୈତିକ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ଅନ୍ୟ ଦଳକୁ ଯିବା କିମ୍ବା ୨୦୨୯ରେ ପୁଣି ରାଜନୀତିରେ ନିଜ ଭାଗ୍ୟ ପରୀକ୍ଷା କରିବା, ସେନେଇ ଏବେ ଚିନ୍ତା କରୁନାହାଁନ୍ତି। ସମୟ ଆସିଲେ ସମୟର ସ୍ଥିତିକୁ ଦେଖି ସେ ଏହା ଉପରେ ନିଷ୍ପତ୍ତି ନେବେ ବୋଲି ଶ୍ରୀ ଶତପଥୀ କହିଛନ୍ତି। ବର୍ତ୍ତମାନର ରାଜ୍ୟରେ ଏକ ରାଜନୈତିକ ସରକାର ଚାଲିଛି। ଅଫିସରଙ୍କ ମନମାନୀ ବନ୍ଦ ହୋଇଛି। ପ୍ରଶାସନିକ ସ୍ତରରେ କିଛିଟା ସମସ୍ୟା ଅଛି। କିନ୍ତୁ ମାତ୍ର ଦୁଇ ବର୍ଷର ସରକାର ହୋଇଥିବାରୁ ସେମାନଙ୍କୁ ଆଉ କିଛି ଦିନ ସମୟ ଦିଆଯିବା ଦରକାର। ହେଲେ ସରକାରଙ୍କ ବିରୋଧରେ ଯେପରି ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସର ସଙ୍କଟ ସୃଷ୍ଟି ନ ହେବ, ସେଥିପ୍ରତି ବିଜେପି ଏବେଠୁ ସଚେତନ ହେବା ଉଚିତ ବୋଲି ଶ୍ରୀ ଶତପଥୀ କହିଛନ୍ତି।

## ଡାଇନିଂ...

ଡାଇନିଂ ଟେବୁଲରେ ବସି ମହାପ୍ରସାଦ ସେବନ ନୁହେଁ, ଚପଲ ପିନ୍ଧି ଏହାକୁ ସେବନ କରିବାକୁ ନେଇ ମଧ ଉଦବେଗ ପ୍ରକାଶ ପାଇଛି। ତେବେ ମହାପ୍ରଭୁଙ୍କ ମହାପ୍ରସାଦ କାଣିଚାଏ ପ୍ରାପ୍ତ ହେଲେ ଆତ୍ମତୃପ୍ତି ମିଳିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ମହାପ୍ରସାଦ ସେବନ ସମୟରେ ଖାଲି ପାଦରେ ତଳେ ବସି ଏହାକୁ ସେବନ କରିବାର ପରମ୍ପରା ମଧ ରହିଛି।

ମହାପ୍ରଭୁଙ୍କ ଦର୍ଶନ କରିବା ସହିତ ମହାପ୍ରସାଦ ସେବନ କରିବା ଦ୍ୱାରା ଅଶେଷ ପୁଣ୍ୟ ମିଳେ ବୋଲି ମଧ ବିଶ୍ୱାସ ରହିଛି। କିନ୍ତୁ ମହାପ୍ରସାଦକୁ ଏଭଳି ଅସମ୍ମାନ କରିବା ଆଦୌ ଉଚିତ ନୁହେଁ ବୋଲି ଜଗନ୍ନାଥପ୍ରେମୀ କହିଛନ୍ତି। ତେବେ ଯେଉଁ ହୋଟେଲରେ ବଙ୍ଗୀୟ ଯାତ୍ରୀ ମହାପ୍ରସାଦକୁ ଅସମ୍ମାନ କରିଛନ୍ତି ସେହି ହୋଟେଲର କର୍ମଚାରୀ ମାନେ କ'ଣ କରୁଥିଲେ ସେହି ସମୟରେ ତାକୁ ନେଇ ପ୍ରଶ୍ନ ଉଠିଛି। ମହାପ୍ରସାଦକୁ ସମ୍ମାନ ଦେଇ କିଭଳି ସେବନ କରିବା କଥା ସେନେଇ ହୋଟେଲ ପକ୍ଷରୁ ଯାତ୍ରୀମାନଙ୍କୁ ସଚେତନ କରାଗଲେ, ଏଭଳି ଘଟଣା ବାରମ୍ବାର ଘଟନ୍ତା ନାହିଁ ବୋଲି ସେବାୟତମାନେ ମତ ରଖିଛନ୍ତି। ଏଣୁ ସମସ୍ତ ହୋଟେଲ୍ ମାଲିକ ଏଥିପ୍ରତି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

## ୫ ବର୍ଷ...

ତାଙ୍କପରେ ଅତିରିକ୍ତ ଡିଜି(ଆଇନଶୃଙ୍ଖଳା) ସଞ୍ଜୟ କୁମାର ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଓ କ୍ରାଇମବ୍ରାଂଚ ଡିଜି ବିନୟତୋଷ ମିଶ୍ର ରାଜ୍ୟରେ ପରିବର୍ତ୍ତିତ ଅପରାଧିକ ଚିତ୍ର ଉପସ୍ଥାପନ କରିବେ। ସେହିପରି ଅତିରିକ୍ତ ଡିଜି(ନକ୍ସଲ ମୁକାବିଲା) ସଞ୍ଜୀବ କୁମାର ପଣ୍ଡା ଦିନ ୧ଟାରୁ ପ୍ରାୟ ୩୦ମିନିଟ୍ ପର୍ଯ୍ୟନ୍ତ ଓଡ଼ିଶାକୁ ମାର୍ଚ୍ଚ ୩୧ତାରିଖ ସୁଦ୍ଧା ମାଓମୁକ୍ତ କରିବା ନିମନ୍ତେ ଚୂଡ଼ାନ୍ତ ରଣନୀତି ଉପସ୍ଥାପନ କରିବେ। ଅପରାହ୍ଣରେ ସଶସ୍ତ୍ର ପୁଲିସ ବାହିନୀର ଶକ୍ତି ବୃଦ୍ଧି ସହ ଭିଜିଲାନ୍ସ, ଜେଲ୍ ଓ ଅଗ୍ନିଶମ ସେବା ବିଭାଗର କାର୍ଯ୍ୟଶୈଳୀ ଉପରେ ବିଚାରବିମର୍ଶ ହେବ। ସନ୍ଧ୍ୟାରେ ବିଭିନ୍ନ ୱାର୍କିଂ ଗ୍ରୁପ୍ ମାଧମରେ ଭାରତୀୟ ନ୍ୟାୟ ସଂହିତାର ପ୍ରୟୋଗ, ସାଇବର ଅପରାଧ ତଦନ୍ତରେ ଏଆଇର ବ୍ୟବହାର ଓ ନିଶାମୁକ୍ତ ଭାରତ ଅଭିଯାନ ଉପରେ ମଧ ବିଚାରବିମର୍ଶ ହେବ ବୋଲି ଜଣାପଡ଼ିଛି। ସେହିପରି ଦ୍ୱିତୀୟ ଦିନ ଅର୍ଥାତ୍ ୧୨ତାରିଖ ପୂର୍ବାହ୍ନ ୧୦ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ମିଳନୀ ସ୍ଥଳରେ ପହଂଚିବା ପରେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯିବ। ଦିନତମାମ ଚାଲିବାକୁ ଥିବା ବିଭିନ୍ନ ଅଧିବେଶନରେ ରାୟପୁରଠାରେ ୨୦୨୫ରେ ଅନୁଷ୍ଠିତ ହୋଇଥିବା ଜାତୀୟ ପୁଲିସ ଡିଜି ସମ୍ମିଳନୀର ସୁପାରିଶଗୁଡ଼ିକୁ ଓଡ଼ିଶାରେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯିବ। ଏଥିରେ ଅପରାଧ, ଗୁଇନ୍ଦା ବ୍ୟବସ୍ଥା, ମାଓବାଦୀ ସମସ୍ୟା ଓ ବିପର୍ଯ୍ୟୟ ପ୍ରଶମନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟର ଅନୁପାଳନ ରିପୋର୍ଟ ଉପସ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ପୁଲିସରେ ପ୍ରତିବର୍ଷ ବରିଷ୍ଠ ଅଫିସର୍ସ ସମ୍ମିଳନୀ ଅନୁଷ୍ଠିତ ହେବାର ପରଂପରା ରହିଥାଏ। କିନ୍ତୁ ଗତ ୫ବର୍ଷ ଧରି ବିଭିନ୍ନ କାରଣରୁ ଏହି ସମ୍ମିଳନୀ ଆୟୋଜନ ଉପରେ ଓଡ଼ିଶା ପୁଲିସ ବିଶେଷ ଗୁରୁତ୍ୱ ଦେଉନଥିବା ଜଣାପଡ଼ିଛି। ୨୦୨୧ ଡିସେମ୍ବର ମାସରେ ଶେଷଥର ପାଇଁ ୬୩ତମ ବରିଷ୍ଠ ପୁଲିସ ଅଫିସର୍ସ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଗତ ବିଜେଡି ସରକାର ଓ ଏବେ ୧୯ମାସର ବିଜେପି ସରକାର ଅମଳରେ ଏହି ସମ୍ମିଳନୀ ଆୟୋଜନ ସମ୍ଭବପର ହୋଇପାରିନଥିଲା। ଅବଶ୍ୟ ମୋହନ ସରକାର କ୍ଷମତାକୁ ଆସିବା ପରେ ପ୍ରଥମେ ୨୦୨୫ ଅଗଷ୍ଟ ୨୨ ଓ ୨୩ତାରିଖରେ ବରିଷ୍ଠ ପୁଲିସ ଅଫିସର୍ସ ସମ୍ମିଳନୀ ନିମନ୍ତେ ତାରିଖ ଓ ସ୍ଥାନ ଚୂଡ଼ାନ୍ତ ହେବା ସହ ଦୁଇଜଣ ବରିଷ୍ଠ ଆଇପିଏସ୍ ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅନୁପ କୁମାର ସାହୁଙ୍କୁ ଆୟୋଜନର ଦାୟିତ୍ୱ ନ୍ୟସ୍ତ ହୋଇଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଏହାକୁ ବାତିଲ କରିଦିଆଗଲା। ପୁଣିଥରେ ୨୦୨୬ ଜାନୁୟାରୀ ୧୭ରେ ଏହି ସମ୍ମିଳନୀ ନିମନ୍ତେ ତାରିଖ ଚୂଡ଼ାନ୍ତ ହୋଇଥିଲା। ଏହାକୁ ମଧ ଶେଷ ମୁହୂର୍ତ୍ତରେ ବାତିଲ କରିଦିଆଯାଇଥିଲା।

## ପତ୍ନୀ ହତ୍ୟା ମାମଲାରେ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ



ଯାଜପୁର,୯।୨ (ସଂଚାର ବ୍ୟୁରୋ): ପାରିବାରିକ ବିବାଦରୁ ଘଟିଥିବା ଏକ ନିର୍ମମ ପତ୍ନୀ ହତ୍ୟା ମାମଲାରେ କୋର୍ଟ କଠୋର ମନୋଭାବ ପ୍ରକାଶ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ୨୦୨୫ ମସିହାରେ ବିଂଝାରପୁର ଥାନା ଅନ୍ତର୍ଗତ ଚନ୍ଦ୍ରମୁଁ ଗାଁରେ ଘଟିଥିବା ଏହି ଚର୍ଚ୍ଚିତ ଘଟଣା। ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଶ୍ରୀ ବିଶ୍ୱେଶ୍ୱର ବିଶ୍ୱ ପ୍ରକାଶ ରାୟ ଅଭିଯୁକ୍ତ ସୁଦାମ ମଲ୍ଲିକଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡ ଦେଇଛନ୍ତି। ଜରିମାନା ଅଦାୟ ନ କଲେ ଅତିରିକ୍ତ ୨ ମାସ ଜେଲ୍ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ମାମଲାର ବିବରଣୀ ଅନୁଯାୟୀ, ଅଭିଯୁକ୍ତ ସୁଦାମ ମଦ୍ୟପାନ କରି ଘରୋଇ କଳହରେ ଉତ୍ତେଜିତ ହୋଇ ପ୍ରଥମେ ଶାବୁଳରେ ଆକ୍ରମଣ କରିଥିଲେ ଓ ପରେ ଛୁରୀ ଭୁସି ନିଜ ପତ୍ନୀଙ୍କୁ ହତ୍ୟା କରିଥିଲେ। ଏହି ଘଟଣା ସେତେବେଳେ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଆକ୍ରୋଶ ସୃଷ୍ଟି କରିଥିଲା।

## ଠିକା କାମକୁ ନେଇ ଦୁଇଗୋଷ୍ଠୀ ମୁହାଁମୁହିଁ : ଭାଙ୍ଗିଦେଲେ ଭିତ୍ତିଫଳକ



ବାଲିଅନ୍ତା,୯।୨ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉନ୍ନତୀକଣ କାର୍ଯ୍ୟକୁ ନେଇ ଶାସକ ଓ ବିରୋଧୀ ଦଳ ସମର୍ଥିତ ଦୁଇ ଗୋଷ୍ଠୀ ମଧରେ ମୁହାଁମୁହିଁ ପରିସ୍ଥିତି ଦେଖାଦେଇଛି। ଗୋଟିଏ ଗୋଷ୍ଠୀ ବିଦ୍ୟାଳୟ, ଖେଳପଡ଼ିଆ, ପ୍ରାଚୀର ନିର୍ମାଣ ନେଇ ସୂଚନା ଫଳକ ନିର୍ମାଣ କରିଥିବା ବେଳେ ବିରୋଧୀ ଗୋଷ୍ଠୀ ଜୋରଜବରଦସ୍ତ ନିଅଁ ଖୋଳି ପକାଇଛନ୍ତି। ଏହାକୁ କେନ୍ଦ୍ରକରି ଗତକାଲି ବିଳମ୍ବିତ ରାତିରେ ବିରୋଧୀ ଗୋଷ୍ଠୀ ସମର୍ଥିତ ଯୁବକମାନେ ପ୍ରକଳ୍ପ ସୂଚନା ଫଳକକୁ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବିଦ୍ୟାଳୟ ସମ୍ମୁଖରେ ପ୍ରାଚୀର ନିର୍ମାଣ ନେଇ ୭୦ ଫୁଟ ଲମ୍ବ ୪ ଫୁଟ ଗଭୀରରେ ନିଅଁ ଖୋଳି ଛାଡ଼ି ଦିଆଯାଇଥିବାରୁ ବିଦ୍ୟାଳୟ ଓ ଅଙ୍ଗନବାଡ଼ିକୁ ଯାତାୟତ କରୁଥିବା କୁନି କୁନି ପିଲାମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ଦେଖାଦେଇଛି। ପିଲାମାନେ ଯାତାୟତ ବେଳେ ଯଦି କୌଣସି ଅଘଟଣ ଘଟେ ତା'ହେଲେ ପ୍ରଶାସନ ଓ ଜନ ପ୍ରତିନିଧି ଦାୟୀ ରହିବେ ବୋଲି ଅଭିଭାବକମାନେ କହିଛନ୍ତି। ଜିଲ୍ଲା ପ୍ରଶାସନ ଓ ଖୋର୍ଧା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।। ସୂଚନାଯୋଗ୍ୟ ବିଦ୍ୟାଳୟର ଉନ୍ନତୀକରଣ ନେଇ ବିକଶିତ ଗାଁ ବିକଶିତ ଓଡ଼ିଶାରେ ୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି।

## କୁଶଭଦ୍ରାରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ବାଲିଅନ୍ତା,୯।୨ (ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ଅଧୀନ କାକରୁଦ୍ରପୁର ସ୍ଥିତ କୁଶଭଦ୍ରା ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ସନ୍ତୋଷ ବେହେରାଙ୍କ ପୁଅ ଶୁଭମ ବେହେରା(୧୭)। ଖବର ପାଇ ବାଲିଅନ୍ତା ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶୁଭମଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁସାରେ ଆଜି ସକାଳେ ଶୁଭମ ଶୌଚ ହେବାକୁ କୁଶଭଦ୍ରା ନଦୀକୁ ଯାଇଥିଲେ। ହେଲେ ମାଟିଆ ନଦୀ ଶଯ୍ୟାକୁ ଜେସିବି ଯୋଗେ ତାଡ଼ି ସୃଷ୍ଟି କରିଥିବା ଗର୍ତ୍ତ ସଂପର୍କରେ ଜାଣିପାରିନଥିଲେ। ଗୋଡ଼ ଖସିଯିବାରୁ ଗର୍ତ୍ତରେ ବୁଡ଼ି ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ହେଁ ଶୁଭମଙ୍କ ପତ୍ତା ମିଳିନଥିଲା। କିଛି ସମୟ ପରେ ଶୁଭମ ପାଣିରେ ଭାସୁଥିବା ଦେଖି ସ୍ଥାନୀୟ ଲୋକ ଶୁଭମଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ଶୁଭମଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। କାଳେ ଶୁଭମ ବଞ୍ଚିଥିବା ଭାବି ୧୦୮ ଆମ୍ବୁଲାନ୍ସ ଡକାଇ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ହେଲେ ଡାକ୍ତର ସେଠାରେ ଶୁଭମଙ୍କୁ ମୃତ ଘୋଷଣା କରିଥିଲେ।

## ଫାଇନାନ୍ସ ଅର୍ଥ ହେରଫେର ଅଭିଯୋଗରେ ପୂର୍ବତନ ଜିଏମ ଗିରଫ



ଫୁଲବାଣୀ,୯।୨ (ସଂଚାର ବ୍ୟୁରୋ): ଗ୍ରାହକଙ୍କ ଠାରୁ ଫାଇନାନ୍ସ ଟଙ୍କା ଆଦାୟ କରି ଆତ୍ମସାତ କରିଥିବା ଅଭିଯୋଗରେ କନ୍ଧମାଳ ଜିଲ୍ଲା ଫୁଲବାଣୀ ଠାରେ ଥିବା ଶ୍ରୀରାମ ଫାଇନାନ୍ସ ନାମକ ଏକ ଘରୋଇ ଫାଇନାନ୍ସ କମ୍ପାନୀର ପୂର୍ବତନ ବ୍ରାଞ୍ଚ ମ୍ୟାନେଜରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଜିଲ୍ଲାର ଫିରିଙ୍ଗିଆ ପୁଲିସ। ଗିରଫ ଜିଏମଙ୍କ ନା ଦେବାଶିଷ ମହାନ୍ତି ବୋଲି ଜଣା ପଡ଼ିଥିବା ବେଳେ ତାଙ୍କ ଘର କଟକ ସିଡିଏ ଅଞ୍ଚଳରେ ଓ ସେ ଭୁବନେଶ୍ୱରର ତମାଙ୍ଗୋ ଅଞ୍ଚଳରେ ଘରଭଡ଼ା ନେଇ ରହୁଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଅଭିଯୁକ୍ତ ଦେବାଶିଷ ମହାନ୍ତି ୨୦୧୮ ମସିହାରେ ଫୁଲବାଣୀରେ ଥିବା ଶ୍ରୀରାମ ଫାଇନାନ୍ସ ନାମକ ଏକ ବେସରକାରୀ ବ୍ୟାଙ୍କରେ ଜିଏମ ଭାବରେ କାର୍ଯ୍ୟରତ ଥିବା ସମୟରେ ଫିରିଙ୍ଗିଆ ଥାନା ଅଧୀନରେ ଥିବା କାଶିନି ପଦର ଗାଁର ଭାସ୍କର ଚନ୍ଦ୍ର ପୃଷ୍ଟି ନାମକ ଜଣେ ବ୍ୟକ୍ତିଙ୍କ ବୋଲେର ଗାଡିର ଫାଇନାନ୍ସ ପଇସା ସେଟଲ ମେଣ୍ଟ କରିବା ପାଇଁ ପ୍ରାୟ ଦେଢ଼ ଲକ୍ଷ୍ୟ ଟଙ୍କା ନେଇ ଆତ୍ମସାତ କରି ଫେରାର ହୋଇଯାଇଥିଲେ।

## ଗଞ୍ଜାମ ମହାବିଦ୍ୟାଳୟ

# ଏକାଧିକ ବିଭାଗରେ ଅଧ୍ୟାପକ ନାହାଁନ୍ତି

ଛତ୍ରପୁର,୯।୨ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାର ସବୁଠାରୁ ପୁରାତନ ଓ ଐତିହ୍ୟବାହୀ ଶିକ୍ଷା ପ୍ରତିଷ୍ଠାନ ଭାବେ ପରିଚିତ ଗଞ୍ଜାମ ମହାବିଦ୍ୟାଳୟ ନାକ୍ ମାନ୍ୟତା ପାଇଥିବା ସତ୍ତ୍ୱେ ଆଶାନୁସାରେ ଶିକ୍ଷାତ୍ମକ ପ୍ରଦର୍ଶନ କରିପାରୁନଥିବା ନେଇ ଗୁରୁତର ଅଭିଯୋଗ ଉଠୁଛି। ଅଧ୍ୟାପକ ଅଭାବ, ନିୟମିତ କ୍ଲାସ ନ ହେବା ଓ ପାଠ୍ୟକ୍ରମ ସମୟମତେ ସମାପ୍ତ ନ ହେବାରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ମହାବିଦ୍ୟାଳୟରେ ମୋଟ ୩୯ ଜଣ ସ୍ଥାୟୀ ଅଧ୍ୟାପକ ଓ ୬ ଜଣ ମ୍ୟାନେଜମେଣ୍ଟ ଏବଂ ବ୍ଲକ ଗ୍ରାଣ୍ଟେଡ ଅଧ୍ୟାପକ ପଦ ପାଇଁ ଅନୁମତି ଥିବା ସତ୍ତ୍ୱେ ବର୍ତ୍ତମାନ କେବଳ ୨୯ ଜଣ ଅଧ୍ୟାପକ କାର୍ଯ୍ୟରତ ଅଛନ୍ତି। ରସାୟନ ବିଜ୍ଞାନ ଓ ଅର୍ଥଶାସ୍ତ୍ର ବିଭାଗରେ ଚାରିଟି ପଦ ଆବଶ୍ୟକ ଥିବା ସତ୍ତ୍ୱେ ବର୍ତ୍ତମାନ କେବଳ ଜଣେ ଅଧ୍ୟାପକ ଦ୍ୱାରା ପାଠପଢ଼ା ଚାଲିଛି। ରାଜନୀତି ବିଜ୍ଞାନ ବିଭାଗରେ




### ସଙ୍କଟରେ ବିଦ୍ୟାର୍ଥୀଙ୍କ ଭବିଷ୍ୟତ

ଜଣେ ବି ସ୍ଥାୟୀ ଅଧ୍ୟାପକ ନଥିବାରୁ ସମ୍ପୂର୍ଣ୍ଣ ବିଭାଗ ପ୍ରାୟ ମୁରବୀ ଶୂନ୍ୟ ହୋଇପଡ଼ିଛି। ସେହିପରି ଓଡ଼ିଆ ବିଭାଗରେ ୫ ଜଣ ଅଧ୍ୟାପକ ଆବଶ୍ୟକ ଥିବାବେଳେ ବର୍ତ୍ତମାନ କେବଳ ୨ ଜଣ ଅଧ୍ୟାପକଙ୍କ ଦ୍ୱାରା ପାଠଦାନ କାର୍ଯ୍ୟ ଚାଲିଛି। ଅଧ୍ୟାପକ ଅଭାବର ସିଧା ପ୍ରଭାବ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଉପରେ ପଡ଼ୁଛି। ପରୀକ୍ଷା ନିକଟ ଆସୁଥିବାବେଳେ ଏହି ପରିସ୍ଥିତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଗଭୀର ଚିନ୍ତା ସୃଷ୍ଟି କରୁଛି। ପଶାସନିକ ଉଦାସୀନତା ଓ କଲେଜ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବ ଯୋଗୁଁ ବିଦ୍ୟାର୍ଥୀମାନେ ଉତ୍ତମ ଶିକ୍ଷାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏହି ଅବ୍ୟବସ୍ଥାକୁ ଦେଖି ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଧୀରେଧୀରେ ମହାବିଦ୍ୟାଳୟ ପ୍ରତି ଆସ୍ଥା ହରାଉଥିବା ଦେଖାଯାଉଛି, ଯାହା ଏହି ପୁରାତନ ପ୍ରତିଷ୍ଠାନ ପାଇଁ ଅତ୍ୟନ୍ତ ଚିନ୍ତାଜନକ।

ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ଯେ, ଯଦି ଶୀଘ୍ର ଅଧ୍ୟାପକ ନିଯୁକ୍ତି ଓ ଶିକ୍ଷା ବ୍ୟବସ୍ଥା ସୁଧାର ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଏନି, ତେବେ ଆଗାମୀ ଦିନରେ ଗଞ୍ଜାମ ମହାବିଦ୍ୟାଳୟର ସମ୍ମାନ ଓ ଭରସା ଗଭୀର ସଙ୍କଟରେ ପଡ଼ିପାରେ।

## ଶିକ୍ଷକଙ୍କ ବଦଳି ପ୍ରତ୍ୟାହାର ଦାବିରେ ଧାରଣା

### ନିଷ୍ପତ୍ତି ପରିବର୍ତ୍ତନ ପରେ ଧାରଣା ପ୍ରତ୍ୟାହୃତ



ବାଲିଆପାଳ,୯।୨ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଛଡା ଗ୍ରାମରେ ଥିବା କ୍ଷେମ ରାଧାଶ୍ୟାମ ଉଚ୍ଚ ବିଦ୍ୟାଳୟରେ ସୋମବାର ବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦବୀ ସାଙ୍ଗକୁ ଜଣେିକ ଇଂରାଜୀ ଶିକ୍ଷକଙ୍କ ଅନ୍ୟ ବିଦ୍ୟାଳୟକୁ ଡେପୁଟେସନ ପ୍ରତ୍ୟାହାର ଦାବିରେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଛାତ୍ର ଛାତ୍ରୀ ଏବଂ ଅଭିଭାବକ ଧାରଣରେ ବସିଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ ଏହି ବିଦ୍ୟାଳୟରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଶିକ୍ଷାଦାନ ପାଇଁ ୭ ଜଣ ଶିକ୍ଷକ ରହିଛନ୍ତି। ପୂର୍ବରୁ ଜଣେିକ ଶିକ୍ଷକଙ୍କ ମୃତ୍ୟୁ ପରେ ସେହି ପଦବୀ ଏ ପର୍ଯ୍ୟନ୍ତ ପୂରଣ ହୋଇ ନଥିବା ବେଳେ ପୁଣି ଇଂରାଜୀ ଶିକ୍ଷକ କିଶୋର କୁମାର ପାଣିଙ୍କୁ ଅନ୍ୟତ୍ର ଡେପୁଟେସନରେ ପଠାଇବା ପାଇଁ ଶିକ୍ଷା ବିଭାଗ ନୋଟିସ ଜାରି କରିଛନ୍ତି, ଯାହାକୁ ଜୋରଦାର ବିରୋଧ କରି ଅଭିଭାବକ, ଗ୍ରାମବାସୀ ଏବଂ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।

ଅନ୍ୟ ପଟେ ପରିସ୍ଥିତି ଅସମ୍ଭାଳ ହେବାରୁ ବ୍ଲକ ଗୋଷ୍ଠୀ ଅତିରିକ୍ତ ଶିକ୍ଷା ଅଧିକାରିଣୀ ନମିତା ପ୍ରଭା ସାମଲଙ୍କ ସହିତ ଓଷ୍ଟାର ସଭାପତି ବିଜୟ ପାତ୍ର ପହଞ୍ଚି ସନ୍ଧ୍ୟା ସୁଦ୍ଧା ଶିକ୍ଷକଙ୍କ ଡେପୁଟେସନ ନିର୍ଦ୍ଦେଶକୁ ସ୍ଥଗିତ କରାଯିବ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାର କରାଯାଇଛି ବୋଲି ଜଣାପଡ଼ିଛି।

## ଧାମନଗର ଥାନାରେ ନୂତନ ଅଧିକାରୀଙ୍କ ଯୋଗଦାନ



ଧାମନଗର,୯।୨ (ସଂଚାର ବ୍ୟୁରୋ): ଧାମନଗର ଥାନାର ନୂତନ ଅଧିକାରୀ ଭାବେ ସୁଭ୍ରଜିତ ଦାସ ରବିବାର ଦିନ ୧୦ଟା ବେଳେ କାର୍ଯ୍ୟରେ ଯୋଗଦେଇଛନ୍ତି। ଏଠାରେ ମାତ୍ର ୬ମାସ କାର୍ଯ୍ୟ କରିଥିବା ଧାମନଗର ଥାନା ଆଇଆଇସି ରଞ୍ଜନ କୁମାର ସେଠୀଙ୍କୁ ଜିଲ୍ଲା ମୁଖ୍ୟାଳୟର ମାନବାଧିକାର ସୁରକ୍ଷା ସେଲ୍‌କୁ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ମୁଖ୍ୟାଳୟରେ ଥିବା ସୁଭ୍ରଜିତ ଦାସକୁ ଧାମନଗର ଥାନା ଆଇଆଇସି ଭାବେ ନିଯୁକ୍ତି କରାଯାଇଛି। ପୂର୍ବ ଅଧିକାରୀ ଶ୍ରୀ ସେଠୀଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ ପରେ ଥାନା ପକ୍ଷରୁ ସହକାରୀ ଅଧିକାରୀ ଓ କର୍ମଚାରୀମାନେ ନୂତନ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ତେବେ ବେଆଇନ ମଦ, ବାଲି, ମାଟି, ଗୋରୁଗାଡ଼ି ଓ କୋଇଲା ପରିବହନକୁ ରୋକିବା ସହ ବିଭିନ୍ନ ଆସାମାଜିକ କାର୍ଯ୍ୟ ଉପରେ ତୀକ୍ଷ୍ଣ ନଜର ରଖାଯିବ ବୋଲି ଶ୍ରୀ ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## କାକଟପୁରରେ ଖାଉଟି କାର୍ଡ ବାଣ୍ଟିଲେ ମନ୍ତ୍ରୀ




କାକଟପୁର/ଅସ୍ତରଙ୍ଗ,୯।୨ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ବ୍ଲକ ପରିସରରେ ନୂତନ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କହିଛନ୍ତି ଯେ, ଏହି ଖାଉଟି କାର୍ଡରେ ସ୍ୱଚ୍ଛତା ଆଣିବାକୁ ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ କରାଯାଇଥିଲା। ବହୁ ଯୋଗ୍ୟ ଗରିବ ହିତାଧିକାରୀ କାର୍ଡରୁ ବଞ୍ଚିତ ଥିଲେ। ତେଣୁ ଇକେୱାଇସି ମାଧ୍ୟମରେ କାର୍ଡ ଦ୍ୱାରା ଉପକୃତ ହେଉଥିବା ହିତାଧିକାରୀଙ୍କ ସ୍ଥିତି ଯାଞ୍ଚ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ବହୁ ପରିବାର ମୃତ ବ୍ୟକ୍ତିଙ୍କ ନାମରେ ମଧ କାର୍ଡରେ ଚାଉଳ ନେଉଥିବା ସାମ୍ନାକୁ ଆସିଲା। ଇତି ମଧ୍ୟରେ ୯୬ପ୍ରତିଶତ ଲୋକେ ଇକେୱାଇସି କରିସାରିଲେଣି। ମାତ୍ର ଏବେ ଆହୁରି ୧୪ଲକ୍ଷ ଲୋକ ଇ-କେୱାଇସି କରିନାହାନ୍ତି। ସେମାନେ ଏହି କେୱାଇସି କରେଇ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଶ୍ରୀ ପାତ୍ର କହିଥିଲେ, କୌଣସି ଧନୀକ ଯେପରି ଗରିବଙ୍କ ହକକୁ ଛଡାଇ ନ ନିଅନ୍ତୁ ସେଥିପାଇଁ ଏହି ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବାକୁ ଇ-କେୱାଇସି ବ୍ୟବସ୍ଥା କରାଯାଇଥିଲା। କେହି ଗରିବ ଲୋକେ ଯଦି ନିୟମ ଅନୁସାରେ ଏହି କାର୍ଡ ପାଇବା ପାଇଁ ଯୋଗ୍ୟ ଅଛନ୍ତି ସେମାନେ ଆବେଦନ କରନ୍ତୁ। ଏବେ ବି ଆମ ନିକଟରେ ପର୍ଯ୍ୟାପ୍ତ ରାସନ କାର୍ଡ ଦେବାର ବ୍ୟବସ୍ଥା ରହିଛି। ଏହା ବ୍ୟତୀତ କୌଣସି ଲୋକ ଯଦି ଭାବୁଛନ୍ତି ସେମାନେ ଯୋଗ୍ୟ ହିତାଧିକାରୀ ହୋଇଥିଲେ ସୁଦ୍ଧା ଇ-କେୱାଇସି ପରେ ଏଥିରୁ ବଞ୍ଚିତ ହୋଇଛନ୍ତି, ସେମାନେ ପୁନଃ ଆବେଦନ କରନ୍ତୁ। ପୋର୍ଟାଲ ଖୋଲା ରହିଛି ବୋଲି କହିଛନ୍ତି।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର ପୁରୀ ଜିଲ୍ଲା କାକଟପୁର ବ୍ଲକ ପରିସରରେ ୯୧ଜଣ ନୂଆ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରିଥିଲେ। କାକଟପୁର ବ୍ଲକର ୧୬ଗୋଟି ପଂଚାୟତରୁ ନୂଆ କାର୍ଡ ପାଇଁ ୧୮୪୬ଜଣ ଆବେଦନ କରିଥିବା ବେଳେ ୧୩୦୪ଜଣ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। କାକଟପୁର ଗ୍ରସ୍ତରେ ଆସି ମନ୍ତ୍ରୀ ଶ୍ରୀ ପାତ୍ର ମା "ମଙ୍ଗଳା ଙ୍କୁ ଦର୍ଶନ ମଧ କରିଥିଲେ।

## ଶ୍ରୀଜଗନ୍ନାଥଙ୍କ ପାଞ୍ଚରାତ୍ର ମହୋତ୍ସବ

## ମହାପ୍ରଭୁଙ୍କ ୨୪ବେଶ ଓ ୫୬ଭୋଗ ପ୍ରଦର୍ଶନ




କାକଟପୁର/ଅସ୍ତରଙ୍ଗ,୯।୨ (ସଂଚାର ବ୍ୟୁରୋ): ଆଧାତ୍ମିକ ପରିବେଶରେ ଦିବ୍ୟ ଅନୁଭବ। ମହାପ୍ରଭୁଙ୍କ ବେଶ ଦର୍ଶନ କରି କୃତାର୍ଥ ଶ୍ରଦ୍ଧାଳୁ। ଗୋଟିଏ ସ୍ଥାନରେ ଶ୍ରୀଜୀଉଙ୍କର ୨୪ ପ୍ରକାର ବେଶ। ବିରଳ ବେଶ ଦର୍ଶନ ପାଇଁ ଲାଗିଛି ଗହଳି। କାଳିଆ ଠାକୁର ଙ୍କ ଦୈନନ୍ଦିନ ବେଶ ସହିତ ୧୨ ମାସରେ ହେଉଥିବା ଭିନ୍ନ ଭିନ୍ନ ବେଶର ରହିଛି ବିଶେଷ ମହତ୍ତ୍ୱ। ଏ ବେଶ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ପ୍ରାପ୍ତି ହୋଇଥାଏ। ଏ ବିଶ୍ୱାସକୁ ଆଧାର କରି ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ସମିତି ତରଫରୁ ପୁରୀ ଜିଲ୍ଲା କାକଟପୁର ଦେଉଳି ମଠ ପରିସରରେ ଦଶମ ବାର୍ଷିକ ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ଉଦ୍‌ଘାଟନ ସୋମବାର ସନ୍ଧ୍ୟା ସମୟରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ରାଧାବଲ୍ଲଭ ମଠ ପୂଜ୍ୟ ମହନ୍ତ ଶ୍ରୀରାମକୃଷ୍ଣ ଦାଶ,ଜଗନ୍ନାଥ ମହିମା ପ୍ରଚାରକ ପଣ୍ଡିତ ସତ୍ୟାନନ୍ଦ ଦାଶ ମହାରାଜଙ୍କ ସହ ଅନ୍ୟ ସାଧୁସନ୍ଥ ପ୍ରମୁଖ ଉପସ୍ଥିତ ଥିଲେ।

## ନାଗରିକ ମଞ୍ଚର ପଞ୍ଚଲିଙ୍ଗେଶ୍ୱର ପୀଠରେ ସଫେଇ



ନୀଳଗିରି,୯।୨ (ସଂଚାର ବ୍ୟୁରୋ): ବାହାନଗା ବ୍ଲକ ଅଧିନସ୍ଥ ଗୋପାଳପୁର ନାଗରିକ ମଞ୍ଚର ସ୍ୱେଚ୍ଛାସେବୀମାନେ ୨୦୧୪ ମସିହା ମହାତ୍ମାଗାନ୍ଧୀ ଜୟନ୍ତୀ ଠାରୁ ସ୍ୱଚ୍ଛ ଭାରତ ଅଭିଯାନରେ ସାମିଲ ହୋଇ ପ୍ରତ୍ୟେକ ରବିବାର ଅନ୍ୟୁନ ୨ ଘଣ୍ଟା ଧରି ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ମନ୍ଦିର, ବଜାର, ସରକାରୀ କାର୍ଯ୍ୟାଳୟ ଓ ପର୍ଯ୍ୟଟନସ୍ଥଳି ଆଦି ସଫେଇ କରି ଚାଲିଛନ୍ତି। ଅଭିଯାନର ୫୯୨ ତମ ସାପ୍ତାହିକ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନେ ନୀଳଗିରି ଉପ ଜିଲ୍ଲାପାଳଙ୍କୁ ଅବଗତ କରାଇ ପଞ୍ଚଲିଙ୍ଗେଶ୍ୱର ଶୈବପୀଠର ପିକନିକ ସ୍ଥଳୀ, ବସଷ୍ଟାଣ୍ଡ ଆଦି ତିନି ଘଣ୍ଟା ଧରି ସଫେଇ କରିଥିଲେ। ସଫେଇ ପରେ କମଳାକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଆବାହକ ସୁଦର୍ଶନ ମହାପାତ୍ର, ଅଭିରାମ ସାହୁ,ବରେନ୍ଦ୍ର ସେଠୀ, ମହେଶ୍ୱର ସେନାପତି, କାର୍ତ୍ତିକ ବିଶ୍ୱାଳ, ବିଶ୍ୱମ୍ଭର ଦାଶ, ଲାବଣ୍ୟ ମିଶ୍ର, ସଂଯୁକ୍ତା ଦାଶ, କୁଞ୍ଜଲତା ଶିଅଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମଡ଼ର୍ଣ୍ଣ ପବ୍ଲିକ ସ୍କୁଲରେ ଅଗ୍ନିକାଣ୍ଡ

ରାଇଘର,୯।୨ (ସଂଚାର ବ୍ୟୁରୋ): ରାଇଘର ବ୍ଲକ ସଦର ମହକୁମାରେ ଅବସ୍ଥିତ ବିଜୁ ପଟ୍ଟନାୟକ ମଡ଼ର୍ନ ପବ୍ଲିକ ସ୍କୁଲର ଅଫିସ ରୁମରେ ହଠାତ୍ ନିଆଁ ଲାଗିଯାଇଥିବା ଜଣାପଡ଼ିଛି। ଏହି ଅଗ୍ନିକାଣ୍ଡର କାରଣ ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି। ନିଆଁ ଲାଗିବାରୁ ଅଫିସ ରୁମରେ ଥିବା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଖାତା, ଚିୟାର, ଟେବୁଲ



ଆଦି ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି। ଘଟଣା ସ୍ଥଳରେ ଖବର ପାଇ ରାଇଘର ଅଗ୍ନିଶମ ବିଭାଗର ଅଧିକାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି ରାଇଘର ଥାନା ଅଧିକାରୀ ମଧ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡର କାରଣ ନେଇ ତଦନ୍ତ ଜାରି ରଖିଛନ୍ତି।

## ଦିବ୍ୟାଙ୍ଗଙ୍କ ମଧରେ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା



ବୋରିଗୁମ୍ମା,୯।୨ (ସଂଚାର ବ୍ୟୁରୋ): ସ୍ଥାନୀୟ ଟାଉନ୍ ହଲ ଠାରେ ବୋରିଗୁମ୍ମା ବ୍ଲକ ତରଫରୁ ଦିବ୍ୟାଙ୍ଗମାନଙ୍କ ନିମନ୍ତେ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଗତକାଲି ୧୦୧ କ୍ରୀଡ଼ା ଇଭେଣ୍ଟ ସ୍ଥାନୀୟ ମିନିଷ୍ଟାଡିୟମରେ ହୋଇଥିବା ବେଳେ ଆଜି ୫୦ ଗୋଟି ସାଂସ୍କୃତିକ ପ୍ରତିଯୋଗିତା ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ମାନଙ୍କ ମଧରେ ଅୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେବୋରିଗୁମ୍ମା ବ୍ଲକର କୋଣ ଅନୁକୋଣରୁ କନିଷ୍ଠ ଏବଂ ବରିଷ୍ଠ ଦିବ୍ୟାଙ୍ଗମାନେ ଦୌଡ଼, ଡ଼ିସକଶ ଥ୍ରୋ, ସଂଗୀତ, ନାଚ, ବକ୍ତୃତା, ଚିତ୍ରାଙ୍କନ ଭଳି ବିଭିନ୍ନ ପ୍ରତିଯୋଗୀତା ଭାଗ ନେଇଥିଲେ ଏବଂ ସେମାନଙ୍କୁ ଟ୍ରଫି ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୋରିଗୁମ୍ମା ବ୍ଲକ ଅଧକ୍ଷା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକ ଯୋଗଦାନ କରିଥିଲେ। ଅନ୍ୟ ମାନଙ୍କ ମଧରେ ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡ଼ିକା, ବିଧାୟକ ପ୍ରତିନିଧି ରାମକୃଷ୍ଣ ଭତ୍ରା, ଏବିଡ଼ିଓ ମାଧୁରୀ ଆଚାରୀ ଜିପିଡିଓ ସ୍ୱାଗତିକା ଗୋପାଳ ଯୋଗଦାନ କରିଥିଲେ।

## କିଶୋରୀମାନଙ୍କ ପାଇଁ ଦକ୍ଷତା ବିକାଶ ତାଲିମ



ନବରଙ୍ଗପୁର,୯।୨ (ସଂଚାର ବ୍ୟୁରୋ): ଆଜି ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୁଲ୍ୟରେ କିଶୋରୀ ମାନଙ୍କ ନିମନ୍ତେ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ ତାଲିମ ଜିଲ୍ଲା ପରିଷଦ ବୈଠକଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ଜିଲ୍ଲାରୁ ମୋଟ ୮୫ଜଣ ଅଧାରୁ ପାଠ ଛାଡିଥିବା ଓ ବାଲ୍ୟ ବିବାହରୁ ରୋକାଯାଇଥିବା କିଶୋରୀମାନେ ଯୋଗଦେଇ ପଲିଟେନିକ ଶିକ୍ଷାର ଉପକାରିତାଓ ଦକ୍ଷତା ବିକାଶ ଶିକ୍ଷା ସମାପ୍ତି ପରେ ନିଯୁକ୍ତି ଦେବାର ସୁବିଧା ସୁଯୋଗ ଉପରେ ବିସ୍ତୃତ ଭାବରେ ପ୍ରଶିକ୍ଷଣ ନେଇଥିଲେ।

ୟୁନିସେଫ ଜିଲ୍ଲା ସଂଯୋଜକ ଫକିର ଚରଣ ରାଉତଙ୍କ ସଂଯୋଜନାରେ ହୋଇଥିବା ଏହି କର୍ମଶାଳାରେ ଜିଲ୍ଲା କର୍ମନିୟୋଜନ ଅଧିକାରୀ ଆନନ୍ଦ ଚନ୍ଦ୍ର ପଲାଇ ନବରଙ୍ଗପୁର ଜିଲ୍ଲାରେ ଜୀବନ ସଂଘର୍ଷ ମଧରେ କୃତିତ୍ୱ ଅର୍ଜନ କରିଥିବା କିଶୋରୀ ବାଳିକାମାନଙ୍କର ଉଦାହରଣ ଦେଇ ଦକ୍ଷତା ବିକାଶ ତାଲିମ ନୂତନ ବାଟ ଦେଖାଇବ ବୋଲି କହିଥିଲେ। ମହିଳାସୁରକ୍ଷା ଅଧିକାରୀ ରାମା ପଟ୍ଟନାୟକ ନିଜର ବକ୍ତବ୍ୟରେ ଜିଲ୍ଲାରେ ପରମ୍ପରା ନାମରେ କିଶୋରୀ ବାଳିକାମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଦେଇ ପରିପକ୍ୱ ବୟସ ପୂର୍ବରୁ ମାତୃତ୍ୱ ଲାଭକରିବାକୁ ବାଧ କରୁଥିବା ପରିବାରର ମାତାପିତାମାନଙ୍କୁ ଝିଅମାନେ ଦୃଢ଼ତାର ସହିତ ମୁକାବିଲା କରି ନିଜକୁ ଆର୍ଥକ କ୍ଷେତ୍ରରେ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାଙ୍କ ମଧରେ ତେନ୍ତୁଳିଖୁଣ୍ଟି ବ୍ଲକର ସିଡିପିଓ ବିନୀତା ଜେଠି, ମହିଳା ସଶକ୍ତିକରଣ ହବର ସରିତା ରାଣୀ ପାଣି, ସସ୍ମିତା ପାତ୍ର ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସୁପରଭାଇଜର ଅନ୍ୟ ଅଧିକାରୀମାନେ ନିଜ ନିଜର ବକ୍ତବ୍ୟରେ ଉପସ୍ଥିତ ଥିବା ବାଳକ ବାଳିକା ମାନକୁ ଦକ୍ଷତା ବିକାଶ ତାଲିମର ବିଭିନ୍ନ ଦିଗ ଉପରେ ଉତ୍ସାହିତ କରିଥିଲେ ।

## ବାଲିଗୁଡାରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ

ଫୁଲବାଣୀ,୯।୨ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଦଣ୍ଡପଦରସ୍ଥିତ ଯାତ୍ରା ପଡ଼ିଆ ଠାରେ ସୁଭଦ୍ରା ଶକ୍ତି ମେଳା ଚଳିତ ମାସ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏ ନେଇ ପ୍ରଥମ ଦିନରେ କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଥମେ ଜଗତର ଜଗନ୍ନାଥଙ୍କ ନିକଟରେ ଦୀପ ଧୂପ ପ୍ରଜ୍ଜଳନ କରି ଆନୁଷ୍ଠାନିକ ଭାବେ ମେଳାର ଶୁଭାରମ୍ଭ କରିବା ସହ ଉପସ୍ଥିତ ଦର୍ଶକ ଓ ମହିଳା ଉଦ୍ୟୋଗୀ ମାନଙ୍କୁ ଏହି ମେଳାର




ଉଦେଶ୍ୟ ଓ ମହିଳା ମାନଙ୍କର ଆର୍ଥିକ ସ୍ୱାବଲମ୍ବୀ ଓ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଉଦେଶ୍ୟରେ ଏହି ମେଳା ଅନୁଷ୍ଠିତ ହେଉଥିବା ବେଳେ ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇ ସମାଜରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ପାରିବେ ସେନେଇ ଆଲୋକପାତ କରିଥିଲେ । ୭ ଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ଜିଲ୍ଲା ତଥା ଜିଲ୍ଲା ବାହାରର ଶତାଧିକ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ଏବଂ ବିଭିନ୍ନ ମହିଳା ଉଦ୍ୟୋଗୀମାନେ ଅଂଶଗ୍ରହଣ କରି ସରକାରଙ୍କ ଯୋଜନା ମାଧ୍ୟମରେ ଉପକୃତ ହେବେ । ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

## ରେଳଧାରଣାରୁ ଅଜଣା ଯୁବତୀର ଶବ ଉଦ୍ଧାର



ଢେଙ୍କାନାଳ,୯।୨ (ସଂଚାର ବ୍ୟୁରୋ): ଆଜି ସନ୍ଧ୍ୟା ସମୟରେ ଢେଙ୍କାନାଳ ସ୍ଥିତ ରାମେଶ୍ୱରପୁର ରେଳ ଧାରଣାରୁ ଏକ ଅଜଣା ଯୁବତୀର ମୃତଦେହ ଉଦ୍ଧାର କରିଛି ଜିଆରପି ପୋଲିସ । ସୂଚନା ଅନୁଯାଇ ପୁରୀ ଅନୁଗୁଳ ଫାଷ୍ଟେ ପାସେଞ୍ଜର ଟ୍ରେନ ଆଗକୁ ଡେଇଁ ପଡିଥିବାର ଖବର ମିଳିଛି। କିନ୍ତୁ ଯୁବତୀଙ୍କର କୌଣିସ ପରିଚୟ ମିଳିପାରିନି ।

# ଅବ୍ୟବସ୍ଥାରେ ବୁଡ଼ିଛି ହିଞ୍ଜିଳି ଆମିଷ ମାର୍କେଟ

### ● ପାର୍କିଂ ସ୍ଥଳରେ ମେଲିଛି ବଜାର ● ମୁଖ୍ୟ ରାଜପଥରେ ହେଉଛି ଗାଡ଼ି ପାର୍କିଂ





ହିଞ୍ଜିଳିକାଟୁ,୯।୨ (ସଂଚାର ବ୍ୟୁରୋ): ଯିଏ ଯେଉଁଠି ପାରିଲା, ମନ ଇଚ୍ଛା ପସରା ମେଲିଲେ। କିଏ ପାର୍କିଙ୍ଗ ସ୍ଥଳରେ ତ କିଏ ବାରଣ୍ଡାରେ ଆଉ କିଏ ରାଜପଥ ପାର୍ଶ୍ୱରେ। ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି ହିଞ୍ଜିଳିକାଟୁ ଅତ୍ୟାଧୁନିକ ମାଛ, ମାଂସ ବଜାରରେ। ଏଭଳି ସ୍ଥିତିରେ ଯେମିତିକି ପ୍ରତିବାଦ କରିବାକୁ କାହାର ଜୁ ନାହିଁ। ଆଉ ସବୁଠୁ ଚିନ୍ତାର ବିଷୟ ଏବେ ଗ୍ରାହକଙ୍କ ପାର୍କିଙ୍ଗ ସ୍ଥଳ ହେଉଛି ୫୯ ନଂ ଜାତୀୟ ରାଜପଥ। ଅଘଟଣ ହେଲେ ଦାୟୀ କିଏ ବୋଲି ପ୍ରଶ୍ନ ଉଠିଛି।

ପ୍ରକାଶ ଥାଉ କି, ବହୁ ବର୍ଷ ପୂର୍ବରୁ ବିଜୁ ପଟ୍ଟନାୟକ ଛକରେ ଆମିଷ ବଜାର ଗଢି ଉଠିଥିଲା। ଟ୍ରାଫିକ ସମସ୍ୟା ଯୋଗୁଁ ତାହା ସେଠାରୁ ହଟାଇ ସ୍ଥାନୀୟ ପୌରାଞ୍ଚଳର ୱାର୍ଡ଼ ନଂ ୬ରେ ବିସ୍ତିର୍ଣ୍ଣ ଜମିରେ ମୁଣ୍ଡ ଟେକିଲା ଅତ୍ୟାଧୁନିକ ସ୍ୱଚ୍ଛ ମାଛ, ମାଂସ ବଜାର କୋଠା। ଆଶା ଥିଲା, ବ୍ୟବସାୟୀ ନିଜ କଠୋରୀରେ ବସି ବେପାର ଆରମ୍ଭ କରିବେ କିନ୍ତୁ ଫଳ ଓଲଟା। ୩୬ଟି କଠୋରୀରୁ ମାତ୍ର ୪ଟି କଠୋରୀ କାମରେ ଆସୁଥିବା ବେଳେ ଆଉ ୩୨ ଟି କଠୋରୀରେ ଝୁଲୁଛି ତାଲା।

ବ୍ୟବସାୟୀଙ୍କ କହିବାନୁସାରେ, ସେହି ସମୟରେ ମୁନିସିପାଲିଟିରେ କେହି କେହି ୨୦ରୁ ୨୫ ହଜାର ଟଙ୍କା ଅଗ୍ରୀମ ଜମା ଆକାରରେ ପୈଠ କରିଥିଲୁ। ଅତ୍ୟାବଶ୍ୟକ ପାଣି, ବିଦ୍ୟୁତ ଓ ଶୌଚାଳୟ ପ୍ରଦାନ ପାଇଁ ପୌର କାର୍ଯ୍ୟାଳୟ ବି ସେତେବେଳେ ରାଜି ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ମୁନିସିପାଲିଟି ଘଟଣାକୁ ଗୁରୁତ୍ୱ ନ ଦେବାରୁ ବାଧ୍ୟ ହୋଇ ନିଜେ ନିଜେ ବିଦ୍ୟୁତ କମ୍ପାନୀ ଠାରୁ ଟଙ୍କା ଦେଇ ବିଦ୍ୟୁତ ସଂଯୋଗ କରିଥିଲୁ। ପାର୍କିଙ୍ଗ ସ୍ଥଳରେ ଅନ୍ୟ ବେପାରୀ ବ୍ୟବସାୟ କଲେ କଠୋରୀ ଭିତରକୁ କେହି ଆସୁ ନ ଥିବାରୁ ବେପାର ମାନ୍ଦା ରହୁଛି ବୋଲି ବ୍ୟବସାୟୀ କହିଛନ୍ତି।

ଅନ୍ୟପଟେ ସହରର ବିଭିନ୍ନ ସ୍ଥାନରେ ଛତୁ ଫୁଟିବା ଭଳି ଚିକେନ, ମଟନ ଦୋକାନ ଖୋଲି କୁକୁଡ଼ା, ଛେଳି ବାହାରେ କାଟୁଥିଲେ ବି ଛୋଟ ଛୁଆ ଦେଖୁଥିଲେ ବି ସ୍ଥାନୀୟ ପ୍ରଶାସନ ପକ୍ଷରୁ ସେଭଳି ଆଖିଦୃଶିଆ ପଦକ୍ଷେପ ବି ନାହିଁ। ଗୋଟିଏ ସ୍ଥାନରେ ସଭିଙ୍କୁ ମାଛ ଓ ମାଂସ ବିକ୍ରୀ ପାଇଁ ଅନୁମତି ସହ ବହୁ ସ୍ଥାନରେ ବିକ୍ରୀ ପାଇଁ ସମ୍ପୂର୍ଣ୍ଣ ମନା ବୋଲି ପୌର କର୍ତ୍ତୃପକ୍ଷ କଡା ଚେତାବନୀ ଦେଲେ ଗ୍ରାହକ ବାଧ୍ୟ ହୋଇ ଆସନ୍ତେ ବୋଲି ମତ ପ୍ରକାଶ ପାଇଛି।

## କବି ରସାନନ୍ଦ ମହାପାତ୍ର ସମ୍ବର୍ଦ୍ଧିତ



ଧାମନଗର,୯।୨ (ସଂଚାର ବ୍ୟୁରୋ): ଧାମନଗର ଜୀବନ ବ୍ୟାପି ସାରସ୍ୱତ ସାଧନା ପାଇଁ କବି ରସାନନ୍ଦ ମହାପାତ୍ରଙ୍କୁ ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି । ଫେବୃୟାରୀ ୭ ତାରିଖରେ ସାରଦା ଶିଶୁମନ୍ଦିର ପରିସରରେ ଏକ ବର୍ଣାଢ଼୍ୟ ପରିସରରେ ସଂସଦର ସୁବର୍ଣ୍ଣ ସମାରୋହ ପାଳନ ଅବସରରେ ବିଶିଷ୍ଟ ସାରସ୍ୱତ ସାଧକ ଡଃ ବ୍ରଜମୋହନ ମିଶ୍ର ଓ ଡଃ କ୍ଷୀରୋଦ କୁମାର ସାମଲ କବି ଶ୍ରୀ ମହାପାତ୍ରଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମଂଚରେ ଡଃ ରାଧାରାଣୀ ମହାପାତ୍ର, ଡଃ ଝରଣା ପଟ୍ଟନାୟକ, କବି ଖଗେଶ୍ୱର ମହତାବ, କବୟିତ୍ରୀ ପ୍ରଭାତ ନନ୍ଦିନୀ ମହାପାତ୍ର, କଥାକାର ପବିତ୍ର ପାଣିଗ୍ରାହୀ, ଡଃ ଭରତ ବେହେରା ପ୍ରମୁଖ ଉପସ୍ଥିତ ଥାଇ ଶ୍ରୀ ମହାପାତ୍ରଙ୍କ ସାରସ୍ୱତ ପ୍ରତିଭାର ପ୍ରଶଂସା କରିଥିଲେ। ପ୍ରକାଶ ଯେ ନିକଟରେ ଶ୍ରୀ ରସାନନ୍ଦ ମହାପାତ୍ରଙ୍କର କବିତା ସଂକଳନ 'ତରାଟ ଫୁଲର ଗାଁ' ପ୍ରକାଶ ପାଇ ପାଠକୀୟ ଶ୍ରଦ୍ଧା ଲାଭ କରିଛି।

### 'ଗିଫ୍ଟ ଅଫ୍ ସାଇଟ୍' କାର୍ଯ୍ୟକ୍ରମରେ ରାଜ୍ୟପାଳ

# ଚକ୍ଷୁଦାନ ପାଇଁ ସଚେତନତା ବୃଦ୍ଧି ପାଇଁ ଆହ୍ୱାନ




**ଦୃଷ୍ଟି ପୁନଃପ୍ରାପ୍ତି କେବଳ ଚିକିତ୍ସା ନୁହେଁ, ସ୍ୱାଧୀନତାର ପୁନରୁଦ୍ଧାର**

ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ): ଚକ୍ଷୁଦାନ ହେଉଛି ନିରାପଦ, ମହତ୍ୱପୂର୍ଣ୍ଣ ଏବଂ ଜୀବନ ପରିବର୍ତ୍ତନକାରୀ। ଏ ଦିଗରେ ବିଦ୍ୟାଳୟ, ମହାବିଦ୍ୟାଳୟ, ଗୋଷ୍ଠୀ ସଂଗଠନ, ଧାର୍ମିକ ଅନୁଷ୍ଠାନ ଏବଂ ଯୁବ ସମୁଦାୟମାନଙ୍କୁ ଚକ୍ଷୁଦାନର ମହତ ମୂଲ୍ୟ ଉପରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ସୋମବାର ଏଲଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍‌ରେ 'ଗିଫ୍ଟ ଅଫ୍ ସାଇଟ୍' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏହି ଆହ୍ୱାନ ଦେଇଛନ୍ତି।

ଏହି ଅବସରକୁ ଏକ ଗର୍ବିତ ଓ ଗଭୀର ଭାବପ୍ରବଣ ମୁହୂର୍ତ୍ତ ଭାବେ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ 'ଗିଫ୍ଟ ଅଫ୍ ସାଇଟ୍' କାର୍ଯ୍ୟକ୍ରମ ଅଧୀନରେ ୨୦ ହଜାର କର୍ଣ୍ଣିଆ ସଂଗ୍ରହ କେବଳ ଏକ ସଂଖ୍ୟାତ୍ମକ ସଫଳତା ନୁହେଁ, ବରଂ ମାନବିକତା, ଦୟା ଓ ନିଃସ୍ୱାର୍ଥ ସେବାର ଉତ୍ସବ। କର୍ଣ୍ଣିଆ ଦାନକୁ ସର୍ବୋତ୍ତମ ପବିତ୍ର ସେବାର ମାଧ୍ୟମ ବୋଲି ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଏହାଦ୍ୱାରା ଗୋଟିଏ ପରିବାରର ଉଦାରତା ଅନ୍ୟ ଜଣଙ୍କ ଭାଗ୍ୟ ପରିବର୍ତ୍ତନ କରିଥାଏ। ଚକ୍ଷୁଦାନ ଜୀବନ ବ୍ୟାପୀ ମାନବ ଜାତିର ସେବା କରିବାରେ ବିଶ୍ୱାସର ପ୍ରତୀକ ଏବଂ ଦୟା ଓ ନିଃସ୍ୱାର୍ଥତାରେ ଆଧାର ହୋଇଥାଏ।

୨୦ ହଜାର କର୍ଣ୍ଣିଆ ସଂଗ୍ରହର ସଫଳତାକୁ ଅସାଧାରଣ ବୋଲି କହିଥିଲେ ରାଜ୍ୟପାଳ। ନୈତିକ ଓ ସମୟୋପଯୋଗୀ ପଦକ୍ଷେପ ମାଧ୍ୟମରେ କର୍ଣ୍ଣିଆ ଦାନର ପରିମାଣ ଓ ଗୁଣବତ୍ତାକୁ ଉନ୍ନତ କରିବା ପାଇଁ ହସ୍ପିଟାଲ କର୍ଣ୍ଣିଆ ରିଟ୍ରିଭାଲ ପ୍ରୋଗ୍ରାମକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଓଡ଼ିଶା ପୂର୍ବ ଭାରତର ଏକ ଅଗ୍ରଣୀ ଆଇ ବ୍ୟାଙ୍କିଙ୍ଗ ରାଜ୍ୟରେ ପରିଣତ ହୋଇପାରିଛି। ସଚେତନତା ବୃଦ୍ଧି ପାଇଥିବା ସତ୍ତ୍ୱେ ମିଥ୍ୟା ଧାରଣା ଓ ଦ୍ୱିଧା ରହିଛି ବୋଲି ଉଲ୍ଲେଖ କରିଥିଲେ।

### ଚୌଦ୍ୱାର ଜେଲରେ ଟେଣ୍ଡର ଅନିୟମିତା ଅଭିଯୋଗ

# ତିନି ଦିନ ପରେ ଖୋଲିଲା ଟେଣ୍ଡର




**ଘୋଷଣା ହେଲାନି ସପ୍ଲାୟରଙ୍କ ତାଲିକା**

କଟକ,୯।୨(ସଂଚାର ବ୍ୟୁରୋ): ଚୌଦ୍ୱାର ଜେଲ ପାଇଁ ବିଭିନ୍ନ ସାମଗ୍ରୀ ଯୋଗାଣ ପାଇଁ ଡକାଯାଇଥିବା ଟେଣ୍ଡରରେ ଅନିୟମିତତା ଅଭିଯୋଗ ପରେ ଆଜି ଖୋଲିଛି ଟେଣ୍ଡର ବାକ୍ସ। ଯଦିଓ ୬ ତାରିଖ ଟେଣ୍ଡର ଖୋଲିବା ପାଇଁ ଦିନ ଧାର୍ଯ୍ୟ ହୋଇଥିଲା, କିନ୍ତୁ ତା ପୂର୍ବରୁ କେଉଁ ବ୍ୟବସାୟୀଙ୍କୁ କେଉଁ ସାମଗ୍ରୀ ଯୋଗାଣର ଦାୟିତ୍ୱ ମିଳିଛି ତାର ତାଲିକା ସୋସିଆଲ ମିଡିଆରେ ବୁଲିଥିଲା। ଏ ସମ୍ପର୍କରେ 'ସଂଚାର'ରେ ଖବର ପ୍ରସାରଣ ପରେ ୬ ତାରିଖରେ ଟେଣ୍ଡର ବାକ୍ସ ଖୋଲିନଥିଲେ। ଆଜି ଟେଣ୍ଡର କମିଟି ମୁଖ୍ୟ ତଥା କଟକ ଏଡ଼ିଏମ ଉପସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇଥିଲା। ଏଡିଏମ ଓ ଜେଲର ବିଭିନ୍ନ କମିଟି ସଦସ୍ୟ ଓ ଟେଣ୍ଡରରେ ଭାଗ ନେଇଥିବା ସବୁ ଠିକାଦାରଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲିଥିଲା। କିନ୍ତୁ କମିଟି ସଦସ୍ୟମାନେ ବିଭିନ୍ନ ଅଭିଯୋଗ ରଖିଥିଲେ। ଏହି ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ଜେଲ ଅଧୀକ୍ଷକଙ୍କୁ ପ୍ରସ୍ତାବ ଦେଇଥିଲେ। ଟେଣ୍ଡର ନ ଖୋଲିବା ପୂର୍ବରୁ ଗଣମାଧ୍ୟମରେ କିପରି ତାଲିକା ପ୍ରଘଟ ହେଲା ସେନେଇ ସେମାନେ ପ୍ରଶ୍ନ ଉଠାଇଥିଲେ। ଅନ୍ୟପକ୍ଷରେ ସମାନ ଠିକାଦାର କିପରି ପ୍ରତ୍ୟେକ ବର୍ଷ ଏହି ସପ୍ଲାଏକୁ ପାଉଛନ୍ତି ଏହାକୁ ନେଇ ମଧ ପ୍ରଶ୍ନ ଉଠିଥିଲା। ସମସ୍ତ ଟେଣ୍ଡର କାଗଜପତ୍ର ଗୁଡିକୁ ଭଲ ଭାବେ ସମୀକ୍ଷା କରାଗଲା ପରେ ଏହାକୁ ଘୋଷଣା କରିବା ଉଚିତ ହେବ ବୋଲି କମିଟି ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ଏଡ଼ିଏମ ସବୁ ଟେଣ୍ଡର ଆବେଦନକୁ ନିଜ ହେପାଜତରେ ରଖିବା ସହ ଉପଯୁକ୍ତ ସମୀକ୍ଷା ପରେ ଘୋଷଣା କରାଯିବ ବୋଲି ଏଡିଏମ କହିଥିଲେ। ଚୌଦ୍ୱାର ସର୍କଲ ଜେଲର ଜେଲର ଆଜିର ଏହି ବୈଠକରେ ଅନୁପସ୍ଥିତ ରହିଥିଲେ।

# ଇଡ୍‌କୋ ଅଧକ୍ଷା ଦାୟିତ୍ୱ ନେଲେ ଉଷା ପାଢ଼ୀ



ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ): ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଆଜି ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍‌କୋର ଅଧକ୍ଷା ଭାବେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀମତୀ ପାଢ଼ୀ ଇଡ୍‌କୋର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇଥିଲେ। ଏହି ଆଲୋଚନାରେ ସଂସ୍କାର ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପ, ପ୍ରାଥମିକତା ଓ ରାଜ୍ୟରେ ଶିଳ୍ପ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ରୋଡ୍‌ମ୍ୟାପ୍ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକ ସମୟରେ ଶ୍ରୀମତୀ ପାଢ଼ୀ ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ, ସ୍ୱଚ୍ଛତା, ଆନ୍ତଃବିଭାଗୀୟ ସମନ୍ୱୟ ଓ ପୁଞ୍ଜିନିବେଶକାରୀଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ ଉପରେ ଜୋର ଦେଇଥିଲେ। ସେ କହିଥିଲେ ଯେ ରାଜ୍ୟରେ ଜମି ବିକାଶ ଓ ଭିତ୍ତିଭୂମି ନିର୍ମାଣ ମାଧ୍ୟମରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଇଡ୍‌କୋର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଶିଳ୍ପ ଭିତ୍ତିଭୂମି ସହ ଯୋଜନାବଦ୍ଧ ସହରୀ ବିକାଶ ଉପରେ ଗୁରୁତ୍ୱ ଦେଇ ଶ୍ରୀମତୀ ପାଢ଼ୀ କହିଥିଲେ ଯେ ଶିଳ୍ପାଞ୍ଚଳଗୁଡ଼ିକରେ ଉନ୍ନତ ନାଗରିକ ସୁବିଧା, ପରିବହନ ଓ ସ୍ଥାୟୀ ଭିତ୍ତିଭୂମି ସହ ସୁନିୟୋଜିତ ଶିଳ୍ପ ଟାଉନସିପ୍ ଗଠନ କରାଯିବା ଆବଶ୍ୟକ।

### ନୂଆ ରାଜସ୍ୱ ସଚିବଙ୍କ ନିର୍ଦ୍ଦେଶ

# ପ୍ରତି ଶୁକ୍ରବାର ସମସ୍ତେ ପିନ୍ଧିବେ ହସ୍ତତନ୍ତ ଲୁଗା

- **ମାଦକ ଦ୍ରବ୍ୟ ସେବନରେ କାର୍ଯ୍ୟାନୁଷ୍ଠାନ**
- **ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା**



ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ବରିଷ୍ଠ ଆଇଏଏସ୍ ଡଃ ଅରବିନ୍ଦ କୁମାର ପାଢ଼ୀ ଦାୟିତ୍ୱ ଗ୍ରହଣ କରିବା ପରେ ବିଭାଗର ରାଜ୍ୟ ମୁଖ୍ୟାଳୟ, ଜିଲ୍ଲା ଓ ତହସିଲ୍ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିରେ ରାଜସ୍ୱ ପ୍ରଶାସନକୁ ସୁଦୃଢ଼ କରିବା ସହ ଏହାକୁ ଅଧିକ ଲୋକାଭିମୁଖୀ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ଏଥିସହ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ କଳା ପ୍ରତି ସମ୍ମାନ ଜଣାଇ ସପ୍ତାହର ଗୋଟିଏ ଦିନ ଅର୍ଥାତ୍ ଶୁକ୍ରବାର ସମସ୍ତ ଅଧିକାରୀ ଓ କର୍ମଚାରୀ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଡଃ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସଚ୍ଚୋଟ ଓ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତାକୁ ସମ୍ମାନ ଓ ପୁରସ୍କାର ଦିଆଯିବା ସହ ଦୁର୍ନୀତି ଓ ଏହାର ପୃଷ୍ଠପୋଷକ ତଥା ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ବିଭିନ୍ନ ସମୟରେ କ୍ଷେତ୍ର ପରିଦର୍ଶନ କରି ଅଚାନକ ଯାଞ୍ଚ କରିବା ସହ ବିଭାଗୀୟ ଅଧିକାରୀ ଓ ସାଧାରଣ ଜନତାଙ୍କ ସହ ସିଧାସଳଖ ଆଲୋଚନା କରି ବାସ୍ତବ ସ୍ଥିତିର ମୂଲ୍ୟାଙ୍କନ କରିବା ନିମନ୍ତେ ଡଃ ପାଢ଼ୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ ତମାଖୁ ସେବନ ଓ ବିକ୍ରି ଉପରେ କଟକଣା ଲଗାଯାଇଥିବାରୁ ରାଜସ୍ୱ ବିଭାଗ ସହ ଜଡ଼ିତ କୌଣସି କର୍ମଚାରୀ ଯେପରି ଏହାଠାରୁ ଦୂରେଇ ରହିବେ, ସେଥିପ୍ରତି ସମସ୍ତେ ସଚେତନ ହେବାକୁ ମଧ ସଚିବ ତାଗିଦ କରିବା ସହ କେହି ଏହାର ଉଲ୍ଲଂଘନ କଲେ, କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଦେଇଛନ୍ତି।

## ଉକୁଣୀ ନେଲା ନାବାଳିକାର ଜୀବନ



ପୁରୀ, ୯।୨ (ସଂଚାର ବ୍ୟୁରୋ) : ପୁରୀ ଜିଲା ବଳଙ୍ଗା ଥାନା ଅନ୍ତର୍ଗତ ଚମ୍ପାଗଡ଼ ସାହିରେ ଏକ ଅଜବ ଘଟଣା ଘଟିଛି। ଉକୁଣୀ ପାଇଁ ୧୨ ବର୍ଷିୟା କୁନି ଝିଅର ମୃତ୍ୟୁ ହୋଇଛି। ମୃତକ ହେଲେ ଲିଙ୍ଗରାଜ ସାହୁଙ୍କ ଝିଅ ଲକ୍ଷ୍ମୀପ୍ରିୟା ସାହୁ । ସୂଚନା ଅନୁସାରେ ଲକ୍ଷ୍ମୀପ୍ରିୟା ୬ଷ୍ଠ ଶ୍ରେଣୀରେ ପଢୁଥିଲେ। କିଛି ମାସ ତଳେ ତାଙ୍କ ମୁଣ୍ଡରେ ଉକୁଣୀ ହୋଇଥିଲା। ଅନେକ ପ୍ରତିକାର କରିବା ସତ୍ତ୍ୱେ ଭଲ ହୋଇନଥିଲା । ଏହାରି ଭିତରେ ଉକୁଣୀ ଖପୁରୀକୁ ଆକ୍ରାନ୍ତ କରିଥିଲେ। ୩ ଦିନ ତଳେ ହଠାତ୍ ତାଙ୍କର ରକ୍ତବାନ୍ତି ହେବାରୁ ପରିବାର ଲୋକେ ଲକ୍ଷ୍ମୀପ୍ରିୟାଙ୍କୁ ପୁରୀ ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ରାତିରେ ଲକ୍ଷ୍ମୀପ୍ରିୟାଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି।

## ଆଇସକ୍ରିମ୍ ଖାଇ ୧୮ ପିଲା ଅସୁସ୍ଥ



ବାଙ୍କି, ୯।୨ (ସଂଚାର ବ୍ୟୁରୋ) : ଆଇସକ୍ରିମ୍ ଖାଇ ୧୮ ପିଲା ଅସୁସ୍ଥ। ଏଭଳି ଘଟଣା ବାଙ୍କି ଥାନା ଅନ୍ତର୍ଗତ ଭେଡା ରାମଚନ୍ଦ୍ରପୁର ପଞ୍ଚାୟତସ୍ଥିତ କୁମୁସର ଗ୍ରାମରେ ଘଟିଛି। ଜଣେ ବ୍ୟକ୍ତି ଆଇସକ୍ରିମ୍ କରୁଥିବା ବେଳେ ଗ୍ରାମର ପିଲାମାନେ ଖୁସିର ସହ ଆଇସକ୍ରିମ୍ ଖାଉଥିବା ସମୟରେ ଅସୁସ୍ଥ ଅନୁଭବ କରିଥିଲେ। ଏପରିକି ଆଇସକ୍ରିମ୍ ଖାଇ ୮ ବର୍ଷରୁ ୧୪ ବର୍ଷ ବୟସର ୧୮ ଜଣ ପିଲାମାନଙ୍କ ପାଟିରେ ଫଳି ଯାଇଥିଲା। ପରିବାର ଲୋକେ ପିଲାମାନଙ୍କୁ ନେଇ ବାଙ୍କି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଆଇସକ୍ରିମ୍ ବ୍ୟବସାୟୀଙ୍କ ଆଇସକ୍ରିମ୍ ପ୍ରସ୍ତୁତିରେ ବ୍ୟତିକ୍ରମ ଥିବା ହେତୁ ଏଭଳି ଘଟଣା ଘଟିଥିବା ଜଣାପଡିଛି।

## ଅଭିନେତା ସାତ୍ୟକୀଙ୍କୁ ହତ୍ୟା ଧମକ

- **କଟକ ଡିସିପିଙ୍କୁ ମାଗିଲେ ସୁରକ୍ଷା**



ଭୁବନେଶ୍ୱର, ୯।୨ (ସଂଚାର ବ୍ୟୁରୋ) : ଜଣାଶୁଣା ଓଲିଉଡ ଅଭିନେତା ସାତ୍ୟକୀ ମିଶ୍ରଙ୍କୁ ଜୀବନରୁ ମାରିଦେବାକୁ ଧମକ। ପୈତୃକ ସମ୍ପତ୍ତି ଓ ବ୍ୟବସାୟିକ ପ୍ରତିଷ୍ଠାନର ମାଲିକାନାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବେ ଉଗ୍ର ରୂପ ଧାରଣ କରିଛି। କଟକ ବାଲୁବଜାର ସ୍ଥିତ ପ୍ରତିଷ୍ଠିତ ପୁସ୍ତକ ପ୍ରକାଶନ ସଂସ୍ଥା 'କଟକ ଷ୍ଟୁଡେଣ୍ଟ ଷ୍ଟୋର'ର ମାଲିକାନାକୁ ନେଇ ଦୀର୍ଘ ଦିନ ହେବ ପାରିବାରିକ କଳହ ଲାଗି ରହିଛି। ସାତ୍ୟକୀ ମିଶ୍ରଙ୍କ ଅଭିଯୋଗ, ତାଙ୍କର ଦୁଇ ବଡ଼ବାପାଙ୍କ ପୁଅ ସବ୍ୟସାଚୀ ମିଶ୍ର ଓ ସୌମିତ୍ରୀ ମିଶ୍ର ଏ ସଂସ୍ଥାକୁ ବେଆଇନ ଭାବେ ଅକ୍ତିଆର କରିବାକୁ ଚେଷ୍ଟା କରୁଛନ୍ତି। ଗତ ୬ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତମାନେ ସାତ୍ୟକୀଙ୍କ ଘରେ ପଶି ତାଙ୍କର ୮୪ ବର୍ଷୀୟ ବୃଦ୍ଧ ପିତା ନୃସିଂହ ପ୍ରସାଦ ମିଶ୍ରଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଥିସହ ଘରର ମହିଳାମାନଙ୍କ ପ୍ରତି ମଧ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିଲେ। ଏ ନେଇ ସେ ପୁରୀଘାଟ ଥାନାରେ ଲିଖିତ ଏତଲା ଦେଇଥିଲେ। ଅଭିଯୁକ୍ତଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ, ଆଜି ସାତ୍ୟକୀ ମିଶ୍ର କଟକ ଡିସିପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତେବେ ସାତ୍ୟକୀଙ୍କ ବଡ଼ବାପାଙ୍କ ଦୁଇ ପୁଅ ସବ୍ୟସାଚୀ ଓ ସୌମିତ୍ରୀଙ୍କ ପ୍ରତିକ୍ରିୟା ମିଳିନାହିଁ।

## ଚାକିରି ନମିଳିବାରୁ ଆତ୍ମହତ୍ୟା ଉଦ୍ୟମ



ବାଙ୍କି,୯।୨(ସଂଚାର ବ୍ୟୁରୋ): ଚାକିରି ନ ମିଳିବାରୁ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ ବାଙ୍କିର ଯୁବକ। ଯୁବକଙ୍କ ନାଁ ଅମୀୟ ସିଂ। ବାପାଙ୍କ ମୃତ୍ୟୁ ପରେ ପରିବାରକୁ ଚାକିରି ଦେବା ପାଇଁ ୬ ବର୍ଷ ହେଲା ଜିଲ୍ଲାପାଳଙ୍କ ଅଫିସରେ ଫାଇଲ୍ ପଡ଼ିରହିଛି। ମାନସିକ ଭାରସାମ୍ୟ ହରାଇ ସେ ନିଜେ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଇଥିବା କହିଛନ୍ତି ତାଙ୍କ ବଡ଼ ଭାଇ। ତାଙ୍କ ବାପା ଭୂତଳ ଜଳ ବିଭାଗରେ ଚାକିରି କରୁଥିଲେ। ଯୁକ୍ତ ୩ ସରିବା ପରେ ବାପାଙ୍କ ଚାକିରି ପାଇବାକୁ ଆଶା ରଖିଥିଲେ ଅମୀୟ। ହେଲେ ୬ ବର୍ଷ ହେଲା ପରିବାରର କାହାକୁ ବି କିଛି ଚାକିରି ନ ମିଳିବାରୁ ସେ ଏପରି ପଦକ୍ଷେପ ନେଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଅମୀୟଙ୍କୁ କଟକ ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ିଯାଇଛି।

### ଶ୍ରୀମନ୍ଦିର ମାମଲାରେ ୩ ମାସରେ ରାୟ

# ଯୁବତୀଙ୍କୁ ଅସଦାଚରଣ, ଅଭିଯୁକ୍ତକୁ ଜେଲ୍ ଓ ଜରିମାନା



ପୁରୀ,୯।୨(ସଂଚାର ବ୍ୟୁରୋ): ଶ୍ରୀମନ୍ଦିରର ଗର୍ଭଗୃହ ଭିତରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସମୟରେ ଜଣେ ଯୁବତୀଙ୍କ ପ୍ରତି ଅଶାଳୀନ ବ୍ୟବହାର ହୋଇଥିଲା। ସୋମବାର ମାମଲାର ରାୟ ପ୍ରକାଶ ପାଇଛି। ପୁରୀ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସ ଫାଷ୍ଟଟ୍ରାକ କୋର୍ଟ ବିଚାରପତି ରମାନାଥ ପଣ୍ଡା ଅଭିଯୁକ୍ତ ଗୁଜୁରାଟ କଛ ଜିଲ୍ଲାର ଅନଜର ଗ୍ରାମର ୬୯ ବର୍ଷୀୟ ବିଜୟ ସୁରେନ୍ଦ୍ର ପାଣ୍ଡିଆକୁ ଦୋଷୀ ସାବ୍ୟସ୍ତ କରିଛି। ବର୍ଷେ ଜେଲ୍ ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ଘୋଷଣା କରିଛନ୍ତି କୋର୍ଟ। ଜରିମାନା ନ ଦେଲେ ଅଧିକ ୧୫ ଦିନ ଜେଲ୍ ଦଣ୍ଡ ଭୋଗିବେ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି। ପୀଡ଼ିତାଙ୍କୁ ସରକାରଙ୍କ ପକ୍ଷରୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଗତ ନଭେମ୍ବର ୨୨ ରେ ପୀଡ଼ିତା ତାଙ୍କ ଭାଇ, ମା' ଓ ଅନ୍ୟ ସମ୍ପର୍କୀୟଙ୍କ ସହ ଜଗା ଦର୍ଶନ ପାଇଁ ଶ୍ରୀମନ୍ଦିରର ଗର୍ଭଗୃହ ପରିସରରେ ଥିବା ବେଳେ ଅଭିଯୁକ୍ତ ବିଜୟ ଯୁବତୀଙ୍କ ପ୍ରତି ଅଶାଳୀନ ଓ ଖରାପ ବ୍ୟବହାର କରିଥିଲେ। ପୀଡ଼ିତାଙ୍କ ପକ୍ଷରୁ ସିଂହଦ୍ୱାର ଥାନାରେ ଅଭିଯୋଗ ପରେ ଅଭିଯୁକ୍ତକୁ ପୁଲିସ ପୋକ୍ସ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୭ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଆଧାର କରି ଅଦାଲତ ବିଜୟକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ମାତ୍ର ୩ ମାସ ଭିତରେ ଶ୍ରୀମନ୍ଦିର ମାମଲାର ରାୟ ପ୍ରକାଶ ପାଇବା କ୍ଷେତ୍ରରେ ଏହା ହେଉଛି ପ୍ରଥମ ଘଟଣା।

# ଗଞ୍ଜେଇ ତେଲ ପ୍ରସ୍ତୁତି କାରଖାନା ଠାବ, ୪ ଗିରଫ



ମାଲକାନଗିରି, ୯।୨ (ସଂଚାର ବ୍ୟୁରୋ) : ମାଲକାନଗିରି ଚିତ୍ରକୋଣ୍ଡାର ବଡପଦର ଗାଁରେ ଗଞ୍ଜେଇ ତେଲ ପ୍ରସ୍ତୁତ କାରଖାନା ଠାବ ହୋଇଛି । ୪ ଗଞ୍ଜେଇ ତେଲ ପ୍ରସ୍ତୁତକାରୀ ଗିରଫ । ସେମାନଙ୍କ ମଧ୍ୟରେ ଦୁଇ ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ତେଲ ଚୋରା ଚାଲାଣକାରୀ ଅଛନ୍ତି। ଏହା ସହ ଦୁଇ ଲିଟର ଗଞ୍ଜେଇ ତେଲ ଜବତ କରିଛି ଚିତ୍ରକୋଣ୍ଡା ଥାନା ପୁଲିସ । ଜବତ ଗଞ୍ଜେଇ ତେଲର ଆନୁମାନିକ ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ ବୋଲି ମାଲକାନଗିରି ଏସ୍‌ପି ବିନୋଦ ପାଟିଲ ସୂଚନା ଦେଇଛନ୍ତି । ଘଟଣା ସ୍ଥଳରୁ ସିଲିଣ୍ଡ୍ରିକାଲ୍ ପ୍ରକ୍ରିୟାକରଣ କଣ୍ଟେନର ସହିତ ସଜ୍ଜିତ ଲୁହା ତିଆରି ମେସିନ୍, ପ୍ରେସର୍ କୁକର୍, ଲୁହା ତିଆରି କମ୍ପ୍ରେସର, ପାଇପ୍, ସିଲିଣ୍ଡର ଏବଂ ପ୍ଲାଷ୍ଟିକ୍ ଡ୍ରମ୍ ସହିତ ସଜ୍ଜିତ ଗ୍ୟାସ୍ ବର୍ନର ଜବତ କରିଛି ପୁଲିସ । ଗତ ୪ ମାସରେ ମାଲକାନଗିରି ପୁଲିସ ଦ୍ୱାରା ସାଢ଼େ ୭ କୋଟି ଟଙ୍କାର ଗଞ୍ଜେଇ ତେଲ ଜବତ ହୋଇଛି । ଯାହା ଦେଶରେ ଏପର୍ଯ୍ୟନ୍ତ ସର୍ବାଧିକ ଜବତ । ଆଗାମୀ ଦିନରେ ଗଞ୍ଜେଇ ଚୋରା ଚାଲାଣ ରୋକିବା ପାଇଁ ମାଲକାନଗିରି ଏସ୍‌ପି ହେଲ୍ପଲାଇନ୍ ନମ୍ବର ୯୪୩୮୯୧୬୯୭୨ ଆରମ୍ଭ କରିଛନ୍ତି ଏବଂ ଗଞ୍ଜେଇ ତେଲ ନେଟୱାର୍କକୁ ରୋକିବା ପାଇଁ ମାଲକାନଗିରି ପୁଲିସକୁ ସହାୟତା କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

### ପୀତବାସ ପଣ୍ଡା ହତ୍ୟା ମାମଲା

## କୋର୍ଟରେ ହାଜର ହେଲେ ମଦନ ଦଳେଇ

ବ୍ରହ୍ମପୁର, ୯।୨ (ସଂଚାର ବ୍ୟୁରୋ) : ପୀତବାସ ପଣ୍ଡା ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ମଦନ ଦଳାଇକୁ ସୋମବାର କୋର୍ଟରେ ହାଜର କରାଯାଇଛି। ପୂର୍ବରୁ ଏହି ମାମଲାରେ ପୂର୍ବରୁ ୧୫ ଜଣ ଅଭିଯୁକ୍ତ ହାଜର କରାଯାଇଥିବାବେଳେ, ଧାର୍ଯ୍ୟ ତାରିଖ ଅନୁସାରେ ସୋମବାର ମଦନ ଦଳାଇକୁ ହାଜର କରାଯାଇଛି। ସୋମବାର ପୁଲିସ ସୁରକ୍ଷା ବଳୟ ଭିତରେ ମଦନ ଦଳାଇକୁ କୋର୍ଟରେ ହଜାର କରିଥିଲା। ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ



ମଦନ ଦଳାଇକୁ ହ୍ୱିଲ ଚେୟାରରେ କୋର୍ଟରେ ହାଜର କରାଯାଇଥିଲା। ଜିଲ୍ଲା ଜଜ୍ ଏହି ମାମଲାଟିକୁ ଏଡିଜେ-୩ କୋର୍ଟକୁ ସ୍ଥାନାନ୍ତର କରିଛନ୍ତି। ଆସନ୍ତା ୧୭ ତାରିଖରେ ଏହି ମାମଲାର ଚାର୍ଜଫ୍ରେମ ହେବ ବୋଲି ଜଣାପଡ଼ିଛି। ଗତକାଲି ବିକ୍ରମ ପଣ୍ଡା ସ୍ୱାସ୍ଥ୍ୟ ଖରାପ ଥିବାରୁ ପୋଲିସର କଡ଼ା ସୁରକ୍ଷା ଭିତରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ପ୍ରଥମେ ଇସିଜି ଚେକଅପ୍ ହୋଇଥିଲା, ପରେ ସର୍ଜରୀ ବିଭାଗ ଡାକ୍ତର ଓ ଦନ୍ତ ଏବଂ ଓପିଡି ବିଭାଗରେ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶେଷରେ ଅଲଟ୍ରା ସାଉଣ୍ଡ ପରେ ପୁଲିସର କଡା ସୁରକ୍ଷା ଭିତରେ ପୁଣି ଜେଲକୁ ଫେରିଥିଲେ ।

# ୩ ଓଡ଼ିଆ ଶ୍ରମିକଙ୍କୁ ଅଟକ ରଖି ନିର୍ଯାତନା

**ଉଦ୍ଧାର ପାଇଁ ତାମିଲନାଡୁ ଗଲା ଦିଗପହଣ୍ଡି ପୁଲିସ**



ଦିଗପହଣ୍ଡି, ୯।୨ (ସଂଚାର ବ୍ୟୁରୋ) : ଓଡ଼ିଶାର ୩ଶ୍ରମିକଙ୍କୁ ତାମିଲନାଡୁରେ ନିର୍ଯାତନା ଅଭିଯୋଗ । ୩ ଶ୍ରମିକ ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ଲକ୍ଷ୍ମୀ ନାରାୟଣପୁର ଗାଁ ର ବି.ତବତ ରେଡ୍ଡୀଙ୍କ ପୁଅ ବି. ବୁଦ୍ଧୁ ରେଡ୍ଡୀ(୩୨), ବି.ଗଣେଶ ରେଡ୍ଡୀଙ୍କ ପୁଅ ବି.ପୂର୍ଣ୍ଣ ରେଡ୍ଡୀ(୩୦) ଏବଂ ଏସ.ଦୁର୍ଯ୍ୟୋଧନ ଦୋରାଙ୍କ ପୁଅ ଏସ.ଧୋବା ଦୋରା(୩୧) । ୩ ଜଣ ଶ୍ରମିକ ଗତ ପ୍ରାୟ ୧୫ ଦିନ ପୂର୍ବେ କାମ ପାଇଁ ଜଣେ ଶ୍ରମିକ ଠିକାଦାରଙ୍କ ସହ ତାମିଲନାଡୁ ଯାଇଥିଲେ। ତିରିପୁର ଜିଲା ପଙ୍ଗୁଲୁ ଗ୍ରାମ ସ୍ଥିତ ଏକ ବିସ୍କୁଟ ଫ୍ୟାକ୍ଟ୍ରିରେ ପାଇପ ୱେଲ୍ଡିଂ କାମ ପାଇଁ ଯାଇଥିଲେ । ସେଠାରେ କାମ ନ ମିଳିବାରୁ ସେମାନେ ଗାଁକୁ ଫେରିବା ପାଇଁ ସେଠାକାର ରେଳ ଷ୍ଟେସନକୁ ଚାଲି ଆସିଥିଲେ । ସେଠାରୁ ଅନ୍ୟଜଣେ ଶ୍ରମିକ ଠିକାଦାର କାମ ଦେବାର ପ୍ରତିଶୃତି ଦେଇ ତାଙ୍କୁ ପୁଣି କମ୍ପାନୀକୁ ଡାକି ନେଇଥିଲେ। ସେଠାରେ କମ୍ପାନୀ ମାଲିକ ସେମାନଙ୍କୁ ଏକ ଘର ଭିତରେ ନଜରବନ୍ଦୀ କରିବା ସହ ସେମାନଙ୍କ ମୋବାଇଲ ଫୋନ୍ ଛଡାଇ ନେଇଥିଲେ । ସେମାନଙ୍କୁ ଦୀର୍ଘ ୩ ଦିନ ହେଲା ଖାଇବାକୁ ନ ଦେଉଥିବା ବେଳେ ପ୍ରତିଦିନ ସନ୍ଧ୍ୟା ୬ ଟାରେ କମ୍ପାନୀର ଜଣେ କର୍ମଚାରୀ ମୋବାଇଲ ଫୋନ ସେମାନଙ୍କୁ ଦେଉଥିଲେ । ପୁଣି ୫ ମିନଟ ପରେ ଛଡାଇ ନେଉଥିଲେ। ଏପରିକି ପରିବାର ଲୋକଙ୍କ ସଙ୍ଗେ କଥା ହେବାପାଇଁ ମୋବାଇଲ ଫୋନ ଦେଉନଥିଲେ ।

ମଜୁରୀ ମାଗିବାରୁ ସେଠାରେ ସେମାନଙ୍କୁ କମ୍ପାନୀ ମାଲିକଙ୍କ ଇଙ୍ଗିତରେ ଶ୍ରମିକ ଠିକାଦାର ସେମାନଙ୍କୁ ନିସ୍ଥୁକ ମାଡ଼ ମାରିବା ସହ ନିର୍ଯାତନା ଦେଉଥିଲେ। ଏସ.ଧୋବା ଦୋରା କୌଶଳକ୍ରମେ ଶୁକ୍ରବାର ଫୋନ ଯୋଗେ ସମସ୍ତ ଘଟଣା ପରିବାର ଲୋକଙ୍କୁ ଜଣାଇଥିଲେ। ଧୋବାଙ୍କ ବାପା ଦୁର୍ଯ୍ୟୋଧନ ରେଡ୍ଡୀ, ପୂର୍ଣ୍ଣଙ୍କ ସ୍ତ୍ରୀ ମୁକ୍ତା ରେଡ୍ଡୀ ଏବଂ ଗଣେଶଙ୍କ ସ୍ତ୍ରୀ ସୁମିତ୍ରା ରେଡ୍ଡୀ ଶନିବାର ଦିଗପହଣ୍ଡି ଥାନାରେ ପହଞ୍ଚି ଏତଲା ଦେଇଥିଲେ। ପରେ ବ୍ରହ୍ମପୁର ଯାଇ ଏସ.ପି ଡ଼ା. ଶ୍ରବଣା ବିବେକ ଏମଙ୍କୁ ସାକ୍ଷାତ କରି ସମସ୍ତ ଘଟଣା ଜଣାଇଥିଲେ । ଏସ.ପି ତାମିଲନାଡୁ ତିରିପୁର ଏସ.ପିଙ୍କ ସହ ଫୋନ ଯୋଗେ କଥାବାର୍ତ୍ତା କରି ସହାୟତା ପାଇଁ ଅନୁରୋଧ କରିଥିଲେ । ବ୍ରହ୍ମପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ଅଟକ ଥିବା ୩ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଦିଗପହଣ୍ଡି ଥାନା ପୁଲିସ ସୋମବାର ସକାଳୁ ତାମିଲନାଡୁ ଅଭିମୁଖେ ଯାତ୍ରା କରିଛନ୍ତି। ଏନେଇ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଦିଗପହଣ୍ଡି ବିଧାୟକ ଡ଼.ସିଦ୍ଧାନ୍ତ ମହାପାତ୍ର ଏନେଇ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ ଏବଂ ଜିଲା ଶ୍ରମ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି ।

## ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର



ଭବାନୀପାଟଣା, ୯।୨ (ସଂଚାର ବ୍ୟୁରୋ) : କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଶ୍ରୀପୁରସ୍ଥିତ ଏକ ଫାର୍ମହାଉସ ଅଞ୍ଚଳରୁ ସୋମବାର ଜଣେ ମହିଳାଙ୍କ ଗଳିତ ମୃତଦେହ ଜବତ କରିଛି। ସ୍ଥାନୀୟ ସଫେଇ କର୍ମଚାରୀ ସଫେଇ କରୁଥିବାବେଳେ ପୋତାଯାଇଥିବା ଅବସ୍ଥାରେ ମୃତ ମହିଳାଙ୍କ ଆଙ୍ଗୁଠି ଦେଖିଥିଲେ। ଏ ନେଇ ଖବର ପାଇବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ମୃତା ମହିଳାଙ୍କ ପରିଚୟ ଜଣାପଡି ନ ଥିବାବେଳେ ସେ ଏଠାକୁ କିଭଳି ଆସିଲେ ଓ ତାଙ୍କ ମୃତ୍ୟୁ କେମିତି ହେଲା ତାହା ଅସ୍ପଷ୍ଟ ରହିଛି। ଏ ନେଇ ସଦର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଚଳିତ ମାସସାରା ଚାଲିବ ଭିଏଏସ୍

- **ଆଜି ପାଳନ ହେବ କୃମିନାଶ ଦିବସ**
- **ସାମିଲ୍ ହେବେ ୩୦ ଜିଲ୍ଲାର ୧.୫୯ କୋଟି ଶିଶୁ ଓ ମହିଳା**



ଭୁବନେଶ୍ୱର,୯।୨(ସଂଚାର ବ୍ୟୁରୋ): ଶିଶୁ ପୁଷ୍ଟିସାରକୁ ସୁଦୃଢ଼ କରିବା, ରକ୍ତହୀନତା ନିରାକରଣ କରିବା ଏବଂ ଅନ୍ତନଳୀର କୃମି ସଂକ୍ରମଣକୁ ରୋକିବା ପାଇଁ ଆସନ୍ତାକାଲି କୃମିନାଶକ ଦିବସ ପାଳନ କରାଯିବ। ଏଥିସହ ଚଳିତ ମାସ ସାରା ରାଜ୍ୟରେ ଭିଟାମିନ୍-ଏ ସପ୍ଲିମେଣ୍ଟେସନ୍ (ଭିଏଏସ୍) କାର୍ଯ୍ୟକ୍ରମ ଚାଲିବ । ସେହିପରି ଲିମ୍ଫାଟିକ ଫାଇଲେରିଆସିସ୍- ସମୂହ ଔଷଧ ସେବନ (ଏଲ୍‌ଏଫ୍ -ଏମଡିଏ) କାର୍ଯ୍ୟକ୍ରମ କେତେକ ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ ବୋଲି ଆଜି ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।

ଏହି ଅବସରରେ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡା. ଶକ୍ତି ପ୍ରସାଦ ମିଶ୍ର କହିଛନ୍ତି ଯେ ଜାତୀୟ କୃମିନାଶ ଦିବସ ଏକ ମୁଖ୍ୟ ଜନସ୍ୱାସ୍ଥ୍ୟ ପଦକ୍ଷେପ। ଏହା ଶିଶୁଙ୍କୁ ପରଜୀବୀ ସଂକ୍ରମଣରୁ ସୁରକ୍ଷା ଦେବା ସହ ମହିଳାଙ୍କ ମଧ୍ୟରେ ରକ୍ତହୀନତା ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ। ସେହିପରି ୩୦ ଜିଲ୍ଲାରେ ୧ରୁ ୧୯ ବର୍ଷ ବୟସର ୧.୫୯ କୋଟିରୁ ଅଧିକ ପିଲା ଓ ଗର୍ଭଧାରଣ ବୟସ (୨୦ରୁ ୨୪ ବର୍ଷ)ର ୧୯ ଲକ୍ଷରୁ ଅଧିକ ମହିଳାଙ୍କୁ ଆଲବେଣ୍ଡାଜୋଲ ସେବନ ପାଇଁ ଦିଆଯିବ। ଦ୍ୱିବାର୍ଷିକ ଭିଏଏସ କାର୍ଯ୍ୟକ୍ରମରେ ୯ରୁ ୬୦ ମାସ ବୟସର ୩୨ ଲକ୍ଷ ଶିଶୁଙ୍କୁ ସାମିଲ୍ କରାଯିବ। ଏ ସଂକ୍ରାନ୍ତରେ ୟୁନିସେଫ ନ୍ୟୁଟ୍ରିସନ୍ ସ୍ପେଶାଲିଷ୍ଟ ସୌରଭ ଭଟ୍ଟାଚାର୍ଜୀ କହିଛନ୍ତି ଯେ କୃମିନାଶକ ଡୋଜ୍ ସହ ଭିଏଏସ୍ ବ୍ୟବସ୍ଥା ଦ୍ୱାରା ପରିବାରଗୁଡ଼ିକ ଗୋଟିଏ ପ୍ଲାଟଫର୍ମ ମାଧ୍ୟମରେ ବହୁବିଧ ଜରୁରୀ ସ୍ୱାସ୍ଥ୍ୟସେବା ପାଇପାରିବେ। ଏଲ୍‌ଏଫ୍-ଏମ୍‌ଡିଏ ବରଗଡ଼, ବଲାଙ୍ଗୀର, ଢେଙ୍କାନାଳ, ଗଞ୍ଜାମ ଓ ଯାଜପୁର ଆଦି ୫ଟି ଜିଲ୍ଲାର ୭ଟି ରୂପାୟନକାରୀ ୟୁନିଟରେ କାର୍ଯ୍ୟକାରୀ କରାଯିବ। ଏହି ଜିଲ୍ଲାଗୁଡ଼ିକରେ ୧ରୁ ୨ ବର୍ଷ ବୟସର ପିଲାଙ୍କୁ ମଧ କୃମିନାଶକ ଔଷଧ ଦିଆଯିବ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମନ୍ୱୟରେ କାର୍ଯ୍ୟକାରୀ ହେଉଥିବା ଏହି ପଦକ୍ଷେପରେ ସରକାରୀ, ସରକାରୀ ସହାୟତା ପ୍ରାପ୍ତ ଏବଂ ବେସରକାରୀ ସ୍କୁଲ ସମୂହ ତଥା ଅଙ୍ଗନବାଡ଼ି କେନ୍ଦ୍ରଗୁଡିକ ସମ୍ପୃକ୍ତ ହେବେ। ଶିକ୍ଷକ, ଏଏନ୍‌ଏମ, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀଙ୍କ ସମେତ ଦୁଇ ଲକ୍ଷରୁ ଅଧିକ ଲୋକଶକ୍ତି ଔଷଧ ସେବନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହି ଅଭିଯାନକୁ ୟୁନିସେପ୍ ସମର୍ଥନ ଦେଉଛି। ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆଡିସନାଲ ଡାଇରେକ୍ଟର (ଶିଶୁ ସ୍ୱାସ୍ଥ୍ୟ) ଡା. ଆଦିତ୍ୟ ମହାପାତ୍ର, ଜଏଣ୍ଟ ଡାଇରେକ୍ଟର (ନ୍ୟୁଟ୍ରିସନ) ଡା. ସ୍ମୃତିଜିତ ପଟ୍ଟନାୟକ ଏବଂ ନ୍ୟୁଟ୍ରିସନ ଅଫିସର (ୟୁନିସେଫ) ଡା. ସଞ୍ଜୟ କୁମାର ସାହୁ ଉପସ୍ଥିତ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ବିଦେଶରେ ବଢ଼ିଲା ଭାରତୀୟ ଚା'ର ଚାହିଦା



ନୂଆଦିଲ୍ଲୀ, ୯।୨: ବିଦେଶରେ ବଢ଼ୁଛି ଭାରତୀୟ ଚା'ର ଚାହିଦା। ଯାହାର ସ୍ପଷ୍ଟ ଉଦାହରଣ ମିଳିଛି ୨୦୨୫ରେ ଭାରତରୁ ବିଦେଶକୁ ହୋଇଥିବା ଚା' ରପ୍ତାନୀରୁ। କାରଣ ଗତବର୍ଷ ଭାରତରୁ ଚା' ରପ୍ତାନୀ ସର୍ବକାଳୀନ ରେକର୍ଡ କରିଛି। ଏଥିରେ ମୁଖ୍ୟତଃ ଇରାନ ଏବଂ ଇରାକ ଏମିତିକି ଚୀନର ଅଧିକ ଯୋଗଦାନ ରହିଛି। କାରଣ ଏହି ତିନି ଦେଶକୁ ହିଁ ହୋଇଛନ୍ତି ସର୍ବାଧିକ ରପ୍ତାନୀ।

ଭାରତୀୟ ଚା' ବୋର୍ଡର ଅସ୍ଥାୟୀ ତଥ୍ୟ ଅନୁଯାୟୀ, ୨୦୨୫ ଜାନୁଆରୀ-ଡିସେମ୍ବରରେ ଭାରତରୁ ୨୮୦.୪୦ ମିଲିୟନ କିଲୋଗ୍ରାମ ଚା' ରପ୍ତାନୀ କରିଥିଲା। ଯାହା ୨୦୨୪ର ସମାନ ସମୟ ଅବଧି ମଧ୍ୟରେ ହୋଇଥିବା ୨୫୬.୧୭ ମିଲିୟନ କିଲୋଗ୍ରାମ ରପ୍ତାନୀ ତୁଳନାରେ ଅଧିକ।

ସେହିଭଳି ରପ୍ତାନୀ ଯୋଗୁ ଚା'ରୁ ହୋଇଥିବା ଆୟ ୨୦୨୫ରେ ୮, ୪୮୮.୪୩ କୋଟି ଟଙ୍କା ରହିଛି। ଯାହା ୨୦୨୪ରେ ୭, ୧୬୭. ୪୧ କୋଟି ଟଙ୍କା ଥିଲା। ରିପୋର୍ଟ ଅନୁସାରେ, ୟୁଏଇ, ଇରାକ ଏବଂ ଚୀନରେ ଚା' ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଯେତେବେଳେକି ରୁଷ ଏବଂ ଯୁକ୍ତରାଷ୍ଟ୍ରରେ ହ୍ରାସ ପରିଲକ୍ଷିତ ହୋଇଛି। ଚା' ବୋର୍ଡ ଉପାଧ୍ୟକ୍ଷ ସି ମୁରୁଗାନଙ୍କ କହିବା ଅନୁସାରେ, ୨୦୨୫ରେ ଭାରତରୁ ହୋଇଥିବା ଚା' ରପ୍ତାନୀ ସର୍ବୋଚ୍ଚ। ଏଥିପାଇଁ ରପ୍ତାନିକାରୀମାନେ ପ୍ରଶଂସା ପାଇବାର ଯୋଗ୍ୟ। ଏସିଆନ୍ ଟି କମ୍ପାନିର ନିର୍ଦ୍ଦେଶକ ମୋହିତ ଅଗ୍ରୱାଲ କହିଛନ୍ତି ଯେ, ଭାରତର ଚା' ରପ୍ତାନୀ ୨୮୦ ମିଲିୟନ କିଲୋଗ୍ରାମର ସର୍ବକାଳୀନ ସର୍ବାଧିକ ସ୍ତରରେ ପହଞ୍ଚିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଅସ୍ଥିର ରାଜନୈତିକ ପରିସ୍ଥିତି ସତ୍ତ୍ୱେ ଚା' ବୋର୍ଡ ନେତୃତ୍ୱରେ ରପ୍ତାନିକାରୀମାନେ ମଧ୍ୟପ୍ରାଚ୍ୟ ବଜାର ଯେମିତିକି ଇରାନ, ଇରାକ ଏବଂ ତୁର୍କୀ ବଜାରରେ ଏଣ୍ଟ୍ରି କରିଥିଲେ। ଆଉ ଅସ୍ଥିରତା ସତ୍ତ୍ୱେବି ଭଲ ପ୍ରଦର୍ଶନ କରିଥିଲେ।

ତଥ୍ୟ ଅନୁଯାୟୀ, ୨୦୨୫ ମସିହାରେ ଇରାକକୁ ରପ୍ତାନୀ ୫୨.୫୯ ମିଲିୟନ କିଲୋଗ୍ରାମ ଥିଲା। ଯାହା ୨୦୨୪ ମସିହାରେ ୪୦.୪୭ ମିଲିୟନ ରହିଥିଲା। ସେହିଭଳି ୨୦୨୪ରେ ୪୩.୪୮ ମିଲିୟନ କିଲୋଗ୍ରାମ ତୁଳନାରେ ୟୁଏଇକୁ ୨୦୨୫ରେ ରପ୍ତାନୀ ୫୦.୭୧ ମିଲିୟନ କିଲୋଗ୍ରାମ ହେବା ନେଇ ଅନୁମାନ କରାଯାଉଛି। ସେପଟେ ୨୦୨୫ରେ ଇରାନକୁ ରପ୍ତାନୀ ୧୧.୨୫ ମିଲିୟନ କିଲୋଗ୍ରାମ ହୋଇଥିଲା। ଯାହା ୨୦୨୪ରେ ୯.୨୫ ମିଲିୟନ କିଲୋଗ୍ରାମ ଥିଲା।

ସବୁଠୁ ଆକର୍ଷଣୀୟ ଥିଲା ଚୀନ୍‌କୁ ଚା' ରପ୍ତାନୀ। କାରଣ ୨୦୨୫ ଜାନୁଆରୀ- ଡିସେମ୍ବରରେ ଚୀନ୍‌କୁ ରପ୍ତାନୀ ୧୬. ୧୩ ମିଲିୟନ କିଲୋଗ୍ରାମ ଥିଲା। ଯାହା ୨୦୨୫ରେ ମାତ୍ର ୬.୨୪ ମିଲିୟନ କିଲୋଗ୍ରାମ ଥିଲା। ମୁରୁଗାନଙ୍କ ମତରେ ଆମେରିକାର ଟାରିଫ୍ ଯୋଗୁ ଭାରତୀୟ ରପ୍ତାନିକାରୀ ନୂତନ ବଜାର ସନ୍ଧାନରେ ଥିଲେ। ଏମିତିରେ ଚୀନ୍ ସେମାନଙ୍କ ପାଇଁ ଏକ ଭଲ ଅପ୍ସନ ହୋଇଥିଲା। ସେପଟେ ୨୦୨୫ରେ ଆମେରିକାକୁ ମଧ୍ୟ ରେକର୍ଡ ସଂଖ୍ୟକ ୧୫.୨୧ ମିଲିୟନ କିଲୋଗ୍ରାମର ଚା' ରପ୍ତାନୀ ହୋଇଛି। ଯାହା ୨୦୨୪ ମସିହାରେ ୧୭.୧୪ ମିଲିୟନ କିଲୋଗ୍ରାମ ଥିଲା। ତେବେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ପରେ ଚା' ରପ୍ତାନୀ ଆହୁରି ବଢ଼ିବ ବୋଲି ଅନୁମାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ଚା ବୋର୍ଡ ଏବେ ଅନ୍ୟ ବଜାର ଉପରେ ମଧ୍ୟ ଧ୍ୟାନ ଦେଉଛି। ଆଫଗାନିସ୍ତାନ, ଉତ୍ତର ଆଫ୍ରିକୀୟ ଦେଶ ଯେପରିକି- ଆଲଜେରିଆ, ଟ୍ୟୁନିସିଆ, ମରକ୍କୋ ଏବଂ ଇଜିପ୍ଟକୁ ରପ୍ତାନୀ ୩୦୦ ମିଲିୟନ କିଲୋଗ୍ରାମରେ ପହଞ୍ଚିବ ବୋଲି ଆଶା କରାଯାଉଛି।




# ୫୦୦ ବିଲିଅନ୍ ଡଲାର ଆମେରିକୀୟ ସାମଗ୍ରୀ ଆସିବାରେ ଅସୁବିଧା ନାହିଁ

ନୂଆଦିଲ୍ଲୀ, ୯।୨: ଭାରତ-ଆମେରିକା ବାଣିଜ୍ୟ ରାଜିନାମା ପାଇଁ ଗତକାଲି ମିଳିତ ବିବୃତି ପ୍ରକାଶ ପାଇଛି। ଏହା ଦ୍ୱାରା ଦୁଇ ଦେଶ ମଧ୍ୟରେ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଆସିବା ଆଶା କରାଯାଉଛି। ଦୁଇ ଦେଶ ପରସ୍ପରର ସାମଗ୍ରୀ ଉପରୁ ଆମଦାନି ଶୁଳ୍କ ହ୍ରାସ କରିବାକୁ ଯାଉଥିବାରୁ ବାଣିଜ୍ୟ ତ୍ୱରାନ୍ୱିତ ହେବ। ଏଭଳି ସ୍ଥିତିରେ ଭାରତକୁ ଆମେରିକାରୁ ଆସନ୍ତା ୫ ବର୍ଷ ମଧ୍ୟରେ ୫୦୦ ବିଲିଅନ୍ ଡଲାର ମୂଲ୍ୟର ସାମଗ୍ରୀ ଆସିବା ସୁନିଶ୍ଚିତ ହୋଇଛି। ଏହି ମୂଲ୍ୟର ସାମଗ୍ରୀ ଆମଦାନିରେ ଭାରତର ବିଶେଷ କିଛି ଅସୁବିଧା ନାହିଁ ବୋଲି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ପ୍ରକାଶ କରିଛନ୍ତି। ଭାରତରେ ବିଭିନ୍ନ ସାମଗ୍ରୀ ପାଇଁ ବର୍ଦ୍ଧିତ ଚାହିଦା ଦୃଷ୍ଟିରୁ ଏହି ଆମଦାନି ସହଜ ହେବ ବୋଲି ସେ କହିଛନ୍ତି। ଏପରିକି ସଂପ୍ରତି ଭାରତ ବାର୍ଷିକ ୪୦ରୁ ୫୦ ବିଲିଅନ୍ ଡଲାର ମୂଲ୍ୟର ସାମଗ୍ରୀ ଆମେରିକାରୁ ଆମଦାନି କରୁଥିବା ଶ୍ରୀ ଗୋୟଲ କହିଛନ୍ତି। ଏକ ବୃହତ ଅର୍ଥନୈତିକ ଶକ୍ତି ଭାବେ ଭାରତରେ ଉପଭୋକ୍ତାଙ୍କ ଦ୍ୱାରା ଚାହିଦା ବୃଦ୍ଧି ପାଉଛି। ଏବେ ବିଭିନ୍ନ ଦେଶରୁ ୩୦୦ ବିଲିଅନ୍ ଡଲାର ମୂଲ୍ୟର ସାମଗ୍ରୀ ଭାରତ ଆମଦାନି କରୁଛି। ଭାରତ-ଆମେରିକା ଚୁକ୍ତି ଫଳରେ ଆମେରିକାରୁ ସେହି ସବୁ ସାମଗ୍ରୀ ଆମଦାନି କରିବା ଭାରତ ପାଇଁ ଲାଭଜନକ ହୋଇପାରିବ ବୋଲି ଶ୍ରୀ ଗୋୟଲ କହିଛନ୍ତି।

# ବଢୁଛି ଭାରତୀୟ ମଦର ଚାହିଦା




ନୂଆଦିଲ୍ଲୀ,୯।୨: ଭାରତ ଏବଂ ଆମେରିକା ମଧ୍ୟରେ ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତିନାମାରେ ଆମେରିକୀୟ ହ୍ୱିସ୍କି ଏବଂ ମଦ ଉପରେ ଆମଦାନୀ ଶୁଳ୍କ ହ୍ରାସ କରିବା ବିଷୟରେ ଆଲୋଚନା ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ, ଏହା ଘରୋଇ ମଦ ନିର୍ମାତାଙ୍କ ଉପରେ ବିଶେଷ ପ୍ରଭାବ ପକାଇବାର ସମ୍ଭାବନା କମ୍। ଶିଳ୍ପ ବିଶେଷଜ୍ଞ ଏବଂ ବଜାର ତଥ୍ୟ ସୂଚିତ କରୁଛି ଯେ ଭାରତର ମଦ ବଜାର ଘରୋଇ କମ୍ପାନୀମାନଙ୍କ ଦ୍ୱାରା ଦୃଢ଼ ଭାବରେ ପ୍ରାଧାନ୍ୟ ବିସ୍ତାର କରୁଛି। ଟାଇମ୍ସ ଅଫ୍ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ଭାରତରେ ଆମେରିକୀୟ ହ୍ୱିସ୍କି ବିକ୍ରୟ ଅତ୍ୟନ୍ତ କମ୍। ମୋଟ ପ୍ରାୟ ୨,୨୯,୦୦୦ ନଅ ଲିଟର କେସ୍ ବିକ୍ରି ହେବା ସହିତ, ଆମେରିକୀୟ ହ୍ୱିସ୍କି ଭାରତର ମୋଟ ହ୍ୱିସ୍କି ବଜାରର ୦.୧% ରୁ କମ୍ ଅଟେ। ତୁଳନାରେ, ସ୍କଚ୍ ହ୍ୱିସ୍କି ୩% ରୁ ଅଧିକ ଥିବା ବେଳେ ଆଇରିଶ୍ ହ୍ୱିସ୍କି ୦.୨% ରୁ କମ୍ ରହିଛି। ତେଣୁ, ଶୁଳ୍କ ହ୍ରାସ ବଜାର ସନ୍ତୁଳନକୁ ବାଧା ଦେବାର ସମ୍ଭାବନା କମ୍। ଶିଳ୍ପ ବିଶ୍ୱାସ କରେ ଯେ ଯଦିଓ ଆମେରିକୀୟ ମଦ ଉପରେ ଶୁଳ୍କ ରିହାତି ପ୍ରଦାନ କରାଯାଏ, ତଥାପି ଏହା ଅନିବାର୍ଯ୍ୟ ଭାବରେ ଏକ ସର୍ବନିମ୍ନ ଆମଦାନୀ ମୂଲ୍ୟ (ଏମଆଇପି) ସହିତ ଆସିବ। ଏପରି ବ୍ୟବସ୍ଥା ପୂର୍ବରୁ ଅଷ୍ଟ୍ରେଲିଆ, ୟୁରୋପ ଏବଂ ୟୁକେ ସହିତ ବାଣିଜ୍ୟ ଚୁକ୍ତିନାମାରେ ଦେଖାଯାଇଛି। ଏହା ଶସ୍ତା ଆମଦାନୀ ମାଧ୍ୟମରେ ଘରୋଇ ବଜାରକୁ ଦୁର୍ବଳ କରିବାର ସମ୍ଭାବନାକୁ ବହୁ ପରିମାଣରେ ଦୂର କରେ। ବ୍ରୁଅର୍ସ ଆସୋସିଏସନ ଅଫ୍ ଇଣ୍ଡିଆର ମହାନିର୍ଦ୍ଦେଶକ ବିନୋଦ ଗିରି କହିଛନ୍ତି ଯେ ଆମେରିକୀୟ ବର୍ବନ୍ ଏବଂ ଟେନେସି ହ୍ୱିସ୍କିର ସ୍ୱାଦ ଏବଂ ରଙ୍ଗ ସାଧାରଣ ଭାରତୀୟ ଗ୍ରାହକଙ୍କ ପସନ୍ଦଠାରୁ ଭିନ୍ନ। ଏହି ହ୍ୱିସ୍କିଗୁଡ଼ିକ, ସିଙ୍ଗଲ୍ ମାଲ୍ଟ ପରି, ଏକ ସ୍ୱତନ୍ତ୍ର ସ୍ୱାଦ ଥିବା ଲୋକଙ୍କୁ ଆକର୍ଷିତ କରେ। ସେ ଆହୁରି ମଧ କହିଛନ୍ତି ଯେ ଭାରତରେ ବୋତଲରେ ଥିବା ଜିମ୍ ବିମ୍ ଭଳି ଶସ୍ତା ଆମେରିକୀୟ ହ୍ୱିସ୍କି ମଧ୍ୟ ଭଲ ପ୍ରଦର୍ଶନ କରିନାହିଁ, ଯାହା ସୂଚାଇ ଦିଏ ଯେ ମୂଲ୍ୟ ସବୁଠାରୁ ବଡ଼ ପ୍ରତିବନ୍ଧକ ନୁହେଁ। ମଦ କ୍ଷେତ୍ରରେ ମଧ୍ୟ, ଆମଦାନୀ ହୋଇଥିବା ବ୍ରାଣ୍ଡର ପରିସର ସୀମିତ। ଭାରତରେ ମୋଟ ମଦ ବ୍ୟବହାରର ୱାଇନର ଭାଗିଦାରି ୦.୫% ରୁ କମ୍ ଅଟେ। ଅଷ୍ଟ୍ରେଲୀୟ ମଦ ଆମଦାନୀ ଚାର୍ଟରେ ଆଗୁଆ ଥିବା ବେଳେ ଆମେରିକୀୟ ମଦର ଉପସ୍ଥିତି ସୀମିତ। ବିଶେଷଜ୍ଞମାନେ କୁହନ୍ତି ଯେ ଭାରତୀୟ ମଦ ବଜାରରେ ସଫଳତା ମୂଲ୍ୟ କିମ୍ବା ଦେଶ ଅପେକ୍ଷା ଏକ ଦୃଢ଼ ବଣ୍ଟନ ନେଟୱାର୍କ ଉପରେ ଅଧିକ ନିର୍ଭର କରେ। କନଫେଡେରେସନ୍ ଅଫ୍ ଇଣ୍ଡିଆନ ଆଲକହଲିକ ବ୍ରେଭେଜେସ କମ୍ପାନୀ କହିଛି ଯେ ଏହା ଶୁଳ୍କ ହ୍ରାସର ବିରୋଧ କରେ ନାହିଁ, କିନ୍ତୁ ଏହି ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ହେବା ଉଚିତ। ସଂଗଠନ ନିଶ୍ଚିତ ଯେ ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ଉଭୟ ଦେଶ ପାଇଁ ସନ୍ତୁଳିତ ଏବଂ ଲାଭଦାୟକ ହେବ। ସାମଗ୍ରିକ ଭାବରେ, ସୀମିତ ଆମଦାନୀ, ଗ୍ରାହକ ପସନ୍ଦ ଏବଂ ସମ୍ଭାବ୍ୟ ନୀତିଗତ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି, ଆମେରିକୀୟ ହ୍ୱିସ୍କି ଏବଂ ୱାଇନ ଉପରେ ଶୁଳ୍କ ହ୍ରାସ ଭାରତର ଘରୋଇ ମଦ ବଜାରକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିବାର ସମ୍ଭାବନା କମ୍।

## ଭାରତ-ଆମେରିକା ଟ୍ରେଡ୍ ଡିଲ୍

# ଏପ୍ରିଲ ପାଇଁ ରୁଷ ତେଲକିଣା ବନ୍ଦ

ନୂଆଦିଲ୍ଲୀ,୯।୨; ଭାରତ ଆମେରିକା ଏବେ ବାଣିଜ୍ୟ ଚୁକ୍ତି ନେଇ ଘୋଷଣା କରିଛନ୍ତି। ଏଭଳି ସ୍ଥିତିରେ ଭାରତୀୟ କମ୍ପାନି ଗୁଡ଼ିକ ଏପ୍ରିଲ ମାସ ଲାଗି ରୁଷ ତେଲ କିଣା ଅର୍ଡରକୁ ବନ୍ଦ କରି ଦେଇଛନ୍ତି। ଆଗକୁ କମ୍ପାନି ଏହି ଧାରାକୁ ଜାରି ରଖିବାର ଢ଼େର ସମ୍ଭାବନା ରହିଛି ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି। ନୂଆଦିଲ୍ଲୀର ଏଭଳି ପଦକ୍ଷେପ ୱାଶିଂଟନ ସହ ଚୁକ୍ତି କାର୍ଯ୍ୟକାରୀ କରିବାରେ ସହାୟକ ହେବ। ଶୁକ୍ରବାର ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ନେଇ ନିକଟତର ହୋଇଥିଲେ। ଏହି ଡିଲ୍ ନେଇ ଉଭୟ ଦେଶ ଫ୍ରେମୱାର୍କ ଘୋଷଣା କରିଛନ୍ତି। ମାର୍ଚ୍ଚ ଆଡକୁ ଚୂଡାନ୍ତ ଚୁକ୍ତି ହୋଇପାରେ। ଏହାଦ୍ୱାରା ଭାରତ ଉପରେ ନିମ୍ନ ଟିକସ ଏବଂ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ଦୃଢ଼ ହେବ।

ମାର୍ଚ୍ଚ ଏବଂ ଏପ୍ରିଲ ମାସ ପାଇଁ କୌଣସି ରୁଷ କମ୍ପାନିଠାରୁ ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ କୌଣସି ଅର୍ଡର ଦେଇ ନ ଥିବା ଜଣେ ଟ୍ରେଡର୍ କହିଛନ୍ତି। ତେବେ ଏହି କମ୍ପାନି ଗୁଡ଼ିକ ପୂର୍ବରୁ ସୂଚୀ ଅନୁସାରେ ମାର୍ଚ୍ଚରେ କିଛି ମାତ୍ରାରେ ରୁଷ ତେଲ ଡେଲିଭରି ପାଇବେ। ତେବେ ଅଧିକାଂଶ ଅନ୍ୟ କମ୍ପାନି ରୁଷ ତେଲ କିଣାକୁ ବନ୍ଦ କରି ଦେଇଥିବା ରିଫାଇନାରି କ୍ଷେତ୍ରର ଜଣେ ଅଧିକାରୀ କହିଛନ୍ତି। ତେବେ ଏ ନେଇ ୩ କମ୍ପାନି ଏବଂ ପେଟ୍ରୋଲିୟମ ମନ୍ତ୍ରଣାଳୟର ପକ୍ଷରୁ କୌଣସି ସ୍ପଷ୍ଟୀକରଣ ମିଳିପାରିନାହିଁ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପ୍ରବକ୍ତା କହିଛନ୍ତି, ଦେଶର ତେଲ ଚାହିଦା ପୂରଣ ସହ ଏ କ୍ଷେତ୍ରରେ ଯେଭଳି କୌଣସି ସମସ୍ୟା ନ ହେବ ସେଥିଲାଗି ଆମଦାନି କ୍ଷେତ୍ରକୁ ବିସ୍ତୃତୀକରଣ କରାଯିବ। ଅନ୍ୟ ଦେଶ ଗୁଡ଼ିକରୁ ମଧ୍ୟ ତେଲ ମଗାଇବ ଭାରତ।



ଭାରତ ଆମେରିକା ବାଣିଜ୍ୟ ଚୁକ୍ତିରେ ରୁଷ ତେଲ ସମ୍ପର୍କରେ ଉଲ୍ଲେଖ ନାହିଁ। ମାତ୍ର ରୁଷ ତେଲ କିଣାକୁ ନେଇ ଲାଗିଥିବା ୨୫% ଅତିରିକ୍ତ ଟାରିଫକୁ ଆମେରିକା ହଟାଇଛି। ଫଳରେ ନୂଆଦିଲ୍ଲୀ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ରୁଷ ତେଲ ଆମଦାନିକୁ ବନ୍ଦ କରିବ। ତେବେ ଏ ନେଇ ବିଧିବଦ୍ଧ ଭାବେ କୌଣସି ଯୋଜନା ସମ୍ପର୍କରେ ଦେଶ କୌଣସି ଘୋଷଣା କରିନି।

ରୁଷ-ୟୁକ୍ରେନ ଯୁଦ୍ଧ ପରେ ଭାରତ ରୁଷ ତେଲର ସବୁଠୁ ବଡ ଆମଦାନିକାରୀ ପାଲଟିଥିଲା। ଏହାକୁ ନେଇ ଆମେରିକା ଭାରତ ଉପରେ ଅତିରିକ୍ତ ୨୫% ଟାରିଫ ଲାଗୁ କରିବା ପରେ ଦେଶ ଉପରେ ମୋଟ ୫୦% ଟାରିଫ ଛୁଇଁଥିଲା। ଭାରତରେ ଅବସ୍ଥାପିତ ନାଏରା କେବଳ ଦୈନିକ ୪ ଲକ୍ଷ ବ୍ୟାରେଲ ରୁଷ ତେଲ ମଗାଉଥିଲା। ନାଏରା ମଧ୍ୟ ଏପ୍ରିଲ ଲାଗି କୌଣସି ରୁଷ ତେଲ ଅର୍ଡର କରିନି। ତେବେ ଭାରତୀୟ କମ୍ପାନି ଗୁଡ଼ିକ ସରକାରଙ୍କ ପରାମର୍ଶକ୍ରମେ କାର୍ଯ୍ୟକ୍ରମ ଗ୍ରହଣ କରିବେ। ରୁଷ ତେଲ କିଣା ଉପରେ ଆମେରିକା ନଜର ରଖିବ। ଭାରତ ତେଲ କିଣା ପୁଣି ଜାରି ରଖିଲେ ଟାରିଫ ପ୍ରତ୍ୟାବର୍ତ୍ତନ କରିବ ଆମେରିକା।

ଏହା ବି ପଢନ୍ତୁ...ବାରମ୍ବାର "ଋଣ" ମାଗୁଥିଲା ପାକିସ୍ତାନ, ଗେମ୍ ଖେଳିଦେଲା ଭାରତ! ଏବେ ସଫଳ ହେବନି ପାକିସ୍ତାନର ଯୋଜନା।

ଜଣେ ଅଧିକାରୀ କହିଛନ୍ତି, ଭାରତ ମାର୍ଚ୍ଚ ମାସ ଲାଗି ଦୈନିକ ରୁଷ ତେଲ କ୍ରୟ ୧ ନିୟୁତ ବ୍ୟାରେଲରୁ ନିମ୍ନକୁ ଆଣିବା ଲାଗି ଯୋଜନା ରଖିଛି। ଯାହାକୁ ପରେ ୫ରୁ ୬ ଲକ୍ଷ ବ୍ୟାରେଲ କରାଯିବ। ଯାହା ଗତବର୍ଷ ଦୈନିକ ହାରାହାରି ୧.୭ ଲକ୍ଷ ବ୍ୟାରେଲ ଥିଲା। ୨୦୨୫ ମଧ୍ୟ ଭାଗରେ ଭାରତ ରୁଷଠାରୁ ଦୈନିକ ହାରାହାରି ୨ ନିୟୁତ ବ୍ୟାରେଲ ତେଲ କିଣିଥିଲା। ବିଶ୍ୱର ତୃତୀୟ ବୃହତ ତେଲ ବ୍ୟବହାରକାରୀ ଏବଂ ଆମଦାନିକାରୀ ଦେଶ ଭାରତ ଡିସେମ୍ବର ମାସରେ ରୁଷ ତେଲ ଆମଦାନି ୨ ବର୍ଷର ନିମ୍ନ ସ୍ତରକୁ ଖସିଛି। ଏବେ ଭାରତୀୟ କମ୍ପାନି ଗୁଡ଼ିକ ମଧ୍ୟ ପ୍ରାଚ୍ୟ, ଆଫ୍ରିକ ଏବଂ ଦକ୍ଷିଣ ଆମେରିକୀୟ ଦେଶ ଗୁଡ଼ିକରୁ ତେଲ କିଣୁଛନ୍ତି।



# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୨,୩୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୯,୬୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୨,୩୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୯,୬୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୨,୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୯,୬୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୨,୫୦୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୯,୮୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୦୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୨,୩୫୦ ଓ ୧,୩୯,୬୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୭୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ବିଶ୍ୱରେ ବୈଷୟିକ ତୁଳନାରେ ବୌଦ୍ଧିକ ବିକାଶ ହେଉନାହିଁ

## ପରାଗ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

**ଆଳି,୯।୨(ସଂଚାର ବ୍ୟୁରୋ):** ଆଜିର ବିଶ୍ୱ ବୈଷୟିକ କ୍ଷେତ୍ରରେ ଯେତିକି ଉନ୍ନତି ଲାଭ କରିଛି, ବୌଦ୍ଧିକ କ୍ଷେତ୍ରରେ ସେହି ପରିମାଣରେ ଉନ୍ନତି କରି ନାହିଁ ବୋଲି 'ପରାଗ' ସାହିତ୍ୟ ସଂସଦର ୪୪ ତମ ବାର୍ଷିକ ଉତ୍ସବରେ ଅତିଥିମାନେ ଏହା ପ୍ରକାଶ କରିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ସର୍ବ ପୁରାତନ ସାହିତ୍ୟ ଅନୁଷ୍ଠାନ ପରାଗ ସାହିତ୍ୟ ସଂସଦର ସଭାପତି ଅଧାପକ ରମେଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ ଯୋଗଦେଇ କହିଲେ ଯେ ବୈଷୟିକ ବିକାଶ ସହ ସମାନୁପାତିକ ଭାବେ ବୌଦ୍ଧିକ ବିକାଶ ନ ଘଟିଲେ ଏକ ସନ୍ତୁଳିତ ସମାଜ ଗଠନ ସମ୍ଭବ ନୁହେଁ।" ମୁଖ୍ୟ ଅତିଥି ଭାବେ ଯେଗଦେଇ ବରିଷ୍ଠ କବି ଡ. ଶ୍ରୀହରି ଧଳ କହିଲେ ଯେ ମଣିଷ ଏବେ ବ୍ୟକ୍ତି କୈନ୍ଦ୍ରିକ ହୋଇଯାଇଛି ଯାହା ଫଳରେ ପରିବାର ମଧରେ ଠିକ୍ ସମନ୍ୱୟ ରହି ପାରୁନାହିଁ । ସମ୍ମାନିତ ଅତିଥି ଭାବେ କବି ଓ ପ୍ରାବନ୍ଧିକ ରାଜୀବ ପାଣି ଓ ସଂସଦର ଉପସଭାପତି ଇଂ ନିଳାଦ୍ରୀଭୂଷଣ ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



ଏହି ଅବସରରେ ଗୋକାର୍ଣ୍ଣିକାର ସଂପାଦକ ରମାକାନ୍ତ ଯେନାଙ୍କୁ ପରାଗ ସ୍ୱତନ୍ତ୍ର ସମ୍ମାନ, ରାଜୀବ ପାଣି ଙ୍କୁ ପ୍ରଥମ ଶୋଭମଣି ସ୍ୱାଇଁ କବିତା ସମ୍ମାନ,ପ୍ରେମାନନ୍ଦ ଖଣ୍ଡୁଆଲଙ୍କୁ ରତ୍ନାକର ମିଶ୍ର ଶିକ୍ଷା ଓ ସାହିତ୍ୟ ସମ୍ମାନ, ସିମାଞ୍ଚଳ ଦାସ ଙ୍କୁ ପରାଗ ଗଳ୍ପ ସମ୍ମାନ, ଡ଼. ସ୍ୱର୍ଣ୍ଣପ୍ରଭା ଖଟୁଆଙ୍କୁ ପରାଗ ଯୁବ କବି ସମ୍ମାନ, ପ୍ରଦୀପ୍ତ ମହାନ୍ତି ଙ୍କୁ ପରାଗ ସର୍ଜନ ସମ୍ମାନ, ଖଗେଶ୍ୱର ମହାନ୍ତି ଙ୍କୁ ପରାଗ କବିତା ସମ୍ମାନ ୨୦୨୬, ଶୋଭନା ଜେନା ଙ୍କୁ ପରାଗ ସଫଳ ସାହିତ୍ୟିକ ସମ୍ମାନ, ନିହାରିକା ରଥ ଙ୍କୁ କବିତା ସମ୍ମାନ,ସନ୍ତୋଷୀନି ଦାଶ ଗିରି ଙ୍କୁ ସଫଳ କବି ସମ୍ମାନ ରେ ସମ୍ମାନିତ କରାଯାଇ ଥିଲା। ଏହି ଅବସରରେ ନୀଳାମ୍ବର ପଣ୍ଡାଙ୍କ କବିତା ସଂକଳନ ନୀଳତରଂଗ ଓ ସନ୍ତୋଷୀନି ଦାଶ ଗିରି ଙ୍କ କବିତା ଗୋଧୂଳି ସଞ୍ଜର ଗୀତ କୁ ଅତିଥି ମାନେ ଉନ୍ମୋଚନ କରିଥିଲେ ।

ଦିତୀୟ ଅଧିବେଶନରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବରେ ବରିଷ୍ଠ କବି ଅଶୋକ ବିଶ୍ୱାଳ ଅଧକ୍ଷତା କରିଥିଲେ। କବି ସର୍ବାଣି ଦାସ ଓ ଚାରୁଲତା ଭୂୟାଁ ଙ୍କ ସଯୋଜନାରେ ଓଡିଶା ର ବିଭିନ୍ନ ପ୍ରାନ୍ତର ରୁ ଆସି ଥିବା ୪୦ରୁ ଉର୍ଦ୍ଧ୍ୱ ଅତିଥିକବି ସେମାନଙ୍କ ର ସ୍ୱରଚିତ କବିତା ପାଠ କରିଥିଲେ। ସଂପାଦକ ବନମାଳୀ ସେନାପତି ସଂପାଦକୀୟ ବିବରଣୀ ପାଠ କରିଥିଲେ ଓ କବି ସୁରେନ୍ଦ୍ର ସାହୁ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। କବୀ ପୂଜାଶ୍ରୀ ସେଠୀ ମାନପତ୍ର ପାଠ କରିଥିଲେ।

### କୁଳଡିହା ବନବିଭାଗକୁ ସଫଳତା

## କିଙ୍ଗପିନ ମହିଳା ସହ ତିନି ଗିରଫ, ୩୦ଟି ବଜ୍ରକାପ୍ଟା କାତି ଜବତ



**ନୀଳଗିରି,୯।୨(ସଂଚାର ବ୍ୟୁରୋ):** ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶରେ ଏସିଏଫ୍ଓ ତଥା କୁଳଡିହା ରେଞ୍ଜ ଅଧିକାରୀ ସୁବ୍ରତ କୁମାର ବେହେରାଙ୍କ ନେତୃତ୍ୱରେ ବାରମ୍ବାର ବନାଞ୍ଚଳ ଆଖପାଖ ଅଞ୍ଚଳରେ ଚଢାଉ ଜାରିରହିଥିବା ବେଳେ ଆଜି ଜଣେ ମହିଳାଅଭିଯୁକ୍ତଙ୍କ ସମେତ ଅନ୍ୟଦୁଇଜଣ ପୁରୁଷ ଦେହାବଶେଷ ବେପାରୀଙ୍କୁ ଗିରଫକରି ସେମାନଙ୍କ ନିକଟରୁ ୩୦ଟି ବଜ୍ରକାପ୍ଟା କାତି, ୪ଟି ମୋବାଇଲ ଜବଦ କରାଯାଇଛି। ଜାନୁଆରୀ ୨୨ତାରିଖ ଠାରୁ ଉକ୍ତ ଘଟଣାକୁ ସ୍ୱତନ୍ତ୍ର ରେଜିଷ୍ଟ୍ରିଭୁକ୍ତ କରାଯାଇ ତଦନ୍ତ ଚାଲୁରହିଛି।ଗତ ଫେବୃଆରୀ ୩ତାରିଖରେ ଏହି ଘଟଣାରେ ୬ଜଣକୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ମଧରୁ ଜଣେ ସହକାରୀ ଶିକ୍ଷକଙ୍କ ସଂପୃକ୍ତି ଥିବାବେଳେ ଆଜି ଗିରଫହୋଇଥିବା ୩ଜଣ ବନ୍ୟଜନ୍ତୁ ଦେହାବଶେଷ ବେପାରୀଙ୍କ ମଧରୁ ଜଣେ ମହିଳାଙ୍କ ସଂପୃକ୍ତି ଥିବା ଅଞ୍ଚଳରେ ହଟଚମଟ ସୃଷ୍ଟି କରିଛି। ମହିଳାଜଣକ ଉକ୍ତ ଘଟଣାର କିଙ୍ଗପିନ୍ ବନବିଭାଗ କହୁଥିବା ବେଳେ ସରକାରୀ ଚାକିରିଆ, ମହିଳା ଏହି ଘଟଣାରେ ଗିରଫହେବା ପଛରେ ରାକେଟର ଗଭୀରତା କେତେ ତାହା ବିଚାର୍ଯ୍ୟ। ତେବେ ତଦନ୍ତରେ ବ୍ୟାଘାତ ସୃଷ୍ଟିନହେବା ପାଇଁ ସମସ୍ତ ଅଭିଯୁକ୍ତଙ୍କ ନାମ ଏବଂ ଠିକଣା ଗୋପନ ରଖାଯାଇଥିବା ବନବିଭାଗ ଅଧିକାରୀ ସୂଚନା ଦେଇଛନ୍ତି।

## ରାଇଘରଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର



**ନବରଙ୍ଗପୁର,୯।୨ (ସଂଚାର ବ୍ୟୁରୋ):** ଆଜି ରାଇଘର ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବି ଡି ଓ ରିତୁ ସିଂଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଜନ ଶୁଣାଣି ଶିବିରରେ ମୋଟ ୪୪ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୨୮ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୬ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗ ମାନଙ୍କୁ ୧୮ଟି ହୁଇଲ ଚେୟାର ପ୍ରଦାନ କରାଯାଇଥିଲା।୮ଜଣ ବିଭିନ୍ନ କାରଣରୁ ଅଙ୍ଗହୀନ ହୋଇଥିବା ଦିବ୍ୟାଙ୍ଗ ଙ୍କୁ କୃତିମ ଅଙ୍ଗ ପ୍ରଦାନ ନିମନ୍ତେ ମଞ୍ଜୁରୀ କରାଯାଇଥିଲା।ସେଭଳି ବିଭିନ୍ନ କାରଣରୁ ଆହତ ଏବଂ ଅକ୍ଷମ ୧୩ଜଣ ରୋଗୀଙ୍କୁ ଉତ୍ତମ ଶାରୀରିକ ଚିକିତ୍ସା ନିମନ୍ତେ ଉନ୍ନତ ପୁନର୍ବାସ କେନ୍ଦ୍ରରେ ଯନ୍ତ୍ରଣା ଉପଶମ ଓ ଚିକିତ୍ସା ପାଇଁ ପଦକ୍ଷେପ ନିଆଗଲା।

## ପ୍ରାଚୀ ନଦୀ ଓ ତଟରେ ଥିବା କୀର୍ତ୍ତିରାଜିକୁ ପୁନଃରୁଦ୍ଧାର ପାଇଁ ପଦଯାତ୍ରା



**କାକଟପୁର/ଅସ୍ତରଙ୍ଗ,୯।୨ (ସଂଚାର ବ୍ୟୁରୋ):** ଭାରତ ବର୍ଷର ୯୦ ଭାଗ ସାଂସ୍କୃତିକ ଇତିହାସ ମାଟି ତଳେ ରହୁଥିବା ବେଳେ ଓଡ଼ିଶାର ସହର୍ଷ ବର୍ଷର ଇତିହାସ ପ୍ରାଚୀ ନଦୀକୂଳରେ ଲୁଚି ରହିଛି। ପୁଣ୍ୟତୋୟା ପ୍ରାଚୀ ନଦୀର ପୁନଃରୁଦ୍ଧାର ପାଇଁ ଜନଜାଗରଣ ସୃଷ୍ଟି କରିବା ଉଦେଶ୍ୟରେ ପ୍ରାଚୀ ପରିକ୍ରମା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗତ ୭ ତାରିଖରୁ ଶ୍ରୀ ଅନ୍ଧକପିଳେଶ୍ୱର ମନ୍ଦିରରୁ ପ୍ରାଚୀ ସାଧୁସନ୍ଥମାନେ ଯୋଗଦେଇ ପ୍ରାଚୀ ନଦୀ କୂଳରେ ଥିବା ଦ୍ୱାଦଶ ମଠ, ଦ୍ୱାଦଶ ମାଧବ, ଦ୍ୱାଦଶ ଋଷି ଆଶ୍ରମ, ଦ୍ୱାଦଶ ଶକ୍ତିପୀଠ ଅବକ୍ଷୟମୁଖି ନଦୀମାନଙ୍କ ପୁନଃରୁଦ୍ଧାର ଉଦେଶ୍ୟରେ ୨୦୧୨ମସିହାରୁ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ମାର୍ଗଦର୍ଶନ ଓ ପ୍ରେରଣାରେ ଏହି ଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ପ୍ରାଚୀ ନଦୀର ହୃତ ଗୌରବ ପୁନଃ ପ୍ରକଟ ଚେଷ୍ଟାରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦର ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ଦିଗଦର୍ଶନ ଓ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ପୌରୋହିତ୍ୟ ତଥା "ପ୍ରାଚୀ ପରିକ୍ରମା ପଦଯାତ୍ରା ଚାରିଟେବୁଲ ଟ୍ରଷ୍ଟ "ଆନୁକୂଲ୍ୟରେ ବିଶ୍ୱର କୋଣ ଅନୁକୋଣରୁ ଆସିଥିବା ସାଧୁ, ସନ୍ଥ, ଯୋଗୀ, ଐତିହାସିକ ଗବେଷକ, ଶ୍ରଦ୍ଧାଳୁ, ପରିବେଶପ୍ରେମୀ ଓ ପ୍ରାଚୀ ଉପତ୍ୟକାର ବିଭିନ୍ନ ମଠ ମନ୍ଦିରର ସାଧୁ ମାନେ ଖାଲି ପାଦରେ ଚାଲିଚାଲି ପବିତ୍ର ପ୍ରାଚୀ ନଦୀର ପରିକ୍ରମା କରି ଆସୁଛନ୍ତି।

## କଳାକ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ନେବ କେନ୍ଦ୍ରାପଡ଼ା



**କେନ୍ଦ୍ରାପଡ଼ା,୯।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରଅଞ୍ଚଳ ମହିପାଳ ସ୍ଥିତ କୁନ୍ତଳା କୁମାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ କେନ୍ଦ୍ରାପଡା ଜିଲ୍ଲାରେ କଳାଶିକ୍ଷା ଦାନ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଦ୍ୟାଳୟର ବାର୍ଷିକ ପରୀକ୍ଷା ଏବେ ଆରମ୍ଭ ହୋଇଛି । ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହେବା ପରେ ବିଦ୍ୟାଳୟ ତାର ପ୍ରଥମ ବାର୍ଷିକ ପରିକ୍ଷା ଓଡିଶା ଲଳିତ କଳା ଏକାଡେମୀ ତ୍ତ୍ୱାବଧାନରେ ଅୟୋଜିତ କରିଛି। ଚଳିତ ବର୍ଷ ପ୍ରାଥମିକ ପରୀକ୍ଷାରେ ମୋଟ ୩୫ ଜଣ କୁନି କଳାକାର ଭାଗ ନେଇଛନ୍ତି। କେନ୍ଦ୍ରାପଡା ସହରରେ ଏପରି ପରୀକ୍ଷା କରି ପ୍ରମାଣପତ୍ର ଦେଉଥିବା ଏକମାତ୍ର ଅନୁଷ୍ଠାନ କୁନ୍ତଳାକୁମାରୀ ଚାରୁ ଓ କାରୁ କଳା ବିଦ୍ୟାଳୟ ୨୦୨୧ ମସିହାରେ ଆରମ୍ଭ ହୋଇଥିଲା। ଦୀର୍ଘ ବର୍ଷ ଧରି ପିଲାମାନଙ୍କୁ କଳା ଶିକ୍ଷା ପ୍ରଦାନ କରି ଆସୁଥିବା ଏହି କଳା ଶିକ୍ଷା ଅନୁଷ୍ଠାନକୁ ଏ ବର୍ଷ ଓଡିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନରେ ଥିବା ଲଳିତ କଳା ଏକାଡେମୀ ସ୍ୱୀକୃତି ପ୍ରଦାନ କରିଛି । ଏହି ଅନୁଷ୍ଠାନ ପିଲାମାନଙ୍କୁ କଳାଶିକ୍ଷା ଦେଇ ସ୍ୱାବଲମ୍ବୀ କରିବାକୁ ଚେଷ୍ଟା କରୁଛି ବୋଲି ପ୍ରଧାନ ଗୁରୁଜୀ ଅଶୋକ ନାୟକ କହିଛନ୍ତି । ଜିଲ୍ଲାର କଳା ଓ ସଂସ୍କୃତି କ୍ଷେତ୍ରରେ ଉନ୍ନତି ଓ ରାଜ୍ୟରେ ଏହାକୁ ପ୍ରାଧାନ୍ୟ ଦେବା ଉଦ୍ଦେଶ୍ୟରେ ସେ ଏହି କଳା ଶିକ୍ଷା ଅନୁଷ୍ଠାନ ଗଢିଛନ୍ତି ବୋଲି କହିଛନ୍ତି । ଏହି ଅବସରରେ ଉପସ୍ଥିତ ଅଭିଭାବକମାନେ ବିଦ୍ୟାଳୟ ଓ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି । ଆଗାମୀ ଦିନର କେନ୍ଦ୍ରାପଡା ଯେପରି ସମଗ୍ର ରାଜ୍ୟ ଓ ଦେଶରେ କଳା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ସେ ନେଇ ଏହି ବିଦ୍ୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ବିଦ୍ୟାଳୟର ମୁଖ୍ୟ ଜାତୀୟ ସ୍ତରୀୟ ଚିତ୍ରଶିଳ୍ପୀ ଅଶୋକ କୁମାର ନାୟକ ମତବ୍ୟକ୍ତ କରିଛନ୍ତି ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୪୬୭ ଆବେଦନ ପଞ୍ଜିକୃତ



**ବାଲିଆପାଳ,୯।୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ପରିସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସୋମବାର ଚତୁର୍ଦ୍ଦଶ ପର୍ଯ୍ୟାୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୬୭ ଟି ଆବେଦନ ପଞ୍ଜିକୃତ ହୋଇଥିଲା। ଚକ୍ଷୁ ବିଭାଗରେ ୯୦ ଜଣ, ମାନସିକ ବିଭାଗରେ ୭୮ଜଣ, ଅସ୍ଥିଶଲ୍ୟ ୨୯୯ ଜଣ ଙ୍କୁ ପରୀକ୍ଷା କରାଯାଇଛି।ଚକ୍ଷୁ ବିଶେଷଜ୍ଞ ଡାକ୍ତର ପିୟୁଷ ପ୍ରକାଶ ମହାପାତ୍ର, ଅସ୍ଥିଶଲ୍ୟର ନିର୍ମାଲ୍ୟ ମହାପାତ୍ର, ରାଧାପ୍ରାସାଦ ମିଶ୍ର, ମାନସିକ ବିକୃତ ବିଶେଷଜ୍ଞ ବ୍ରଜ କିଶୋର ଗିରି, ଭିନ୍ନକ୍ଷମ ମାନଙ୍କୁ ପରୀକ୍ଷା କରିଥିଲେ। ଏହି ଶିବିରେ ବସ୍ତା ବିଧାୟିକା ସୁବାସିନି ଜେନା, ବାଲିଆପାଳ ବିଡିଓ ରାଧା ରଞ୍ଜନ ଦାଶ, ଜିଲ୍ଲା ସାମାଜିକ ଅଧିକାରିଣୀ ପ୍ରତିଭା ବେହେରା ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କର ସୁବିଧା ଅସୁବିଧା ବିଷୟରେ ବୁଝିଥିଲେ।ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥି ସାହୁ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

## ଜେଲ ଅନ୍ତେବାସୀଙ୍କ ମନରେ ଆଧାତ୍ମିକତା ଆଣିବାକୁ ପ୍ରୟାସ



**ଫୁଲବାଣୀ,୯।୨ (ସଂଚାର ବ୍ୟୁରୋ):** ଜେଲ କହିଲେ ଅପରାଧ କରିଥିବା ମଣିଷକୁ ଦଣ୍ଡ ପାଇଁ ଜେଲରେ ରଖା ଯାଇଥାଏ। ଯାହାର କି ବାହାର ଦୁନିଆ କି ପରିବାର ସହ ଅଲଗା ହୋଇ ବନ୍ଦୀ ହୋଇ ରହିଥାନ୍ତି। କିନ୍ତୁ ଏହି ଅନ୍ତେବାସୀ ଜେଲରୁ ମୁକ୍ତ ହେଲେ କରିଥିବା ଅପରାଧକୁ ବୁଝି ପାରିବେ ନିଜକୁ ନିଜେ କିଭଳି ସୁଧାରି ପାରିବେ ଏହାକୁ ଦୃଷ୍ଟିରେ ରଖି ଜେଲ କର୍ତ୍ତୃପକ୍ଷ ପକ୍ଷରୁ ଏହି ଅନ୍ତେବାସୀଙ୍କ ମନରେ ଆଧାତ୍ମିକତା ଆଣିବା ପାଇଁ ଏକ ଅଭିନବ ପ୍ରୟାସ କରିଛନ୍ତି । ଫୁଲବାଣୀ ମଣ୍ଡଳ କାରାଗାରରେ ୩୩୫ଜଣ ଅନ୍ତେବସୀ ରହୁଛନ୍ତି। ସେଥି ମଧରୁ ୧୮ ଜଣ ମହିଳା ଅଛନ୍ତି। ଆଜି ସକାଳୁ ଏହି ଅନ୍ତେବାସୀମାନେ ପଞ୍ଚ ମଣ୍ଡଳୀୟ ଗାୟତ୍ରୀ ଯଜ୍ଞରେ ଯୋଗ ଦେଇନଥିଲେ। ଗାୟତ୍ରୀ ପରିବାର ପକ୍ଷରୁ ଜେଲରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିବା ପାଇଁ ଏହି ଆୟୋଜନ ହୋଇଥିଲା। ଏଠାରେ ରହୁଥିବା ଅନ୍ତେବାସୀ ଅତି ଆଗ୍ରହ ସହ ଏହି ପୂଜା କାର୍ଯ୍ୟରେ ଯୋଗ ଦେଇ ଭଜନ କୀର୍ତ୍ତନ କରିବା ସହ ଅତି ଶ୍ରଦ୍ଧାରେ ଯଜ୍ଞରେ ବସି ସମ୍ପୂର୍ଣ୍ଣ କରିଥିଲେ ପୂଜା। ଏଭଳି କାର୍ଯ୍ୟକ୍ରମ ପ୍ରତେକ ଜେଲ ରେ ହେବା ଆବଶ୍ୟକ ଏହା ଦ୍ୱାରା ଏଠି ରହୁଥିବା ଅନ୍ତେବାସୀ ମଧ ଏହି ଆଧାତ୍ମିକତାକୁ କଣ ଜାଣିବେ ସେଥିରେ ଜଡ଼ିତ ରହିବେ ଓ ଅପରାଧ ଠାରୁ ଦୁରେଇ ରହିବେ ଓ ଜୀବନ ର ମୁଲ୍ୟବୋଧ ବୁଝିପାରିବେ ବୋଲି କହିଛନ୍ତି ଗାୟତ୍ରୀ ପରିବାର।

## ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

**କେନ୍ଦ୍ରାପଡା,୯।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଅଖିଳ ଭାରତୀୟ ଗ୍ରାହକ ପଂଚାୟତ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଗୋବିନ୍ଦଜୀଉ ମନ୍ଦିର ପରିସରରେ ରାଜ୍ୟ ସହ ସମ୍ପାଦକ ସୁବାଷ ଚନ୍ଦ୍ର ବେହୁରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଧିବେଶନରେ ଜିଲ୍ଲା କାର୍ଯ୍ୟକାରିଣୀ ସମିତିର ପୁନଗଠନ କରାଯାଇ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଜିଲ୍ଲା କମିଟିରେ ମନୋନୀତ କରାଯାଇଛି । ଏଥିରେ ଗଗନ ବିହାରୀ ରାଉତ ସଭାପତି, ଝୁନିରାଣୀ ପରିଡା



ଉପସଭାପତି, ରମାକାନ୍ତ ସାହୁ ସମ୍ପାଦକ, ମିନତୀ ସୁନ୍ଦର ରାୟ ସହ ସମ୍ପାଦକ, ଦିଲ୍ଲୀପ କୁମାର ନନ୍ଦ କୋଷାଧକ୍ଷ, ପ୍ରକାଶ କବି ସଂଗଠନ ସମ୍ପାଦକ, ସୁରେଶ ଚନ୍ଦ୍ର ସେଠୀ ଆଇନ୍ ସହାୟକ, ପ୍ରାର୍ଥସାରଥୀ ମହାପାତ୍ର ପ୍ରଚାର ପ୍ରମୁଖ, ପ୍ରାର୍ବତୀ ବେହେରା ମହିଳା ପ୍ରମୁଖ, ସିଦ୍ଧାର୍ଥ ପଟ୍ଟନାୟକ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ସଭ୍ୟ ପ୍ରାର୍ଥସାରଥୀ ମହାପାତ୍ର ସହଯୋଗ କରିଥିବାବେଳେ ସଭା ଶେଷରେ ଜିଲ୍ଲା ପ୍ରଭାରୀ ସୁବାସ ଚନ୍ଦ୍ର ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ ।

## 'ଆତ୍ମସୁରକ୍ଷା ତାଲିମ ଶିବିର' ଉଦ୍‌ଘାଟିତ




**ସୁବର୍ଣ୍ଣପୁର,୯।୨ (ସଂଚାର ବ୍ୟୁରୋ):** ସୋନପୁର ମହାବିଦ୍ୟାଳୟରେ ଅଧକ୍ଷ ପ୍ରଫେସର ରାଧାକାନ୍ତ ନାଏକଙ୍କ ଅଧକ୍ଷତାରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଫେବୃଆରୀ ୬ରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ତାଲିମ୍ ଶିବିରରେ ଉଦ୍‌ଘାଟନୀ ସଭାରେ ସଂଯୋଜିକା ରାଜଲତା ଅଲିଭା ଆତ୍ମସୁରକ୍ଷା ତାଲିମର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆତ୍ମସୁରକ୍ଷା କ୍ଲବ୍ ସଦସ୍ୟା ଡଃ ଇତିଶ୍ରୀ ଦାସ ନାରୀ ଆତ୍ମସଚେତନ ହେଲେ ନିଜ ସୁରକ୍ଷା ନିଜେ କରିପାରିବ ବୋଲି କହିଥିଲେ। ଡଃ ସୋରଭ ରଞ୍ଜନ ଖମାରୀ ଓ ଡଃ ମହେନ୍ଦ୍ର କୁମାର ଦାଶ ଛାତ୍ରୀମାନଙ୍କୁ ତାଲିମର ଉପାଦେୟତା ଓ ବିଭିନ୍ନ ଅପରାଧିକ ଦଣ୍ଡ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାପରେ ମାଷ୍ଟର ଟ୍ରେନର ଶୁଭସ୍ମିତା ଦାଶ ଆତ୍ମସୁରକ୍ଷାର କିଛି କୌଶଳ ପ୍ରଦର୍ଶନ କରିଥିଲେ। ଅଧାପିକା ସୁଶ୍ରୀ ନର୍ମଦା ଛେତ୍ରୀ ଏ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ମହାବିଦ୍ୟାଳୟର +୩ ପ୍ରଥମ ବର୍ଷର ଛାତ୍ରୀ ଓ ଅଧାପକ ଓ ଅଧାପିକାମାନେ ଯୋଗ ଦେଇଥିଲେ।

### ସାଲେପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

## ଦ୍ୱିତୀୟ ଦିନ ଖେଳରେ ୟୁନିଭର୍ସାଲ କ୍ଲବ୍‌କୁ ହରାଇଲା ୟଙ୍ଗ ଉତ୍କଳ କଟକ



**ସାଲେପୁର,୯।୨ (ସଂଚାର ବ୍ୟୁରୋ):** ସାଲେପୁର ସ୍ପୋର୍ଟସ ଏକାଡେମୀ ପକ୍ଷରୁ ସାଲେପୁର ହାଇସ୍କୁଲ ଖେଳ ପଡ଼ିଆରେ ଚାଲୁଥିବା ରାଜ୍ୟସ୍ତରୀୟ ସାଲେପୁର କପ୍ ଫୁଟବଲ ପ୍ରତିଯୋଗିତାର ଆଜି ଦ୍ୱିତୀୟ ଦିନ ଖେଳ ୟଙ୍ଗ ଉତ୍କଳ କ୍ଲବ୍ କଟକ ଓ ୟୁନିଭର୍ସାଲ କ୍ଲବ୍ କୁରାଙ୍ଗ ମଧରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧରେ ୪-୧ଗୋଲରେ ୟଙ୍ଗ ଉତ୍କଳ କ୍ଲବ୍ କଟକ ବିଜୟୀ ହୋଇଥିଲା। ଆଜିର ଦ୍ୱିତୀୟ ଦିନ ଖେଳକୁ ଆନୁଷ୍ଠାନିକ ଭାବେ ସାଲେପୁର ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ଯୁଧିଷ୍ଠିର ଖଟୁଆ ଯୋଗଦେଇଥିଲେ।

### ସକ୍ସ ଭଲି ବଲ ପ୍ରତିଯୋଗିତା

## ମାଶ୍ରୀପଡାକୁ ହରାଇ ଦଣ୍ଡିକିଆ ଚାମ୍ପିଅନ୍



**ଫୁଲବାଣୀ,୯।୨ (ସଂଚାର ବ୍ୟୁରୋ):** ଏମସିଏସ କ୍ଲବ ଦ୍ୱାରା ଆୟୋଜିତ ଏକ ଦିବସୀୟ ଦ୍ୱତୀୟ ବାର୍ଷିକ ସକ୍ସ ଭଲି ବଲ ପ୍ରତିଯୋଗିତା ଉଦଯାପିତ ହୋଇଛି। ଚଳିତ ବର୍ଷ ଏହି ଦ୍ୱତୀୟ ବାର୍ଷିକ ଭଲିବଲ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବରେ ଡ଼ିମିରିଗୁଡା ସରପଞ୍ଚ ମନୋଜ କହଁର ଯୋଗଦେଇ ଖେଳକୁ ଅନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧରେ ଫିରିଙ୍ଗିଆ ସରପଞ୍ଚ ଜଳନ୍ଧର କହଁର, ଗାଁ ସାଥି ମାଧବ କହଁର ଓ ପରମେଶ୍ୱର କହଁର ଯୋଗଦେଇଥିଲେ। ଫିରିଙ୍ଗିଆ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆଠଟି ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ବେଳେ ଫିରିଙ୍ଗିଆ ବ୍ଲକ ଦଣ୍ଡିକିଆ ପଞ୍ଚାୟତର ଦଣ୍ଡିକିଆ ଦଳ ଏବଂ ରତଙ୍ଗ ପଞ୍ଚାୟତର ମାଶ୍ରୀ ପଡା ଦଳ ମଧରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଖେଳ ତିରିଶ ମିନିଟ ସମୟ ଦିଆ ଯାଇଥିବା ବେଳେ ଫାଇନାଲ ଖେଳରେ ଦଣ୍ଡିକିଆ ଦଳ ୪୯ ପଏଣ୍ଟ ପାଇଥିବା ବେଳେ ମାଶ୍ରୀ ପଡା ୨୬ ପଏଣ୍ଟ ପାଇଥିଲା ଦଣ୍ଡିକିଆ ଦଳ ୨୩ ପଏଣ୍ଟ ଅଧିକ ପାଇ ବିଜୟୀ ହୋଇଥିଲା। ଶେଷରେ ଅତିଥି ମାନଙ୍କ ଦ୍ୱାରା ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ଓ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା ।

### ପ୍ରଥମ ଚଣାହଟ୍ଟା ପ୍ରିମିୟର୍ ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ସାଇ ମହାବୀର ଜାଗୁଆର୍ସ ଚାମ୍ପିଅନ୍



**ବାଲିପାଟଣା,୯।୨ (ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତ ଚଣାହଟ୍ଟା ପିପୁଲ୍ସ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ରେ ଗୁରୁବାର ଠାରୁ ଚାଲିଥିବା ପ୍ରଥମ ଚଣାହଟ୍ଟା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ତାରିଣୀ ୱାରୀୟର୍ସକୁ ୩୬ ରନରେ ପରାସ୍ତ କରି ସାଇ ମହାବୀର ୱାରିୟର୍ସ ଚାମ୍ପିୟାନ ହୋଇଛି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିଳ୍ପପତି ରମାକାନ୍ତ ପଣ୍ଡା, ଯୁବ ସମାଜସେବୀ ସତ୍ୟନାରାୟଣ ଛାଟୋଇ, ଚଣାହଟ୍ଟା ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ଜ୍ୟୋସ୍ନାରାଣୀ ଦାଶ, ସରପଞ୍ଚ ବାହାନ ଭୋଇ, ପ୍ରେସ କ୍ଲବ ସଭାପତି ଦିଲ୍ଲୀପ କୁମାର ଓଝା, ସାମ୍ବାଦିକ ରମେଶ ଚନ୍ଦ୍ର ରଥ, ସାମ୍ବାଦିକ ବିଦ୍ୟା ଭୂଷଣ ଭୋଳ, ମାନସ କୁମାର ପଣ୍ଡା, ସତ୍ୟଜିତ ରାୟ, ଅମୁଲ୍ୟ ପ୍ରଧାନ, ବସନ୍ତ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ।

ଟୁର୍ଣ୍ଣାମେଣ୍ଟରେ ଭୁବାସିନୀ ବ୍ଲାଷ୍ଟରସ୍, ସାଇ ମହାବୀର ଜାଗୁଆର୍ସ, ବାବା ସିଦ୍ଧେଶ୍ୱର ସ୍କାଏ ହିଟରସ୍, ନୀଳକଣ୍ଠ ବୁଲସ୍, ତାରିଣୀ ୱାରିୟର୍ସ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ତାରିଣୀ ୱାରିୟର୍ସ ଟସ ଜିତି ପ୍ରଥମେ ବୋଲିଂ ନିଷ୍ପତି ନେଇଥିଲା। ଏସ୍ ଏମ୍ ଜାଗୁଆର୍ସ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୧ ଉଇକେଟ ହରାଇ ୨୧୪ ରନର ବିଶାଳ ସ୍କୋର କରିଥିଲା। ଏସ୍ ଏମ୍ ଜାଗୁଆର୍ସର ଓପନର ଅମିତ ତ୍ରିପାଠୀ ୩୬ ବଲ ଖେଳି ୧୨୩ ରନ ବ୍ୟକ୍ତିଗତ ସ୍କୋର କରିଥିଲେ। ୧୫ ଛକା ଏବଂ ୬ଟି ୪ ମାରିଥିଲେ। ଅମିତକୁ ମ୍ୟାନ ଅଫଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଛି। ତାରିଣୀ ୱାରିୟର୍ସ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ ହରାଇ ୧୭୮ ରନ କରିବାକୁ ସକ୍ଷମ ହୋଇଥିଲା।

### ଧରାପୃଷ୍ଠରେ ବିରାଜମାନ ଋତୁରାଜ ବସନ୍ତ

## ପୁଲକିତ କରୁଛି ଆମ୍ବ ବଉଳର ମହମହ ବାସ୍ନା



**କଳାହାଣ୍ଡି,୯।୨ (ସଂଚାର ବ୍ୟୁରୋ):** ଧରାପୃଷ୍ଠରେ ପ୍ରବେଶ କରିଛି ଋତୁରାଜ ବସନ୍ତ। ପୁଲକିତ ହୋଇଛି ଧରଣୀରାଣୀ । ଆଦ୍ୟ ବସନ୍ତରୁ ଆମ୍ବଗଛରେ ଆସିଛି ଭରା ବଉଳ । ସୁକୁମାରୀ ବଉଳ ରାଣୀ। ସବୁଜ ଆମ୍ବଗଛକୁ ଆଚ୍ଛାଦିତ କରିଛି ବଉଳ ପେଣ୍ଡା। ସବୁ ଗଛରେ ଫୁଲ ଫୁଟୁଥିବା ବେଳେ ଆମ୍ବଗଛ ଫୁଲକୁ ବଉଳ କୁହନ୍ତି। ଗଛର ବକଳରେ ଫୁଟୁ ଥିବାରୁ ଏହାର ନାମ ବଉଳ ।

ଲୋକକଥା ଅଛି ଆମ୍ବ ବଉଳ ଫଗୁଣ ମାସେ-ଦିଗ ଚହଟେଇ ତାର ସୁବାସେ। ବଉଳର ମହକରେ ମଣିଷର ମନ ମହକିଥାଏ। ଶ୍ରୀମନ୍ଦିରରେ ଫାଲଗୁନ ଅମାବାସ୍ୟାରେ ବଉଳ ଅମାବାସ୍ୟା ନୀତି ପାଳିତ ହୁଏ । ସେଦିନ ମନ୍ଦିରରେ ଗଇଣ୍ଠା, ନାଡି ବଉଳ ଓ ଫେଣି ବଉଳ କୋଠଭୋଗରେ ଭୋଗ ଲାଗିଥାଏ। ଘରେ ଘରେ ଗଇଣ୍ଠା ପିଠା କରାଯାଇ ଆମ୍ବଗଛ ମୂଳେ ଭୋଗ କରି ପୋତିଲେ ବଉଳ ଝଡିନଥାଏ ଏବଂ ଆମ୍ବ ଅଧିକ ଆସିଥାଏ ବୋଲି ବିଶ୍ୱାସ ରହିଛି। କୁମାରୀ ଝିଅମାନେ ଆଦ୍ୟ ଯୌବନରେ ବଉଳ ଖୁଆଖୋଇ ହୋଇ ବଉଳ ସାଙ୍ଗ ହୋଇଥାନ୍ତି। ଆମ୍ବଗଛରେ ବଉଳ ଧରିବା ଯୋଗୁ ଏହା ଅତି ସୁନ୍ଦର ଦେଖାଯାଇଥାଏ । ଆମ୍ବଗଛରେ ଭରା ବଉଳ ଦେଖି ପ୍ରକୃତିପ୍ରେମୀ, ପ୍ରେମୀ ଯୁଗଳ, କବି,ଲେଖକ ଓ ସାମ୍ବାଦିକ ମାନେ ଏକ ଭାବର ରାଇଜରେ ଘୁରି ବୁଲନ୍ତି। ଆମ୍ବ ବଉଳର ମହମହ ବାସ୍ନା, ମୃଦୁ ମଳୟର ସିଳି ସିଳି ପବନ, କୋଇଲିର କୁହୁ କୁହୁ ରାବ ପ୍ରେମୀଯୁଗଳଙ୍କୁ ଆନମନା କରିଥାଏ ଓ ପୁରୁଣା ସ୍ମୃତିକୁ ମନେ ପକାଇଥାଏ । ବଉଳ ଯୋଗୁ ପରିବେଶରେ ସୃଷ୍ଟି ହୋଇଥାଏ ନୂତନ ଉନ୍ମାଦନା ।

ଆମ୍ବ ବଉଳ ବସନ୍ତ ଋତୁକୁ ସ୍ୱାଗତ କରିଥାଏ। ବସନ୍ତର ଆଗମନରେ ପଶୁ ପକ୍ଷୀ ଓ ଜୀବଜନ୍ତୁ ମାନେ ଚଳଚଞ୍ଚଳ ହୋଇଥାନ୍ତି। ଏହି ସମୟରେ ହଳଦି ବସନ୍ତ ପକ୍ଷୀ ଦେଖାଦିଅନ୍ତି। ହଳଦି ବସନ୍ତ ପକ୍ଷୀକୁ ଦେଖିଲେ ଯାତ୍ରା ଶୁଭ ହୁଏବୋଲି ବିଶ୍ୱାସ ରହିଛି। ବଉଳର ମୃଦୁ ବାସ୍ନାରେ ଶୀତ ଲୁଚିଲାଣି ଫରୁଆ ଭିତରେ। ପାଟଶାଢୀ ପିନ୍ଧି ସଜେଇ ହେଲାପରି ଦୃଶ୍ୟମାନ ହୁଏ ଆମ୍ବଗଛ । ବଉଳକୁ ନେଇ ଅନେକ ଗୀତ ରହିଛି । ମଳୟର ସ୍ପର୍ଶରେ ଓ ବଉଳର ବାସ୍ନାରେ ମଣିଷର ମନ ପୁଲକିତ ହୋଇଥାଏ।




# ଆଖିତଳ କଳାପଡ଼ିବା କିଡନୀ ଖରାପର ଲକ୍ଷଣ



ଶରୀରରେ ପାଣି ଏବଂ ଇଲେକ୍ଟ୍ରୋଲାଇଟ୍ସ ଠାରୁ ଆରମ୍ଭ କରି ରକ୍ତଚାପ ପର୍ଯ୍ୟନ୍ତ ସବୁକିଛି ନିୟନ୍ତ୍ରଣ କରିବାରେ କିଡନୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏକ ଅସ୍ୱାସ୍ଥ୍ୟକର ଜୀବନଶୈଳୀ, ଖରାପ ଡାଏଟ୍, ମଧୁମେହ ଏବଂ ଉଚ୍ଚ ରକ୍ତଚାପ କିଡନୀ ସମସ୍ୟାର କାରଣ ହୋଇପାରେ। ଅନେକ ଅଧ୍ୟୟନରୁ ଜଣାପଡିଛି ଯେ କିଡନୀ ଖରାପ ହେବାର କିଛି ପ୍ରାରମ୍ଭିକ ଲକ୍ଷଣ ଆଖି ଚାରିପାଖରେ ଦେଖାଯାଇପାରେ। ଯଦି ଏହି ଲକ୍ଷଣ ଗୁଡ଼ିକୁ ପ୍ରାରମ୍ଭିକ ଭାବରେ ଚିହ୍ନଟ କରାଯାଏ, ତେବେ ଗମ୍ଭୀର କିଡନୀ ରୋଗକୁ ରୋକାଯାଇପାରିବ।

ଗବେଷଣା ଅନୁଯାୟୀ, ଆଖି ଫୁଲିବା କିଡନୀ ଫେଲ ହେବାର ଏକ ପ୍ରମୁଖ ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। ଯେତେବେଳେ ଏହା ଠିକ୍ ଭାବରେ କାର୍ଯ୍ୟ କରେ ନାହିଁ, ସେତେବେଳେ ଏହା ଶରୀରରୁ ଅତିରିକ୍ତ ପାଣି ଏବଂ ସୋଡିୟମ୍ ବାହାର କରିପାରନ୍ତି ନାହିଁ। ଏହା ଶରୀରରେ ତରଳ ପଦାର୍ଥ ଜମା କରିଥାଏ, ଯାହା ଫୁଲା ଭାବରେ ପ୍ରକାଶିତ ହୁଏ, ବିଶେଷକରି ମୁହଁ ଏବଂ ଆଖି ଚାରିପାଖରେ। ଏହି ଫୁଲା ସକାଳେ ଅଧିକ ଦୃଶ୍ୟମାନ ହୁଏ ଏବଂ ଦିନ ବଢ଼ିବା ସହିତ କମିଥାଏ। ଆଖି ତଳେ କଳା ଦାଗ ପ୍ରାୟତଃ ନିଦ୍ରା ଅଭାବ କିମ୍ବା ଚାପ ସହିତ ଜଡିତ, କିନ୍ତୁ ଏହା କିଡନୀ ଫେଲ୍ୟୁୟରର ଏକ ଲକ୍ଷଣ ମଧ୍ୟ ହୋଇପାରେ। ଯେତେବେଳେ କିଡନୀ ରକ୍ତକୁ ଠିକ୍ ଭାବରେ ଫିଲ୍ଟର କରିନଥାଏ, ସେତେବେଳେ ଶରୀରରେ ବିଷାକ୍ତ ପଦାର୍ଥ ଜମା ହେବା ଆରମ୍ଭ ହୁଏ। ଏହି ବିଷାକ୍ତ ପଦାର୍ଥ ଚର୍ମର ରଙ୍ଗ ପରିବର୍ତ୍ତନ କରିପାରେ, ଯାହା ବିଶେଷକରି ଆଖି ଚାରିପାଖର ଚର୍ମରେ ସ୍ପଷ୍ଟ ଭାବରେ ଦେଖାଯାଏ।

କିଡନୀ ସମସ୍ୟା ଶରୀରରେ ପ୍ରୋଟିନ ଏବଂ ଅନ୍ୟାନ୍ୟ ପୋଷକ ତତ୍ତ୍ୱର ସନ୍ତୁଳନ ବିଗିଡି ଯାଏ। ଯାହା ଫଳରେ ଚର୍ମ ହଳଦିଆ ପଡ଼ିଯାଏ ଏବଂ ଆଖି ତଳେ କଳା ଦାଗ ସୃଷ୍ଟି ହୁଏ। କିଡନୀ ଫେଲ୍ୟୁଅର ଯୋଗୁଁ ଶରୀରରେ ବିଷାକ୍ତ ପଦାର୍ଥ ଜମା ହୋଇପାରେ, ଯାହା ଫଳରେ ଆଖିରେ ଜ୍ୱଳନ ଏବଂ ଲାଲ ପଡ଼ିଯାଏ। ଏହି ଲକ୍ଷଣ ବିଶେଷ ଭାବରେ ଦେଖାଯାଏ ଯେତେବେଳେ କିଡନୀ ରକ୍ତରେ ଇଲେକ୍ଟ୍ରୋଲାଇଟ୍ସର ସନ୍ତୁଳନ ବଜାୟ ରଖି ପାରେ ନାହିଁ। ଫେଲ୍ୟୁଅର ଯୋଗୁଁ ରକ୍ତରେ ଫସଫରସ୍ ପରିମାଣ ବୃଦ୍ଧି କରିପାରେ, ଯାହା ଫଳରେ ଚର୍ମରେ କୁଣ୍ଡେଇ ଏବଂ ଶୁଷ୍କତା ଦେଖାଯାଏ। ଏହି ସମସ୍ୟା ଆଖି ଚାରିପାଖ ଚର୍ମକୁ ମଧ୍ୟ ପ୍ରଭାବିତ କରେ।

ଏକ ଅଧ୍ୟୟନ ଅନୁଯାୟୀ, କିଡନୀ ସମସ୍ୟା ଥିବା ରୋଗୀଙ୍କ ଠାରେ, ବିଶେଷକରି ମୁହଁ ଏବଂ ଆଖି ଚାରିପାଖରେ କୁଣ୍ଡେଇ ଚର୍ମ ଏକ ସାଧାରଣ ଲକ୍ଷଣ। ଫେଲ୍ୟୁଅର ରକ୍ତରେ ଫସଫରସ୍ ପରିମାଣ ବୃଦ୍ଧି କରିପାରେ, ଯାହା ଫଳରେ ଚର୍ମରେ କୁଣ୍ଡେଇ ଏବଂ ଶୁଷ୍କତା ଦେଖାଯାଏ। ଏହି ସମସ୍ୟା ଆଖି ଚାରିପାଖ ଚର୍ମକୁ ମଧ୍ୟ ପ୍ରଭାବିତ କରେ। ନେଫ୍ରୋଲୋଜି ଜର୍ଣ୍ଣାଲରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ବୃକକ୍ ସମସ୍ୟା ଥିବା ରୋଗୀଙ୍କଠାରେ, ବିଶେଷକରି ମୁହଁ ଏବଂ ଆଖି ଚାରିପାଖରେ କୁଣ୍ଡେଇ ଚର୍ମ ଏକ ସାଧାରଣ ଲକ୍ଷଣ। କିଡନୀ ଫେଲ୍ୟୁଅର ହେଲେ ଉଚ୍ଚ ରକ୍ତଚାପ ହୋଇପାରେ। ଯାହା ଆଖିର ରକ୍ତବାହୀ ନଳୀକୁ ପ୍ରଭାବିତ କରିପାରେ। ଏହା ରେଟିନା ଫୁଲା କିମ୍ବା ଡାଏବେଟିକ୍ ରେଟିନୋପାଥି ଭଳି ସମସ୍ୟା ସୃଷ୍ଟି କରିପାରେ। ଯାହା ଦୃଷ୍ଟିକୁ ଝାପସା କରିପାରେ।

# ନିୟମିତ ପିଅନ୍ତୁ ଏକ କପ୍ ହଳଦୀ ପାଣି



ହଳଦୀରେ ରହିଛି ବହୁ ଔଷଧୀୟ ଗୁଣ, ଯାହା ଅନେକ ରୋଗରୁ ରକ୍ଷା କରିଥାଏ। ଯଦି ନିୟମିତ ସକାଳେ ଏକ କପ୍ ହଳଦୀ ପାଣି ପିଅନ୍ତି, ତେବେ ଶରୀରର ଅନେକ ସମସ୍ୟା ଆପେ ଆପେ ଦୂର ହୋଇଯାଇଥାଏ। ମଧୁମେହଠାରୁ ଆରମ୍ଭ କରି ତ୍ୱଚା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ରହିଛି ଏହାର ସକାରାତ୍ମକ ପ୍ରଭାବ।ହଳଦୀରେ ଆଇରନ୍, କପର, ପ୍ରୋଟିନ୍, ଫାଇବର୍ ଓ ଭିଟାମିନ-ସି' ପରି ପୋଷକ ତତ୍ତ୍ୱ ରହିଛି। ନିୟମିତ ହଳଦୀ ପାଣି ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତରକୁ ମଧ ନିୟନ୍ତ୍ରିତ ହୋଇଥାଏ। ପୋଷାକ ତତ୍ତ୍ୱରେ ଭରା ହଳଦୀ ପାଚନ ତନ୍ତ୍ର ପାଇଁ ଖୁବ୍ ଲାଭଦାୟକ। ଔଷଧୀୟ ଗୁଣରେ ଭରା ହଳଦୀ ଖାଦ୍ୟର ରଙ୍ଗ ଓ ସ୍ୱାଦକୁ ବଢାଇଥାଏ। ଏହି ମସଲାର ଉପଯୋଗ କେବଳ ଖାଦ୍ୟରେ ନୁହେଁ, ବରଂ ଅନେକ ଶାରୀରିକ ସମସ୍ୟାକୁ ସମାଧାନ କରିଥାଏ। ଆୟୁର୍ବେଦରେ ହଳଦୀ ଅନେକ ଔଷଧ ତିଆରି ପାଇଁ ବ୍ୟବହାର ହୋଇଥାଏ। ଏହି ମସଲାରେ ଆଇରନ୍, ପ୍ରୋଟିନ୍, ଫାଇବର, ଭିଟାମିନ୍-ସି' ଓ ଭିଟାମିନ୍-ଇ' ପରି ଅନେକ ପୋଷକ ତତ୍ତ୍ୱ ରହିଛି। ଯଦି ନିୟମିତ ଖାଲି ପେଟରେ ହଳଦୀ ପାଣି ପିଅନ୍ତି, ତେବେ ଶରୀରର ଅନେକ ସମସ୍ୟା ଦୂର ହୋଇଥାଏ। ଯେପରିକି

**ବଢାଏ ରୋଗ ପ୍ରତିରୋଧକ ଶକ୍ତି:** ହଳଦୀରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି, ଯାହା ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ସିଷ୍ଟମକୁ ମଜବୁତ କରିଥାଏ। ଫଳରେ ଅନେକ ପ୍ରକାରର ସଂକ୍ରମଣ ଓ ରୋଗରୁ ରକ୍ଷା କରିଥାଏ। ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ନିୟମିତ ହଳଦୀ ପାଣି ପିଇବା ଉଚିତ୍।

**ପାଚନ ତନ୍ତ୍ର ସୁସ୍ଥ ରହେ:** ପୋଷକ ତତ୍ତ୍ୱରେ ଭରା ହଳଦୀ ପାଚନ ତନ୍ତ୍ର ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଏଥିରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଓ ଆଣ୍ଟି- ଅକ୍ସିଡାଣ୍ଟ ଗୁଣ ପାଚନ ତନ୍ତ୍ରକୁ ସୁଧାରିଥାଏ। ହଳଦୀ ପାଣି ପିଇବା ଦ୍ୱାରା ପେଟରେ ଥିବା ପ୍ରାୟ ସମସ୍ୟାର ସମାଧାନ ହୋଇଥାଏ।

**ହୃଦୟ ପାଇଁ ଲାଭଦାୟକ:** ହଳଦୀରେ ଥିବା କରକ୍ୟୁମିନ୍ ହୃଦୟ ସ୍ୱାସ୍ଥ୍ୟକୁ ସୁଧାରି ଥାଏ। ସେହିପରି ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ହୃଦୟ ରୋଗକୁ କମ୍ କରିବାରେ ସାହାଯ୍ୟ କରିଥାଏ। ନିୟମିତ ହଳଦୀ ପାଣି ପିଇବା ଦ୍ୱାରା ହୃଦୟ ଫିଟ୍ ରହିଥାଏ।

**ରକ୍ତରେ ଶର୍କରା ନିୟନ୍ତ୍ରିତ କରେ:** ଯେଉଁ ଲୋକଙ୍କୁ ମଧୁମେହ ସମସ୍ୟା ରହିଥାଏ, ସେମାନଙ୍କ ପାଇଁ ହଳଦୀ ପାଣି ରାମବାଣ ପରି କାମ କରିଥାଏ। ଏହା ରକ୍ତରେ ଶର୍କରା ସ୍ତରକୁ ସାମାନ୍ୟ ରଖିଥାଏ। ଏଥିରେ ଥିବା କର୍‌କ୍ୟୁମିନ୍ ମଧୁମେହ ଆଶଙ୍କାକୁ କମ୍ କରିଥାଏ।

ତ୍ୱଚା ପାଇଁ ଗୁଣକାରୀ: ହଳଦୀ ତ୍ୱଚାରେ ଚମ୍‌କ ଆଣିଥାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ବୟସକୁ ବାନ୍ଧି ରଖିବାରେ ସହଯୋଗ କରିଥାଏ। ନିୟମିତ ହଳଦୀ ପାଣି ପିଇବା ଦ୍ୱାରା ତ୍ୱଚାରେ ଚମ୍‌କ ଆସିବା ସହ ସୁସ୍ଥ ରହିଥାଏ।

# ଆଙ୍ଗୁଠି ଓ ନଖରେ ଦେଖାଯାଏ ଫୁସଫୁସ କ୍ୟାନସର୍‌ର ପ୍ରାରମ୍ଭିକ ଲକ୍ଷଣ



ଫୁସଫୁସ କର୍କଟକୁ ବିଶ୍ୱର ସବୁଠାରୁ ମାରାତ୍ମକ କର୍କଟ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ, କାରଣ ଏହାର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକ ପ୍ରାୟତଃ ହାଲୁକା ଏବଂ ପ୍ରାୟତଃ ଅଣଦେଖା କରାଯାଏ। ଏହାକୁ ସମୟ ମଧ୍ୟରେ ଚିହ୍ନଟ କରିବା କଷ୍ଟକର । ତେଣୁ ଛୋଟ ଛୋଟ ଲକ୍ଷଣଗୁଡ଼ିକ ପ୍ରତି ମଧ ଧ୍ୟାନ ଦେବା ଗୁରୁତ୍ୱପୂର୍ଣ୍ଣ। ଏହି ଲକ୍ଷଣଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଆଙ୍ଗୁଠି କ୍ଲବ୍ ହେବା, ଆଙ୍ଗୁଠି ଏବଂ ନଖର ଆକୃତି ଏବଂ ଗଠନରେ ପରିବର୍ତ୍ତନ। ଯଦିଓ ଏହା ପ୍ରାରମ୍ଭିକ ପର୍ଯ୍ୟାୟରେ ସର୍ବଦା ଦୃଶ୍ୟମାନ ହୁଏ ନାହିଁ, ଏହାକୁ ବୁଝିବା ଆପଣଙ୍କ ଫୁସଫୁସ ସ୍ୱାସ୍ଥ୍ୟ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିପାରିବ। ଆଙ୍ଗୁଠି କ୍ଲବିଂ, ଯାହାକୁ ଡିଜିଟାଲ୍ କ୍ଲବିଂ ମଧ କୁହାଯାଏ, ତାହା ହେଉଛି ଆଙ୍ଗୁଠିର ଅଗ୍ରଭାଗରେ ଫୁଲା ଏବଂ ନଖରେ ପରିବର୍ତ୍ତନ। ଏହା ଧୀରେ ଧୀରେ ବିକଶିତ ହୁଏ ଏବଂ ପ୍ରଥମେ ଚିହ୍ନଟ କରିବା ସହଜ ନ ହୋଇପାରେ । ପ୍ରାରମ୍ଭିକ ଅବସ୍ଥାରେ, ନଖ ଚାରିପାଖରେ ସାମାନ୍ୟ ଲାଲ କିମ୍ବା କୋମଳତା ଦେଖାଯାଇପାରେ, ଯେତେବେଳେ ଏହା ବଢ଼ିଥାଏ, ନଖଗୁଡ଼ିକ ଚକଚକିଆ ଏବଂ ଚାମଚ ଆକୃତିର ଦେଖାଯାଏ।

ଫୁସଫୁସ କର୍କଟ ରୋଗୀଙ୍କ ମଧ୍ୟରେ ଆଙ୍ଗୁଠି କ୍ଲବ୍ କରିବା ଏକ ସାଧାରଣ ଲକ୍ଷଣ, ଏବଂ ଗବେଷଣାରୁ ଜଣାପଡିଛି ଯେ ଏହା ପ୍ରାୟ ୮୦ ପ୍ରତିଶତ ରୋଗୀଙ୍କଠାରେ ଏହା ଦେଖାଯାଏ। ତଥାପି, ଏହା ପ୍ରାୟତଃ ରୋଗର ଉନ୍ନତ ପର୍ଯ୍ୟାୟରେ ଦେଖାଯାଏ। ଏହା ଶରୀରରେ ଅମ୍ଳଜାନର ଅଭାବ ଏବଂ ନୂତନ ରକ୍ତବାହୀ ନଳୀ ଗଠନକୁ ଉତ୍ସାହିତ କରୁଥିବା କିଛି ବୃଦ୍ଧି କାରକଗୁଡ଼ିକର ଉତ୍ପାଦନ ବୃଦ୍ଧି ହେତୁ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଏହି ପ୍ରକ୍ରିୟା କର୍କଟ ଭଳି ରୋଗ ଦ୍ୱାରା ଆରମ୍ଭ ହୋଇପାରେ। ଯଦିଓ ଫୁସଫୁସ କର୍କଟ ସବୁଠାରୁ ସାଧାରଣ କାରଣ, ଆଙ୍ଗୁଠି କ୍ଲବିଂ ଅନ୍ୟାନ୍ୟ ରୋଗ ଯୋଗୁଁ ମଧ ହୋଇପାରେ । ଯେପରିକି ବ୍ରୋଙ୍କିଏକ୍ଟାସିସ୍ ଏବଂ ସିଷ୍ଟିକ୍ ଫାଇବ୍ରୋସିସ୍ ସମେତ ଦୀର୍ଘକାଳୀନ ଫୁସଫୁସ ସଂକ୍ରମଣ, ସିରୋସିସ୍ ଭଳି ଯକୃତ ରୋଗ ଏବଂ ଅନ୍ୟାନ୍ୟ କର୍କଟ ଯେପରିକି ଯକୃତ କର୍କଟ କିମ୍ବା ହଜକିନ୍ସ ଲିମ୍ଫୋମା, ଏବଂ ଏଚଆଇଭି, ହେପାଟାଇଟିସ୍ ବି ଏବଂ ସି ସମେତ ଭୂତାଣୁ ସଂକ୍ରମଣ। ଆଙ୍ଗୁଠି କ୍ଲବିଂ ପାଇଁ କୌଣସି ଉପଚାର ନାହିଁ। ସମାଧାନ ହେଉଛି ଏହାକୁ ସୃଷ୍ଟି କରୁଥିବା ଅନ୍ତର୍ନିହିତ ରୋଗକୁ ନିୟନ୍ତ୍ରଣ କରିବା। ଯଦି କାରଣ ଅସ୍ଥାୟୀ କିମ୍ବା ଚିକିତ୍ସାଯୋଗ୍ୟ, ତେବେ କ୍ଲବିଂ କମିଯାଇପାରେ। ତଥାପି, ଫୁସଫୁସ କର୍କଟ କିମ୍ବା ଅନ୍ୟାନ୍ୟ ଦୀର୍ଘସ୍ଥାୟୀ ରୋଗରେ, ଏହି ପରିବର୍ତ୍ତନ ସ୍ଥାୟୀ ହୋଇପାରେ। ଯଦି ଆପଣ ଆପଣଙ୍କ ନଖ କିମ୍ବା ଆଙ୍ଗୁଠିରେ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରନ୍ତି, ତେବେ ଡାକ୍ତରଙ୍କୁ ଦେଖା କରିବାକୁ ନିଶ୍ଚିତ କରନ୍ତୁ। ଡାକ୍ତର ଆପଣଙ୍କ ନଖ ପରୀକ୍ଷା କରିବେ ଏବଂ ଆବଶ୍ୟକ ହେଲେ ରକ୍ତ ପରୀକ୍ଷା, ଏକ୍ସ-ରେ କିମ୍ବା ସିଟି ସ୍କାନ ଭଳି ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇପାରନ୍ତି। ଯଦି ଏହି ଲକ୍ଷଣଗୁଡ଼ିକ ଫୁସଫୁସ କର୍କଟ ଭଳି ଗମ୍ଭୀର ରୋଗ ସହିତ ଜଡିତ, ତେବେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

# ଫୁସ୍‌ଫୁସ୍‌ରେ ପାଣି ଜମିଲେ ଶରୀରରେ ଦେଖାଯାଏ ଏହି ସବୁ ସଂକେତ



ଆମ ଶରୀର ପାଇଁ ଫୁସ୍‌ଫୁସ୍ ସେତିକି ଜରୁରୀ ଯେପରି ଜୀବନ ପାଇଁ ଅମ୍ଳଜାନ। ଯେତେବେଳେ ଫୁସ୍‌ଫୁସ୍ ସୁସ୍ଥ ଥାଏ, ଶରୀର ଉର୍ଜାରେ ଭରପୁର ରହିଥାଏ। କିନ୍ତୁ ଯେତେବେଳେ ସମସ୍ୟା ସୃଷ୍ଟି ହୁଏ, ସେତେବେଳେ ସମ୍ପୂର୍ଣ୍ଣ ଶରୀର ପ୍ରଭାବିତ ହୁଏ। ତେଣୁ, ଆଜି ଆମେ ଆପଣଙ୍କୁ ଫୁସ୍‌ଫୁସ୍ ରେ ପାଣି ଭରିଯିବାର ଲକ୍ଷଣ ବିଷୟରେ କହିବୁ। ବିଶେଷଜ୍ଞମାନେ କହିଛନ୍ତି ଯେ, କେତେକ ସମୟରେ ଫୁସ୍‌ଫୁସ୍ ତରଳ ପଦାର୍ଥରେ ପୂର୍ଣ୍ଣ ହେବା ଆରମ୍ଭ କରେ, ଯାହାକୁ ଡାକ୍ତରୀ ଭାଷାରେ ପଲ୍‌ମୋନାରୀ ଏଡିମା କୁହାଯାଏ। ତୁରନ୍ତ ଚିକିତ୍ସା ନକଲେ ଏହି ଅବସ୍ଥା ଗମ୍ଭୀର ଏବଂ ଘାତକ ମଧ ହୋଇପାରେ। ତେଣୁ, ଏହାର ପ୍ରାରମ୍ଭିକ ଲକ୍ଷଣଗୁଡ଼ିକୁ ଚିହ୍ନିବା ଏବଂ ତୁରନ୍ତ ଡାକ୍ତରୀ ପରାମର୍ଶ ନେବା ଗୁରୁତ୍ୱପୂର୍ଣ୍ଣ। ନିଶ୍ୱାସ ନେବାରେ କଷ୍ଟ ଏବଂ ଥକ୍କା ଲାଗିବା, ବାରମ୍ବାର ତୀବ୍ର ଗତିରେ ନିଶ୍ୱାସ ନେବା ଏହାର ଲକ୍ଷଣଗୁଡ଼ିକ ଦେଖାଦେଇପାରେ। ଚାଲିବା କିମ୍ବା ସିଡ଼ି ଚଢ଼ିବା ସମୟରେ ଅତ୍ୟଧିକ ଥକାପଣ ଅନୁଭବ ହେବା, ଶୋଇବା ସମୟରେ ନିଶ୍ୱାସ ନେବାରେ କଷ୍ଟ ହେବା ଇତ୍ୟାଦି ଲକ୍ଷଣଗୁଡ଼ିକ ଫୁସ୍‌ଫୁସ୍ ରେ ତରଳ ପଦାର୍ଥ ଜମା ହେଉଥିବାର ସୂଚାଇପାରେ। ଫୁସ୍‌ଫୁସ୍ ରେ ତରଳ ପଦାର୍ଥ ଜମା ହେବା ଦ୍ୱାରା ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୁଏ, ଯାହା ଫଳରେ ପାଦ ଏବଂ ଗୋଡ଼ ଫୁଲିଯାଏ। ଲଗାତାର କାଶ ଏବଂ କଫ ଜମି ରହିବା ମଧ ଏହାର ଲକ୍ଷଣ ହୋଇପାରେ। ଯଦି ଆପଣ ବାରମ୍ବାର କାଶୁଛନ୍ତି ଏବଂ ଫେଣଯୁକ୍ତ କିମ୍ବା ଗୋଲାପୀ କଫ ବାହାରୁଛି, ତେବେ ଏହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ଫୁସ୍‌ଫୁସ୍‌ରେ ପଲ୍‌ମୋନାରୀ ଏଡିମାକୁ ଅଣଦେଖା କରିବା ବିପଦଜନକ ହୋଇପାରେ। ଯଦି ଆପଣ ନିଶ୍ୱାସ ନେବାରେ କଷ୍ଟ, ଗୋଡ଼ ଫୁଲିବା, ଲଗାତାର କାଶ ଏବଂ ନିଦରେ ଅସୁବିଧା ଭଳି ଲକ୍ଷଣ ଅନୁଭବ କରନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ। ଆମେ ଆମର ଫୁସ୍‌ଫୁସ୍ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ଉଚିତ୍ ଏବଂ ନିୟମିତ ଭାବରେ ଆବଶ୍ୟକୀୟ ଯାଞ୍ଚ କରାଇବା ଉଚିତ।



# ପରିବର୍ତ୍ତିତ ଋତୁରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବ ଏହି ଖାଦ୍ୟ

**ଋତୁ ପରିବର୍ତ୍ତନ ହେବା ସହିତ, ଅନେକ ଲୋକ ଥଣ୍ଡା, ଫ୍ଲୁ, ଜ୍ୱର କିମ୍ବା ଗଳା ସଂକ୍ରମଣର ଶିକାର ହୁଅନ୍ତି। ଏହି ସଂକ୍ରମଣର ମୁଖ୍ୟ କାରଣ ହେଉଛି ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି। ଯେତେବେଳେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇଯାଏ, ଏହା ପରିବର୍ତ୍ତନଶୀଳ ତାପମାତ୍ରା ଏବଂ ସଂକ୍ରମଣ ସହିତ ପ୍ରଭାବଶାଳୀ ଭାବରେ ଲଢ଼ିପାରେ ନାହିଁ। ତେଣୁ, ଆପଣଙ୍କ ଖାଦ୍ୟରେ ଏପରି ଜିନିଷ ସାମିଲ କରନ୍ତୁ, ଯାହା ଆପଣଙ୍କ ଶରୀରକୁ ଭିତରୁ ଶକ୍ତିଶାଳୀ କରିବ ଏବଂ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ବଢାଇବ।**

ବାଦାମ: ବାଦାମରେ ହେଲ୍‌ଦି ଫ୍ୟାଟ୍ ଏବଂ ଭିଟାମିନ୍ ଇ ଭରପୂର ମାତ୍ରାରେ ରହିଥାଏ । ଯାହା କୋଷଗୁଡ଼ିକୁ କ୍ଷତିରୁ ରକ୍ଷା କରେ ଏବଂ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ। ତେଣୁ, ପରିବର୍ତ୍ତିତ ଋତୁରେ ପ୍ରତିଦିନ କିଛି ଭିଜା ବାଦାମ ଖାଇବା ଦ୍ୱାରା ପର୍ଯ୍ୟାପ୍ତ ଶକ୍ତି ମିଳିଥାଏ ଏବଂ ଥକାପଣ ଦୂର ହୁଏ।

ଅଁଳା: ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅଁଳାକୁ ସର୍ବୋତ୍ତମ ଫଳ ଭାବରେ ବିବେଚନା କରାଯାଏ। ଏଥିରେ ଭିଟାମିନ୍ ସି ଭରପୂର ମାତ୍ରାରେ ରହିଥାଏ । ଯାହା ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ବୃଦ୍ଧି କରେ ଏବଂ ରୋଗ ପ୍ରତିରୋଧକ କୋଷଗୁଡ଼ିକୁ ସକ୍ରିୟ କରେ। ପ୍ରତିଦିନ ଗୋଟିଏ ଅଁଳା ଖାଇବା ଦ୍ୱାରା ଶରୀର ମଜବୁତ ହୁଏ ଏବଂ ପରିବର୍ତ୍ତିତ ଋତୁରେ ଥଣ୍ଡା ଏବଂ ଫ୍ଲୁ ଭଳି ସମସ୍ୟାକୁ ରୋକିବାରେ ସାହାଯ୍ୟ କରେ। ଆପଣ ଏହାକୁ ଜୁସ୍ କିମ୍ବା ଜାମ୍ ତିଆରି କରି ମଧ ସେବନ କରିପାରିବେ।

ହଳଦୀ: ହଳଦୀରେ ଥିବା କରକ୍ୟୁମିନ୍ ଯୌଗିକରେ ଶକ୍ତିଶାଳୀ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ରହିଛି । ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ। ଶୀତଦିନେ ପ୍ରତିଦିନ ରାତିରେ ହଳଦୀ କ୍ଷୀର ପିଇବା ବହୁତ ଲାଭଦାୟକ। ଏହା କେବଳ ଶରୀରକୁ ଭିତରୁ ଉଷ୍ମ ରଖେ ନାହିଁ ବରଂ ସଂକ୍ରମଣରୁ ମଧ ରକ୍ଷା କରେ।

କମଳା: ଶୀତ ଋତୁରେ କମଳାକୁ ଏକ ଅତ୍ୟାବଶ୍ୟକ ଫଳ ଭାବରେ ବିବେଚନା କରାଯାଏ। କମଳାରେ ଥିବା ଭିଟାମିନ୍ ସି ଶରୀରକୁ ସଂକ୍ରମଣରୁ ରକ୍ଷା କରେ ଏବଂ ଧଳା ରକ୍ତ କଣିକା ଉତ୍ପାଦନକୁ ବୃଦ୍ଧି କରେ। ପ୍ରତିଦିନ ଗୋଟିଏ କମଳା ଖାଇବା ଦ୍ୱାରା ଥଣ୍ଡା ଏବଂ ଫ୍ଲୁ ଭଳି ଋତୁକାଳୀନ ରୋଗରୁ ରକ୍ଷା ମିଳିଥାଏ ଏବଂ ଶରୀରକୁ ଶକ୍ତିଶାଳୀ ମିଳିଥାଏ।

ମଞ୍ଜି ଜାତୀୟ ଖାଦ୍ୟ: ମଞ୍ଜି ଜାତୀୟ ଖାଦ୍ୟ ଯେପରିକି ବାଦାମ, ସୂର୍ଯ୍ୟମୁଖୀ ମଞ୍ଜି ଏବଂ କଖାରୁ ମଞ୍ଜିରେ ଜିଙ୍କ, ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଭିଟାମିନ୍ ଏ ଥାଏ । ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଏଗୁଡ଼ିକୁ ଆପଣଙ୍କ ଖାଦ୍ୟରେ ସାମିଲ କରିବା ଦ୍ୱାରା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ସୁଦୃଢ଼ ହୋଇପାରିବ।

ଲେମ୍ବୁ ପାଣି: ବଦଳୁଥିବା ଋତୁ ସହିତ, ଆପଣ ଆପଣଙ୍କ ଖାଦ୍ୟରେ ଲେମ୍ବୁ ପାଣି ମଧ ସାମିଲ କରିପାରିବେ। ସକାଳେ ଉଷୁମ ଲେମ୍ବୁ ପାଣି ପିଇବା ଶରୀର ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ଏହା ଶରୀରକୁ ବିଷମୁକ୍ତ କରିଥାଏ ଏବଂ ପାଚନ ଶକ୍ତିକୁ ଉନ୍ନତ କରିଥାଏ। ଲେମ୍ବୁରେ ଥିବା ଭିଟାମିନ୍ ସି ମଧ ସଂକ୍ରମଣକୁ ରୋକିବାରେ ସାହାଯ୍ୟ କରେ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ।

ନିଦ ଅଭାବ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରିଦିଏ, ତେଣୁ ବଦଳୁଥିବା ପାଗ ସହିତ ଦୈନିକ ୭ ରୁ ୮ ଘଣ୍ଟା ଶୋଇବା ଉଚିତ। ଯୋଗ ଏବଂ ଧ୍ୟାନ ଅଭ୍ୟାସ କରନ୍ତୁ । ଏହା ଚାପ ରୋଗ ପ୍ରତିରୋଧକ ଶକ୍ତି ଉପରେ ନକାରାତ୍ମକ ପ୍ରଭାବ ପକାଏ । ପ୍ରତିଦିନ ଟିକିଏ ଧ୍ୟାନ ଏବଂ ଯୋଗ କରିବା ଦ୍ୱାରା ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଉଭୟରେ ଉନ୍ନତି ଆସିପାରେ। ପରିବର୍ତ୍ତିତ ପାଗ ସହିତ ମଧ ଦିନସାରା ପାଣି ରହିବାକୁ ଚେଷ୍ଟା କରନ୍ତୁ। ଏହା ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ ଏବଂ ସଂକ୍ରମଣର ଆଶଙ୍କା ହ୍ରାସ କରେ।

## ୬ ପଞ୍ଚାୟତକୁ ନେଇ ହିନ୍ଦୁ ସମ୍ମିଳନୀ



**ଆଳି/ପଟ୍ଟାମୁଣ୍ଡାଇ, ୯।୨ (ସଂଚାର ବ୍ୟୁରୋ):** ଆଳି ବ୍ଲକର ଆରମ୍ଭ ସ୍ଥଳୀ ବିଲିକଣା କାଳି ପଡିଆ ଠାରେ ଆଜି ସକାଳ ୮ ଘଟିକା ସମୟରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସପ୍ତସୂତ୍ରୀ କାର୍ଯ୍ୟକ୍ରମ ମଧ୍ୟରୁ ପତ୍ରପୁର- ସିଙ୍ଗିରୀ ମଣ୍ଡଳର ୬ ଗୋଟି ପଚାଂୟତକୁ ନେଇ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ଏହି ଭବ୍ୟ କାର୍ଯ୍ୟକ୍ରମରେ ସକାଳ ୮ ଘଟିକା ସମୟରେ ଗୀତାଯଜ୍ଞ, ଗୋପୂଜନ, ହନୁମାନ ଚାଳିଶା, ସମୂହ ଦୀପଦାନ, ଲଉଡି ଖେଳ ଓ ଅପରାହ୍ନରେ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଏଇ ଅବସରରେ ହିନ୍ଦୁ ସମ୍ମିଳନୀର ସଂଯୋଜକ ଗୋଲେଖି ବିହାରୀ ଭୂୟାଁଙ୍କ ସଭାପତିତ୍ୱରେ ସମ୍ମିଳନୀର ଉଦ୍ଦେଶ୍ୟ ଜ୍ଞାପନ କରାଯାଇଥିଲା । ସ୍ୱାମୀ କ୍ରିଷ୍ଣାନନ୍ଦ ଗିରୀ ମୁଖ୍ୟଅତିଥି ରୂପେ ଯୋଗ ଦେଇ ହିନ୍ଦୁ ସଂସ୍କୃତିର ଗୋମାତାଙ୍କର ମହାତ୍ମ୍ୟ ସଂପର୍କରେ ଆଲୋକପାତ କରିଥିଲେ । ପ୍ରିୟବ୍ରତ ପରିଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଆଜିର ସମାଜରେ ଘଟୁଥିବା ଘଟଣାବଳୀ ଓ ତାର ସମାଧାନ ସଂପର୍କରେ ଆଲୋକପାତ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟବାହ ବିନୋଦ ବିହାରୀ ଦାଶ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ପଚଂ ପରିବର୍ତନ ସଂପର୍କରେ ଉଦବୋଧନ ଦେଇଥିଲେ । କଳ୍ପନା ପରିଡା ଆମ ପରିବାରରେ ମା ଙ୍କର ଭୂମିକା ସଂପର୍କରେ ବକ୍ତବ୍ୟ ରଖିଥିଲେ । ବିଭୁ ପ୍ରସାଦ ଦାସ ଭାରତୀୟ ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ । ପ୍ରିୟରଞ୍ଜନ ଦାଶ ଅତିଥି ପରିଚୟ ଓ ସ୍ୱାଗତଭାଷଣ ଦେଇଥିଲେ । ଶେଷରେ ଅଭିରାମ ଲେଙ୍କା ଧନ୍ୟବାଦ ଦେଇଥିଲେ । ଏଇ ଅବସରରେ ମଚାଂସୀନ ଅତିଥିମାନଙ୍କୁ ସରସ୍ୱତୀ ଶିଶୁ ମନ୍ଦିରର ଗୁରୁଜୀ/ଗୁରୁମାଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଥିଲା । ଉକ୍ତ ମଣ୍ଡଳସ୍ତରୀୟ ହିନ୍ଦୁ ସମ୍ମିଳନୀକୁ ବ୍ରଜସୁନ୍ଦର ଭୂୟାଁ, ସୁମନ୍ତ କୁମାର ରାଉତ, କାନନ ବିହାରୀ ପରିଡା, ସୁବ୍ରତ ବେହୁରା, ଅଭୟ କୁମାର ସାହୁ, ପ୍ରଫୁଲ୍ଲ କୁମାର ଖଣ୍ଡାୟୀ, ଚକ୍ରଧର ପାତ୍ର, ଅଭିରାମ ପରିଡା, ଅନନ୍ତ ପରିଡା, ସୁନୀଲ ରାଉତ, ପୁରୁଷୋତମ ନାୟକ, ଦାମୋଦର ରାଉତ, ବିଜନ ପଢିହାରୀ, ରାଜେନ୍ଦ୍ର ଦାସ, ସୂର୍ଯ୍ୟକାନ୍ତ ସାହୁ, ମନୋଜ ବେହେରା, ପୂର୍ଣ୍ଣ୍ୟଶ୍ଳୋକ ଦାଶ, ଗିରିଜା ଶଙ୍କର ଦାସ , ମଦନ ମୋହନ ପ୍ରଧାନ, ଶରତ ମଳିକ, ଅଧର ମଳିକ ପ୍ରମୁଖଙ୍କ ସହଯୋଗରେ ହିନ୍ଦୁ ସମ୍ମିଳନୀ ସୁଚାରୁ ରୂପେ ସଂପାଦନ ହୋଇଯାଇଛି ।

## ବୁଢ଼ାରଜାଃ ମହୋତ୍ସବ
## ହରିଭାଇଙ୍କ କମେଡିରେ ଝୁମିଲେ ଦର୍ଶକ



**ଲାଞ୍ଜିଗଡ଼, ୯।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକ ଲାଖବାହାଲି ପଞ୍ଚାୟତ ଅନ୍ତର୍ଗତ କୁମାର ଗୁଡା ଠାରେ ବୁଢାରଜା ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ପ୍ରତ୍ୟକ ବର୍ଷ ବୁଢାରଜା ମହୋତ୍ସବ ପାଳିତ ହେଉଥିବା ବେଳେ ଚଳିତ ବର୍ଷ ସମେତ ୧୪ବର୍ଷକୁ ପଦାର୍ପଣ କରିଛି ଲୋକ ସଂସ୍କୃତି ଓ ଆଦ୍ୟାକଳାର ପ୍ରତୀକ ବୁଢାରଜା ମହୋତ୍ସବ। ବୁଧବାର ଦିନ କୁମାରଗୁଡା ବୁଢାରଜା ମନ୍ଦିର ପଡିଆ ଠାରେ ମହା ସମାରୋହ ରେ ଉଦ୍ଘାଟିତ ହୋଇଥିବାବେଳେ ଆଜି ପଞ୍ଚମ ଦିନରେ ପହଞ୍ଚିଛି ଏହି ଉତ୍ସବ। ପଞ୍ଚମ ସନ୍ଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବେ ମାଁ ହୀରାନୀଳା ସ୍ନାତକ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ରମେଶ ଚନ୍ଦ୍ର ସାହୁ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ବିଜେପି ରାଜ୍ୟ କାଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ମାଝୀ ଯୋଗଦେଇ ଥିଲେ ସମ୍ମାନିତ ଅତିଥି ଭାବେ ବବୁ ବାହାନ ହରପାଲ, ତୁଳସୀ ମାଝୀ, ନରେନ୍ଦ୍ର ବେହେରା, ଗୌତମ ହରିଜନ, ସଞ୍ଜୟ କୁମାର ସାହୁ, ରାମଚନ୍ଦ୍ର ମୁଣ୍ଡଚିନା, ତପନ ଛତ୍ରୀୟା ପ୍ରମୁଖ ମଞ୍ଚାସିନ ରହିଥିଲେ। ଏହି ପଞ୍ଚମ ସାଂସ୍କୃତିକ ସନ୍ଧ୍ୟାରେ ଆଖପାଖ ଅଞ୍ଚଳର ଛୋଟ ବଡ଼ କଳାକାରଙ୍କୁ ନେଇଁ ଏକ ରେକର୍ଡ ଡ୍ୟାନ୍ସ ଅନୁଷ୍ଠିତ ହୋଇଥିବା ସହ ଓଡ଼ିଶାର ଘରେ ଘରେ ପରିଚିତ ହାସ୍ୟ ଅଭିନେତା ହରିହର ମହାପାତ୍ରଙ୍କ କମେଡ଼ି କାର୍ଯ୍ୟକ୍ରମରେ ମହୋତ୍ସବ ମଞ୍ଚ ଦୁଲିକି ଥିଲା।

## ହନୁମାନ ଜୀଉ ମନ୍ଦିରରେ ବାର୍ଷିକ ଉତ୍ସବ

**ନୀଳଗିରି, ୮।୨ (ସଂଚାର ବ୍ୟୁରୋ):** ନୀଳଗିରି ଏନଏସି ସାନଅତା ଗ୍ରାମ ତଥା ବଜାର ମଧ୍ୟସ୍ଥଳୀରେ ଦେବତ୍ତ୍ୱର ବିଭାଗ ଦ୍ୱାରା ପରିଚାଳିତ ଶ୍ରୀଶ୍ରୀ ବାଲାଜୀ ହନୁମାନ ଜୀଉ ମନ୍ଦିରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଗତ ୭ ତାରିଖ ଶନିବାର ସକାଳ ୮,୩୦ ମିନିଟ ସମୟରେ ମନ୍ଦିରରେ ଅଧିବାସ ହୋଇଥିବା ବେଳେ ଆଜି ସକାଳ ୮,୩୦ ମିନିଟ ସମୟରେ ମନ୍ଦିରରେ ଘଟୋତ୍ତୋଳନ କରାଯାଇଥିଲା।, ଭଜନ, କିର୍ତ୍ତନ, ମାଦଳ, ଶଙ୍ଖ ଧ୍ୱନିରେ ଚତୁର୍ଦ୍ଦିଗ ରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପରେ ହନୁମାନ ଚାଳିଶା ପାଠ କରାଯିବା ପରେ ମଧାହ୍ନ ୧୨,୩୦, ମିନିଟ ରେ ମନ୍ଦିରର ମୁଖ୍ୟ ପୂଜକ ରବୀନ୍ଦ୍ର ମହାପାତ୍ର ଙ୍କ ଦ୍ୱାରା ପୂର୍ଣ୍ଣାହୁତି କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବା ବେଳେ ପ୍ରସାଦ ସେବନ କାର୍ଯ୍ୟକ୍ରମ କରାଯାଇଥିଲା। ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ଚନ୍ଦ୍ରଶେଖର ନନ୍ଦ, ଏନଏସି ନିର୍ବାହୀ ଯନ୍ତ୍ରୀ ଅଂଶୁମାନ ପରିଡ଼ା, ଉଦ୍ୟକ୍ତା ଆଇନଜୀବି କିଶୋର ଦାସ, ଧିରେନ୍ଦ୍ର ନାୟକ,ଜଗବନ୍ଧୁ ମୁନି, ଏନଏସି ୬ନମ୍ବର ୱାର୍ଡ଼ କାଉନସିଲର ପ୍ରତାପ ଚନ୍ଦ୍ର ସେଠୀ, ସୋମନ୍ନାଥ ସେଠୀ, ବଙ୍ଗରା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଗୋପ, ୮।୨ (ସଂଚାର ବ୍ୟୁରୋ):** ପିଏମଶ୍ରୀ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୋପର ବାର୍ଷିକ ଉତ୍ସବ ମହାସମାରୋହରେ ସମାପ୍ତ ହୋଇଅଛି । ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ଦେଶର ଭବିଷ୍ୟତ ହିଁ ଆମ ଛାତ୍ରଛାତ୍ରୀ ମାନେ। ଆମ ଛାତ୍ରଛାତ୍ରୀମାନେ ବଣର ମଲ୍ଲୀ ନୁହଁନ୍ତି । ନିଜ ଅଗଣାର ମଲ୍ଲୀ ସେମାନେ। ନିଜ ଅଗଣାରେ ଫୁଟି ପ୍ରତ୍ୟକଙ୍କ ଅଗଣାକୁ ମହାକାଇ ପାରିବେ । ଐତିହ୍ୟ ସମ୍ପନ୍ନ ବୟାଅଶୀ ବର୍ଷର ଏହି ବିଦ୍ୟାଳୟର ଗୌରବକୁ ଅକ୍ଷୁର୍ଣ୍ଣ ରଖିବାକୁ ହେଲେ, ପିଲାମାନେ ସେମାନଙ୍କର ନୈତିକ ଓ ଚାରିତ୍ରିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେବାକୁ ପଡିବା ବାଲ୍ୟବିବାହ ଭଳି ଘୃଣ୍ୟ କାମକୁ ବିରୋଧ କରିବା ପାଇଁ ଜନସାଧାରଣମାନଙ୍କୁ ନିବେଦନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ପରିଡା ମହୋଦୟା ମଧ ଛାୟା ବିଧାନସଭା କାର୍ଯ୍ୟକ୍ରମ ମାଧମରେ ପିଲାମାନେ କିପରି ନିଜର ବ୍ୟକ୍ତିତ୍ୱ ଓ ନେତୃତ୍ୱ ର ଦକ୍ଷତା ଓ ଦାମ୍ଭିକତାକୁ ସମଗ୍ର ବିଶ୍ୱରେ ଦେଖାଇପାରିବେ ସେଥିପାଇଁ ସୁନ୍ଦର ମାର୍ଗ ଦର୍ଶନ କରାଇପାରିଥିଲେ । ଓଡିଶା ସଂସ୍କୃତି ଗବେଷକ ଡା. ମୃତ୍ୟୁଞ୍ଜୟ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଏ ମାଟି ଧରମାର ମାଟି ଆଉ ଆମେ ତାର ଦାୟାଦ । ଭାରତବର୍ଷର ସର୍ବ କନିଷ୍ଠ ସହିଦ ବାରବର୍ଷର ଧରମା ଓ ବାଜିରାଉତ କଥା କହି ପିଲାମାନଙ୍କ ମନରେ ଦେଶପ୍ରେମର ଶିହରଣ ସୃଷ୍ଟି କରିଥିଲେ । ମାଟି, ମାଆ ଓ ମାତୃଭାଷା ଉପରେ ନିଜର ବକ୍ତବ୍ୟ ରଖି ଶବ୍ଦର ଅଳଙ୍କାରରେ ସମସ୍ତଙ୍କ ହୃଦୟକୁ ବାନ୍ଧିରଖିଥିଲେ । ପୁରୀ ଜିଲ୍ଲା ଶିକ୍ଷାଅଧିକାରୀ ଶ୍ରୀଯୁକ୍ତ ଦୀପକ କୁମାର ପାଢ଼ୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶିକ୍ଷାର୍ଥୀ, ଶିକ୍ଷକ ଓ ଜନସାଧାରଣମାନେ ଶୈକ୍ଷିକ ତ୍ରିଭୁଜର ତିନୋଟି ଶୀର୍ଷବିନ୍ଦୁ ବୋଲି ମତ ଦେଇଥିଲେ । ସେହି ତ୍ରିଭୁଜର ତିନୋଟି ବାହୁ ଯେତେବେଳେ ସଶକ୍ତ ହୋଇଯିବ ସେତେବେଳେ ତ୍ରିଭୁଜଟି ଏକ ସ୍ୱର୍ଣ୍ଣତ୍ରିଭୁଜ ହୋଇପାରିବ । ଆଉ ପରିଶ୍ରମ ହିଁ ନିଜର ପରିଚୟ ହୋଇପାରିବ ବୋଲି ପିଲାମାନଙ୍କ ଉଦେଶ୍ୟରେ ଶ୍ରୀଯୁକ୍ତ ପାଢ଼ୀ ମତବ୍ୟକ୍ତ କରିଥିଲେ ।

## ବାଲ୍ ବିକାଶ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ




**ଯାଜପୁର ରୋଡ୍, ୯।୨ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହରର ଦଳା ଛକ ନିକଟରେ ଥିବା ବାଲ ବିକାଶ ପବ୍ଲିକ୍ ସ୍କୁଲର ୧୪ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ ଯୋଗଦେଇ ପିଲା ମାନଙ୍କୁ ସ୍ନେହ ଶ୍ରଦ୍ଧା ଅର୍ପଣ କରିବା ସହିତ ଭଲ ପାଠପଢି ସମାଜରେ ଭଲ ମଣିଷଟିଏ ହେବାକୁ ପ୍ରେରଣା ଦେଇଥିଲେ। ସ୍କୁଲ କୋର୍ଡିନେଟର ତଥାଗତ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀ, ସମ୍ମାନିତ ଅତିଥି ଭାବେ ପୌରାଧକ୍ଷ ସୁବାସ ବଳ, କାହ୍ନୁଚରଣ ଡିଗ୍ରି ମହାବିଦ୍ୟାଳୟର ଅଧକ୍ଷ ଡ଼ଃ. ମୋହନ ଚରଣ ଖୁଣ୍ଟିଆ, ଝାଡ଼େଶ୍ୱର ମହାବିଦ୍ୟାଳୟର ଅଧକ୍ଷ ଡ଼ଃ. ଅକ୍ଷୟ କୁମାର ପଣ୍ଡା, ସାମ୍ବାଦିକ ବିଜୟ କୁମାର ସାହୁ ଯୋଗଦେଇ ପିଲାମାନଙ୍କୁ ଶିକ୍ଷାର ମାନ ବିଷୟରେ ଅବଗତ କରାଇଥିଲେ। ପ୍ରିନ୍ସିପାଲ ପ୍ରବୀଣା ମିଶ୍ର ବିବରଣୀ ପ୍ରଦାନ କରିଥିବାବେଳେ ପ୍ରଜ୍ଞା ପାରମିତା ରାଉତ ଧନ୍ୟବାଦ ଦେଇଥିଲେ।

### ଚର୍ଚ୍ଚାରେ ଲାଞ୍ଜିଗଡ଼ ସରକାରୀ ଏସଏସଡି ବିଦ୍ୟାଳୟ

# ଚାଉଳ ଚୋରିର ପର୍ଦ୍ଦାଫାସ କଲା ପୁଲିସ



**ଲାଞ୍ଜିଗଡ଼, ୯।୨ (ସଂଚାର ବ୍ୟୁରୋ):** ଏଇ ନିକଟରେ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଥିଲା। ପିଏ ଆଇଟିଡିଏ ସମେତ ଜିଲ୍ଲା ମଙ୍ଗଳ ଅଧିକାରୀ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପାଠପଢ଼ା ସହିତ ସେଠାକାର ବ୍ୟବସ୍ଥାର ପ୍ରଶଂସା କରିଥିଲେ।ସେହିପରି ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହିତ ଅନ୍ୟ କର୍ମଚାରୀଙ୍କ ଦାୟିତ୍ୱ, କର୍ତ୍ତବ୍ୟ ପରାଣୟତା ଓ ସାଧୁତାକୁ ଭୁରି ଭୁରି ପ୍ରଶଂସା କରିଥିଲେ।ତେବେ ଉନ୍ନତମାନର ଶିକ୍ଷା ଓ ବ୍ୟବସ୍ଥା ତଥା ଶିକ୍ଷକ ଓ କର୍ମଚାରୀଙ୍କ ଗୁଣଗାନ କରିବାର ସପ୍ତାହେ ନବିତୁଣୁ ନିଜର ଅସଲ ସ୍ୱରୂପ ଦେଖେଇ ଦେଇଛନ୍ତି ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ।ଉଚ୍ଚ କର୍ତ୍ତୃପକ୍ଷଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜିଲା ଭଳିଆ ଘୃଣ୍ୟ କାମ କରିବାକୁ ପଛେଇନାହାନ୍ତି। ଗରିବ, ଆଦିବାସୀ ଓ ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ ଖାଇବା ବାବଦକୁ ଆସିଥିବା ଚାଉଳରୁ ପ୍ରାୟ ୨୦ କୁଇଣ୍ଟାଲ ଚାଉଳ ରାତିଅଧିଆ ବିକିବାକୁ ପ୍ରୟାସ କରି ହଟହଟା ହୋଇଛନ୍ତି।ରାତି ଅଧରେ ସ୍କୁଲ ପାଚେରୀ ଡିଆଁଇ ଚାଉଳ ବସ୍ତା ପାର କରୁଥିବାବେଳେ ପେଟ୍ରୋଲିଂ କରୁଥିବା ପୋଲିସ ନଜରରେ ପଡ଼ିବା ପରେ ଘଟଣାଟି ସାମ୍ନାକୁ ଆସିଛି।ମୋବାଇଲରୁ ମୋବାଇଲକୁ ଚାଉଳ ଚୋରି ସମୟର ଭିଡିଓ ଘୁରି ବୁଲୁଥିବାବେଳେ ଘଟଣାଟିକୁ ଚାପିଦେବାକୁ ଜୋରଦାର ଉଦ୍ୟମ ଆରମ୍ଭ ହୋଇଛି।ଏଭଳି ଏକ ନିନ୍ଦନୀୟ ଘଟଣା ଘଟିଛି ଲାଞ୍ଜିଗଡ଼ ସ୍ଥିତ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟ ଠାରେ।ଏହି ବିଦ୍ୟାଳୟର ପ୍ରାୟ ୨୦ କ୍ୱିଣ୍ଟାଲ ଚାଉଳ ଶନିବାର ବିଳମ୍ବିତ ରାତିରେ ସ୍କୁଲ ପାଚେରୀ ଡିଆଇଁ ପାର କରୁଥିବାବେଳେ ଲାଞ୍ଜିଗଡ଼ ପୋଲିସର ପେଟ୍ରୋଲିଂ ଟିମର ନଜରରେ ପଡ଼ିଥିଲା।ପୋଲିସ ସହିତ ସ୍ଥାନୀୟ ଲୋକେ ହଠାତ ଜମା ହୋଇଯିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅକଲ ଗୁଡୁମ ହୋଇଯାଇଥିଲା। ଏପରିକି ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଜେ ଉପସ୍ଥିତ ରହି ଏହା କରାଉଥିବା ପ୍ରତ୍ୟକ୍ଷଦର୍ଶୀମାନେ ପ୍ରକାଶ କରିଛନ୍ତି।ତେବେ ପୋଲିସ ଓ ଲୋକଙ୍କ ଭିଡ଼ ଦେଖି ସେ ଖସି ଯାଇଥିବାବେଳେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଧରିଥିଲା ପେଟ୍ରୋଲିଂ ଟିମ। ରାତିଅଧରେ ସ୍କୁଲ ବାହାରକୁ ସନ୍ଦିଗ୍ଧ ଭାବେ ପାଚେରୀ ଡିଆଇଁ ଚାଉଳ ପାର କରୁଥିବା ସମ୍ପର୍କରେ ସନ୍ତୋଷଜନକ ଉତ୍ତର ନମିଳିବାରୁ ଏହା ଚୋରି ବୋଲି ସ୍ପଷ୍ଟ ହୋଇଥିଲା। ତେବେ ପୁଲିସ ଚୋରି ହେଉଥିବା ଚାଉଳକୁ ଜବତ କରିବା ବଦଳରେ ସେଇ ସ୍କୁଲ ପରିସରରେ ଜିମା ଦେବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବିଲେଇକୁ ମାଛ ଜଗିବା ଦାୟିତ୍ୱ ଦେବା ପୁଲିସର ଭୂମିକାକୁ ସନ୍ଦେହ ଘେରରେ ଆଣି ଥୋଇଛି। ଅପରପକ୍ଷରେ ବିଭିନ୍ନ ବିବାଦ ସତ୍ତ୍ୱେ ଦୀର୍ଘ ବର୍ଷ ହେଲା ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ପାର୍ଥବ ତାଣ୍ଡିଙ୍କ ଭୂମିକା ମଧ ଏହି ଘଟଣା ପରେ ସନ୍ଦେହ ଘେରରେ ରହିଛି। ଏ ସମ୍ପର୍କରେ ଉଚ୍ଚ ସ୍ତରୀୟ ତଦନ୍ତ ସହିତ ଗରିବ ନିରୀହ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ପେଟକୁ ଲାତ ମାରି ସେମାନଙ୍କ ମୁହଁର ଦାନାକୁ ଚୋରି କରି ଭଦ୍ରମୁଖା ପିନ୍ଧିଥିବା ଶିକ୍ଷକ ଓ କର୍ମଚାରୀଙ୍କ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ଏ ସମ୍ପର୍କରେ ବିଦ୍ୟାଳୟର ବିବାଦୀୟ ପ୍ରଧାନଶିକ୍ଷକ ପାର୍ଥବ ତାଣ୍ଡିଙ୍କୁ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରିବାରୁ ତାଙ୍କ ଫୋନ ସ୍ୱିଚଅଫ ରହିଛି। ଏ ସମ୍ପର୍କରେ ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ କୁମାର ବଳୀୟାର ସିଂଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ସୂଚନା ମିଳିଛି, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ହେଲେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।ତେବେ କେବେ ଉପରିସ୍ତ ଅଧୁକାରୀଙ୍କ ନିର୍ଦ୍ଦେଶ ଦିଆଯାଉଛି ଓ ଉକ୍ତ ଚାଉଳ ଚୋରିରେ ସମ୍ପୃକ୍ତ ଥିବା ଶିକ୍ଷକ ଓ କର୍ମଚାରୀଙ୍କ ବିରୁଦ୍ଧରେ କିପ୍ରକାର କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା।

## ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



**ବାଲିକୁଦା, ୯।୨ (ସଂଚାର ବ୍ୟୁରୋ):** ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୫୯ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ ଟି, ବ୍ୟକ୍ତିଗତ ଅଭିଯୋଗ ମଧରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୧ ଟି, ଆବାସ ସମ୍ପର୍କୀୟ ୧୬ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୬ ଟି, ପୋଲିସ ସହାୟତା ପାଇବା ପାଇଁ ୨ ଟି, ଭତ୍ତା ପାଇବା ପାଇଁ ୩ ଟି ଏବଂ ଅନ୍ୟାନ୍ୟ ୧୭ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୫ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସତ୍ୟବ୍ରତ ଦାଶ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାଲିକୁଦା ଶ୍ରୀ ସାଗର କୁମାର ନନ୍ଦ, ତହସିଲଦାର ବାଲିକୁଦା ଶ୍ରୀ ବିକାଶ ରଞ୍ଜନ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

### ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ପାଳନ

## ସଚେତନତା ଓ ସଦ୍‌ଭାବନା ସାଇକେଲ ଯାତ୍ରା



**ବଲାଙ୍ଗିର, ୯।୨ (ସଂଚାର ବ୍ୟୁରୋ):** ବଲାଙ୍ଗିର ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୂଜ୍ୟପୂଜା ସେବା ସଂଗଠନର ନେତୃତ୍ୱରେ ଏବଂ ଶିଶୁ ବିକାଶ କେନ୍ଦ୍ର, ଆଦ୍ୟାଶକ୍ତି ନାରୀ ସଂଗଠନ ଓ ଅଙ୍କୁର ଶିଶୁ ସାହିତ୍ୟ ସଂସଦର ସହଯୋଗ ରେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ, ବହ୍ନିକନ୍ୟା ମାଆ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଦୁଇ ଦିନିଆ ସଚେତନତା ଓ ସଦ୍‌ଭାବନା ସାଇକେଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାଇକଲ ଯାତ୍ରାକୁ ସନାତନ ମନ୍ଦିର ଠାରୁ ଉପଦେଷ୍ଟା ଜ୍ୟୋସ୍ନାମୟୀ ମହାପାତ୍ର ଓ ଇଂ ବେଲାର ସିଂଭୋଇ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ ସାଇକଲ ଯାତ୍ରୀମାନେ ବଲାଙ୍ଗିର ସହର ପରିକ୍ରମା କରି ବିଷ୍ଣୁମୁଣ୍ଡା, ଖଲିଆପାଲି, ଭାଲେର, ଖଇରଭାଡି, ସୁର୍ଡା, ଦଶପୁର, ଆଟଗାଁ, ତଣ୍ଡାମୁଣ୍ଡା ଦେଇ ଉପରଝର ପହଞ୍ଚି ରାତ୍ରି ଯାପନ କରି ପରଦିନ ଉପରଝର ରୁ ଥାଳବନ୍ଧ, ଭୀମଡୁଙ୍ଗୁରି ଗାଆ, ଭୀମ ଡୁଙ୍ଗୁରି ପର୍ଯ୍ୟଟନସ୍ଥଳୀ, ଗୁରୁଡ଼ିପାଲି, ମାଙ୍କଡଚୁଆଁ, ପଣ୍ଡରାପିଟା, ଖୁଜେନପାଲି, ସାଲେପାଲି ଦେଇ ଟିକ୍ରାପଡ଼ା ରାମ ମନ୍ଦିର କୁ ଫେରି ଆସିଥିଲେ। ଏହି ସାଇକଲ ଯାତ୍ରାଟି ସଭାପତି କେଶବ ଚନ୍ଦ୍ର ମିଶ୍ର, ଉପ-ସଭାପତି ମଧୁ ସାହୁ, ସମ୍ପାଦକ ସୁନାଧର ବନଛୋର ଙ୍କ ନେତୃତ୍ୱରେ ଓ ମଦନ ମୋହନ ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଗ୍ରାମରେ ସଭା ସମିତି, ପଥପ୍ରାନ୍ତ ସଭା, ଶୋଭାଯାତ୍ରା ଓ ଲିଫ୍ଲେଟ ବଣ୍ଟନ କରି ବାଲ୍ୟ ବିବାହ, ରମାକାନ୍ତ ଷାଣ୍ଢ, ଓମ୍ ପ୍ରକାଶ ମଲ୍ଲିକ, ଆଶିଷ ଜେନା, ଶିବା ସେଲମା, ମାନସ ବାଗ, ଶକ୍ତି ଚିରଗୁନ ଓ ରାଜେଶ ସୁନା ଯାଇଥିଲେ।

## ୟୁଜିସି ବିଲ୍‌କୁ ବିରୋଧଃ ବ୍ରାହ୍ମଣ ସମାଜ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର



**ପଦ୍ମପୁର, ୯।୨ (ସଂଚାର ବ୍ୟୁରୋ):** ସାରା ଦେଶରେ ୟୁଜିସି ବିଲକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଏହାର ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ସୋମବାର ପଦ୍ମପୁର ବ୍ରାହ୍ମଣ ସମାଜ ତରଫରୁ ଉପଜିଲାପାଳ ସ୍ନେହାଆର ଗୁଲଙ୍କ ମାଧମରେ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରାହ୍ମଣ ସମାଜ ଅଭିଯୋଗ ଅନୁସାରେ, ଏହି ବିଲ ଜାତିଗତ ବିଭେଦ ସହିତ ସମ୍ବିଧାନର ସମାନତା ଆଇନକୁ ଉଲଂଘନ କରୁଛି । ବିଲରେ କେବଳ ବ୍ରାହ୍ମଣମାନଙ୍କୁ ଦୋଷୀ ଭାବେ ଚିହ୍ନଟ କରାଯାଇଥିବା ଅଭିଯୋଗ ହେଉଛି । ଆଜି ଆଟ୍ରୋସିଟି ଆକ୍ଟର ଅପବ୍ୟବହାର ହେଉଥିବାବେଳେ ଏହି ବିଲ ଆସିଲେ ବିଶ୍ୱବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ରମାନଙ୍କ ମଧରେ ଆହୁରି ବିଭେଦ ସୃଷ୍ଟି ହେବ ବୋଲି ସମାଜ ପକ୍ଷରୁ ଆଶଙ୍କା ପ୍ରକାଶ ପାଇଛି। ଉପଜିଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ପଦ୍ମପୁର ବ୍ରାହ୍ମଣ ସମାଜ, ପର୍ଶୁରାମ ବାହିନୀ, ଗାୟତ୍ରୀ ବାହିନୀ ର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## ତତ୍‌କ୍ଷଣାତ ୨୦ ସମସ୍ୟାର ସମାଧାନ କଲେ ଅତିରିକ୍ତ ଜିଲ୍ଲା ନିର୍ବାହୀ ଅଧିକାରୀ

**ପୁରୁଷୋତ୍ତମପୁର, ୯।୨ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ କେଏନପୁର ପଞ୍ଚାୟତରେ ଜନଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା ଯୋଗଦେଇ ୮୫ ଗୋଟି ବିଭିନ୍ନ ପ୍ରକାର ଅଭିଯୋଗ ଓ ସମସ୍ୟାର ଶୁଣାଣି କରି ସଙ୍ଗେ ସଙ୍ଗେ ୨୦ଟି ଅଭିଯୋଗର ଫଇସଲା କରିଥିବାବେଳେ ଅନ୍ୟ ଅଭିଯୋଗଗୁଡିକର ତୁରନ୍ତ ଫଇସଲା କରିବାକୁ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବିଡିଓ ଶରତ କୁମାର ପାତ୍ର, ତହସିଲଦାର ବିନୋଦକୁମାର ବେହେରା, ଥାନା ଆଇଆଇସି ରାଜେଶ କୁମାର ନାୟକ, ସରପଞ୍ଚ ରାଜଲକ୍ଷ୍ମୀ ବେହେରା, ସମିତି ସଭ୍ୟା ଶାରଳା ବେହେରା, ବ୍ଲକ ଅଧକ୍ଷା ପିଙ୍କି ବେହେରା, ଏବିଡିଓ ଜୟଶ୍ରୀ ନାୟକ, ଅତିରିକ୍ତ ତହସିଲଦାର କେ.ଦେବାଶିଷ ମହାପାତ୍ର ଯୋଗଦେଇଥିବାବେଳେ ବିଭିନ୍ନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

● ସରିଲା ବ୍ୟାସସରୋବର ମହୋତ୍ସବ ମେଳା

## ବିରୋଧୀଙ୍କୁ ଟାର୍ଗେଟ କଲେ ବିଜେପି ସମର୍ଥିତ ପାରିଷଦ



**ଯାଜପୁର ରୋଡ୍, ୯।୨ (ସଂଚାର ବ୍ୟୁରୋ):** ବ୍ୟାସସରୋବର ମହୋତ୍ସବ ମେଳା ଶେଷ ହୋଇଯାଇଛି । ଏହି ଶେଷଉତ୍ସବ ପୌରାଧକ୍ଷ ସୁବାସ ବଳ'ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଡ଼ଃ. ପ୍ରଦୀପ ବଳସାମନ୍ତ, ମୁଖ୍ୟବକ୍ତା ଭାବେ ସାଂସଦ ଡ଼ଃ. ରବୀନ୍ଦ୍ର କୁମାର ବେହେରା, ସମ୍ମାନିତ ଅତିଥି ଭାବେ କୋରେଇ ବିଧାୟକ ଶ୍ରୀ ଆକାଶ ଦାସନାୟକ ଓ ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ କାଉନସିଲର ରଶ୍ମିତା ରାଉତ, ଅରୁନ୍ଧତୀ ପରିଡ଼ା, ଅଶୋକ ରାଉତ, ମଣୀନ୍ଦ୍ର କୁମାର ସାହୁ, ଭରତ ଓଝା ଯୋଗଦେଇଥିଲେ। ମଂଚରେ ବିଜେପି ସମର୍ଥିତ କାଉନସିଲର ମାନେ ବ୍ୟାସ ସରୋବର ଐତିହାସିକ ପୀଠ ବିଷୟରେ ଆଲୋକପାତ କରିବା ସହିତ ବିରୋଧୀ ଦଳର ନେତା ଗଣମାନଙ୍କୁ ନିଜ ଅଭିଭାଷଣରେ ଟାର୍ଗେଟ କରିଥିଲେ।ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ । ପାନୀୟଜଳ , ବିଦ୍ୟୁତ୍, ଅଗ୍ନିଶମ, ଯାଜପୁର ରୋଡ଼ ପୋଲିସ ଓ ଅଂଚଳର ଅନେକ ପ୍ରତିଭା ମାନଙ୍କୁ ସମ୍ମାନିତ କରାଯାଇଥିଲା। ସମସ୍ତ ପୌର କର୍ମଚାରୀମାନେ ସହଯୋଗ କରିଥିଲେ।

## ସୁକିନ୍ଦା ଶିଳ୍ପ ମହୋତ୍ସବ ଉଦ୍‌ଘାଟିତ

**କଳିଙ୍ଗନଗର, ୯।୨ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ତେଲିବାହାଳୀ ମହାପାଟ ପଡ଼ିଆ ରେ ସୁକିନ୍ଦା ଶିଳ୍ପ ମହୋତ୍ସବ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ଏହି ମହୋତ୍ସବ ୫ଦିନ ଧରି ଚାଲିରହିବ। ପ୍ରତିଦିନ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ସନ୍ଧ୍ୟାରେ ଓଲିଉଡ୍ ଓ ବଲିଉଡ୍ କଳାକାର ମାନେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଉଦଘାଟନ ଉତ୍ସବ ରେ ଆଜି ତେଲିବାହାଳୀ ମହାପାଟ ଠାକୁରାଣୀ ଙ୍କ ନିକଟରେ ପୂଜାର୍ଚ୍ଚନା କରି ଶିଳ୍ପ ମହୋତ୍ସବ ଶୁଭ ଉଦ୍ଘାଟନ ହୋଇଯାଇଛି। ଦାନଗଦି ମିଲିଟାରୀଛକ ରୁ ଆରମ୍ଭ ହୋଇଥିବା ଏକ ଗଣଦୌଡ ରେ ଏକ ବିରାଟ ଶୋଭାଯାତ୍ରା ରେ ପର୍ବରେ ସୁକିନ୍ଦା ସମସ୍ତ ଭାଇ ଭଉଣୀ, ଯୁବକ ସମସ୍ତ ପଦପଦବୀ ର ଅଧିକାରି ଶିକ୍ଷାର୍ଥୀ ମଧ ସାମିଲ ହୋଇଥିଲେ।ସାହିତ୍ୟ କଳା ସଂସ୍କୃତି କୁ ନେଇ ଭାଇଚାରା ର ଆଦର୍ଶ କୁ ବଜାଇ ସମସ୍ତେ ଦଳ ମତ ବର୍ଣ୍ଣ ନିର୍ବିଶେଷରେ ମହୋତ୍ସବ କୁ ଉତ୍ସାହିତ କରିବାପାଇଁ ସଭିଙ୍କୁ ପ୍ରେରଣା ଦେଇଥିଲେ।

## ଅଭିଯୋଗ ଶୁଣାଣି ଶିବିରରେ, ୧୪୪ ଅଭିଯୋଗପତ୍ର ଗ୍ରହଣ



**ସୁବର୍ଣ୍ଣପୁର, ୯।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବିନିକା ପଞ୍ଚାୟତ ସମିତି ଅନ୍ତର୍ଗତ ବାଙ୍କିଘିର୍ଡି ଗ୍ରାମ କାର୍ଯ୍ୟାଳୟ ସ୍ଥିତ ସମ୍ମୁଖ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଶ୍ରୀ କେ.କେ ହରିପ୍ରସାଦ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୧୪୪ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୩୩ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୧ ଗୋଟି ସାମୁହିକ ଦରଖାସ୍ତ ହସ୍ତଗତ ହୋଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିନିକା, ଶ୍ରୀ ଶରତ କୁମାର ବାଗ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## ଜିଲ୍ଲାସ୍ତରୀୟ ପ୍ରେରଣା ଉତ୍ସବ



**ପରଜଙ୍ଗ, ୯।୨ (ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସରାଙ୍ଗ ସ୍ଥିତ ପିଏମଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ ସୋମବାର ଜିଲାସ୍ତରୀୟ ପ୍ରେରଣା ଉତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷା ଡକ୍ଟର ପ୍ରତିମା ମିଶ୍ର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଉତ୍କର୍ଷ ପ୍ରତିଭାମାନଙ୍କୁ ଅଭିବାଦନ କରିଥିଲେ । ଶିକ୍ଷା ମନ୍ତ୍ରାଳୟ, ଭାରତ ସରକାରଙ୍କ ଦ୍ୱାରା ପରିକଳ୍ପିତ ଏହି ପ୍ରେରଣା ଉତ୍ସବ ମାଧମରେ ଢେଙ୍କାନାଳ ଜିଲାର ୩୦ ଜଣ ଛାତ୍ରୀଛାତ୍ର ଜାତୀୟ ସ୍ତର ପାଇଁ ମନୋନୀତ ହେଲେ । ସେମାନେ ପ୍ରବନ୍ଧ ଲିଖନ, କବିତା ପଠନ, ଚିତ୍ରାଙ୍କନ, ଗଳ୍ପ କଥନ, କେରିକେଚର ଇତ୍ୟାଦି ବହୁବିଧ ବିଭାଗରେ ନିଜର ଅନ୍ତର୍ନିହିତ କଳା ଓ ପ୍ରତିଭା ଦେଖେଇ ଥିଲେ । ସ୍ନାତକତ୍ତୋର ଇତିହାସ ଶିକ୍ଷକ ପଞ୍ଚାନନ ଜେନା ମଞ୍ଚ ସଞ୍ଚାଳନ କରିଥିବା ବେଳେ ସ୍ନାତକ ଗଣିତ ଶିକ୍ଷକ ଜିତେନ୍ଦ୍ରେ ନାୟକ ଚୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ ।

## ମେଡିକାଲ ଇନ୍‌ଚାର୍ଜଙ୍କ ଘରେ ତାଲା ପକାଇଲେ ଆଶାକର୍ମୀ

**ମୋହନା, ୯।୨ (ସଂଚାର ବ୍ୟୁରୋ):** ମୋହନା ମେଡିକାଲ ଇନ୍‌ଚାର୍ଜଙ୍କୁ ଘରେ ତାଲା ପକାଇଲେ ଆଶାକର୍ମୀ । ୨୦୦ରୁ ଅଧିକ ଆଶା କର୍ମୀ ଧାରଣାରେ ବସିଛନ୍ତି । ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଜୟ ପଣ୍ଡାଙ୍କ ସରକାରୀ ବାସ ଗୃହର ଗେଟରେ ତାଲା ପକାଇ ଅନଶନ କରୁଛନ୍ତି । ଇନଚାର୍ଜଙ୍କ ବଦଳି ଦାବିରେ ଆଶାକର୍ମୀମାନେ ପ୍ରତିବାଦ କରୁଛନ୍ତି । ଅପରପକ୍ଷେ ମୋହନା ବ୍ଲକ ସଭା ଗୃହରେ ଜିଲାପାଳ ଶୁଣାଣି ଅଭିଯୋଗ ଥିବା ହେତୁ ଡାକ୍ତର ଜୟ ପଣ୍ଡା ଅଭିଯୋଗ ଶୁଣାଣିରେ ଯୋଗ ଦେଇଛନ୍ତି । ଅନ୍ୟାୟ, ଅନୀତି ଓ ଦୁର୍ନିତୀ ବିରୁଦ୍ଧରେ ମୋହନା ମୋଡିକାଲ ଡାକ୍ତର ଜୟ କୁମାର ପଣ୍ଡାଙ୍କ ବଦଳି ଦାବି କରୁଛୁ ବୋଲି ଆଶାକର୍ମୀ କହିଛନ୍ତି ।

## ପୂର୍ବତନ ନବୋଦୟର ଛାତ୍ରଛାତ୍ରୀଙ୍କ ସମ୍ପର୍କ ସମାବେଶ



**ବିଷମକଟକ, ୯।୨ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ଚାଟିକନା ଅଞ୍ଚଳର ନିୟମଗିରି ପାହାଡ଼ର ପାଦଦେଶରେ ଅବସ୍ଥିତ ସୁନ୍ଦର ପର୍ଯ୍ୟଟନ କେନ୍ଦ୍ର ଗଦଗଦାରେ ଗତ ୮ ଫେବୃଆରୀ ଦିନ ନବୋଦୟ ବିଦ୍ୟାଳୟ କୋରାପୁଟର ପୂର୍ବତନ ଛାତ୍ରଛାତ୍ରୀଙ୍କ ପ୍ରଥମ ରାୟଗଡ଼ା ଜିଲ୍ଲାସ୍ତରୀୟ ସମାବେଶ ସମ୍ପର୍କ ୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ରାୟଗଡ଼ା ଜିଲ୍ଲାର ୪୪ ଜଣ ପୂର୍ବତନ ଛାତ୍ରଛାତ୍ରୀଙ୍କ ସହ କିଛି ପରିବାର ସଦସ୍ୟ ମଧ ଉପସ୍ଥିତ ଥିଲେ। ସମଗ୍ର କାର୍ଯ୍ୟକ୍ରମର ନେତୃତ୍ୱ ସତ୍ୟବାଦୀ ମାଣ୍ଡିକା ନେଇଥିବା ବେଳେ ବେଲାଲସେନ ହାଲଭା ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ସମୀର ସାହୁ, ନାରାୟଣ ସାରକା, ରଶ୍ମିତା ହିଆଲ ଓ ରଶ୍ମିତା ସାହୁ ଗୋଲାପ ଫୁଲ ମାଧମରେ ଅତିଥିମାନଙ୍କୁ ଉଷ୍ମ ସ୍ୱାଗତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କୈଳାସ ସବର, ରୁଦ୍ର ଓ ଅନିଲଙ୍କ ସୁମଧୁର ଗୀତ ପରିବେଷଣ ସମଗ୍ର ପରିବେଶକୁ ଆନନ୍ଦମୟ କରିଥିଲା।